DHARITRI

ଭୁବନେଶ୍ୱର, ବୁଧବାର, ନଭେମ୍ବର ୬/୨୦୨୪ (୧୬ ପୃଷ୍ଠା) | Bhubaneswar, Wednesday, November 6/2024 | Page 16 | ₹ 7.00

୫୦ଶ ଭାଗ ୩୪୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 341 | ମୂଲ୍ୟ ₹୭/-



**ଅଜୟଙ୍କ ପରବର୍ତ୍ତୀ ପ୍ରୋଜେକ୍ଟ 'ଆଜାଦ'**

ଅଭିନେତା ଅଜୟ ଦେବଗନ୍‌ଙ୍କର ପରବର୍ତ୍ତୀ ପ୍ରୋଜେକ୍ଟ 'ଆଜାଦ' ଫିଲ୍ମର ଟିଜର ମଙ୍ଗଳବାର ରିଲିଜ୍ ହୋଇଛି।

୦୨

୧୬

**ମନ୍‌ଦୀପଙ୍କୁ ସୁପର ହେଭିୱେଟ୍ ଟାଇଟଲ**

ୱାର୍ଲ୍ଡ ବକ୍ସିଂ ଫେଡେରେଶନର ସୁପର ହେଭିୱେଟ୍ ବିଶ୍ୱ ଟାଇଟଲ ହାସଲ କରିଛନ୍ତି ଭାରତୀୟ ପ୍ରଫେସନାଲ ବକ୍ସର ମନଦୀପ ଜାଙ୍ଗ୍ରା।





ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ରିପବ୍ଲିକାନ୍ ପାର୍ଟିର ଉପରାଷ୍ଟ୍ରପତି ପ୍ରାର୍ଥୀ ଜେଡି ଭାନ୍ସ ମଙ୍ଗଳବାର ଓହିୟୋ ରାଜ୍ୟ ସିନ୍‌ସିନାଟିଠାରେ ସ୍ତ୍ରୀ ଉଷା ଭାନ୍ସ ଓ ପିଲାମାନଙ୍କୁ ଧରି ଭୋଟ ଦେବାକୁ ଆସି ପହଞ୍ଚିଛନ୍ତି।

# ଘରୋଇ ସମ୍ପତ୍ତି ନେଇପାରିବେନି ସରକାର

**କାହାର ବ୍ୟକ୍ତିଗତ ସମ୍ପତ୍ତି ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ସମ୍ବଳ ନୁହେଁ। ତେଣୁ ସରକାର ଜନସାଧାରଣଙ୍କ ମଙ୍ଗଳ ନାମରେ ସମସ୍ତ ଘରୋଇ ସମ୍ପତ୍ତିକୁ ସମ୍ବିଧାନର ଅନୁଚ୍ଛେଦ ୩୯(ବି) ବଳରେ ଦଖଲ କରିପାରିବେ ନାହିଁ ବୋଲି ମଙ୍ଗଳବାର ସୁପ୍ରିମକୋର୍ଟ ଏକ ଐତିହାସିକ ରାୟ ଦେଇଛନ୍ତି। ୧୯୭୮ରେ ଜଷ୍ଟିସ୍ କ୍ରିଷ୍ଣା ଆୟାର ଏବଂ ଚିନ୍ନାପ୍ପା ରେଡ୍ଡୀଙ୍କ ଖଣ୍ଡପୀଠ ସମାଜବାଦୀ ଆଭିମୁଖ୍ୟ ଆପଣାଇ ଘରୋଇ ସମ୍ପତ୍ତି ଉପରେ ରାଷ୍ଟ୍ରର କର୍ତ୍ତୃତ୍ୱ ରହିବ ଓ ତାକୁ ସରକାର ଦଖଲ କରିପାରିବେ ବୋଲି ରାୟ ଦେଇଥିଲେ। ଏହାକୁ ଚ୍ୟାଲେଞ୍ଜକରି ଦାଖଲ ହୋଇଥିବା ଏକାଧିକ ପିଟିଶନର ଶୁଣାଣିରେ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଖଣ୍ଡପୀଠ ଉପରୋକ୍ତ ରାୟର ବିପରୀତ ମତ ପୋଷଣ କରିଛନ୍ତି। ଭାରତୀୟ ସମ୍ବିଧାନ ପ୍ରଚଳିତ ମତବାଦକୁ ପ୍ରତ୍ୟାଖ୍ୟାନ କରି ଅର୍ଥନୈତିକ ଗଣତନ୍ତ୍ରକୁ ଅନୁମତି ଦେଇଥାଏ ବୋଲି ୯ ଜଣିଆ ସାମ୍ବିଧାନିକ ପୀଠ ସ୍ପଷ୍ଟ କରିଛନ୍ତି। ୭ ବିଚାରପତି ସମାନ ରାୟ ଶୁଣାଇଥିବାବେଳେ ଜଷ୍ଟିସ୍ ବି.ଭି. ନାଗରତ୍ନା ଏଥିରେ ଆଂଶିକ ସହମତି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ଜଷ୍ଟିସ୍ ସୁଧାଂଶୁ ଧୂଳିଆ ସମ୍ପୂର୍ଣ୍ଣ ଭିନ୍ନ ମତ ଦେଇଛନ୍ତି। ସର୍ବୋଚ୍ଚ ଅଦାଲତଙ୍କ ଏହି ରାୟ ପରେ ସରକାର ଆଇନଗତ କାର୍ଯ୍ୟାନୁଷ୍ଠାନ ନାମରେ କାହା ସମ୍ପତ୍ତି ଉପରେ ଜୋର୍‌ଜବରଦସ୍ତ କବ୍‌ଜା କରିପାରିବେ ନାହିଁ ବୋଲି ରାୟରୁ ସ୍ପଷ୍ଟ ଅନୁମେୟ।**



**ନୂଆଦିଲ୍ଲୀ,୫।୧୧**

ସମସ୍ତ ଘରୋଇ ସମ୍ପତ୍ତି ସମୁଦାୟର ଭୌତିକ ସମ୍ବଳ ନୁହେଁ। ଜନମଙ୍ଗଳ ପାଇଁ ଏହାକୁ ଅଧିଗ୍ରହଣ କରି ବଣ୍ଟନ କରିବା କ୍ଷମତା ସରକାରଙ୍କୁ ସମ୍ବିଧାନ ଦେଇନାହିଁ ବୋଲି ୭:୨ ସଂଖ୍ୟାଗରିଷ୍ଠ ରାୟରେ ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ସାମ୍ବିଧାନିକ ଖଣ୍ଡପୀଠରେ ଅନ୍ୟ ବିଚାରପତିମାନେ ହେଲେ ଜଷ୍ଟିସ୍ ହୃଷୀକେଶ ରୟ, ବି.ଭି. ନାଗରତ୍ନା, ସୁଧାଂଶୁ ଧୂଳିଆ, ଜେ.ବି. ପର୍ଡିୱାଲା, ମନୋଜ ମିଶ୍ରା, ରାଜେଶ ବିନ୍ଦାଲ, ଏସ୍.ସି. ଶର୍ମା ଏବଂ ଏ.ଜି. ମନୀଷ। ଏହି ପ୍ରସଙ୍ଗରେ ଶୀର୍ଷ ଅଦାଲତ ୩ଟି ପୃଥକ୍ ରାୟ ଦେଇଛନ୍ତି। ସିଜେଆଇ ନିଜ ପାଇଁ ଗୋଟିଏ ଓ ଅନ୍ୟ ୬ ସହଯୋଗୀଙ୍କ ପାଇଁ ସମାନ ପ୍ରକାର ପୃଥକ୍ ରାୟ ଲେଖିଛନ୍ତି। ଆଲୋଚିତ ମାମଲା ସମ୍ବିଧାନର ଅନୁଚ୍ଛେଦ ୩୧ ସି ସମ୍ପର୍କିତ, ଯାହାକି ସରକାରଙ୍କ ଦ୍ୱାରା ପ୍ରଣୀତ ଆଇନକୁ ରାଷ୍ଟ୍ରର ନୀତି ନିର୍ଦ୍ଦେଶାବଳୀ ସିଦ୍ଧାନ୍ତକୁ ପୂରଣ ପାଇଁ ସୁରକ୍ଷା ଦେଇଥାଏ। ୩୧ସି ଅନୁଚ୍ଛେଦ ୩୯ବିକୁ ସୁରକ୍ଷା ଦିଏ। ୩୯ବି ଅନୁସାରେ ସର୍ବସାଧାରଣ ଭୌତିକ ସମ୍ବଳର ମାଲିକାନା ଓ ନିୟନ୍ତ୍ରଣ ରାଷ୍ଟ୍ର ନିକଟରେ ରହିଥାଏ, ଯାହାକୁ ସାଧାରଣ ଜନତାଙ୍କ ମଙ୍ଗଳ ପାଇଁ ବଣ୍ଟନ କରାଯାଇଥାଏ। ଏହା ଉପରେ ସିଜେଆଇ କହିଛନ୍ତି, ☞ ପୃଷ୍ଠା-୪

## ଆୟ ଅସମାନତା, ଧନୀ-ଗରିବ ବ୍ୟବଧାନ ଏବେ ବି ପ୍ରବଳ

### ଜଷ୍ଟିସ୍ ସୁଧାଂଶୁ ଧୂଳିଆଙ୍କ ଭିନ୍ନ ମତ



ଦେଶରେ ଏବେ ବି ଆୟରେ ଅସମାନତା ଏବଂ ଧନୀ ଓ ଗରିବଙ୍କ ମଧ୍ୟରେ ବ୍ୟବଧାନ ପ୍ରବଳ ବୋଲି ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ସୁଧାଂଶୁ ଧୂଳିଆ କହିଛନ୍ତି। ସାମ୍ବିଧାନିକ ପୀଠର ଅନ୍ୟ ୮ ବିଚାରପତିଙ୍କ ରାୟରେ ସମ୍ପୂର୍ଣ୍ଣ ଅସହମତି ପ୍ରକାଶ କରି ଜଷ୍ଟିସ୍ ଧୂଳିଆ କହିଛନ୍ତି, ଆୟରେ ଅସମାନତା ଏବଂ ଧନୀ-ଗରିବଙ୍କ ସମ୍ପତ୍ତିର ☞ ପୃଷ୍ଠା-୪

# ଆମେରିକା ନିର୍ବାଚନ: ଭିନ୍ନ ଭିନ୍ନ ମତ

**ଦୁଇ ବଡ଼ ଦଳର ତିକ୍ତତାପୂର୍ଣ୍ଣ ମାରାଥନ୍ ପ୍ରଚାର ଶେଷରେ ନୂଆ ରାଷ୍ଟ୍ରପତିଙ୍କୁ ବାଛିବା ପାଇଁ ନଭେମ୍ବର ୫ରେ ଭୋଟ ଦେଇଛନ୍ତି ଆମେରିକୀୟ ମତଦାତା। ଡେମୋକ୍ରାଟ୍ ଉପରାଷ୍ଟ୍ରପତି କମଲା ହାରିସ୍ ଦେଶର ପ୍ରଥମ ମହିଳା ରାଷ୍ଟ୍ରପତି ହେବେ ନା ରିପବ୍ଲିକାନ୍ ଓଲ୍ଡ ହର୍ସ ଡୋନାଲ୍ଡ ଟ୍ରମ୍ପ ୪ ବର୍ଷର ବ୍ୟବଧାନ ପରେ ପୁଣି ହ୍ୱାଇଟ୍ ହାଉସ୍‌କୁ ଫେରିବେ ତାହା ସ୍ଥିର ହୋଇସାରିଛି । ଫଳାଫଳ ପ୍ରକାଶ ପାଇବା ପୂର୍ବରୁ ବିଭିନ୍ନ ଅନ୍ତର୍ଜାତୀୟ ଗଣମାଧ୍ୟମ ପକ୍ଷରୁ କରାଯାଇଥିବା ଭିନ୍ନ ଭିନ୍ନ ଆକଳନ:**

### ବିବିସି

୭ ସୁଇଙ୍ଗ୍ ଷ୍ଟେଟ୍ ନିର୍ବାଚନ ଫଳାଫଳକୁ ସ୍ଥିର କରିବେ। ପ୍ରାକ୍‌ନିର୍ବାଚନୀ ସର୍ଭେଠାରୁ ଅଳ୍ପ କିଛି ପଏଣ୍ଟର ଫରକ୍ ଆସିଲେ ସୁଇଙ୍ଗ୍ ଷ୍ଟେଟ୍‌ଗୁଡ଼ିକରେ ବିଜୟୀ ପ୍ରାର୍ଥୀଙ୍କ ବ୍ୟବଧାନ ବଢ଼ିବ।

### ୱାଶିଂଟନ ପୋଷ୍ଟ

ସେପ୍ଟେମ୍ବର ଯାଏ ଟ୍ରମ୍ପ ଆଗରେ ଥିଲେ। ଏହା ପରଠାରୁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ଅଧିକ ତୀବ୍ର ହୋଇଛି। ଆରିଜୋନା, ନର୍ଥ କ୍ୟାରୋଲିନା ପରି ରାଜ୍ୟରେ ଟ୍ରମ୍ପଙ୍କ ଲିଡ୍ କମିଛି। ମିଶିଗାନ୍, ପେନ୍‌ସିଲ୍‌ଭାନିଆ ଓ ୱିସ୍କୋନ୍‌ସିନରେ ହାରିସ୍‌ଙ୍କ ସ୍ଥିତି ଦୃଢ଼ ରହିଛି।

### ରଏଟର୍ସ

ପ୍ରାରମ୍ଭିକ ଗଣତି ସର୍ବଦା ଭ୍ରମାତ୍ମକ ହୋଇଥାଏ। ସେଥିପାଇଁ ଭୋଟ ଗଣତିରେ ଶେଷ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ। ଅଧିକ ଜନସଂଖ୍ୟା ଥିବା ସହରାଞ୍ଚଳଗୁଡ଼ିକରେ ଗଣତି ଲମ୍ବା ସମୟ ଧରି ଚାଲିବ।

### ନ୍ୟୁୟର୍କ ଟାଇମ୍ସ

କଡ଼ା ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି କହିହେବ ନାହିଁ। ପ୍ରତି ସର୍ଭେରେ କିଛି ମାର୍ଜିନ ଅଫ୍ ଏରର୍ ରହିଥାଏ। ଫଳାଫଳ ଏକତରଫା ମଧ୍ୟ ହୋଇପାରେ। ୭ ସୁଇଙ୍ଗ୍ ଷ୍ଟେଟ୍ ହାରିସ୍‌ଙ୍କ ସପକ୍ଷରେ ଗଲେ ୩୧୯ ଇଲେକ୍ଟୋରାଲ ଭୋଟ ସହ ସେ ବିଜୟୀ ହେବେ। କିନ୍ତୁ ଏହି ରାଜ୍ୟଗୁଡ଼ିକରୁ ଟ୍ରମ୍ପ ଅଧିକ ସମର୍ଥନ ପାଇଲେ ସେ ୩୧୨ ଇଲେକ୍ଟୋରାଲ ଭୋଟ ସହ ବିଜୟୀ ହେବେ।

### ସିଏନ୍‌ଏନ୍

କଡ଼ା ମୁକାବିଲା ହେଉଥିବାରୁ କିଏ ଜିତିବ ଆକଳନ କରିବା କଷ୍ଟକର। ପ୍ରଚାର ଆରମ୍ଭର ପ୍ରାରମ୍ଭିକ ସମୟରେ ଏହା ଟ୍ରମ୍ପଙ୍କ ସପକ୍ଷରେ ଗଣମତ ପରି ମନେହେଉଥିଲା। ତେବେ ଜୋ ବାଇଡେନ୍ ନିର୍ବାଚନରୁ ଓହରି ହାରିସ୍‌ଙ୍କୁ ପ୍ରାର୍ଥୀ କରିବା ପରେ ନିର୍ବାଚନର ଟ୍ରେଣ୍ଡରେ ପରିବର୍ତ୍ତନ ଆସିଥିଲା।

## ୨୫ରୁ ପାର୍ଲାମେଣ୍ଟର ଶୀତ ଅଧିବେଶନ

**ନୂଆଦିଲ୍ଲୀ,୫।୧୧**

ପାର୍ଲାମେଣ୍ଟର ଶୀତ ଅଧିବେଶନ ନଭେମ୍ବର ୨୫ରୁ ଆରମ୍ଭ ହୋଇ ଡିସେମ୍ବର ୨୦ ପର୍ଯ୍ୟନ୍ତ ଚାଲିବ। କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ମଙ୍ଗଳବାର ଏହା ଘୋଷଣା କରିଛନ୍ତି। ଏହି ଅଧିବେଶନରେ ଅନେକ ଗୁରୁତ୍ୱପୂର୍ଣ୍ଣ ବିଲ୍ ଉପରେ ଆଲୋଚନା ହେବା ଆଶା କରାଯାଉଛି। ଏକ ରାଷ୍ଟ୍ର ଏକ ନିର୍ବାଚନ ବିଲ୍ ଏବଂ ଜେପିସି ସମୀକ୍ଷା କରୁଥିବା ୱକ୍‌ଫ ☞ ପୃଷ୍ଠା-୪

# ସ୍କୁଲରେ ଅଗ୍ନି ନିରାପତ୍ତାକୁ ଅଣଦେଖା

## ବ୍ୟବସ୍ଥା ସମ୍ପର୍କରେ ବିଭାଗ ପାଖରେ ତଥ୍ୟ ନାହିଁ



**ସରକାରୀ ଉଚ୍ଚ ବିଦ୍ୟାଳୟରେ ଅତ୍ୟାଧୁନିକ ଜ୍ଞାନକୌଶଳ ଉପଯୋଗରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ପାଇଁ ବ୍ୟବସ୍ଥା ହୋଇଛି। ଶ୍ରେଣୀଗୃହରେ କମ୍ପ୍ୟୁଟର ପରିଚାଳିତ ସ୍ମାର୍ଟବୋର୍ଡ ମାଧ୍ୟମରେ ପାଠପଢ଼ା ହେଉଥିବାବେଳେ କୋଠରିକୁ ଶୀତତାପ ନିୟନ୍ତ୍ରିତ କରାଯାଉଛି। ସ୍କୁଲରେ ଏଭଳି ବୈଦ୍ୟୁତିକ ସରଞ୍ଜାମ ବ୍ୟବହାର ବଢ଼ିଥିବାବେଳେ ତଜ୍ଜନିତ ଅଗ୍ନିକାଣ୍ଡ ଆଶଙ୍କାକୁ ଦୂର କରିବା ପାଇଁ ଉପଯୁକ୍ତ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଆପଣାଇବାକୁ ନିୟମ ରହିଛି। କିନ୍ତୁ ତାହା ଅନେକ ସ୍କୁଲରେ ନ ଥିବାବେଳେ ଶିକ୍ଷା ବିଭାଗ ପାଖରେ ମଧ୍ୟ ତଥ୍ୟ ନ ଥିବା ଜଣାପଡ଼ିଛି। ଛାତ୍ରୀଛାତ୍ରଙ୍କ ସୁରକ୍ଷା ସର୍ବପ୍ରଥମ ହୋଇଥିବା ସତ୍ତ୍ୱେ ଏହାକୁ ଅଣଦେଖା କରାଯିବା ବିପଦକୁ ନିମନ୍ତ୍ରଣ ବୋଲି ମତ ପ୍ରକାଶ ପାଇଛି।**

**କଟକ ସଦର/ସୁନ୍ଦରଗଡ଼/ରାୟଗଡ଼ା/ଉଦଳା,୫।୧୧(ସୁଶାନ୍ତ କୁମାର ଜେନା/ଜୟନାରାୟଣ ମେଣ୍ଟୁଲି/ ଅଶିଷ ରଞ୍ଜନ ପଣ୍ଡା/ ସନ୍ତୋଷ କୁମାର ବାଛିନୀ)**

୨୦୨୪ ମାର୍ଚ୍ଚ ସୁଦ୍ଧା ରାଜ୍ୟର ୫,୦୪୬ ଉଚ୍ଚ ବିଦ୍ୟାଳୟକୁ ୫-ଟିରେ ରୂପାନ୍ତରିତ କରିବାକୁ ଅର୍ଥ ମଞ୍ଜୁର କରାଯାଇଥିଲା। ଉକ୍ତ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ବିକାଶ ସହ ବିଭିନ୍ନ ପ୍ରକାର ବୈଦ୍ୟୁତିକ ଯନ୍ତ୍ର ଏବଂ କୋଠରିକୁ ଶୀତତାପ ନିୟନ୍ତ୍ରିତ ମଧ୍ୟ କରାଯାଇଛି। ତେବେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଉପରେ ଯେତିକି ଗୁରୁତ୍ୱ ଦିଆଯିବା କଥା ତାହା ଅନେକ ସ୍କୁଲରେ ଦେଖିବାକୁ ମିଳୁ ନ ଥିବା ଜଣାପଡ଼ିଛି। ୫-ଟି ରୂପାନ୍ତରୀକରଣ ଅଧୀନ ବିଦ୍ୟାଳୟରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ରହିଛି କି ☞ ପୃଷ୍ଠା-୪

## ଆମ୍ବଟାକୁଆଜନିତ ମୃତ୍ୟୁର ଆର୍‌ଡିସି ତଦନ୍ତ ନିର୍ଦ୍ଦେଶ

**ଭୁବନେଶ୍ୱର,୫।୧୧(ଅନିଲ ଦାସ)**

କନ୍ଧମାଳ ଜିଲାରେ ଆମ୍ବଟାକୁଆ ଖାଇ ୨ଜଣ ମହିଳାଙ୍କ ମୃତ୍ୟୁ ହେବା ସହ ୬ ଜଣ ଆକ୍ରାନ୍ତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଏହି ଘଟଣାର ରାଜସ୍ୱ ଡିଭିଜନ କମିଶନର (ଆର୍‌ଡିସି)ସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ, କନ୍ଧମାଳରେ ଆମ୍ବଟାକୁଆ ଖାଇ ମୃତ୍ୟୁ ହେବା ଘଟଣାର ଆର୍‌ଡିସି ତଦନ୍ତ କରିବେ। ଏ ନେଇ ଖୁବ୍‌ଶୀଘ୍ର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରାଯିବ। ☞ ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଅପରାଧୀଙ୍କୁ ଘୋଡ଼ାଉଛି ଏସ୍‌ସିବି**

# ମହିଳା କହି ସ୍ୱର୍ଣ୍ଣ ଜିତିଲେ, ମେଡିକାଲ ରିପୋର୍ଟରେ ପୁରୁଷ

**ପ୍ୟାରିସ୍,୫।୧୧**



ଇମେନ୍ ଖେଲିଫ୍

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ରେ ସ୍ୱର୍ଣ୍ଣ ପଦକ ବିଜୟିନୀ ଆଲଜେରିଆର ଇମେନ୍ ଖେଲିଫ୍‌ଙ୍କ ଲିଙ୍ଗଗତ ବିବାଦରେ ଆଉ ଏକ ଅଧ୍ୟାୟ ଯୋଡ଼ି ହୋଇଯାଇଛି। ଲିକ୍ ହୋଇଥିବା ଏକ ମେଡିକାଲ ରିପୋର୍ଟ ଅନୁଯାୟୀ ଖେଲିଫ୍ ମହିଳା ନୁହନ୍ତି ବରଂ ପୁରୁଷ ବୋଲି ପ୍ରମାଣିତ ହୋଇଛି। ତାଙ୍କ ଶରୀରରେ ଉଭୟ ଏକ୍ସ ଓ ୱାଇ କ୍ରୋମୋଜୋମ୍‌ର ଉପସ୍ଥିତି ରହିଛି। ଏହା ସହିତ ଗର୍ଭାଶୟ ନ ଥିବା ବେଳେ ତାଙ୍କ ଶରୀରରେ ଅଣ୍ଡକୋଷ ରହିଛି। ତଳିପେଟରେ ତାଙ୍କର ଅଣ୍ଡକୋଷ ଥିବା ବେଳେ ଏକ କ୍ଷୁଦ୍ର ପୁରୁଷ ଯୌନାଙ୍ଗ ମଧ୍ୟ ରହିଛି। ଜୁନ୍ ୨୦୨୩ରେ ଏଣ୍ଡୋକ୍ରାଇନୋଲୋଜିଷ୍ଟ ବିଶେଷଜ୍ଞ ସୌମାୟା ☞ ପୃଷ୍ଠା-୪



## ସଂକ୍ଷେପରେ

### କରାଚୀରେ ୨ ଚାଇନା ନାଗରିକଙ୍କୁ ଗୁଳି

କରାଚୀ,୫ା୧୧

ପାକିସ୍ତାନର ବନ୍ଦର ସହର କରାଚୀରେ ସ୍ଥାନୀୟ ସୁରକ୍ଷା କର୍ମୀ ମଙ୍ଗଳବାର ୨ ଜଣ ଚାଇନା ନାଗରିକଙ୍କୁ ଗୁଳି କରିଛନ୍ତି। କରାଚୀର ଇଣ୍ଡଷ୍ଟ୍ରିଆଲ ଟ୍ରେଡିଂ ଇଷ୍ଟେଟ୍ ଅଞ୍ଚଳରେ ସୁରକ୍ଷା କର୍ମୀ ଓ ଚାଇନା ନାଗରିକଙ୍କ ମଧ୍ୟରେ ବଚସାରୁ ଗୁଳିକାଣ୍ଡ ହୋଇଥିଲା। ପୋଲିସ ଘଟଣାର ତଦନ୍ତ କରୁଛି। ଗୁଳି ଚଳାଇଥିବା ସୁରକ୍ଷା ଗାର୍ଡଙ୍କୁ ଗିରଫ କରାଯାଇଥିବାବେଳେ ଆହତ ଚାଇନା ନାଗରିକଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା କୁହାଯାଉଛି।

### ସିଦ୍ଧାରାମାୟାଙ୍କୁ ହାଇକୋର୍ଟ ନୋଟିସ



ବେଙ୍ଗାଲୁରୁ,୫ା୧୧

ମହୀଶୂର ସହରାଞ୍ଚଳ ବିକାଶ କର୍ତ୍ତୃପକ୍ଷ (ଏମ୍‌ୟୁଡିଏ) ଦୁର୍ନୀତି ମାମଲାରେ କର୍ନାଟକ ହାଇକୋର୍ଟ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା, ତାଙ୍କ ସ୍ତ୍ରୀ ବି.ଏମ୍. ପାର୍ବତୀ, ଶାଳକ ମଲ୍ଲିକାର୍ଜୁନ ସ୍ୱାମୀ, କେନ୍ଦ୍ର ସରକାର, ସିବିଆଇ, ରାଜ୍ୟ ସରକାର, ରାଜ୍ୟ ପୋଲିସ ମୁଖ୍ୟ, ଲୋକାୟୁକ୍ତ ପୋଲିସ ଓ ଅନ୍ୟମାନଙ୍କୁ ନୋଟିସ ଜାରି କରିଛନ୍ତି। ଉକ୍ତ ଦୁର୍ନୀତି ମାମଲାର ତଦନ୍ତ ଦାୟିତ୍ୱ ଲୋକାୟୁକ୍ତ ପୋଲିସଠାରୁ ନେଇ ସିବିଆଇକୁ ଦେବା ନିମନ୍ତେ ନିର୍ଦ୍ଦେଶ ଦେବା ପାଇଁ ଆବେଦନ ହୋଇଥିଲା। ଏମ୍‌ୟୁଡିଏ ଦୁର୍ନୀତିର ସ୍ୱାଧୀନ, ନିରପେକ୍ଷ ଏବଂ ସ୍ୱଚ୍ଛ ତଦନ୍ତ ଲାଗି ସାମାଜିକ କର୍ମୀ ସ୍ନେହମୟୀ କ୍ରିଷ୍ଣା ପିଟିଶନ ଦାଏର କରିଥିଲେ। ଏମ୍‌ୟୁଡିଏ ବେଆଇନ ଭାବେ ସିଦ୍ଧାରାମାୟାଙ୍କ ସ୍ତ୍ରୀ ପାର୍ବତୀଙ୍କୁ ୧୪ଟି ପ୍ଲଟ୍ ଆବଣ୍ଟନ କରିଥିବା ଅଭିଯୋଗ ଉପରେ ଲୋକାୟୁକ୍ତ ପୋଲିସ ତଦନ୍ତ ଚଳାଇଛି। ଦୁର୍ନୀତି ସହ ସମ୍ପୃକ୍ତ ଅଭିଯୋଗରେ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା, ତାଙ୍କ ସ୍ତ୍ରୀ ଓ ଅନ୍ୟମାନେ ତଦନ୍ତର ସମ୍ମୁଖୀନ ହୋଇଛନ୍ତି।

# ୟୁପି ମଦ୍ରାସା ଆଇନ ବୈଧ

### ଆଲ୍ଲାହାବାଦ ହାଇକୋର୍ଟଙ୍କ ରାୟ ସୁପ୍ରିମକୋର୍ଟରେ ଖାରଜ

ନୂଆଦିଲ୍ଲୀ,୫ା୧୧(ପି.ଟି.)

ମୁସଲମାନ ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନଗୁଡ଼ିକୁ ନିୟନ୍ତ୍ରଣ କରୁଥିବା ଉତ୍ତରପ୍ରଦେଶ ମଦ୍ରାସା ଶିକ୍ଷା ବୋର୍ଡ ଆଇନ, ୨୦୦୪ର ସାମ୍ବିଧାନିକ ବୈଧତାକୁ ସୁପ୍ରିମକୋର୍ଟ ମଙ୍ଗଳବାର କାଏମ ରଖିଛନ୍ତି। ଆଲ୍ଲାହାବାଦ ହାଇକୋର୍ଟ ପୂର୍ବ ରାୟରେ ଉକ୍ତ ଆଇନକୁ ଅସାମ୍ବିଧାନିକ ଦର୍ଶାଇଥିବାବେଳେ ସର୍ବୋଚ୍ଚ ଅଦାଲତ ତାହାକୁ ଖାରଜ କରିଦେଇଛନ୍ତି। ଧର୍ମନିରପେକ୍ଷତା ଆଧାରରେ ଏକ ଆଇନକୁ ରଦ୍ଦ କରାଯାଇପାରିବ ନାହିଁ ବୋଲି ଅଦାଲତ କହିଛନ୍ତି। ଫଳରେ ରାଜ୍ୟର ମଦ୍ରାସାଗୁଡ଼ିକୁ ବଡ଼ ଆଶ୍ୱସ୍ତି ମିଳିଛି।

ଆଲ୍ଲାହାବାଦ ହାଇକୋର୍ଟଙ୍କ ରାୟକୁ ସୁପ୍ରିମକୋର୍ଟ ଖାରଜ କରିଦେଇଥିବାରୁ ଉତ୍ତରପ୍ରଦେଶ ମଦ୍ରାସା ଶିକ୍ଷା ବୋର୍ଡ ଦ୍ୱାରା ସ୍ୱୀକୃତିପ୍ରାପ୍ତ ୧୬,୦୦୦ରୁ ଊର୍ଦ୍ଧ୍ୱ ମଦ୍ରାସାରେ ପଢୁଥିବା ୧୭ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଉପକୃତ ହେବେ। ଗତ ମାର୍ଚ୍ଚରେ ହାଇକୋର୍ଟ ଉତ୍ତରପ୍ରଦେଶ ମଦ୍ରାସା ଶିକ୍ଷା ବୋର୍ଡ ଆଇନକୁ ରଦ୍ଦ କରିଦେଇଥିଲେ। ଉକ୍ତ ଆଇନ ଧର୍ମନିରପେକ୍ଷତା ସିଦ୍ଧାନ୍ତର ଉଲ୍ଲଂଘନ କରୁଥିବା ହାଇକୋର୍ଟ ଦର୍ଶାଇଥିଲେ। ଏଭଳି ଶିକ୍ଷାନୁଷ୍ଠାନଗୁଡ଼ିକୁ ବନ୍ଦ କରିଦେବା ସହ ସେଠାରେ ପଢୁଥିବା ଛାତ୍ରୀଛାତ୍ରଙ୍କୁ ଆନୁଷ୍ଠାନିକ ଶିକ୍ଷା ବ୍ୟବସ୍ଥାରେ ସାମିଲ କରିବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଧାନିକ କ୍ଷମତା ବାହାରେ ହୋଇଥିଲେ କିମ୍ବା ମୌଳିକ ଅଧିକାରର ଉଲ୍ଲଂଘନ କରୁଥିଲେ ବା ଅନ୍ୟ କୌଣସି ସାମ୍ବିଧାନିକ ବ୍ୟବସ୍ଥା କାରଣରୁ ଗୋଟିଏ ଆଇନକୁ ଆଇନଗତ ପରିସର ବାହାରେ ବୋଲି ଘୋଷଣା କରାଯାଇପାରିବ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଏହା ଦର୍ଶାଇବା ସହ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ୍ ଜେ.ବି. ପର୍ଦିୱାଲା ଏବଂ ମନୋଜ ମିଶ୍ରାଙ୍କ ଖଣ୍ଡପୀଠ ହାଇକୋର୍ଟଙ୍କ ରାୟକୁ ଖାରଜ କରିଦେଇଛନ୍ତି। ମଦ୍ରାସା ଆଇନ (ଉତ୍ତରପ୍ରଦେଶ ମଦ୍ରାସା ଶିକ୍ଷା ବୋର୍ଡ ଆଇନ, ୨୦୦୪) ରାଜ୍ୟ ବିଧାନସଭାର ବୈଧାନିକ କ୍ଷମତା ପରିସରଭୁକ୍ତ ଏବଂ ସମ୍ବିଧାନର ତାଲିକା ୩ର ଏଣ୍ଟ୍ରି ୨୫ରେ ରଖାଯାଇଥିବା ଖଣ୍ଡପୀଠ କହିଛନ୍ତି।

ତେବେ ଉଚ୍ଚଶିକ୍ଷାକୁ ନିୟନ୍ତ୍ରଣ କରୁଥିବା ଉକ୍ତ ଆଇନରେ ରହିଥିବା 'ଫଜିଲ' ଏବଂ 'କାମିଲ୍' ଡିଗ୍ରୀ (ମଦ୍ରାସାରେ ଦିଆଯାଉଥିବା ସ୍ନାତକ ଏବଂ ସ୍ନାତକୋତ୍ତର ସ୍ତରୀୟ ଡିଗ୍ରୀ) ରାଜ୍ୟ ବିଧାନସଭାର ବୈଧାନିକ କ୍ଷମତା ବାହାରେ। କାରଣ ଏହା ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଆଇନରେ ଥିବା ବ୍ୟବସ୍ଥାର ବିରୋଧ କରୁଥିବାରୁ ଅସାମ୍ବିଧାନିକ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ୟୁଜିସି ଆଇନ ଉଚ୍ଚଶିକ୍ଷାର ମାନକୁ ନିୟନ୍ତ୍ରଣ କରୁଥିବାବେଳେ ରାଜ୍ୟ ବ୍ୟବସ୍ଥାପିକା ଏହାକୁ ନିୟନ୍ତ୍ରଣ କରିପାରିବ ନାହିଁ। ଏହା ୟୁଜିସି ଆଇନରେ ଥିବା ବ୍ୟବସ୍ଥାର ଉଲ୍ଲଂଘନ। ଗୋଟିଏ ଆଇନରେ ରହିଥିବା କୌଣସି ବ୍ୟବସ୍ଥା ସାମ୍ବିଧାନିକ ମଷ୍ଟର ମଧ୍ୟରେ ଆସୁ ନ ଥିଲେ, ସମ୍ପୂର୍ଣ୍ଣ ଆଇନକୁ ରଦ୍ଦ କରାଯାଇପାରିବ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି।



ସୁପ୍ରିମକୋର୍ଟ ମଦ୍ରାସା ଆଇନକୁ କାଏମ ରଖିବା ପରେ ଇଦ୍‌ଗାର ଇମାମ ମୌଲାନା ଖଲିଦ ରଶିଦ ଫିରଙ୍ଗ ମହାଲି ଲକ୍ଷ୍ନୌରେ ମଦ୍ରାସା ଛାତ୍ରମାନଙ୍କୁ ମିଠା ବାଣ୍ଟୁଛନ୍ତି।

### ରାୟକୁ ମୁସଲମାନ ନେତା, ବିରୋଧୀ ଦଳର ସ୍ୱାଗତ

ସୁପ୍ରିମକୋର୍ଟ ଉତ୍ତରପ୍ରଦେଶ ମଦ୍ରାସା ଆଇନର ବୈଧତାକୁ କାଏମ ରଖିଥିବାରୁ ମୁସଲମାନ ଧର୍ମୀୟ ନେତା ଏହାକୁ ସ୍ୱାଗତ କରିଛନ୍ତି। ସେମିନାରିଗୁଡ଼ିକୁ ସନ୍ଦେହ ଦୃଷ୍ଟିରେ ଦେଖିବା ଠିକ୍ ନୁହେଁ। ଅସାମ୍ବିଧାନିକ ନିଷ୍ପତ୍ତି ବିରୋଧରେ ଅଦାଲତରେ ଲଢ଼େଇ ହେବ ବୋଲି ଜମାଏତ୍ ଉଲୋମ-ଇ-ହିନ୍ଦ୍‌ର ମୌଲାନା କାବ୍ ରଶିଦି କହିଛନ୍ତି। ଏବେ ମଦ୍ରାସାଗୁଡ଼ିକ ସମ୍ପୂର୍ଣ୍ଣ ସ୍ୱାଧୀନ ଭାବେ ଚାଲିପାରିବ ବୋଲି ଅଲ୍ ଇଣ୍ଡିଆ ପର୍ସୋନାଲ ଲ' ବୋର୍ଡର ମୌଲାନା ଖଲିଦ ରଶିଦ ଫରଙ୍ଗୀ ମହାଲି କହିଛନ୍ତି। ସେହିପରି ଅଲ୍ ଇଣ୍ଡିଆ ଶିୟା ପର୍ସୋନାଲ ଲ' ବୋର୍ଡର ମୁଖପାତ୍ର ମୌଲାନା ୟାସୁବ୍ ଆବ୍ବାସ କହିଛନ୍ତି, ସ୍ୱାଧୀନତା ସଂଗ୍ରାମରେ ମଦ୍ରାସାଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ଏହା ଦେଶକୁ ବହୁ ଅମଲା ଏବଂ ମନ୍ତ୍ରୀ ଦେଇଛି। ମଦ୍ରାସାକୁ ନେଇ ରହିଥିବା ଅନିଶ୍ଚିତତା ଦୂର ହୋଇଥିବା ବିଏସ୍‌ପି ଅଧକ୍ଷା ମାୟାବତୀ କହିଛନ୍ତି। ଶାସକ ଭାଜପା ଲୋକମାନଙ୍କୁ ସେମାନଙ୍କ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ କରିବାକୁ ଚାହୁଁଥିବା ସମାଜବାଦୀ ପାର୍ଟି କହିଛି।

### ୱିକିପିଡିଆକୁ କେନ୍ଦ୍ରର ନୋଟିସ

ନୂଆଦିଲ୍ଲୀ,୫ା୧୧

ୱିକିପିଡିଆ ପ୍ଲାଟଫର୍ମରେ ପକ୍ଷପାତ ଏବଂ ଅଶୁଦ୍ଧି ନେଇ ବହୁ ଅଭିଯୋଗ ଆସିବା ପରେ କେନ୍ଦ୍ର ସରକାର ମଙ୍ଗଳବାର ଏହାକୁ ଆନୁଷ୍ଠାନିକ ନୋଟିସ ପଠାଇଛନ୍ତି। ୱିକିପିଡିଆ ଏକ ମାଗଣା ଅନ୍‌ଲାଇନ ବିଶ୍ୱକୋଷ ଭାବେ ବିଭିନ୍ନ ବିଷୟର ପୃଷ୍ଠା ସୃଷ୍ଟି କରିବା ଓ ସମ୍ପାଦନ ପାଇଁ ସ୍ୱେଚ୍ଛାସେବୀମାନଙ୍କୁ ଅନୁମତି ଦେଇଥାଏ। ବିଭିନ୍ନ ବ୍ୟକ୍ତିତ୍ୱ, ପ୍ରସଙ୍ଗ ଏବଂ ବିଷୟଗୁଡ଼ିକର ଏଡିଟିଂ ପାଇଁ ସେମାନଙ୍କୁ ଅନୁମତି ମିଳିଥାଏ। ଏହି ପ୍ଲାଟ୍‌ଫର୍ମ ଅଶୁଦ୍ଧ ଏବଂ ମାନହାନିକାରକ କଣ୍ଟେଣ୍ଟ ପ୍ରଦାନ ନେଇ ସମ୍ପ୍ରତି ଭାରତରେ ଆଇନଗତ ଲଢ଼େଇର ସମ୍ମୁଖୀନ ହୋଇଛି।

### ବେଆଇନ ଖଣି ଖନନ ମାମଲା

### ୫୦ ଲକ୍ଷ ଟଙ୍କା, ୧ କେ.ଜି. ସୁନା ଜବତକଲା ସିବିଆଇ

ନୂଆଦିଲ୍ଲୀ,୫ା୧୧

ବେଆଇନ ଖଣି ଖନନ ମାମଲାର ତଦନ୍ତ କରୁଥିବା ସିବିଆଇ ମଙ୍ଗଳବାର ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଏବଂ ବିହାରର ୨୦ ସ୍ଥାନରେ ଚଢ଼ାଉ କରିଛି। ଚଢ଼ାଉ ବେଳେ ନଗଦ ୫୦ ଲକ୍ଷ ଟଙ୍କା, ୧ କିଲୋଗ୍ରାମ ସୁନା, ସମପରିମାଣର ରୁପା ଓ ସମ୍ପତ୍ତି ସମ୍ପର୍କିତ ବହୁ କାଗଜପତ୍ର ଜବତ ହୋଇଛି। ଝାଡ଼ଖଣ୍ଡର ନିମ୍ନୁ ପାହାଡ଼ରୁ ବେଆଇନ ଭାବେ ମୂଲ୍ୟବାନ ପଥର ଖନନ କରାଯାଇ ଅନ୍ତର୍ଜାତୀୟ ବଜାରରେ ବିକ୍ରି କରାଯାଉଥିଲା।

# ୧୮ ମାସରେ ଜୀବନ ହାରିଛନ୍ତି ୭୧ ହୀରା କାରିଗର

ନୂଆଦିଲ୍ଲୀ, ୫ା୧୧

### ଆର୍ଥିକ ସହାୟତା ଦାବିକଲା କଂଗ୍ରେସ

ହୀରା ବ୍ୟବସାୟ ପାଇଁ ବିଶ୍ୱର ପ୍ରମୁଖ କେନ୍ଦ୍ର ଭାବେ ଗୁଜରାଟର ସୁରଟ ସହରର ଇତିହାସ ରହିଛି। କେବଳ ଗୁଜରାଟରେ ୨୫ ଲକ୍ଷ ହୀରା କାରିଗର ଥିବାବେଳେ ସେଥିମଧ୍ୟରୁ କେବଳ ସୁରଟରେ ୧୦ ଲକ୍ଷ କାରିଗର ରହିଛନ୍ତି। ପ୍ରୟୋଗଶାଳାଗୁଡ଼ିକରେ ହୀରା ନିର୍ମାଣର ସଂଖ୍ୟା ଦିନକୁ ଦିନ ବଢୁଥିବାରୁ ବିଶ୍ୱବ୍ୟାପୀ ହୀରା ଉଦ୍ୟୋଗ ଗଭୀର ଭାବେ ପ୍ରଭାବିତ ହୋଇଛି। ତେଣୁ ସୁରଟରେ ବହୁ ସଂଖ୍ୟାରେ ହୀରା କାରିଗରଙ୍କୁ ଛଟେଇ କରାଯାଇଛି। ଚଳିତ ବର୍ଷ ଫେବୃୟାରୀରୁ ଜୁନ୍ ମଧ୍ୟରେ କେବଳ ୧୫ ହଜାର ହୀରା କାରିଗରଙ୍କୁ ଛଟେଇ କରାଯାଇଛି। ସେହିପରି ବହୁ ହୀରା କାରିଗରଙ୍କର ଦରମା ହ୍ରାସ ପାଇଛି। ଫଳରେ ହୀରା କାରିଗରମାନେ ଆର୍ଥିକ ସଙ୍କଟ ଏବଂ ମାନସିକ ଅବସାଦର ସମ୍ମୁଖୀନ ହେଉଛନ୍ତି। ତେଣୁ କେନ୍ଦ୍ର ଓ ଗୁଜରାଟ ସରକାରଙ୍କୁ ଏଥିପ୍ରତି ଦୃଷ୍ଟି ଦେବାର ଆବଶ୍ୟକତା ରହିଛି ବୋଲି ମଙ୍ଗଳବାର କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ଏକ୍ସ'ରେ ଏକ ପୋଷ୍ଟ କରି କହିଛନ୍ତି। ନିଯୁକ୍ତି ହରାଇଥିବା ହୀରା କାରିଗରଙ୍କ ପଞ୍ଜୀକରଣ ଓ ସେମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ ଦିଗରେ କେନ୍ଦ୍ର ସରକାରଙ୍କୁ ଜରୁରୀ ନିଷ୍ପତ୍ତି ନେବାର ଆବଶ୍ୟକତା ଥିବା ସେ କହିଛନ୍ତି। ଅଧିକାଂଶ ହୀରା ଶ୍ରମିକଙ୍କର ପଞ୍ଜୀକରଣ କରାଯାଇ ନ ଥିବାରୁ ସେମାନଙ୍କ ପାଇଁ କୌଣସି କଲ୍ୟାଣକାରୀ ଯୋଜନା କରିବାକୁ ସରକାରଙ୍କ ପାଖରେ ତଥ୍ୟ ନାହିଁ। ତେଣୁ ଏଥିପ୍ରତି ଦୃଷ୍ଟି ଦେଇ ହୀରା ଶିଳ୍ପରେ ନିୟୋଜିତ କାରିଗରଙ୍କୁ ବଜାରର ଅନିଶ୍ଚିତତାରୁ ରକ୍ଷା କରିବାକୁ ରମେଶ ଦାବି କରିଛନ୍ତି।

### ସ୍ତ୍ରୀ ଓ ୩ ପିଲାଙ୍କୁ ହତ୍ୟା କରି ସ୍ୱାମୀଙ୍କ ଆତ୍ମହତ୍ୟା

ବାରାଣସୀ, ୫ା୧୧

ଉତ୍ତରପ୍ରଦେଶର ବାରାଣସୀ ଜିଲା ଭଦୈନୀ ଅଞ୍ଚଳର ରାଜେନ୍ଦ୍ର ଗୁପ୍ତାଙ୍କ ଘରୁ ସ୍ତ୍ରୀ ନିତୁ(୪୫) ଓ ତାଙ୍କ ଝିଅ ଗୌରଙ୍ଗୀ(୧୬) ଓ ୨ ପୁଅ ନଭେନ୍ଦ୍ର (୨୫) ଓ ଶୁଭେନ୍ଦ୍ର (୨୫)ଙ୍କର ରକ୍ତ ଜୁଡୁବୁଡୁ ମୃତଦେହ ମଙ୍ଗଳବାର ମିଳିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପରେ ନିକଟସ୍ଥ ଏକ କନ୍‌ଷ୍ଟ୍ରକ୍ସନ ସାଇଟରୁ ରାଜେନ୍ଦ୍ରଙ୍କର ମୃତଦେହ ମିଳିଛି। ରାଜେନ୍ଦ୍ର ନିଜର ୩ ପିଲା ଓ ସ୍ତ୍ରୀଙ୍କୁ ଗୁଳିକରି ହତ୍ୟା କରିବା ପରେ ଆତ୍ମହତ୍ୟା କରିଥିବା ପୋଲିସ ଅନୁମାନ କରୁଛି। ପରିବାର ଲୋକେ ଶୋଇଥିବା ସମୟରେ ଗୁଳି କରାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ପଡ଼ୋଶୀଙ୍କ ଅନୁଯାୟୀ, ରାଜେନ୍ଦ୍ର ଓ ନିତୁଙ୍କ ମଧ୍ୟରେ ବହୁ ସମୟରେ ଝଗଡ଼ା ହେଉଥିଲା। ରାଜେନ୍ଦ୍ର ଜଣେ ତାନ୍ତ୍ରିକଙ୍କ ପରାମର୍ଶ ନେଉଥିଲେ। ପୂର୍ବରୁ ରାଜେନ୍ଦ୍ର ଅନେକ ହତ୍ୟା ମାମଲାରେ ଅଭିଯୁକ୍ତ ଥିବାବେଳେ ନିକଟରେ ସେ ଜାମିନ ପାଇଥିଲେ ବୋଲି ପୋଲିସ ସୂଚନା ଦେଇଛି।

### କାନାଡାରେ ହିନ୍ଦୁଙ୍କ ବିଶାଳ ବିକ୍ଷୋଭ

ଚଣ୍ଡିଗଡ଼,୫ା୧୧

#### ମନ୍ଦିର ଉପରେ ଆକ୍ରମଣର ପ୍ରତିବାଦ

କାନାଡାର ବ୍ରାମ୍ପଟନ୍‌ସ୍ଥିତ ହିନ୍ଦୁ ମନ୍ଦିର ଉପରେ ଖଲିସ୍ତାନୀ ସମର୍ଥକଙ୍କ ଆକ୍ରମଣ ଘଟଣାର ପ୍ରତିବାଦରେ କାନାଡା ହିନ୍ଦୁ ସମ୍ପ୍ରଦାୟର ଅନେକ ହଜାର ସଦସ୍ୟ ସେଠାର ଗୋରେ ରୋଡ୍‌ଠାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଦେଶରେ ହିନ୍ଦୁ ବିରୋଧୀ ହିଂସା ବଢୁଥିବାରୁ ସେମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସମଗ୍ର ଓଣ୍ଟାରିଓରୁ ବିକ୍ଷୋଭକାରୀମାନେ ହାତରେ ତ୍ରିରଙ୍ଗା ଧରି ଖଲିସ୍ତାନୀ ବିରୋଧୀ ସ୍ଲୋଗାନ ଦେବା ସହ ଜଷ୍ଟିନ୍ ଟ୍ରୁଡୋଙ୍କ ସରକାର ପ୍ରତି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ହିନ୍ଦୁମାନଙ୍କ ସୁରକ୍ଷା ଏବଂ ଆକ୍ରମଣ ଘଟଣାରେ ଦାୟୀ ଲୋକମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଦାବି କରିଛନ୍ତି। ଆକ୍ରମଣକୁ କାନାଡା ପ୍ରଧାନମନ୍ତ୍ରୀ ଟ୍ରୁଡୋ ଏବଂ ଭାରତୀୟ ହାଇକମିଶନ ନିନ୍ଦା କରିଥିଲେ। ହିନ୍ଦୁ ଭକ୍ତଙ୍କୁ ଆକ୍ରମଣ ଘଟଣାରେ କାନାଡା ପୋଲିସ ୩ ଜଣଙ୍କୁ ଗିରଫ କରି ଆଇନର ବିଭିନ୍ନ ଧାରାରେ ମାମଲା ରୁଜୁ କରିଛି।



# ଆମେରିକାରେ ମତଦାନ ଶେଷ: ଆଜି ଫଳାଫଳ

ୱାଶିଂଟନ୍, ୫ା୧୧

ଆମେରିକାର ୪୭ତମ ରାଷ୍ଟ୍ରପତି ନିର୍ବାଚନ ପାଇଁ ମଙ୍ଗଳବାର ମତଦାନ ଅନୁଷ୍ଠିତ ହୋଇଯାଇଛି। ବୁଥ୍‌ଗୁଡ଼ିକରେ ଭୋଟରମାନଙ୍କ ଧାଡ଼ି ଦେଖିବାକୁ ମିଳିଥିଲା। ପୂର୍ବରୁ ୮୨ ନିୟୁତରୁ ଊର୍ଦ୍ଧ୍ୱ ଭୋଟର ସେମାନଙ୍କ ମତଦାନ ସାବ୍ୟସ୍ତ କରିସାରିଥିବାବେଳେ ମଙ୍ଗଳବାର ୨୪୪ ନିୟୁତ ଆମେରିକୀୟ ମତଦାନ କରିଛନ୍ତି। ବୁଧବାର ଭୋଟଗଣତି ପରେ ଫଳାଫଳ ପ୍ରକାଶ ପାଇବ। ରିପବ୍ଲିକାନ୍ ପ୍ରାର୍ଥୀ ତଥା ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଡେମୋକ୍ରାଟିକ୍ ପ୍ରାର୍ଥୀ ତଥା ବର୍ତ୍ତମାନର ଉପରାଷ୍ଟ୍ରପତି କମଲା ହାରିସ୍‌ଙ୍କ ମଧ୍ୟରେ କଡ଼ା ଟକ୍କର ହୋଇଥିବାରୁ ଫଳାଫଳ ଉପରେ ସାରା ବିଶ୍ୱର ନଜର ରହିଛି।

ବିଭିନ୍ନ ରାଜ୍ୟରେ ମତଦାନ ଆରମ୍ଭ ସମୟ ଭିନ୍ନ ଭିନ୍ନ ରହିଥିଲା। ସାଧାରଣ ଭାବେ ମତଦାନ ସ୍ଥାନୀୟ ସମୟ ସକାଳ ୬ରୁ ଆରମ୍ଭ ହୋଇ ରାତି ୮ଟା ପର୍ଯ୍ୟନ୍ତ ଚାଲିଥିଲା। ଭାରତୀୟ ସମୟ ଅନୁଯାୟୀ ମଙ୍ଗଳବାର ଅପରାହ୍ଣ ୪ଟା ୩୦ରୁ ଭୋଟଗ୍ରହଣ ଆରମ୍ଭ ହୋଇ ବୁଧବାର ସକାଳ ୬ରେ ଶେଷ ହେବ। ଏଥର ନିର୍ବାଚନ ପ୍ରଚାର ସବୁଠୁ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଥିଲା। ସୋମବାର ରାତିରେ ରିପବ୍ଲିକାନ୍ ପ୍ରାର୍ଥୀ ଟ୍ରମ୍ପ୍ ଏବଂ ଡେମୋକ୍ରାଟ୍ ପ୍ରାର୍ଥୀ ହାରିସ୍ ପ୍ରଚାର କରିଥିଲେ। ଡେମୋକ୍ରାଟିକ୍ ପ୍ରାର୍ଥୀଙ୍କୁ ସାମାନ୍ୟ ଅଧିକ ଭୋଟ ମିଳିପାରେ ବୋଲି କେତେକ ଗଣମାଧ୍ୟମ ପୂର୍ବାନୁମାନ କରିଛନ୍ତି। ହାରିସ୍ ବିଜୟୀ ହେଲେ ସେ ପ୍ରଥମ ଅଣଶ୍ୱେତାଙ୍ଗ ମହିଳା ତଥା ଏସୀୟ-ଆମେରିକୀୟ ଭାବେ ରାଷ୍ଟ୍ରର ନେତୃତ୍ୱ ନେବେ। ପୂର୍ବତନ ରାଷ୍ଟ୍ରପତି ଟ୍ରମ୍ପ୍ ଗଣତନ୍ତ୍ର ପ୍ରତି ବିପଦ ବୋଲି ସେ କହିଛନ୍ତି। ପ୍ରଜନନ ଅଧିକାରର ସୁରକ୍ଷା ଏବଂ ଗୃହନିର୍ମାଣ ଓ ସ୍ୱାସ୍ଥ୍ୟସେବା ଖର୍ଚ୍ଚ ହ୍ରାସ କରିବା ନେଇ ହାରିସ୍ ତାଙ୍କ ପ୍ରତିଶ୍ରୁତି ଉପରେ ଗୁରୁତ୍ୱାରୋପ କରିଛନ୍ତି। ଅନ୍ୟପକ୍ଷରେ ପୁନର୍ବାର କ୍ଷମତାକୁ ଫେରିବା ପାଇଁ ଟ୍ରମ୍ପ୍ ଲକ୍ଷ୍ୟ ରଖିଛନ୍ତି। ତାଙ୍କ ଅର୍ଥନୈତିକ ନେତୃତ୍ୱ ପ୍ରତି ଆମେରିକୀୟଙ୍କ ସମର୍ଥନ ଥିବାରୁ ଏହାକୁ ସେ ଭୋଟରେ ପରିଣତ କରିବାକୁ ଉଦ୍ୟମ ଚଳାଇ ଆସିଛନ୍ତି। ଏହା ବ୍ୟତୀତ ଆମେରିକାରେ ବେଆଇନ ପ୍ରବେଶ ଉପରେ ସେ କଠୋର ଆଭିମୁଖ୍ୟ ରଖିଛନ୍ତି। ପ୍ରଚାର ବେଳେ ଟ୍ରମ୍ପ୍ ୨ ଥର ଆକ୍ରମଣର ସମ୍ମୁଖୀନ ହୋଇଥିଲେ। ଟ୍ରମ୍ପ୍ ବିଜୟୀ ହେଲେ ଗୁରୁତର ଅପରାଧରେ ଅଭିଯୁକ୍ତ ତଥା ଦୋଷୀସାବ୍ୟସ୍ତ ପ୍ରଥମ ରାଷ୍ଟ୍ରପତି ହେବେ। ସେ କ୍ଷମତାକୁ ଆସିଲେ ତାଙ୍କ ବିରୋଧରେ ରହିଥିବା ଅନ୍ୟାନ୍ୟ ସଂଘୀୟ ତଦନ୍ତକୁ ବନ୍ଦ କରିଦେବେ। ସେହିପରି ହ୍ୱାଇଟ୍ ହାଉସ୍‌କୁ ଅଣକ୍ରମାଗତ ଭାବେ ବିଜୟୀ ହେବାରେ ସେ ଆମେରିକା ଇତିହାସରେ ଦ୍ୱିତୀୟ ରାଷ୍ଟ୍ରପତି ହେବେ।




ନ୍ୟୁ ହାମ୍ପସାୟାରର ଡିକ୍ସଭିଲେଠାରେ ଜଣେ ମତଦାତା ଭୋଟ ଦେଉଛନ୍ତି।

#### ମତାଧିକାର ସାବ୍ୟସ୍ତ କଲେ ୨୪୪ ନିୟୁତ ଭୋଟର

ଫୁର୍‌ସତ୍



### ଅଜୟଙ୍କ ପରବର୍ତ୍ତୀ ପ୍ରୋଜେକ୍ଟ 'ଆଜାଦ'

ମୁମ୍ବାଇ

ଅଭିନେତା ଅଜୟ ଦେବଗନ୍ ତାଙ୍କ ନୂତନ ଫିଲ୍ମ 'ଆଜାଦ' ସମ୍ପର୍କରେ ଘୋଷଣା କରିଛନ୍ତି। ମଙ୍ଗଳବାର ଫିଲ୍ମ ନିର୍ମାତାଙ୍କ ପକ୍ଷରୁ 'ଆଜାଦ'ର ଟିଜରକୁ ଜାରି କରାଯାଇଛି। ଏହି ଟିଜରକୁ ଅଜୟ ମଧ ତାଙ୍କ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। କ୍ୟାପ୍‌ଶନ୍‌ରେ ଅଜୟ ଲେଖିଛନ୍ତି, ପ୍ରତ୍ୟେକ ଯୁଦ୍ଧରେ ନିଶ୍ଚିତ ଭାବରେ ସାହସୀ ଯୋଦ୍ଧାଙ୍କ ସହ ଏକ ବିଶ୍ୱସ୍ତ ଘୋଡ଼ା ରହିଥାଏ। ତେବେ ଏହି ଟିଜରର ଆରମ୍ଭରେ ଏକ ଭଏସ୍ ଓଭର ଶୁଣାଯାଉଛି ଯେଉଁଥିରେ କୁହାଯାଇଛି, ସେହି ହଲ୍‌ଦିଘାଟୀରେ ମହାରଣା ପ୍ରତାପଙ୍କର ଗୋଟିଏ ପାର୍ଶ୍ୱରେ ପ୍ରାୟ ୮ରୁ ୯ ହଜାର ସୈନ୍ୟ ଥିଲେ ଏବଂ ଅନ୍ୟ ପାର୍ଶ୍ୱରେ ୪୦ ହଜାର ସୈନ୍ୟ ଥିଲେ। କିନ୍ତୁ ସବୁଠାରୁ ବିଶେଷ ଘୋଡ଼ା ନିଜେ ମହାରଣା ପ୍ରତାପଙ୍କ ସହିତ ଥିଲା। 'ଆଜାଦ' ଚଳଚ୍ଚିତ୍ରରେ ଅଭିନେତ୍ରୀ ରବୀନା ଟଣ୍ଡନଙ୍କ ଝିଅ ରାଶା ଥଡ଼ାନି ଏବଂ ଅଜୟଙ୍କ ପୁତୁରା ଅମନ ଦେବଗନ୍ ବଲିଉଡ୍‌ରେ ଡେବ୍ୟୁ କରୁଛନ୍ତି। 'ଆଜାଦ' ଚଳଚ୍ଚିତ୍ରରେ ସ୍ୱାଧୀନତା ପୂର୍ବବର୍ତ୍ତୀ ଭାରତର କାହାଣୀକୁ ଦର୍ଶାଯାଇଛି, ଯେଉଁଥିରେ ଅଜୟଙ୍କୁ ଜଣେ ପେସାଦାର ଘୋଡ଼ା ଚାଳକଙ୍କ ଭୂମିକାରେ ଦେଖିବାକୁ ମିଳିବ। ସେହିପରି ଉକ୍ତ ଟିଜରରେ ଏକ ବିଶ୍ୱସ୍ତ ଘୋଡାର କାହାଣୀକୁ ନେଇ ମଧ ଧ୍ୟାନ କେନ୍ଦ୍ରିତ କରାଯାଇଛି।

# ମଡେଲ ନୁହନ୍ତି, ଇଲେକ୍ଟ୍ରିସିଆନ୍

ଗ୍ଲାସ୍‌ଗୋ

ସମାଜରେ ଏପରି କିଛି ବୃତ୍ତି ରହିଛି, ଯାହା ମହିଳାମାନଙ୍କ ପାଇଁ ଉପଯୁକ୍ତ ନୁହେଁ ବୋଲି ବିବେଚନା କରାଯାଇଥାଏ। ଜଣେ ବିଜୁଳି ମିସ୍ତ୍ରି ବା ଇଲେକ୍ଟ୍ରିସିଆନ୍‌ଙ୍କର ବୃତ୍ତି ଏଥିରେ ଅନ୍ୟତମ। ଏହି ବୃତ୍ତିରେ ଶାରୀରିକ ପରିଶ୍ରମ ସହ ବିଭିନ୍ନ ପ୍ରକାରର ବୈଦ୍ୟୁତିକ ଉପକରଣଗୁଡ଼ିକୁ ପରିଚାଳନା କରିବାକୁ ପଡ଼ିଥାଏ ଏବଂ ସମୟ ସମୟରେ ବିଦ୍ୟୁତ୍ କରେଣ୍ଟ ଖାଇବାକୁ ମଧ ପଡ଼େ। ତେଣୁ ମହିଳାମାନେ ଏତେ ଯନ୍ତ୍ରଣା ସହି ଇଲେକ୍ଟ୍ରିସିଆନ୍‌ଙ୍କ କାମ କରିପାରିବେ ନାହିଁ ବୋଲି ଅନେକଙ୍କର ବିଶ୍ୱାସ ରହିଛି। ତେବେ ସ୍କଟ୍‌ଲାଣ୍ଡର ରାଜଧାନୀ ଗ୍ଲାସ୍‌ଗୋରେ ରହୁଥିବା ଡିୟୋନ ଗିବ୍‌ସନ୍ ନାମ୍ନୀ ଜଣେ ୨୨ ବର୍ଷୀୟା ଯୁବତୀ ଲୋକଙ୍କର ଏହି ମତକୁ ଭୁଲ୍ ପ୍ରମାଣିତ କରିଛନ୍ତି। ରିପୋର୍ଟ ଅନୁଯାୟୀ, ଡିୟୋନ(୨୨) ନାମ୍ନୀ ଜଣେ ଯୁବତୀ ମାତ୍ର ୧୭ ବର୍ଷ ବୟସରୁ ଇଲେକ୍ଟ୍ରିସିଆନ୍ ହେବା ପାଇଁ ପାଠ୍ୟକ୍ରମ ଆରମ୍ଭ କରିଥିଲେ। ଯେତେବେଳେ ସେ ତାଙ୍କ ଶିକ୍ଷା ଶେଷ କରି ଏକ କମ୍ପାନୀରେ ନିଯୁକ୍ତି ପାଇଲେ, ସେତେବେଳେ ସେଠାରେ କାର୍ଯ୍ୟରତ ୧୦୦ ଜଣ କର୍ମଚାରୀଙ୍କ ମଧ୍ୟରୁ ଡିୟୋନ ଏକମାତ୍ର ମହିଳା ଥିଲେ। ଏନେଇ ଡିୟୋନ କୁହନ୍ତି, ବିଜୁଳି ମିସ୍ତ୍ରି ଭାବେ କାର୍ଯ୍ୟ କରୁଥିବାବେଳେ ଅନ୍ୟ ପୁରୁଷ କର୍ମଚାରୀ ତଥା ଗ୍ରାହକ ତାଙ୍କ ସୌନ୍ଦର୍ଯ୍ୟ ଦେଖି ଅଭିଭୂତ ହୋଇଥାନ୍ତି ଏବଂ ତାଙ୍କୁ ତାଙ୍କ କାମ କରିବାକୁ ବାରଣ କରନ୍ତି। ଅଲାଗା ସମୟରେ ଅନେକେ ତାଙ୍କୁ ଜଣେ ମଡେଲ ବୋଲି ଭାବିଥାନ୍ତି। ସେ ଏକ ପୁରୁଷ ପ୍ରାଧାନ୍ୟ ବୃତ୍ତିରେ କାର୍ଯ୍ୟ କରୁଛନ୍ତି। ତେଣୁ ଅନେକ ସମୟରେ ତାଙ୍କ ଦ୍ୱାରା କାମ ହେବ ନାହିଁ ବୋଲି ବହୁ ଲୋକେ ଅନୁମାନ କରିଥାନ୍ତି।






# ନରମିଲା ଇସ୍କନ: ଅଦିନିଆ ରଥଯାତ୍ରା ବନ୍ଦ

**ଭୁବନେଶ୍ୱର,୫।୧୦(ବନ୍ଦନା ସେଠୀ)**

ଶେଷରେ କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଭାବାବେଗ ଆଗରେ ମୁଣ୍ଡ ନୁଆଁଇଛି ଇସ୍କନ। ଆମେରିକାର ହ୍ୟୁଷ୍ଟନ୍‌ରେ ହେବାକୁ ଥିବା ଅଦିନିଆ ରଥଯାତ୍ରାକୁ ପୁରୀ ଶଙ୍କରାଚାର୍ଯ୍ୟ, ଗଜପତି ମହାରାଜା, ସେବାୟତ ଓ ଶ୍ରଦ୍ଧାଳୁମାନେ ତୀବ୍ର ବିରୋଧ କରିବା ପରେ ଇସ୍କନ କର୍ତ୍ତୃପକ୍ଷ ଏହି ଆୟୋଜନରୁ ଦୂରେଇ ଯାଇଛନ୍ତି। 'ଓଡ଼ିଆ ଜଗନ୍ନାଥପ୍ରେମୀଙ୍କ ଭାବାବେଗକୁ ସମ୍ମାନ ଜଣାଇ ହ୍ୟୁଷ୍ଟନ୍‌ରେ ହେବାକୁ ଥିବା ଅଦିନିଆ ରଥଯାତ୍ରାକୁ ବନ୍ଦ କରାଯାଇଛି। ତେବେ ରଥଯାତ୍ରା ବଦଳରେ ଗୌର ନିତାଇ ସଂକୀର୍ତ୍ତନ ଯାତ୍ରା କରାଯିବ।' ଇସ୍କନ ଗଭର୍ଣ୍ଣିଂ ବଡି କମିଶନ(ଜିବିସି) ଆଣ୍ଡ୍ ମିନିଷ୍ଟର ଫର୍ କମ୍ୟୁନିକେଶନର ସଦସ୍ୟ ଅନୁତ୍ତୋମ ପ୍ରଭୁଙ୍କ ସହ ଏ ନେଇ ନ୍ୟାଶନାଲ କମ୍ୟୁନିକେଶନ୍ସ ଡାଇରେକ୍ଟର ଯୁଧିଷ୍ଠିର ଗୋବିନ୍ଦ ପ୍ରଭୁ ଆଲୋଚନା କରିବା ପରେ ଏହି ନିଷ୍ପତ୍ତି ନିଆଯାଇଥିବା ମଙ୍ଗଳବାର ଏକ ପ୍ରେସ୍ ରିଲିଜ୍ ଜରିଆରେ ଭୁବନେଶ୍ୱର ଇସ୍କନ ଉପସଭାପତି ତୁକାରାମ ଦାସ ସୂଚନା ଦେଇଛନ୍ତି। ଫଳରେ ଜଗନ୍ନାଥପ୍ରେମୀଙ୍କ ମନରେ ଖୁସି ଖେଳିଯାଇଛି।

ସୂଚନା ଥାଉ କି, ଅଦିନିଆ ରଥଯାତ୍ରାକୁ ପୁରୀ ଶଙ୍କରାଚାର୍ଯ୍ୟ, ଗଜପତି ମହାରାଜା, ଶ୍ରୀମନ୍ଦିର ସେବାୟତ ଓ ଶ୍ରଦ୍ଧାଳୁଙ୍କ ସମେତ ବିଭିନ୍ନ ସଙ୍ଗଠନ ପକ୍ଷରୁ ତୀବ୍ର ବିରୋଧ କରାଯାଇଥିଲା। ମଙ୍ଗଳବାର ଭୁବନେଶ୍ୱରଠାରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଖବରଦାତା ସମ୍ମିଳନୀ କରି ପୁନର୍ବାର ନିଜର ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏପରିକି ଏନେଇ ହ୍ୟୁଷ୍ଟନସ୍ଥିତ ଇସ୍କନ ସଭାପତି ଓ ଇସ୍କନ ଗଭର୍ଣ୍ଣିଂବଡି କମିଶନ୍ ମୁଖ୍ୟଙ୍କୁ ଚିଠି ଲେଖାଯାଇଥିଲେ ହେଁ କୌଣସି ଉତ୍ତର ମିଳି ନ ଥିବାରୁ ଗଜପତି କ୍ଷୋଭ ପ୍ରକାଶ କରିଥିଲେ। ସମଗ୍ର ବିଶ୍ୱରେ ଅଦିନିଆ ରଥଯାତ୍ରା ଆୟୋଜନ ବନ୍ଦ କରିବାକୁ ସେ ଦାବି କରିଛନ୍ତି। ଅଦିନିଆ ରଥଯାତ୍ରା ବନ୍ଦ ନ କଲେ ଇସ୍କନ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗଜପତି ମହାରାଜା କହିଛନ୍ତି। ଦେଶ ସମେତ ବିଦେଶରୁ ମଧ୍ୟ ଅଦିନିଆ ରଥଯାତ୍ରା ବିରୋଧରେ ସ୍ୱର ଜୋରଦାର ହୋଇଥିଲା। ଫଳରେ ଇସ୍କନ କର୍ତ୍ତୃପକ୍ଷ ଅଦିନିଆ ରଥଯାତ୍ରା ଆୟୋଜନକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଲେ। ଏହା ମହାପ୍ରଭୁଙ୍କ ମହିମା ଯୋଗୁ ସମ୍ଭବ ହୋଇପାରିଲା ବୋଲି ଅନେକେ ମତ ଦେଇଛନ୍ତି।


ଗଜପତି ମହାରାଜା ଦିବ୍ୟସିଂହ ଦେବ

### ଦେଶରେ ବନ୍ଦ, ବିଦେଶରେ ହେଉଛି

୧୯୬୭ରେ ପ୍ରଥମ କରି ଇସ୍କନ କାଲିଫର୍ନିଆଠାରେ ଅଦିନିଆ ରଥଯାତ୍ରା ଆରମ୍ଭ କରିଥିଲା। ଏହାପରଠାରୁ ଅନେକ ଥର ଏପରି ହୋଇଛି। ତେବେ ଦେଶରେ ମଧ୍ୟ ବିଭିନ୍ନ ସ୍ଥାନରେ ଏଭଳି ଅଦିନିଆ ରଥଯାତ୍ରା କରାଯାଉଥିଲା, ଯାହାକୁ ଘୋର ବିରୋଧ କରିବା ପରେ ୨୦୨୧ରେ ସେମାନେ ଏକ ସଙ୍କଳ୍ପ ପାରିତ କରିଥିଲେ। ସେଥିରେ ଭାରତରେ ଅଦିନରେ କୌଣସି ରଥଯାତ୍ରା ଆୟୋଜନ ନ କରିବାକୁ ସେମାନେ ସହମତି ପ୍ରକାଶ କରିଥିଲେ। ମାତ୍ର ବିଦେଶରେ ଅଦିନିଆ ଆୟୋଜନ ଜାରି ରଖିଛନ୍ତି। ସେମାନେ ଯେ କୌଣସି ସମୟରେ ପ୍ରଚାର ଯାତ୍ରା ବା କୀର୍ତ୍ତନ ଯାତ୍ରା ଆୟୋଜନ କରିପାରନ୍ତି, କିନ୍ତୁ ରଥଯାତ୍ରା ଆୟୋଜନ କରିବା କିମ୍ବା ଚତୁର୍ଦ୍ଧାବିଗ୍ରହଙ୍କୁ ରଥରେ ବାହାରକୁ ଆଣିବା ଅନୁଚିତ। ଏହା ଶାସ୍ତ୍ରସମ୍ମତ ନୁହେଁ। କେବଳ ସ୍ନାନପୂର୍ଣ୍ଣିମା ଓ ରଥଯାତ୍ରାରେ ଚତୁର୍ଦ୍ଧାମୂର୍ତ୍ତି ବାହାରକୁ ଆସିବାର ପରମ୍ପରା ରହିଛି। ତେଣୁ ମାର୍ଚ୍ଚରେ ହେବାକୁ ଥିବା ଇସ୍କନର ସର୍ବୋଚ୍ଚ ଗଭର୍ଣ୍ଣିଂ ବଡି ଏହା ଉପରେ ଉଚିତ ନିଷ୍ପତ୍ତି ନେବ ବୋଲି ଆଶା ରହିଥିବା ଗଜପତି କହିଥିଲେ।

**ଶଙ୍କରାଚାର୍ଯ୍ୟ, ଗଜପତି ମହାରାଜା, ସେବାୟତ, ଶ୍ରଦ୍ଧାଳୁ କରିଥିଲେ ତୀବ୍ର ବିରୋଧ**

### ଶ୍ରୀମନ୍ଦିର ପ୍ରଶାସନ ଓ ଗଜପତିଙ୍କ ନିଷ୍ପତ୍ତିକୁ ସମର୍ଥନ କରିବେ ସରକାର: ଆଇନ୍ ମନ୍ତ୍ରୀ

ଅଦିନିଆ ରଥଯାତ୍ରା ପ୍ରସଙ୍ଗରେ ଶ୍ରୀମନ୍ଦିର ପ୍ରଶାସନ ଏବଂ ଗଜପତି ମହାରାଜାଙ୍କ ନିଷ୍ପତ୍ତିକୁ ରାଜ୍ୟ ସରକାର ସମର୍ଥନ କରିବେ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ହରିଚନ୍ଦନ କହିଛନ୍ତି, ଆମେ ଜଗନ୍ନାଥ ସଂସ୍କୃତିକୁ ନଷ୍ଟ ହେବାକୁ ଦେବୁନାହିଁ। ଶ୍ରୀଜଗନ୍ନାଥଙ୍କ ସ୍ୱତନ୍ତ୍ର ନୀତିକାନ୍ତି ଓ ପରମ୍ପରା ରହିଛି। ମାତ୍ର ବିଶ୍ୱର ଭିନ୍ନ ଭିନ୍ନ ସ୍ଥାନରେ ଅଦିନିଆ ରଥଯାତ୍ରା ଜଗନ୍ନାଥପ୍ରେମୀଙ୍କୁ ବାଧୁଛି, ଯାହାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ଯେଉଁଭଳି ଭାବେ ସ୍ନାନଯାତ୍ରାକୁ 'ଇସ୍କନ' କର୍ତ୍ତୃପକ୍ଷ ବନ୍ଦ କରିଛନ୍ତି, ସେହିଭଳି ଅଦିନିଆ ରଥଯାତ୍ରାକୁ ବନ୍ଦ କରିବା ନେଇ ଆମେ ଆଲୋଚନା କରିବୁ। ନଚେତ୍ ଶ୍ରୀମନ୍ଦିର ପ୍ରଶାସନ ଓ ଗଜପତି ମହାରାଜାଙ୍କ ନିଷ୍ପତ୍ତିକୁ ଆମେ ପୂର୍ଣ୍ଣ ସମର୍ଥନ ଜଣାଇବୁ ବୋଲି ହରିଚନ୍ଦନ ମତ ଦେଇଛନ୍ତି।

# ଇଥାନଲ୍ ପ୍ରକଳ୍ପରୁ ଓହରିଗଲା ଏଚ୍‌ପିସିଏଲ୍

**ନବରଙ୍ଗପୁର, ୫।୧୧ (ସଦାଶିବ ପ୍ରହରାଜ)**

ନବରଙ୍ଗପୁର ଜିଲାରେ ହେବାକୁ ଥିବା ଇଥାନଲ୍ ପ୍ରକଳ୍ପରୁ ଏଚ୍‌ପିସିଏଲ୍ (ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍) କମ୍ପାନୀ ଓହରିଯାଇଥିବା ନେଇ ଗୁରୁବାର ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସ୍ଥାନୀୟ ଚରକବନରେ ଖବରଦାତାମାନଙ୍କ ସହ ଏକ ସୌଜନ୍ୟମୂଳକ ସାକ୍ଷାତରେ କହିଛନ୍ତି। ଜିଲାରେ ଶିଳ୍ପର ବିକାଶ ପାଇଁ କେନ୍ଦ୍ରୀୟ ପେଟ୍ରୋଲିୟମ ଓ କୃଷିମନ୍ତ୍ରୀଙ୍କ ସହ ଆଲୋଚନାକରି ପ୍ରକଳ୍ପ ପାଇଁ ଉଦ୍ୟମ କରାଯିବ ବୋଲି ସେ କହିଛନ୍ତି। ପୂର୍ବରୁ ଚିନି କାରଖାନାର ବିଫଳତା ଓ ଏବେ ୫୦୦ କୋଟି ଟଙ୍କାର ଇଥାନଲ୍ ପ୍ରକଳ୍ପରୁ ଏଚ୍‌ପିସିଏଲ୍ କମ୍ପାନୀ ଓହରିଯିବା ଘଟଣା ଜିଲାର ଶିଳ୍ପ ବିକାଶକୁ ଶକ୍ତ ଝଟକା ଦେଇଛି।

### ନବରଙ୍ଗପୁର ଜିଲାରେ ଶିଳ୍ପ ବିକାଶକୁ ଝଟକା

୨୦୧୯ ନିର୍ବାଚନରେ ଭାଜପାର କେନ୍ଦ୍ରୀୟ ନେତା ଉମରକୋଟରେ ୫୦୦ କୋଟି ଟଙ୍କାର ଇଥାନଲ୍ ପ୍ରକଳ୍ପର ଘୋଷଣା କରିଥିଲେ। ଏହି ପ୍ରକଳ୍ପକୁ ଏଚ୍‌ପିସିଏଲ୍ କରିବ ବୋଲି ନିଷ୍ପତ୍ତି ହୋଇଥିଲା। ଏଭଳିକି ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ପରେ ମଧ୍ୟ ଇଥାନଲ୍ ପ୍ରକଳ୍ପ ପାଇଁ ୭୦ ଏକର ଜମି ଅଧିଗ୍ରହଣ ହୋଇପାରୁ ନ ଥିବାରୁ ପ୍ରକଳ୍ପ ଅଟକିଥିବା ନେଇ ଚର୍ଚ୍ଚା ହେଉଥିଲା। କିନ୍ତୁ ଏଚ୍‌ପିସିଏଲ୍ କମ୍ପାନୀ ଏହି ପ୍ରକଳ୍ପରୁ ହାତ ଛାଡ଼ି ଦେଇଥିବା ମନ୍ତ୍ରୀଙ୍କ ବୟାନ ପରେ ସ୍ପଷ୍ଟ ହୋଇଥିଲା। ଏବେ ଜିଲାରେ ଇଥାନଲ୍ ପ୍ରକଳ୍ପକୁ ନେଇ ପୁଣି ଅନିଶ୍ଚିତତା ଦେଖାଦେଇଛି। ଏହି ପ୍ରକଳ୍ପରେ କେବଳ ୨୪୦ଜଣ ନିଯୁକ୍ତି ସୁଯୋଗ ମୁଖ୍ୟ ନୁହେଁ, ବରଂ ପରୋକ୍ଷରେ ହଜାର ହଜାର ଚାଷୀ ଉତ୍ପାଦିତ ମକା ଅଭାବୀ ବିକ୍ରିର ଶିକାରରୁ ମୁକୁଳିପାରିଥାନ୍ତେ ବୋଲି ଅଞ୍ଚଳର ବୁଦ୍ଧିଜୀବୀ ମତ ଦେଇଛନ୍ତି। ଆଗାମୀ ଦିନରେ ଯଦି କୌଣସି ଶିଳ୍ପର ବିକାଶ ପାଇଁ ରାସ୍ତା ନ ଫିଟିବ ତାହା ହେଲେ ଜିଲାବାସୀ ନିରାଶ ହେବେ। ତେଣୁ କେନ୍ଦ୍ର ଓ ରାଜ୍ୟ ସରକାର ଆଗାମୀ ଦିନରେ ନବରଙ୍ଗପୁର ଜିଲାରେ ରେଳ, କଳ ଓ ଜଳ ମୁଖ୍ୟ ପ୍ରସଙ୍ଗକୁ ପ୍ରାଧାନ୍ୟ ଦେବାକୁ ଦାବି ହୋଇଛି।

# ପାଇ ନ ଥିବା ୪୦ ଲକ୍ଷ ପରିବାରକୁ ମିଳିବ ୩ ମାସର ଆଗୁଆ ଚାଉଳ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୫।୧୧(ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଲୋକସେବା ଭବନରେ ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍) ସମ୍ପର୍କରେ ସମୀକ୍ଷାକରି ହିତାଧିକାରୀମାନଙ୍କୁ ୩ ମାସର ଚାଉଳ ଆଗୁଆ ପ୍ରଦାନ କରିବା ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ତଦନୁଯାୟୀ ପ୍ରତ୍ୟେକ ହିତାଧିକାରୀ ୩ ମାସ (ଅକ୍ଟୋବରରୁ ଡିସେମ୍ବର) ପାଇଁ ୧୫ କେଜି ଲେଖାଏ ଚାଉଳ ପାଇବେ। ଏହି ପ୍ରକ୍ରିୟା ଅକ୍ଟୋବର ପହିଲାଠାରୁ ଆରମ୍ଭ ହୋଇଥିଲେ ମଧ୍ୟ ୪୦ ଲକ୍ଷ ପରିବାର ଏ ପର୍ଯ୍ୟନ୍ତ ଚାଉଳ ପାଇନାହାନ୍ତି। ସେମାନଙ୍କୁ ତୁରନ୍ତ ଚାଉଳ ବଣ୍ଟନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାର ଇ-ଶ୍ରମିକ ଭାବେ ପଞ୍ଜୀକରଣ କରିଥିବା ସବୁ ଶ୍ରମିକଙ୍କୁ ପିଡିଏସ୍‌ରେ ସାମିଲ କରିବା ପାଇଁ ପଦକ୍ଷେପ ନେଉଛନ୍ତି। ଇ-ଶ୍ରମିକରେ ପଞ୍ଜୀକୃତ ହୋଇଥିବା ୧ କୋଟି ୩୦ ଲକ୍ଷ ଶ୍ରମିକଙ୍କ ମଧ୍ୟରୁ ପ୍ରାୟ ସମସ୍ତେ ସାମିଲ ହୋଇଥିବାବେଳେ ଆଉ ୧ ଲକ୍ଷ ୩୧ ହଜାର ବାକି ରହିଛନ୍ତି। ସେମାନଙ୍କୁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ତୁରନ୍ତ ସାମିଲ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ 'ୱାନ୍ ନେଶନ ୱାନ୍ ରାଶନ' ବ୍ୟବସ୍ଥା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଛି। ଅନ୍ୟ ରାଜ୍ୟରେ ରହୁଥିବା ପ୍ରବାସୀ ଓଡ଼ିଆମାନଙ୍କର ଇ-କେୱାଇସି ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବୈଠକରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ବୀରବିକ୍ରମ ଯାଦବ ପ୍ରମୁଖ ଉପସ୍ଥିତ ଥିଲେ।

# ନନ୍ଦନକାନନ ଏକ୍ସପ୍ରେସ୍‌କୁ ଗୁଳିମାଡ଼

## ପୁରୀ ଜିଆର୍‌ପି ଥାନାରେ ମାମଲା, ରେଲୱେ ପକ୍ଷରୁ ତଦନ୍ତ ଆରମ୍ଭ


ଗୁଳିମାଡ଼ରେ ଟ୍ରେନ୍‌ର ଝରକା କାଚ ଭାଙ୍ଗିଛି।

**ଭଦ୍ରକ/ପୁରୀ,୫।୧୧ (ସନାତନ ରାଉତ/ଅଜିତ କୁମାର ମହାନ୍ତି)**

ଭଦ୍ରକ ଚରମ୍ପା ରେଳ ଷ୍ଟେଶନର ୧୧୯ ନଂ. ଗେଟ୍ ନିକଟରେ ନନ୍ଦନକାନନ ଏକ୍ସପ୍ରେସ୍‌କୁ ମଙ୍ଗଳବାର ସକାଳେ ଗୁଳିମାଡ଼ ହୋଇଛି। ୨ ରାଉଣ୍ଡ ଗୁଳିମାଡ଼ ନେଇ ଗାର୍ଡ ମହେନ୍ଦ୍ର ବେହେରା ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ନୂଆଦିଲ୍ଲୀରୁ ଭୁବନେଶ୍ୱର ଆସୁଥିବା ନନ୍ଦନକାନନ ଏକ୍ସପ୍ରେସ ସକାଳ ୯ଟା ୧୫ରେ ଚରମ୍ପା ଷ୍ଟେଶନରେ ପହଞ୍ଚିଥିଲା। ଷ୍ଟେଶନ ଛାଡ଼ିବା ପରେ ୧୧୯ ନଂ. ଗେଟ୍ ନିକଟରେ ସିଗ୍‌ନାଲ ଚେଞ୍ଜ୍ ସମୟରେ ଟ୍ରେନ୍‌ର ପଛରେ ଥିବା ଗାର୍ଡ ବଗି ଉପରକୁ ଜଣେ ଯୁବକ ୨ ରାଉଣ୍ଡ ଗୁଳି କରିଥିବା ଗାର୍ଡ ଦର୍ଶାଇଛନ୍ତି। ତେବେ ଗୁଳି ଗାର୍ଡଙ୍କ ଦେହରେ ବାଜି ନ ଥିବାବେଳେ ଟ୍ରେନ୍‌ର ଝରକା କାଚରେ ବାଜିବାରୁ ଭାଙ୍ଗିଯାଇଛି। ଟ୍ରେନ୍‌ଟି ନିକଟସ୍ଥ ବାଉଦପୁର ଷ୍ଟେଶନରେ ପହଞ୍ଚିବା ପରେ ଗାର୍ଡ ବେହେରା ଷ୍ଟେଶନ ମାଷ୍ଟର ଓ ଜିଆର୍‌ପି ଥାନାକୁ ଗୁଳିମାଡ଼ ବିଷୟରେ ଜଣାଇଥିଲେ। ଯାଜପୁର ରୋଡ୍ ଷ୍ଟେଶନରେ ପହଞ୍ଚିବା ପରେ ଅଭିଯୋଗ କରିଥିବା ଜଣାଯାଇଛି। ପରେ ଜିଆର୍‌ପି ଓ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏଯାଏ ଗୁଳି ମିଳି ନ ଥିବାରୁ ଗୁଳିମାଡ଼ କି ପଥର ମାଡ଼ ହୋଇଛି ଏବଂ କିଏ, କାହିଁକି ଏପରି କରିଛନ୍ତି, ତଦନ୍ତ ପରେ ସମ୍ପୂର୍ଣ୍ଣ ତଥ୍ୟ ମିଳିବ ବୋଲି ଷ୍ଟେଶନ ମାଷ୍ଟର ସୁବାସ ଚନ୍ଦ୍ର ସାହୁ କହିଛନ୍ତି। ଏନେଇ ସମ୍ପୃକ୍ତ ଗାର୍ଡଙ୍କ ଅଭିଯୋଗ କ୍ରମେ ପୁରୀ ଜିଆର୍‌ପି ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ରେଲୱେ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଘଟଣାସ୍ଥଳରୁ ନମୁନା ସଂଗ୍ରହ ଓ ପ୍ରାରମ୍ଭିକ ତଦନ୍ତ ପରେ ଗୁଳିମାଡ଼ ହୋଇଥାଇପାରେ ବୋଲି ଫରେନ୍‌ସିକ ଟିମ୍ ଅନୁମାନ କରିଛି। ଜିଆର୍‌ପି, ଆର୍‌ପିଏଫ୍, ଫରେନ୍‌ସିକ ଏବଂ ରେଲୱେ ମେକାନିକାଲ ଅଫିସରମାନଙ୍କୁ ନେଇ ମିଳିତ ଟିମ୍ ତଦନ୍ତ ଚଳାଇଛି। ପ୍ରାଥମିକ ତଦନ୍ତ କ୍ରମରେ ଗାର୍ଡଙ୍କୁ ପଚରାଉଚରା ସହ ତାଙ୍କ କଲ ରେକର୍ଡ କରାଯାଇଛି। ତାଙ୍କ ବ୍ୟାଗ ମଧ୍ୟ ଯାଞ୍ଚ କରାଯାଇଛି। କ୍ଷତିଗ୍ରସ୍ତ ହୋଇଥିବା ଗାର୍ଡ ବଗିକୁ ସଂରକ୍ଷିତ କରି ରଖାଯାଇଛି। ତଦନ୍ତ ରିପୋର୍ଟକୁ ରେଳ ବିଭାଗକୁ ହସ୍ତାନ୍ତର କରାଯିବ। ଅନ୍ୟପକ୍ଷରେ ଯାହା କିଛି କହିବାର ଥିଲା, ତାହା ତଦନ୍ତରେ କହିଛି ବୋଲି ପ୍ରତ୍ୟକ୍ଷଦର୍ଶୀ ଗାର୍ଡ ପ୍ରକାଶ କରିଛନ୍ତି। ଟ୍ରେନରେ ଥିବା ଗାର୍ଡମାନଙ୍କ ବୟାନକୁ ରେକର୍ଡ କରାଯାଇ ତର୍ଜମା କରାଯାଉଛି। ତେବେ ତଦନ୍ତ ଚାଲିଥିବାରୁ ସବୁ କିଛି ସାର୍ବଜନୀନ କରିବା ଠିକ ହେବ ନାହିଁ ବୋଲି ପୁରୀ ଜିଆର୍‌ପି ଥାନା ଅଧିକାରୀ ସନ୍ତୋଷ ବାହିନୀପତି କହିଛନ୍ତି। ସେହିପରି ଫରେନସିକ ଟିମ୍ ଅଧିକାରୀ କହିଛନ୍ତି, ଭାଙ୍ଗିଥିବା କାଚଗୁଡ଼ିକର ସାମ୍ପୁଲ ନିଆଯାଇଛି। ସେଗୁଡ଼ିକର ଅନୁଧ୍ୟାନ କରାଯିବ। ତଦନ୍ତ ପରେ ପ୍ରକୃତ ତଥ୍ୟ ସାମ୍ନାକୁ ଆସିବ।

# ୫୭ ନୂଆ ଏନ୍‌ଏସି ପ୍ରସ୍ତାବ: ସମ୍ପୂର୍ଣ୍ଣ ତଥ୍ୟ ଦେବାକୁ ଜିଲାପାଳଙ୍କୁ ଚିଠି ଲେଖିଲା ନଗର ଉନ୍ନୟନ ବିଭାଗ

**ଭୁବନେଶ୍ୱର,୫।୧୧(ଅନିଲ ଦାସ)**

ରାଜ୍ୟରେ ପ୍ରସ୍ତାବିତ ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ପାଇଁ ରାଜ୍ୟ ସରକାର ୨୩ ଜିଲାରୁ ସବିଶେଷ ତଥ୍ୟ ଆହ୍ୱାନ କରିଛନ୍ତି। ଜନସଂଖ୍ୟାଠାରୁ ଆରମ୍ଭକରି ସମସ୍ତ ତଥ୍ୟ ଦେବାକୁ ନଗର ଉନ୍ନୟନ ବିଭାଗ ପକ୍ଷରୁ ସମ୍ପୃକ୍ତ ଜିଲାର ଜିଲାପାଳଙ୍କୁ ଚିଠି ଲେଖିବା ସହିତ ଫର୍ମାଟ ପଠାଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ, ୨୦୨୪ ମାର୍ଚ୍ଚରେ ୨୩ ଜିଲାରୁ ୫୭ଟି ଅଞ୍ଚଳରେ ନୂତନ ଏନ୍‌ଏସି କରିବାକୁ ନଗର ଉନ୍ନୟନ ବିଭାଗକୁ ପ୍ରସ୍ତାବ ଆସିଛି। ତେବେ ସମ୍ପୂର୍ଣ୍ଣ ତଥ୍ୟ ନ ଥିବାରୁ ବିଭାଗ ପକ୍ଷରୁ ଏ ନେଇ ଆବଶ୍ୟକ ପଦକ୍ଷେପ ନିଆଯାଇ ପାରୁ ନାହିଁ। ସମ୍ପୂର୍ଣ୍ଣ ତଥ୍ୟ ପଠାଇବାକୁ ବିଭାଗ ପକ୍ଷରୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଅନୁଗୋଳ ଜିଲାରୁ ପାଲଲହଡା ଓ ଛେଣ୍ଡିପଦାକୁ ନୂଆ ଏନ୍‌ଏସି ମାନ୍ୟତା ଦେବାକୁ ପ୍ରସ୍ତାବ ଆସିଥିବା ବେଳେ ବଲାଙ୍ଗୀରର ଲୋଇସିଙ୍ଗା, ସିନ୍ଦେକେଲା, ସଇଁତଳା ଓ ବେଲପଡ଼ା, ବାଲେଶ୍ୱରରୁ ବସ୍ତା, ସିମୁଳିଆ, ବାଲିଆପାଳ ଓ ଖଇରା, ବରଗଡ଼ର ପାଇକମାଳ, ଭେଡେନ ଓ ସୋହେଲା, ଭଦ୍ରକର ଅଗରପଡ଼ା ଓ ଧାମରା, ବୌଦ୍ଧର କଣ୍ଟାମାଳ, ମନମୁଣ୍ଡା, ପୁରୁଣା କଟକ ଓ ବାଉଁଶୁଣୀ, କଟକର ସାଲେପୁର, ବଡମ୍ବା, ନରସିଂହପୁର ଓ ନିଆଲି, ଢେଙ୍କାନାଳର ପରଜଙ୍ଗ ଓ ରାସୋଲ ଏବଂ ଗଞ୍ଜାମ ଜିଲାର କୁକୁଡାଖଣ୍ଡି ଓ ଶେରଗଡ଼କୁ ଏନ୍‌ଏସି ମାନ୍ୟତା ଦେବାକୁ ପ୍ରସ୍ତାବ ଆସିଛି। ସେହିପରି ଜଗତସିଂହପୁର ଜିଲାର କୁଜଙ୍ଗ, ଯାଜପୁରର ବିଞ୍ଝାରପୁର, ପାଣିକୋଇଲି, ଜାରକା ଓ ଚଣ୍ଡିଖୋଲ, କଳାହାଣ୍ଡିର ଜୟପାଟଣା, ମଦନରାମପୁର ଓ ନର୍ଲା, କନ୍ଧମାଳର ରାଇକିଆ, ଚାନ୍ଦଲି, ଖୋର୍ଦ୍ଧାର ବେଗୁନିଆ, ଟାଙ୍ଗୀ ଓ ବୋଲଗଡ଼, କୋରାପୁଟର ବୋରିଗୁମ୍ମା, ମୟୂରଭଞ୍ଜର ବେତନଟୀ, ନୟାଗଡ଼ର କଣ୍ଟିଲୋ, ଶରଣକୁଳ, ନୂଆପଡ଼ାର ସିନାପାଲି, ପୁରୀର ସାକ୍ଷୀଗୋପାଳ କାକଟପୁର, ରାୟଗଡ଼ାର ମୁନିଗୁଡ଼ା ଓ ବିଷମକଟକ, ସମ୍ବଲପୁରର ରେଙ୍ଗାଲି ଓ ବାମରା, ସୁବର୍ଣ୍ଣପୁରର ସୁବଳୟା, ଉଲୁଣ୍ଡା, ରାମପୁର, ବୀରମହାରାଜପୁର ଓ ଡୁଙ୍ଗୁରିପାଲି ଏବଂ ସୁନ୍ଦରଗଡ଼ ଜିଲାର ବଣାଇଁକୁ ନୂଆ ଏନ୍‌ଏସି କରିବାକୁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ମିଳିଛି।

# ୩୦୦ରୁ ଊର୍ଦ୍ଧ୍ୱ ସତ୍ୟପାଠ ଦାଖଲ

**ଭରତପୁର ଥାନାରେ ନିର୍ଯାତନା ଘଟଣା**

**ଭୁବନେଶ୍ୱର,୫।୧୧(ସତ୍ୟଜିତ୍ ରାଉତ)**

ଭରତପୁର ଥାନାରେ ଆର୍ମି ଅଫିସର ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ଘଟଣାରେ କ୍ରାଇମବ୍ରାଞ୍ଚ ଅଧିକ ତଦନ୍ତ ଜାରି ରଖିଛି। ଏଥିସହ ବିଚାର ବିଭାଗୀୟ ଯାଞ୍ଚ ଚାଲିଥିବାବେଳେ କମିଶନଙ୍କ ନିକଟରେ ସତ୍ୟପାଠ ଦାଖଲର ସମୟସୀମା ମଙ୍ଗଳବାର ଶେଷ ହୋଇଛି। ତେବେ ୩୦୦ରୁ ଊର୍ଦ୍ଧ୍ୱ ସତ୍ୟପାଠ ଗ୍ରହଣ କରାଯାଇଥିବା ନେଇ ସୋମବାର କମିଶନଙ୍କ ସଚିବ ଶୁଭେନ୍ଦ୍ର ମହାନ୍ତି ସୂଚନା ଦେଇଛନ୍ତି। ଖୁବ୍‌ଶୀଘ୍ର ସାକ୍ଷ୍ୟ ଗ୍ରହଣ ପାଇଁ କମିଶନଙ୍କ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହେବ। ସତ୍ୟପାଠଗୁଡ଼ିକୁ ଯାଞ୍ଚ କରାଯାଉଥିବା ବେଳେ କମିଶନ ଯେଉଁମାନଙ୍କୁ ଚାହିଁବେ ସେମାନଙ୍କୁ ସମନ୍ କରାଯାଇ ବୟାନ ରେକର୍ଡ କରାଯିବ ବୋଲି ସଚିବ କହିଛନ୍ତି। ସୂଚନାଯୋଗ୍ୟ, ପ୍ରଥମେ କମିଶନଙ୍କ ପକ୍ଷରୁ ଗତ ଅକ୍ଟୋବର ୫ରୁ ସତ୍ୟପାଠ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପରେ ସର୍ବସାଧାରଣଙ୍କ ଦାବି ପାଇଁ ସତ୍ୟପାଠ ଦାଖଲର ସମୟସୀମାକୁ ଆଉ ୧୦ ଦିନ ବୃଦ୍ଧି କରାଯାଇଥିଲା।




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ୮ମ ଶ୍ରାଦ୍ଧ ବାର୍ଷିକୀରେ ଶ୍ରଦ୍ଧାଞ୍ଜଳି, ତିଳତର୍ପଣ, ସ୍ଥାନ: କୁଆଖାଇ ନଦୀପଠା, ସମୟ: ସକାଳ ୮ଟା ୩୦।
- ଉତ୍କଳ ସମ୍ମିଳନୀ ପକ୍ଷରୁ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଶ୍ରାଦ୍ଧ ଦିବସ ଅବସରରେ ମାଲ୍ୟାର୍ପଣ, ସ୍ଥାନ: ରବୀନ୍ଦ୍ର ମଣ୍ଡପ ସମ୍ମୁଖ, ସମୟ: ସକାଳ ୯ଟା।
- ପାସିଙ୍ଗ୍ ଗିଫ୍ଟସ୍ ପକ୍ଷରୁ ଦ୍ୱିତୀୟ ସମ୍ମିଳନୀ, ସ୍ଥାନ: ଲେମନ ଟ୍ରି ହୋଟେଲ, ସମୟ: ସକାଳ ୯ଟା।
- ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୁର ମହାସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ, ସ୍ଥାନ: ଟିପିସିଓଡିଏଲ୍ ଫାଟକ ସମ୍ମୁଖ, ପାୱାର ହାଉସ କଲୋନୀ, ସମୟ: ପୂର୍ବାହ୍ନ ୧୧ଟା।
- ଅର୍ଦ୍ଧିନିଆ ରଥଯାତ୍ରାକୁ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ଇସ୍କନ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ସୃଜନୀ ଭୁବନେଶ୍ୱର ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ନାରାୟଣ ନାଟ୍ୟ ମହୋତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ସପ୍ତଦଶ ରାଜ୍ୟସ୍ତରୀୟ କଳିଙ୍ଗ ହର୍ବାଲ ମେଳା ଉଦ୍‌ଘାଟନ, ସ୍ଥାନ: ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ସମୟ: ସନ୍ଧ୍ୟା ୬ଟା।

## କଟକ

- ୧୭ ବର୍ଷରୁ କମ୍ ବାଳିକା ଓ ବାଳକ ବିଭାଗର ରାଜ୍ୟସ୍ତରୀୟ ସିପକ୍‌ଟାକ୍ର ପ୍ରତିଯୋଗିତା ଉଦ୍‌ଘାଟନ, ସ୍ଥାନ: ଓଡ଼ିଶା ପୋଲିସ ହାଇସ୍କୁଲ, ସମୟ: ଅପରାହ୍ନ ୩ଟା।
- ମା' ଲୋଭି ଠାକୁରାଣୀଙ୍କ ଯାତ୍ରା ପାଇଁ ପ୍ରଶାସନିକସ୍ତରରେ ପ୍ରସ୍ତୁତି ବୈଠକ, ସ୍ଥାନ: ମା' ବୁଢ଼ୀ ମଙ୍ଗଳାଙ୍କ ମନ୍ଦିର ପରିସର, ବିଦ୍ଧାଣିମା, ତିଗିରିଆ, ସମୟ: ଅପରାହ୍ନ ୩ଟା।
- ଭାଷା ପ୍ରକାଶନୀ ଦ୍ୱାରା ପ୍ରକାଶିତ ଶୁଭଦର୍ଶନୀ ଦାସଙ୍କ ଇଂଲିଶ ଗଳ୍ପ ସଂକଳନ ମେଡ୍ ମି ଗ୍ରିନ୍ ପୁସ୍ତକ ଉନ୍ମୋଚନ, ସ୍ଥାନ: କଟକ ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ

- ପଞ୍ଚଦଶ ବାର୍ଷିକ ଭାଗବତ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଗୋଲେଇ ଛକ, ବିଷ୍ଣୁପୁର, ନିମାପଡ଼ା, ସମୟ: ସନ୍ଧ୍ୟା ୬ଟା ୩୦।
- ରାଜ୍ୟସ୍ତରୀୟ ଗୋ-ନବରାତ୍ର ମହୋତ୍ସବ, ସ୍ଥାନ: ହରିହରାନନ୍ଦ ଗୁରୁକୁଳ ଆଶ୍ରମ, ବାଲିଘାଇ, ପୁରୀ, ସମୟ: ସକାଳ ୧୦ଟା।
- ଶ୍ରୀରାମଦୟା ପରିଷଦ ପକ୍ଷରୁ ରାମଚରିତମାନସ ପାରାୟଣ, ସ୍ଥାନ: ସିଂହଦ୍ୱାର ସମ୍ମୁଖ, ପୁରୀ, ସମୟ: ସନ୍ଧ୍ୟା ୬ଟା ୩୦।
- ଶ୍ରୀମଦ୍ ଭାଗବତ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଗୀତାଞ୍ଜଳି ଆପାର୍ଟମେଣ୍ଟ, ମାର୍କଣ୍ଡେଶ୍ୱର ସାହି, ପୁରୀ, ସମୟ: ସନ୍ଧ୍ୟା ୬ଟା ୩୦।

- ସ୍ୱର୍ଗଦ୍ୱାର ବ୍ୟବସାୟୀ ସଂଘ ପକ୍ଷରୁ ବିସର୍ଜନ ଶୋଭାଯାତ୍ରା, ସ୍ଥାନ: ହିଞ୍ଜୋଳ ଜାଗା କଲ୍ୟାଣ ମଣ୍ଡପ, ପୁରୀ, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ମାଗଣା ଗ୍ରହଣ ଖଣ୍ଡିଆ ଚିକିତ୍ସା ଶିବିର, ସ୍ଥାନ: ରୋଟାରୀ ଭବନ, ବାଲେଶ୍ୱର, ସମୟ: ସକାଳ ୯ଟା।
- ବହୁବିଧ ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ମା' ଚଣ୍ଡୀ ଠାକୁରାଣୀ ଟ୍ରଷ୍ଟ ପରିସର, ଜଳଙ୍ଗ, ଖଇରା, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ବିଧାନସଭାର ପ୍ରଥମ ବାଚସ୍ପତି ମୁକୁନ୍ଦଦାସଙ୍କ ସ୍ମୃତିସଭା, ସ୍ଥାନ: ଖଇରା ଶିକ୍ଷକସଂଘ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଗୋକର୍ଣ୍ଣିକା ସାହିତ୍ୟ ସମାଜ ଓ ଗାଁ ମଜଲିସ ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ସାହିତ୍ୟ ସମାରୋହ କବିତା ପାଠ ଓ ସାରସ୍ୱତ ସମ୍ବର୍ଦ୍ଧନା, ସ୍ଥାନ: ସଂସ୍କୃତି ଭବନ ଉତ୍ତରେଶ୍ୱର, ସୋର, ସମୟ: ପୂର୍ବାହ୍ନ ୧୦ଟା।
- ସଙ୍କୁଳସ୍ତରୀୟ ସରସ୍ୱତୀ ଶିଶୁ ମନ୍ଦିର ପ୍ରଧାନାଚାର୍ଯ୍ୟ ସମ୍ମିଳନୀ, ସ୍ଥାନ: ଅଲିପୁର, ସାରଡ଼ାଙ୍ଗ, ଖଇରା, ସମୟ: ପୂର୍ବାହ୍ନ ୧୧ଟା।
- ଷୋହଳ ପ୍ରହରୀ ନାମ ସଙ୍କୀର୍ତ୍ତନ ଓ ମହୋତ୍ସବ, ସ୍ଥାନ: ପଶ୍ଚିମସାହି ସାର୍ଥା, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- ବାଲେଶ୍ୱର ଡିଷ୍ଟ୍ରିକ୍ଟ ବ୍ୟାଡମିଣ୍ଟନ୍ ଲିଗ୍ ନିମନ୍ତେ ଖେଳାଳି ଅକ୍ସନ୍, ସ୍ଥାନ: ଉଦ୍ୟୋଗ ଭବନ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ଦିବଂଗତ ସାହିତ୍ୟିକ ଡ. ଶ୍ୟାମସୁନ୍ଦର ମହାପାତ୍ରଙ୍କ ସ୍ମୃତିସଭା, ସ୍ଥାନ: ପଡୁଆଁପଦା, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ମା' ଭଦ୍ରକାଳୀଙ୍କ ମହାଲକ୍ଷ୍ମୀ ବେଶ, ସ୍ଥାନ: ଭଦ୍ରକାଳୀ ମନ୍ଦିର, ଭଦ୍ରକ, ସମୟ: ସକାଳ ୬ଟା।
- ଦିଶା ବୈଠକ, ସ୍ଥାନ: ଜିଲା ପରିଷଦ ସଭାଗୃହ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଭଦ୍ରକାଳୀ ମନ୍ଦିର, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- ମହାସଂସ୍କୃତି ଜାଗରଣ ଯାତ୍ରାର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ଚରମ୍ପା ରେଲ୍‌ୱେ ପ୍ଲାଟଫର୍ମ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ପ୍ରଧାନ ଶିକ୍ଷକ ମଧୁସୂଦନ ପ୍ରଧାନଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ବଡ଼ମସିଣାବିଲା ପଞ୍ଚାୟତ ହାଇସ୍କୁଲ, ଢେଙ୍କିକୋଟ, ସମୟ: ପୂର୍ବାହ୍ନ ୧୧ଟା।
- ମା' ଶ୍ୟାମାକାଳୀଙ୍କ ମୃଣ୍ମୟୀ ମୂର୍ତ୍ତି ଭସାଣି ଉତ୍ସବ, ସ୍ଥାନ: ଢେଙ୍କିକୋଟ, ସମୟ: ଅପରାହ୍ନ ୨ଟା।

## ମୟୂରଭଞ୍ଜ

- କୃଷି ଯନ୍ତ୍ରପାତି ମେଳା ଆୟୋଜନ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ:ଉଦଳା ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା୩୦।
- ବ୍ଲକସ୍ତରୀୟ ନିଯୁକ୍ତି କାଉନ୍‌ସେଲିଂ, ସ୍ଥାନ: ମୋରଡା ବ୍ଲକ କନଫରେନ୍ସ ହଲ, ଚିତ୍ରଡା, ସମୟ : ପୂର୍ବାହ୍ନ ୧୦ଟା୩୦ ରୁ ଅପରାହ୍ନ୧ଟା୩୦।
- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ଜଗଦ୍ଧାତ୍ରୀ ମେଳା ଲାଗି ଖବରଦାତା ସମ୍ମିଳନୀ, ସ୍ଥାନ:କୁମାର୍ସ କ୍ଲବ ଭଞ୍ଜପୁର,ସମୟ: ମଧ୍ୟାହ୍ନ ୧୨ଟା।

## ଗଞ୍ଜାମ

- ଆସିକା ସମବାୟ ଚିନିଶିଳ୍ପର ବାର୍ଷିକ ସାଧାରଣ ସଭା, ସ୍ଥାନ: ଚିନିଶିଳ୍ପ କୃଷକ ଭବନ, ସମୟ: ପୂର୍ବାହ୍ନ ୧୧ଟା।

## ଢେଙ୍କାନାଳ

- ଜିଲାସ୍ତରୀୟ ସୁରଭି ଓ କଳା ଉତ୍ସବ, ସ୍ଥାନ: ବ୍ରଜନାଥ ବଡଜେନା ଉଚ୍ଚ ବିଦ୍ୟାଳୟ ପରିସର, ସମୟ:ପୂର୍ବାହ୍ନ ୧୧ଟା।

## ଜଗତସିଂହପୁର

- ପାରାଦୀପ ବନ୍ଦର ସାଂସ୍କୃତିକ ମହୋତ୍ସବ ଚତୁର୍ଥ ସନ୍ଧ୍ୟାରେ ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ନାଟକ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦ୍ରାପଡ଼ା

- ମା' ମନସା ଦେବୀଙ୍କ ପୂଜାସୋବ, ସ୍ଥାନ: ଜାଲକଣା ମହାକାଳପଡ଼ା, ସମୟ- ସକାଳ ୯ଟା।
- ଜଗରିଜୋର ଜନକଲ୍ୟାଣ ହାଟ ଓ ବ୍ୟବସାୟୀ କମିଟି ପକ୍ଷରୁ ମା' ଦକ୍ଷିଣ ଶ୍ୟାମାକାଳୀ ପୂଜା ଉପଲକ୍ଷେ ଗହୀରମଥା ମହୋତ୍ସବ, ସ୍ଥାନ:ଜଗରିଜୋର, ମହାକାଳପଡ଼ା, ସମୟ: ଅପରାହ୍ନ ୩ଟା।
- ଚଣ୍ଡୀଦେବୀ ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ପାୟଲ ମ୍ୟୁଜିକର ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ରାଜକନିକା, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼

- କଣ୍ଟିଲୋ କ୍ରିକେଟ ପ୍ରିମିୟର ଲିଗ୍‌ର ଫାଇନାଲ ମ୍ୟାଚ ଦିପୁ କିଙ୍ଗ୍ ସହ ଇସାନ ରୟାଲ,ସ୍ଥାନ:କଣ୍ଟିଲୋ ପଲଟନ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମ, ସ୍ଥାନ:ବଜେନ୍ଦ୍ର ହାଇସ୍କୁଲ ନୟାଗଡ଼, ସମୟ: ଅପରାହ୍ନ ୩ଟା୩୦।

## ରାୟଗଡ଼ା

- ଟିକିଲାଗଡ଼ର ନିୟୁ ଲାଇଫ ଡ୍ୟାନ୍ସ ଗ୍ରୁପର ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କାଳୀ ପୂଜା ମେଲୋଡି ଛକ, ରାୟଗଡା, ସମୟ: ସନ୍ଧ୍ୟା ୭ଟା ୩୦।

## କୋରାପୁଟ

- କୋରାପୁଟ ଜିଲାପରିଷଦ ଦ୍ୱାରା କରାଯାଉଥିବା ବିଭିନ୍ନ ଯୋଜନାର ସମୀକ୍ଷା ବୈଠକ, ସ୍ଥାନ: କୋରାପୁଟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ସମ୍ବଲପୁର

- ହୀରାଖଣ୍ଡ ନାଗରିକ ପରିଷଦର ୩୪ତମ ପ୍ରତିଷ୍ଠା ଦିବସ, ସ୍ଥାନ : ପୂର୍ବାହ୍ନ ୧୦ଟା୧୫।
- କ୍ରୀଷ୍ଟା ଆଦିବାସୀ କ୍ଲବ ଆୟୋଜିତ ୨୯ତମ ତ୍ରିବିସୀୟ ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଯାପନୀ, ସ୍ଥାନ : ଏସଏମସି ଅର୍ନ୍ତଗତ ନିର୍ଗୁଣପଡା ଖେଳପଡିଆ, ସମୟ : ଅପରାହ୍ନ ୨ଟା।
- ସମ୍ବଲପୁର ଲିଟିଲ ମିସ ଓ ମାଷ୍ଟର ଫାଇନାଲ ପ୍ରତିଯୋଗିତାର ପ୍ରସ୍ତୁତି ବୈଠକ, ସ୍ଥାନ : ଜଗନ୍ନାଥ କଲୋନୀ ସ୍ଥିତ ସାଇ ଶିକ୍ଷା ପରିଷଦ ସମ୍ମିଳନୀ କକ୍ଷ, ସମୟ : ସନ୍ଧ୍ୟା ୬ଟା।
- .ରାତ୍ରକାଳୀନ ପ୍ରବଚନ କାର୍ଯ୍ୟକ୍ରମ, ରାମଜୀ ମନ୍ଦିର ନିକଟସ୍ଥ ଗୀତା ଗୁଡି, ସମୟ : ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ଜିଲାପାଳଙ୍କ ଧାନ ଅମଳ କ୍ଷେତ୍ର ପରିଦର୍ଶନ, ସ୍ଥାନ: ଅଗଲାପାଲି,ଲୋଇସିଂହା ବ୍ଲକ, ସମୟ: ପୂର୍ବାହ୍ନ ୧୦ ଟା ୩୦।
- ଲୋଇସିଂହା ବ୍ଲକ ଯୋଗୀସର୍ଡା ପଞ୍ଚାୟତ ସୁବିଧା କେନ୍ଦ୍ର ଉଦ୍‌ଘାଟନ, ସ୍ଥାନ: ଯୋଗୀସର୍ଡା ପଞ୍ଚାୟତ କାର୍ଯ୍ୟାଳୟ,ସମୟ: ମଧ୍ୟାହ୍ନ ୧୨ ଟା।

## ସୁବର୍ଣ୍ଣପୁର

- ଅଖଣ୍ଡ ନାମଯଜ୍ଞର ଊନବିଂଶ ଦିବସ, ସ୍ଥାନ: ଖୁଣ୍ଟୁଲାପାଲି, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀମଦ୍ ଭାଗବତ ସପ୍ତାହ ପାରାୟଣ ପଠନର ଚତୁର୍ଥ ଦିବସ, ସ୍ଥାନ: ତିକୁଡା ରାମ ମନ୍ଦିର, ଉଲୁଣ୍ଡା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ଡୁଙ୍ଗୁରିପାଲି ଆରଏମ୍‌ସି ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ସୁନ୍ଦରଗଡ଼

- ୨୧ତମ ବୈଜ୍ଞାନିକ ପରାମର୍ଶଦାତା କମିଟି ବୈଠକ,ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର ସମ୍ମିଳନୀ କକ୍ଷ, କିରେଇ,ସମୟ: ପୂର୍ବାହ୍ନ୧୦ଟା୩୦।

## ରାଉରକେଲା

- ଛଟ୍ ପର୍ବ ପାଇଁ ଖରନା ପାଳି, ସ୍ଥାନ ଝିରପାଣି, ସମୟ: ସକାଳ ୯ଟା।
- ୪ର୍ଥ ଦିବସ ପୁସ୍ତକମେଳା, ସ୍ଥାନ: ସେକ୍ଟର-୧୪, ଦିଲ୍ଲୀ ପବ୍ଲିକ ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ସିଭିଲଟାଉନଶିପ୍ ସାଂସ୍କୃତିକ ପରିଷଦ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ପାନପୋଷ, ସମୟ: ମଧ୍ୟାହ୍ନ ୧୨ଟା।

## ଦେବଗଡ଼

- ମା' କାଳୀଙ୍କ ପାନ୍ତହ ସୂର୍ଯ୍ୟ ପୂଜା, ସ୍ଥାନ: ବାରକୋଟ କାଳୀପୂଜା ମଣ୍ଡପ, ସମୟ: ପ୍ରାତଃ ୫ଟା।
- କାର୍ତ୍ତିକ ମାସ ଅବସରରେ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ମଠ ସାହି ଛକ, ସମୟ: ପ୍ରାତଃ ୫ଟା।
- ଚାଷ ଜମିରେ ଜଳ ଯୋଗାଣ ତଥା ସୁବିଯୋଗ ସମ୍ପର୍କିତ ତାଲିମ ଶିବିର, ସ୍ଥାନ: କୃଷି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ବାରକୋଟ, ସମୟ: ପୂର୍ବାହ୍ନ ୧୦ଟା।
- କୃଷି ବୈଷୟିକ ପରିଚାଳନା ସଂସ୍ଥା ଆନୁକୂଲ୍ୟରେ କ୍ଷେତ୍ର ବିଦ୍ୟାଳୟ କାର୍ଯ୍ୟକ୍ରମ, ସ୍ଥାନ: ରିଆମାଳ ବ୍ଲକ ବଡ଼ ଡ଼ଙ୍ଗାଘାଟ, କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ରିଆମାଳ, ସମୟ: ପୂର୍ବାହ୍ନ ୧୧ଟା।
- ମା' କାଳୀଙ୍କ ଦିବ୍ୟ ସନ୍ଧ୍ୟା ଆଳତି, ସ୍ଥାନ: ବାରକୋଟ କାଳୀପୂଜା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- କାର୍‌ଗିଲ ଛକ ମହାଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ବିସର୍ଜନ, ସ୍ଥାନ: ମଣ୍ଡପରୁ ନଗର ପରିକ୍ରମା, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- କାଳୀ ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ମେଲୋଡି ଓ ଡ୍ୟାନ୍ସ ଗ୍ରୁପ୍ କଟକ, ସ୍ଥାନ: ପୂଜା ମଣ୍ଡପ ପେଣ୍ଡାଲ, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା, ଧର୍ମଗଡ଼ ବିଜୁ କଲ୍ୟାଣ ମଣ୍ଡପ, ସମୟ: ସକାଳ୯ଟା।
- ସିନିୟର ମ୍ୟାନ ଇଣ୍ଡିଆ କ୍ଲବ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ସକାଳ ୯ଟା ୩୦।

## ନୂଆପଡ଼ା

- ମହିଳା ଓ ପୁରୁଷ ସର୍ବଭାରତୀୟ କବାଡି ପ୍ରତିଯୋଗିତା ଉଦ୍‌ଘାଟନ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ମୋଟା ନୂଆପଡ଼ା ପଞ୍ଚାୟତ କୁକୁଡ଼ାତାଳ ଗାଁ ନବଜ୍ୟୋତି ସ୍ପୋର୍ଟସ କ୍ଲବ ଖେଳପଡିଆ, ସମୟ: ସକାଳ ୯ଟା।
- ଗିରି ଗୋବର୍ଦ୍ଧନ ପୂଜା ପୂର୍ଣ୍ଣାହୁତି, ସ୍ଥାନ: ଖଡିଆଳ ବ୍ଲକ ବଡମହେଶ୍ୱର ଗାଁ, ସମୟ: ସକାଳ ୭ଟା।

## ବୌଦ୍ଧ

- କରଡ଼ି ଚମ୍ପେଶ୍ୱର ମହାଦେବ ମନ୍ଦିରରେ ନବାହ୍ନ ପାରାୟଣ ଅବସରରେ କଳସ ଯାତ୍ରା, ସ୍ଥାନ: କରଡି ମହାଦେବ ମନ୍ଦିର ପ୍ରାଙ୍ଗଣ, ହରଭଙ୍ଗା , ସମୟ: ସକାଳ ୮ଟା।

**ପ୍ରଥମ ପୃଷ୍ଠାରୁ...**

## ଘରୋଇ ସମ୍ପତ୍ତି...

୩୯ବିରେ ବ୍ୟବହୃତ ସମ୍ପତ୍ତି ଅଧୀନରେ ଘରୋଇ ସମ୍ବଳ ଆସୁଛି କି? ସୈଦ୍ଧାନ୍ତିକ ଦୃଷ୍ଟିକୋଣରୁ ଏହାର ଉତ୍ତର ହଁ। ତେବେ ରଙ୍ଗନାଥ ରେଡ୍ଡୀଙ୍କ ମାମଲାରେ ଜଷ୍ଟିସ୍ କ୍ରିଷ୍ଣା ଆୟାରଙ୍କ ସଂଖ୍ୟାଲଘୁ ଦୃଷ୍ଟିକୋଣକୁ ସୁପ୍ରିମକୋର୍ଟ ଗ୍ରହଣ କରିପାରିବେ ନାହିଁ। ଜଣେ ବ୍ୟକ୍ତିଙ୍କ ମାଲିକାନାରେ ଥିବା ପ୍ରତ୍ୟେକ ସମ୍ବଳକୁ ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ସମ୍ପତ୍ତି ରୂପେ ବ୍ୟବହାର କରାଯାଇପାରିବ ନାହିଁ। ପ୍ରକାଶ ଯେ, ୧୯୭୮ରେ ସୁପ୍ରିମକୋର୍ଟଙ୍କ ୭ ଜଣିଆ ଖଣ୍ଡପୀଠ ୪:୩ ସଂଖ୍ୟାଗରିଷ୍ଠ ରାୟରେ କହିଥିଲେ, ଘରୋଇ ମାଲିକାନାରେ ଥିବା ସବୁ ସମ୍ପତ୍ତି ଭୌତିକ ସମ୍ବଳର ପଦବାଚ୍ୟ ନୁହେଁ। ତେବେ ଜଷ୍ଟିସ୍ ଆୟାର ଉଭୟ ସରକାରୀ ଓ ଘରୋଇ ସମ୍ବଳକୁ ସମ୍ବିଧାନର ଅନୁଚ୍ଛେଦ ୩୯(ବି) ଅନୁଯାୟୀ ଭୌତିକ ସମ୍ବଳ ଅଧୀନରେ ଆସୁଥିବା ଦର୍ଶାଇଥିଲେ। ତେବେ ସଦ୍ୟ ରାୟରେ ଜଷ୍ଟିସ୍ ନାଗରତ୍ନା ଜଷ୍ଟିସ୍ ଆୟାରଙ୍କ ସମ୍ପର୍କିତ ସିଜେଆଇଙ୍କ ଆଭିମୁଖ୍ୟ ଉପରେ ଅସହମତି ପ୍ରକାଶ କରିଛନ୍ତି। ଭାରତୀୟ ସମ୍ବିଧାନର ୪୨ତମ ସଂଶୋଧନରେ 'ସମାଜବାଦୀ' ଶବ୍ଦକୁ ଯୋଡ଼ାଯାଇଥିଲା। ସେହି ଦୃଷ୍ଟିରୁ ରାୟ ଦେଇଥିବା ଜଣେ ପୂର୍ବତନ ବିଚାରପତିଙ୍କୁ ଆମେ ଭର୍ତ୍ସନା କରିପାରିବା କି ବୋଲି ଜଷ୍ଟିସ୍ ନାଗରତ୍ନା ପ୍ରଶ୍ନ କରିଛନ୍ତି। ଜଷ୍ଟିସ୍ ହୃଷୀକେଶ ରାୟ, ଜେ.ବି. ପର୍ଡିୱାଲା, ମନୋଜ ମିଶ୍ରା, ରାଜେଶ ବିନ୍ଦାଲ, ସତୀଶ ଚନ୍ଦ୍ର ଶର୍ମା ଏବଂ ଅଗଷ୍ଟାଇନ୍ ଜର୍ଜ ମନୀଷଙ୍କ ପାଇଁ ସିଜେଆଇ ଚନ୍ଦ୍ରଚୂଡ଼ ୧୯୩ ପୃଷ୍ଠା ସମ୍ବଳିତ ରାୟ ଲେଖିଥିବାବେଳେ ଜଷ୍ଟିସ୍ ଧୂଳିଆ ସମସ୍ତ ପ୍ରସଙ୍ଗରେ ଭିନ୍ନମତ ଦେଇଛନ୍ତି। ସଂଖ୍ୟାଗରିଷ୍ଠ ରାୟ ସମ୍ପତ୍ତି ଓ ସମ୍ବଳ ବଣ୍ଟନ ସମ୍ପର୍କିତ ଆଇନକୁ ବହୁଳ ଭାବେ ପ୍ରଭାବିତ କରିପାରେ। ବିଶେଷକରି ମହାରାଷ୍ଟ୍ରରେ ଲୋକଙ୍କ ପ୍ରତି ବିପଦ ସୃଷ୍ଟିକାରୀ ପୁରୁଣା କୋଠାଗୁଡ଼ିକର ସଂରକ୍ଷଣ ଏକ ବୃହତ୍ ପ୍ରସଙ୍ଗ ହୋଇଥିବାବେଳେ ସୁପ୍ରିମକୋର୍ଟଙ୍କ ରାୟକୁ ତାତ୍ପର୍ଯ୍ୟପୂର୍ଣ୍ଣ ମନେକରାଯାଉଛି।

## ଆୟ ଅସମାନତା...

ବ୍ୟବଧାନ ଏବେ ମଧ୍ୟ ପ୍ରବଳ ରହିଛି। ତେଣୁ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୩୮ ଓ ୩୯ ଉପରେ ପର୍ଯ୍ୟବସିତ ସିଦ୍ଧାନ୍ତକୁ ତ୍ୟାଗ କରିଦେବା ବିଜ୍ଞତା ନୁହେଁ। ୧୯୭୭ରେ ରଙ୍ଗନାଥ ରେଡ୍ଡୀ ମାମଲାରେ ଉକ୍ତ ୨ ଅନୁଚ୍ଛେଦ ଆଧାରରେ ୩ ବିଚାରପତି ରାୟ ଦେଇଥିଲେ। ତେଣୁ ସଂଖ୍ୟାଗରିଷ୍ଠ ରାୟକୁ ସେ ଗ୍ରହଣ କରିପାରୁନାହାନ୍ତି। ଏହାଦ୍ୱାରା ବ୍ୟବସ୍ଥାପିକାର ହାତ ବାନ୍ଧି ହୋଇଯିବ କହି ଜଷ୍ଟିସ୍ କ୍ରିଷ୍ଣା ଆୟାରଙ୍କ ରାୟକୁ ମାନବବାଦୀ ଓ ସମାନତା ପାଇଁ ଉଦ୍ଦିଷ୍ଟ ଥିବା ପ୍ରକାଶ କରିଛନ୍ତି।

## ସ୍କୁଲରେ ଅଗ୍ନି...

ନାହିଁ ତା'ର ରିପୋର୍ଟ ରାଜ୍ୟ ସରକାରଙ୍କ ପାଖରେ ନାହିଁ ବୋଲି ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟରୁ ଜଣାପଡ଼ିଛି। ଅଗ୍ନି ନିରାପତ୍ତା ସମ୍ପର୍କରେ ସରକାରଙ୍କ ପାଖରେ ସୂଚନା ନ ଥିବାରୁ ସବିଶେଷ ତଥ୍ୟ ଯୋଗାଇବାକୁ ଲୋକସେବା ଭବନରୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ପତ୍ର ସଂଖ୍ୟା ୨୩୦୪୪ରେ ଲେଖାଯାଇଥିଲା। ହେଲେ ନିର୍ଦ୍ଦେଶାଳୟ ପାଖରେ ତଥ୍ୟ ନ ଥିବାରୁ ଯୁଗ୍ମ ନିର୍ଦ୍ଦେଶକ ରାଜ୍ୟର ସମସ୍ତ ଜିଲା ଶିକ୍ଷା ଅଧିକାରୀଙ୍କୁ ପତ୍ର ସଂଖ୍ୟା.୨୮୫୮୭/ ୨୫।୯।୨୦୨୪ରେ ନିର୍ଦ୍ଧାରିତ ଅବଧି ୩୦ ଦିନ ମଧ୍ୟରେ ତଥ୍ୟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏବେସୁଦ୍ଧା କୌଣସି ଜିଲା ଶିକ୍ଷା ଅଧିକାରୀ ତଥ୍ୟ ପ୍ରଦାନ କରିବାରେ ସମର୍ଥ ହୋଇନାହାନ୍ତି। ତେଣୁ ସମ୍ପୃକ୍ତ ସୂଚନା ଅଧିକାର କର୍ମୀ ଏବେ ପ୍ରଥମ ଅପିଲ କରିଛନ୍ତି।

ସୂଚନା ଅନୁସାରେ, ୨୦୨୨ରେ ରାଜ୍ୟର ସମସ୍ତ ଉଚ୍ଚ ବିଦ୍ୟାଳୟକୁ ୫-ଟିରେ ରୂପାନ୍ତରୀକରଣ କରିବା ଲକ୍ଷ୍ୟରେ ତତ୍କାଳୀନ ସରକାର ବିଦ୍ୟାଳୟ ପିଛା ୪୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ମଞ୍ଜୁର କରିଥିଲେ। ଯେଉଁଠାରେ ଅଧିକ ଖର୍ଚ୍ଚ ଦରକାର, ସେଠାରେ ଗ୍ରାମପଞ୍ଚାୟତ ପାଣ୍ଠି, ଏମ୍‌ପି ଓ ବିଧାୟକଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ଭରଣା କରାଯିବ ବୋଲି ସରକାରଙ୍କ ନିର୍ଦ୍ଦେଶ ଥିଲା। ଏହିସବୁ ବିଦ୍ୟାଳୟରେ ଅତ୍ୟାଧୁନିକ ବୈଦ୍ୟୁତିକ ଯନ୍ତ୍ରାଂଶ ଲଗାଯାଇଛି। ନିୟମ ଅନୁଯାୟୀ, ୫-ଟି ସରକାରୀ ବିଦ୍ୟାଳୟରେ ଅଗ୍ନି ନିର୍ବାପନ ଯନ୍ତ୍ର ସହିତ ବାଲିକୁଣ୍ଡ ରଖିବା କଥା। ଏହି କାର୍ଯ୍ୟ ସରକାର ପାଳନ କରିଛନ୍ତି କି ନାହିଁ ସେ ସମ୍ପର୍କରେ ରାଜ୍ୟ ସରକାରଙ୍କୁ ତଥ୍ୟ ମଗାଯାଇଥିଲା। ହେଲେ ଏନେଇ କୌଣସି ସୂଚନା ସରକାରଙ୍କ ପାଖରେ ନାହିଁ ବୋଲି ବିଭାଗୀୟ ଅନୁଶାସନ ସଚିବ ବଳରାମ ସିଂହ ପତ୍ର ସଂଖ୍ୟା ୧୫୬୨୫/ଏସ୍‌ଏମ୍‌ଇ/୨୮।୬।୨୦୨୪ରେ ପ୍ରଥମେ ଜଣାଇଥିଲେ। ରାଜ୍ୟର କଟକ ଜିଲାର ସୂଚନା ସମ୍ପର୍କରେ ଶିକ୍ଷା ଅଧିକାରୀ ଡ. ସନ୍ତୋଷ କୁମାର ରାଉତଙ୍କୁ ପଚାରିବାରୁ, ସେ ପ୍ରଥମେ କୌଣସି ମତ ଦେବାକୁ ମନା କରିଥିଲେ ମଧ୍ୟ ପରେ ବିଦ୍ୟାଳୟଗୁଡ଼ିକରୁ ତଥ୍ୟ ସଂଗ୍ରହ କରି ଦିଆଯିବ ବୋଲି କହିଛନ୍ତି।

ଅନୁସନ୍ଧାନରୁ ଜଣାପଡ଼ିଛି, ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଡୁନ୍‌ମୁରା ସରଗୁଜିଷାନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନାହିଁ। ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ କହିଛନ୍ତି, ସୁନ୍ଦରଗଡ଼ ଜିଲାରେ କେବଳ ୨୧ଟି ମିଶନାରି ଓ ଘରୋଇ ପରିଚାଳନାରେ ପରିଚାଳିତ ବିଦ୍ୟାଳୟରେ ଏହି ବ୍ୟବସ୍ଥା ନାହିଁ। ହେଲେ ଜିଲା ପ୍ରଶାସନ ପକ୍ଷରୁ ଏହି ସବୁ ବିଦ୍ୟାଳୟରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ପାଇଁ ପଦକ୍ଷେପ ନିଆଯିବା ପାଇଁ ସ୍ଥିର ହୋଇଛି। ଖୁବ୍‌ଶୀଘ୍ର ଏହା କାର୍ଯ୍ୟକାରୀ ହେବ। ସେହିପରି ରାୟଗଡ଼ା ଜିଲା ଗୁଡ଼ାରି ବ୍ଲକ ଏମ୍‌କେରାଇ ଗ୍ରାମର ଡ. ଗିରିଧର ହାଇସ୍କୁଲରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନାହିଁ। କଟକ ସଦର ବ୍ଲକ ଅନ୍ତର୍ଗତ ରାମକୁମାର ପୁରସ୍ଥିତ ନାହାକାଣୀ ଉଚ୍ଚ ବିଦ୍ୟାଳୟ ଓ ଧରିଣା ଉଚ୍ଚବିଦ୍ୟାଳୟକୁ ୫-ଟି ରେ ଅନ୍ତର୍ଭୁକ୍ତ କରାଯାଇଥିଲେ ସୁଦ୍ଧା ଏଠାରେ ସରକାରଙ୍କ ପକ୍ଷରୁ ଆଜି ପର୍ଯ୍ୟନ୍ତ ଅଗ୍ନି ନିରାପତ୍ତା ଯନ୍ତ୍ର ଯୋଗାଇ ଦିଆଯାଇ ନାହିଁ। ଏଠାରେ କେବଳ ଶିକ୍ଷକମାନଙ୍କୁ କେବଳ ଦରମା ମିଳେ, ଆଉ କିଛି ସାହାଯ୍ୟ ନାହିଁ ବୋଲି ଜଣେ ଶିକ୍ଷକ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି। ମୟୂରଭଞ୍ଜ ଜିଲା କପ୍ତିପଦା ଉପଖଣ୍ଡର ସର୍ବପୁରାତନ ଉଦଳା ସରକାରୀ ଉଚ୍ଚ ବିଦ୍ୟାଳୟ ନବୀକରଣ ପାଇଁ ୫-ଟି ଯୋଜନାରେ ବ୍ୟାପକ ଅର୍ଥ ବ୍ୟୟ କରାଯାଇଥିଲା। ଏଠାରେ ଅଧ୍ୟୟନ କରୁଥିବା ପ୍ରାୟ ୪୫୦ରୁ ଊର୍ଦ୍ଧ୍ୱ ପିଲାଙ୍କ ନିମନ୍ତେ ଶିକ୍ଷା ଗ୍ରହଣ ନିମନ୍ତେ କମ୍ପ୍ୟୁଟର ଯୋଗାଇ ଦିଆଯାଇଥିଲା। ହେଲେ ଏହି କମ୍ପ୍ୟୁଟର ହଲ୍ ମଧ୍ୟରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନ ଥିବାବେଳେ କେବଳ ବନ୍ଦ ଘର ଭିତରେ କମ୍ପ୍ୟୁଟର ସାମଗ୍ରୀ ପଡ଼ି ରହିଛି। ସେହିଭଳି ଗୋପବନ୍ଧୁନଗର ବ୍ଲକ ଅଧୀନ ଜୟପୁର ପଞ୍ଚାୟତର ଯଇଦା ବାସୁଦେବ ଉଚ୍ଚ ବିଦ୍ୟାଳୟରେ ମଧ୍ୟ ସମାନ ଅବସ୍ଥା। ଏଠାରେ କମ୍ପ୍ୟୁଟର ହଲ୍ ମଧ୍ୟରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନ ଥିବା ଦେଖିବାକୁ ମିଳିଛି।

## ୨୫ରୁ ପାର୍ଲାମେଣ୍ଟର...

ସଂଶୋଧନ ବିଲ୍ ଏହି ଅଧିବେଶନରେ ଆସିପାରେ। ଏକ ସଙ୍ଗେ ଲୋକ ସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକର ନିର୍ବାଚନ କରାଇବା ଦିଗରେ ସରକାର କାମ କରୁଛନ୍ତି ବୋଲି ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ। ତେବେ ବିପକ୍ଷ ଦଳଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ବିଲ୍‌କୁ ବିରୋଧ କରିବାକୁ ଥିବାରୁ ଅଧିବେଶନରେ ହଙ୍ଗାମା ଜାରି ରହିବା ଆଶଙ୍କା କରାଯାଉଛି। ଶୀତ ଅଧିବେଶନ ଡାକିବା ପାଇଁ କେନ୍ଦ୍ର ସରକାରଙ୍କ ସୁପାରିସକୁ ରାଷ୍ଟ୍ରପତି ଅନୁମୋଦନ କରିଛନ୍ତି। ସମ୍ବିଧାନର ୭୫ତମ ବାର୍ଷିକୀ ଅବସରରେ ନଭେମ୍ବର ୨୬ରେ ଉଭୟ ଗୃହର ମିଳିତ ଅଧିବେଶନ ବସିବ। ୧୯୪୯ରେ ସମ୍ବିଧାନ ଗୃହୀତ ହୋଇଥିବା ସମ୍ବିଧାନ ସଦନର ସେଣ୍ଟ୍ରାଲ ହଲ୍‌ରେ ଏହି ମିଳିତ ଅଧିବେଶନ ଅନୁଷ୍ଠିତ ହେବ।

## ଆର୍‌ଡିସିସ୍ତରୀୟ ତଦନ୍ତ...

ଆଗାମୀ ଦିନରେ ଯେପରି ଏଭଳି ଘଟଣାର ପୁନରାବୃତ୍ତି ନ ହେବ ସେଥିପାଇଁ ମଧ୍ୟ ଆର୍‌ଡିସି ତଦନ୍ତ ପରେ ଆବଶ୍ୟକ ମତାମତ ଦେବେ ବୋଲି ସୂଚନା ମିଳିଛି। ରାଜ୍ୟ ସରକାର ଏହି ଘଟଣା ପରେ ଉକ୍ତ ଗାଁକୁ ଜିଲା ପ୍ରଶାସନ ଓ ଡାକ୍ତରୀ ଟିମ୍ ପଠାଇ ମୃତ୍ୟୁର କାରଣ ଯାଞ୍ଚ କରିଛନ୍ତି। ଫୁଡ୍ ପଏଜନିଂ କାରଣରୁ ମୃତ୍ୟୁ ହୋଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ଅନ୍ୟ ଆକ୍ରାନ୍ତଙ୍କୁ ସରକାରୀସ୍ତରରେ ଚିକିତ୍ସା ଯୋଗାଇ ଦିଆଯାଉଛି।

କନ୍ଧମାଳ ଜିଲାର ଦାରିଙ୍ଗବାଡ଼ି ବ୍ଲକ ଅନ୍ତର୍ଗତ ଗଦାପୁର ପଞ୍ଚାୟତର ମାଣ୍ଡିପଙ୍କା ଗାଁରେ ଆମ୍ବଟାକୁଆ ଖାଇ ମୃତ୍ୟୁ ହୋଇଥିବା ଘଟଣା ସରକାରଙ୍କ ଦୃଷ୍ଟିକୁ ଆସିବା ପରେ ଡାକ୍ତରୀ ଦଳ ଓ ଜିଲା ପ୍ରଶାସନର ଅଧିକାରୀମାନେ ନଭେମ୍ବର ୧ ତାରିଖରେ ସେହି ଗାଁକୁ ଯାଇ ତଦନ୍ତ କରିଥିଲେ। ସମସ୍ତ ଅସୁସ୍ଥ ବ୍ୟକ୍ତିଙ୍କୁ ପ୍ରଥମେ ବ୍ରାହ୍ମଣୀଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରବର୍ତ୍ତୀ ସମୟରେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇ ତୁରନ୍ତ ଚିକିତ୍ସା କରାଯାଇଥିଲା। ସେଠାରେ ୨ ଜଣ ମହିଳାଙ୍କର ମୃତ୍ୟୁ ହୋଇଥିଲା। ଆକ୍ରାନ୍ତଙ୍କୁ ଉତ୍ତମ ଚିକିତ୍ସା ଯୋଗାଇ ଦେବା ପାଇଁ କଟକ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

ଆକ୍ରାନ୍ତ ବ୍ୟକ୍ତିମାନେ ନିଜର ନିୟମିତ ଖାଦ୍ୟ ଭାବେ ପଖାଳ ଓ ଆମ୍ବଟାକୁଆ ଜାଉ କରି ଖାଇଥିଲେ। ଫୁଡ୍ ପଏଜନିଂ କାରଣରୁ ସେମାନେ ଅସୁସ୍ଥ ହୋଇପଡ଼ିଥିଲେ ବୋଲି ଜିଲା ପ୍ରଶାସନ ଓ ଡାକ୍ତରୀ ଦଳ ଯାଞ୍ଚ ପରେ ସରକାରଙ୍କୁ ରିପୋର୍ଟ ଦେଇଥିଲେ। ପ୍ରତ୍ୟେକ ମୃତ ବ୍ୟକ୍ତିଙ୍କ ପରିବାରକୁ ୩୦ହଜାର ଟଙ୍କା ଓ ଚିକିତ୍ସାଧୀନ ବ୍ୟକ୍ତିଙ୍କୁ ୧୦ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ଜିଲା ପ୍ରଶାସନ ପକ୍ଷରୁ ପ୍ରଦାନ କରାଯାଇଛି।

ତେବେ ଏହି ଘଟଣାକୁ ନେଇ ବିରୋଧୀ ଦଳ ସରକାରଙ୍କୁ ସମାଲୋଚନା କରିବାକୁ ପଛାଇ ନାହାନ୍ତି। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ମୃତଙ୍କ ପରିବାର ଚାଉଳ ନ ପାଇବାରୁ ଏଭଳି ଅଭାବନୀୟ ଘଟଣା ଘଟିଲା ବୋଲି ବିଜେଡି ଅଭିଯୋଗ କରିଛି। ଅନ୍ୟପକ୍ଷରେ କଂଗ୍ରେସ ଏହି ଘଟଣାରେ ମଙ୍ଗଳବାର ରାଜ୍ୟପାଳଙ୍କୁ ଭେଟି ପ୍ରଭାବିତ ଲୋକଙ୍କୁ ଉପଯୁକ୍ତ ନ୍ୟାୟ ଦେବା ପାଇଁ ଦାବି କରିଛି।

## ମହିଳା କହି ସ୍ୱର୍ଣ୍ଣ...

ଫେଡାଲା ଓ ଜାକ୍ସେସ୍ ୟଙ୍ଗ ନିଜ ରିପୋର୍ଟରେ ଏହା ଉଲ୍ଲେଖ କରିଛନ୍ତି। ଫ୍ରାନ୍ସ ଜର୍ନାଲିଷ୍ଟ ଜାଫର ଏଟ୍‌ଔଡିଆ ଲିକ୍ ହୋଇଥିବା ଏହି ରିପୋର୍ଟକୁ ଶେୟାର କରିଛନ୍ତି। ଆଲଜେରିଆର ହସ୍ପିଟାଲ ମହମ୍ମଦ ଲାମିନ୍ ଡେବାଘିନ୍ ଓ ଫ୍ରାନ୍ସର କ୍ରେମଲିନ୍ ବିସେଟ୍ରି ହସ୍ପିଟାଲର ମିଳିତ ସହଯୋଗରେ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ଖେଲିଫ୍ ୫-ଆଲ୍‌ଫା ଡେଫିସିଏନ୍ସିରେ ଆକ୍ରାନ୍ତ ବୋଲି ମଧ୍ୟ ଏହି ରିପୋର୍ଟରେ ଦର୍ଶାଯାଇଛି।

### ୫-ଆଲ୍‌ଫା ଡେଫିସିଏନ୍ସି କ'ଣ

ସାଧାରଣତଃ ପୁରୁଷଙ୍କ ନିକଟରେ ଏହି ସମସ୍ୟା ଦେଖାଦେଇଥାଏ। ଏହା ଏକ ଜେନେଟିକ୍ ସଂକ୍ରମଣ, ଯାହା କାରଣରୁ ପୁରୁଷ ଭାବରେ ଜନ୍ମ ନେଇଥିଲେ ମଧ୍ୟ ଯୌନାଙ୍ଗ ବିକଶିତ ହୋଇ ନ ଥାଏ। ଏପରିକି ଯୌନାଙ୍ଗ ଭିନ୍ନ ଆକାରରେ ମଧ୍ୟ ଦେଖିବାକୁ ମିଳିଥାଏ। ମୁଖ୍ୟତଃ ରକ୍ତ ସମ୍ପର୍କୀୟଙ୍କ ମଧ୍ୟରେ ବିବାହ ହୋଇଥିଲେ ଜନ୍ମିତ ଶିଶୁ ଏଭଳି ଜେନେଟିକ୍ ସମସ୍ୟାର ସମ୍ମୁଖୀନ ହେବାର ସମ୍ଭାବନା ଅଧିକ ରହିଥାଏ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏହି ସମସ୍ୟାରେ ପୀଡ଼ିତ ଥିବା ଖେଳିଫ୍‌ଙ୍କୁ ହରମୋନ୍ ଚିକିତ୍ସା ଓ ଅସ୍ତ୍ରୋପଚାର ପାଇଁ ରିପୋର୍ଟରେ ପରାମର୍ଶ ଦିଆଯାଇଛି।

ଇମେନ୍ ଖେଲିଫ୍ ପୁରୁଷ କି ମହିଳା ଏହା ଉପରେ ପ୍ରଥମ ଥର ପ୍ରଶ୍ନ ୨୦୨୩ରେ ଉଠିଥିଲା। ବିଶ୍ୱ ଚାମ୍ପିୟନଶିପ୍‌ରେ ତାଙ୍କୁ ଅଂଶଗ୍ରହଣର ସୁଯୋଗ ମିଳି ନ ଥିଲା। ଏହାକୁ ନେଇ ବିବାଦ ଜାରି ରହିଥିଲେ ମଧ୍ୟ ତାଙ୍କୁ ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ରେ ଅଂଶଗ୍ରହଣ କରିବାର ସୁଯୋଗ ମିଳିଥିଲା। ସେ ସମୟରେ ଏହି ନିଷ୍ପତ୍ତିକୁ ବିରୋଧ ମଧ୍ୟ କରାଯାଇଥିଲା। ଇଟାଲୀର ଆଞ୍ଜେଲା କାରିନିଙ୍କ ବିପକ୍ଷ ମ୍ୟାଚ୍‌କୁ ରେକର୍ଡ ୪୬ ସେକେଣ୍ଡରେ ଜିତିଥିଲେ ଖେଲିଫ୍। ଖେଲିଫ୍‌ଙ୍କ ପଞ୍ଚ୍ ଆଗରେ କାରିନି ତିଷ୍ଠି ପାରି ନ ଥିବା ବେଳେ ଏଭଳି ପଞ୍ଚ୍‌ର ସମ୍ମୁଖୀନ ସେ ଜୀବନରେ କେବେ ହୋଇ ନ ଥିବା ମଧ୍ୟ କହିଥିଲେ। ସୋସିଆଲ ମିଡିଆରେ ମହିଳା ଭାବରେ ଖେଲିଫ୍‌ଙ୍କ ଅଂଶଗ୍ରଗହଣକୁ ବିରୋଧ କରାଯାଇଥିଲା। ତେବେ ବିଭିନ୍ନ ଏଲ୍‌ଜିବିଟିକ୍ୟୁ+ ସମୁଦାୟ ପକ୍ଷରୁ ଖେଲିଫ୍‌ଙ୍କ ସମର୍ଥନ କରାଯାଇଥିଲା। ଅନ୍ତର୍ଜାତୀୟ ବକ୍ସିଂ ଆସୋସିଏଶନ(ଆଇବିଏ) ପକ୍ଷରୁ ଖେଲିଫ୍‌ଙ୍କୁ ବାସନ୍ଦ କରାଯାଇଥିବା ବେଳେ ଆଇଓସି ଏହାକୁ ହଟାଇଥିଲା। ଆଇବିଏ ଶରୀରରେ ହରମୋନ୍ ସ୍ତର ଓ ଟ୍ରାନ୍ସ ଆଥଲେଟଙ୍କ ପାଇଁ ରହିଥିବା ନିୟମ ଅନୁସାରେ ନିଷ୍ପତ୍ତି ନେଇଥାଏ। ତେବେ ଆଇଓସି ୨୦୧୬ରୁ ରହିଥିବା ଅଲିମ୍ପିକ୍ସ ନିୟମ ଅନୁସାରେ କେବଳ ପାସପୋର୍ଟରେ ରହିଥିବା ଲିଙ୍ଗଗତ ପରିଚୟକୁ ଦୃଷ୍ଟିରେ ରଖିଥାଏ। ତେଣୁ ଖେଲିଫ୍‌ଙ୍କୁ ଅଲିମ୍ପିକ୍ସରେ ଅଂଶଗ୍ରହଣର ସୁଯୋଗ ମିଳିଥିଲା ଏବଂ ସେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଏବେ ତାଙ୍କର ସ୍ୱର୍ଣ୍ଣ ପଦକ ପ୍ରତ୍ୟାହାର ପାଇଁ ବିଭିନ୍ନ ମହଲରୁ ଦାବି ଉଠିବା ଆରମ୍ଭ ହୋଇଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କର୍ମକ୍ଷେତ୍ରରେ ପ୍ରତିବନ୍ଧକଜନିତ ବିଷୟକୁ ନେଇ ଚିନ୍ତିତ ରହିପାରନ୍ତି। ମନରେ ଅସ୍ଥିରତା ଲାଗି ରହିବା କାରଣରୁ ଅନ୍ୟମାନଙ୍କ କଥାଗୁଡ଼ିକ ଠିକ୍ ଥିଲେ ମଧ୍ୟ ଆପଣଙ୍କୁ ଭଲ ଲାଗିବ ନାହିଁ। ଭୁଲ୍ ବୁଝାମଣା କାରଣରୁ ପାରିବାରିକ ଜୀବନରେ ଉତ୍ଥାନ ପତନ ଲାଗି ରହିବ। ଅର୍ଥାଭାବ ହେତୁ ଅଟକି ରହିଥିବା କାମଗୁଡ଼ିକ ସଂପୂର୍ଣ୍ଣ ନ ହୋଇପାରେ।

**ବୃଷ** ଘର ସକାଶେ, ଜମିଜମା କ୍ରୟ ହେତୁକ କିମ୍ବା ଯାନ୍ତ୍ରିକ ଜିନିଷ କ୍ଷେତ୍ରରେ କିଛି ଅର୍ଥ ବ୍ୟୟ କରିବାକୁ ବାଧ୍ୟ ହେବେ। କ୍ରୀଡ଼ା, ସଙ୍ଗୀତ, କଳା କିମ୍ବା ସାହିତ୍ୟ ଚର୍ଚ୍ଚାଦିରେ ସଫଳତା ପାଇପାରିବେ। ଆକସ୍ମିକ ଭାବରେ ମୋଟାଅଙ୍କର ଅର୍ଥ ଆବଶ୍ୟକ ହୋଇପାରେ। ପରିବାରରେ ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ବିଚଳିତ ହୋଇପାରନ୍ତି।

**ମିଥୁନ** ଚନ୍ଦ୍ର ଏବଂ ବୃହସ୍ପତିଙ୍କ ଷଡାଷ୍ଟକ ସ୍ଥିତିଜନିତ କୌଣସି କାମ ସୁବିଧାରେ ହେବ ନାହିଁ। ସାହାଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଥିବା ମିତ୍ରମାନେ ମତ ବଦଳାଇ ଅସହଯୋଗ କରିପାରନ୍ତି। ଘରେ ବନ୍ଧୁ ମିଳନ ଆମୋଦ ପ୍ରମୋଦର ସୁଅ ଛୁଟିବ। କଳା, ସାହିତ୍ୟ ଓ ଗୁରୁତ୍ୱପୂର୍ଣ୍ଣ କାମଗୁଡ଼ିକରେ ଉପଯୁକ୍ତ ଭାବେ ଫଳ ପାଇପାରିବେ।

**କର୍କଟ** ଲାଭସ୍ଥାନରେ ବୃହସ୍ପତି ରହିଥିବାରୁ ଆଜି ଆଶା ଓ ଅଭିଳାଷ ପୂରଣ ହେବ। ଦୀର୍ଘଦିନରୁ ଅପେକ୍ଷା କରିଥିବା ଖବରଟି ଆଜି ପାଇ ଖୁସି ହେବେ। ଶିଳ୍ପ, ସାମ୍ବାଦିକତା, ପରିବହନ, ବାଣିଜ୍ୟରେ ଲାଭ ଆଶାନୁରୂପ ପାଇପାରିବେ। ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। ସବୁ କଥାରେ ନରମି ରହି ପାରିଲେ ହିଁ ସୁଫଳ ପାଇବେ।

**ସିଂହ** ଶୁକ୍ର କେନ୍ଦ୍ରସ୍ଥାନରେ ବୁଧଙ୍କ ସହ ରହିଥିବାରୁ ଭୋଗବିଳାସ ଦିଗକୁ ସ୍ୱତଃ ମନ ଟାଣିହେବ। ଆଜି ବନ୍ଧୁଙ୍କ ସହାୟତାରେ ବିଭିନ୍ନ ସୂତ୍ରରୁ ଅର୍ଥଲାଭର ଯୋଗ ରହିଛି। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ କୌଣସି ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି। ଆଗାମୀ ସାଂସ୍କୃତିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବାକୁ ମନସ୍ଥ କରିବେ।

**କନ୍ୟା** ଭାଗ୍ୟସ୍ଥାନକୁ ଏକାଧିକ ଗ୍ରହ ଦେଖୁଥିବାରୁ ଆର୍ଥିକ ଉନ୍ନତି, କାର୍ଯ୍ୟସିଦ୍ଧିଜନିତ ଉତ୍‌ଫୁଲ୍ଲିତ ରହିବେ। ଶନିଙ୍କ ସ୍ଥିତିଜନିତ ପାରିବାରିକ ଅଶାନ୍ତି କ୍ଷେତ୍ରରେ ଭୁଲ୍ ବୁଝାମଣା ପ୍ରଧାନ କାରଣ ହେବ। ବନ୍ଧୁଙ୍କ ସହ ଭାଙ୍ଗି ପଡ଼ିଥିବା ସମ୍ପର୍କ ଯୋଡ଼ି ହୋଇଯାଇପାରେ। ଅବଶ୍ୟ ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହେବ, ତଥାପି କାମ ଅଟକିବ ନାହିଁ।

**ତୁଳା** ରାଶିରେ ବଳହୀନ ରବିଙ୍କ ଯୋଗୁ ପାଇବାକୁଥିବା ଜିନିଷ ମିଳିବା କଷ୍ଟକର ହେବ। ଶୁକ୍ରଙ୍କ ପ୍ରଭାବରେ ଦୈହିକ ସୁସ୍ଥତା ଅକ୍ଷୁଣ୍ଣ ରଖିବା ସହ ଖୁସିରେ ରଖିବାର ସୁସ୍ଥ ପରିବେଶ ସୃଷ୍ଟି କରିବ। ଖଳ ଲୋକଙ୍କ ଦ୍ୱାରା କର୍ମକ୍ଷେତ୍ରରେ ଗୁଜବ ପ୍ରଚାର ମନକୁ ଭାରାକ୍ରାନ୍ତ କରିବ। ବନ୍ଧୁଙ୍କ ଅନୁରୋଧ କ୍ରମେ ଦେବାର୍ଚ୍ଚନା ପାଇଁ ମନ ବଳାଇପାରନ୍ତି।

**ବିଛା** ବୃହସ୍ପତିଙ୍କ ସୁପ୍ରଭାବରେ ନୂଆ, ନୂଆ କାମ ପାଇଁ ମନରେ ଉତ୍ସୁକତା ଲାଗିରହିବ। ଗତକାଲିଠାରୁ ଆପଣ ଯେଉଁ କାମରେ ହାତ ଦେଇଛନ୍ତି ସେଥିରେ କୃତକାର୍ଯ୍ୟ ଅବଶ୍ୟ ହେବେ। ଲେଖା ପଢ଼ାରୁ, କଳା, ସାହିତ୍ୟରେ ଓ ଅଭିନୟ କ୍ଷେତ୍ରରୁ ପ୍ରଶଂସା ପାଇବେ। ଯେଉଁ ବିବାଦୀୟ ଘଟଣା ପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ।

**ଧନୁ** ଷଷ୍ଠସ୍ଥ ଗୁରୁଜନିତ ସ୍ୱାସ୍ଥ୍ୟ ଓ କର୍ମହାନି ସଙ୍ଗକୁ ବିବାଦୀୟ ସ୍ଥିତି ମଧ୍ୟରେ ଅଣନିଃଶ୍ୱାସୀ ହୋଇପାରନ୍ତି। ବନ୍ଧୁଙ୍କ ପ୍ରେରଣାରେ ନୂତନ କାମର ପରିକଳ୍ପନା କରିବେ। ଖର୍ଚ୍ଚଭାର ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ପାରିବାରିକ ସମସ୍ୟା ସୁଧାରି ନେବାରେ ବନ୍ଧୁ ସାହାଯ୍ୟ କରିବେ। ଶିଳ୍ପ, ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗି ରହିବ।

**ମକର** ସପ୍ତମାଧିପତି ଚନ୍ଦ୍ର କର୍ମସ୍ଥାନରେ ଅବସ୍ଥାନ କରିଥିବାରୁ ଅଭିଳଷିତ ଫଳ ପାଇବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ଅସହଯୋଗ ମନରେ ଭାବାନ୍ତର ସୃଷ୍ଟି କରିବ। ମଙ୍ଗଳଙ୍କ ଦୁର୍ବଳତାରୁ ସ୍ୱାସ୍ଥ୍ୟ ବିଗିଡ଼ିପାରେ କିନ୍ତୁ ବିଶେଷ ଅସୁବିଧା ହେବନାହିଁ। ବନ୍ଧୁଙ୍କ ସହାୟତାରେ ଭାଙ୍ଗିପଡ଼ିଥିବା ସମ୍ପର୍କ ପୁନଃ ପ୍ରତିଷ୍ଠିତ ହେବେ। ଟେନସନ୍ ଲାଗି ରହିପାରେ।

**କୁମ୍ଭ** ରାଶ୍ୟାଧିପତି ନିଜ ରାଶିରେ ଥିବାରୁ ପ୍ରତ୍ୟେକ ଦିଗରୁ ଦିନଟି ଭଲରେ ଅତିବାହିତ ହେବ। ପିଲାଙ୍କର କିଛି ସମସ୍ୟା ଓ ପରିବାରରେ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ବନ୍ଧୁଙ୍କ ଉପରେ ବୃଥା ସନ୍ଦେହ କରନ୍ତୁ ନାହିଁ, ଯାହାଦ୍ୱାରା ଲାଭ ବଦଳରେ କ୍ଷତି ହିଁ ହେବ। ଜମିଜମା, କଳ କାରଖାନା, ପରିବହନରେ ସମସ୍ୟା କ୍ରମଶଃ ଜଟିଳ ହେବ।

**ମୀନ** ବୃହସ୍ପତି ଭାଗ୍ୟସ୍ଥାନକୁ ଅବଲୋକନ କରୁଥିବାରୁ ପ୍ରତ୍ୟେକ ଦିଗରୁ ଅନୁକୂଳ ବାତାବରଣ ସୃଷ୍ଟି ହେବ। ଏକାଧାରେ ଅର୍ଥ, ସମ୍ମାନ ବିଭିନ୍ନ କ୍ଷେତ୍ରରୁ ଲାଭ କରିବାର ସୁଯୋଗ ପାଇବେ। ବନ୍ଧୁ ମିଳନ ସଙ୍ଗକୁ ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ ପରିବହନାଦି ମଧ୍ୟ ଭଲରେ ଚାଲିବ। ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିବାର ଆଶଙ୍କା ରହିଛି।

ଆଜି ନଭେମ୍ବର ୬ ତାରିଖ, କାର୍ତ୍ତିକ ଶୁକ୍ଳ ୫ମୀ ବୁଧବାର, ପଣ୍ଡିତ ନୀଳକଣ୍ଠ ଦାସଙ୍କ ତିରୋଧାନ ଦିବସ, ରାଶିନକ୍ଷତ୍ର-ଦିବା ଘ.୧୦.୫୯ମି. ମି, ଗତେ ପୂର୍ବାଷାଢ଼ା/ଧନୁ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୫୪ମି. ଗତେ ଘ.୦୮.୦୮ମି. ମଧ୍ୟେ, ଘ.୧୦.୨୨ମି. ଗତେ ଘ.୧୧.୩୦ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୩୦ମି. ଗତେ ଘ.୧୨.୫୪ମି. ମଧ୍ୟେ ରାହୁ କାଳ।

# ଓଡ଼ିଶାର ସବୁଜ ସ୍ୱର



ଗୋଲ୍ଡି ଦାସ, ଅଭିନେତା



ପ୍ରୀତମ ନାୟକ, ଫ୍ୟାଶନ ଡିଜାଇନର



ସବିଶେଷ ମିଶ୍ର, କଣ୍ଠଶିଳ୍ପୀ



ରାଲି ନନ୍ଦ, ଅଭିନେତ୍ରୀ

ସବୁଜ ଓଡ଼ିଶା ଲାଗି ନିରନ୍ତର ପ୍ରଚେଷ୍ଟାରେ ଧରିତ୍ରୀ ଓ ରାଜ୍ୟ ଯୁବଶକ୍ତି ସହ ମୁଁ ବି ସାମିଲ...

# ସବୁଜ ଓଡ଼ିଶା ପାଇଁ ଯୁବଶକ୍ତି



ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ, ଢେଙ୍କାନାଳ



ପ୍ରଗତି ସାଇନ୍ସ ହାୟର ସେକେଣ୍ଡାରି ସ୍କୁଲ, ଭବାନୀପାଟଣା



ସରକାରୀ ମହିଳା ମହାବିଦ୍ୟାଳୟ, ବାରିପଦା



ପାର୍ବତୀଗିରି ମହିଳା ମହାବିଦ୍ୟାଳୟ, ବରଗଡ଼

ସବୁଜ ଓଡ଼ିଶା ପାଇଁ ପ୍ରତିଶ୍ରୁତିବଦ୍ଧ ଧରିତ୍ରୀ ସହ ଆମେ...



## ୧୦ରେ 'ଅନ୍ତର୍ଜାତୀୟ ଶ୍ରୀଅନ୍ନ, ବିସ୍ମୃତ ଖାଦ୍ୟ ସମ୍ମିଳନୀ'

ଭୁବନେଶ୍ୱର,୫।୧୧ (ଅନିଲ ଦାସ)

ନଭେମ୍ବର ୧୦ ଓ ୧୧ ତାରିଖରେ ଲୋକସେବା ଭବନରେ ୨ ଦିନିଆ 'ଅନ୍ତର୍ଜାତୀୟ ଶ୍ରୀଅନ୍ନ ଏବଂ ବିସ୍ମୃତ ଖାଦ୍ୟ ସମ୍ମିଳନୀ' ଆୟୋଜିତ ହେବ। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଆୟୋଜିତ ହେବାକୁ ଥିବା ଏହି ସମ୍ମିଳନୀକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବେ। ଏଥିରେ 'ଓଡ଼ିଶାର ଅନ୍ନ ଓ କୃଷି ଐତିହ୍ୟ' ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋଚନା କରାଯିବ। ଏଥିସହ ଖାଦ୍ୟ ନିରାପତ୍ତା ତଥା ଚିରନ୍ତନ କୃଷି ପଦ୍ଧତି ଏବଂ ବିସ୍ମୃତ ଖାଦ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପ୍ରୋତ୍ସାହନ ଦିଆଯିବ। ବିସ୍ମୃତ ଫସଲଗୁଡ଼ିକ ଜଳବାୟୁ ପରିବର୍ତ୍ତନ, ଚିରନ୍ତନ ଚାଷ ପଦ୍ଧତିରେ ସହାୟତା ଏବଂ ପୌଷ୍ଟିକତା ବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ସେମଧ୍ୟରୁ ଅନେକ ଫସଲ ମରୁଡ଼ି ସହନଶୀଳ ଏବଂ କୀଟନାଶକକୁ ପ୍ରତିରୋଧ କରିବାର କ୍ଷମତା ରଖିଥାଏ। ଓଡ଼ିଶାର ପାରମ୍ପରିକ ଶସ୍ୟଗୁଡ଼ିକ ଏହି ଫସଲ ସହିତ ଜଡ଼ିତ, ଯାହା ଯେକୌଣସି ପରିବେଶରେ ଖାପଖୁଆଇ ଭଲ ଭାବେ ବଢ଼ିପାରେ। ଶ୍ରୀଅନ୍ନ ଏବଂ ବିସ୍ମୃତ ଖାଦ୍ୟ ସମ୍ମିଳନୀ ବିଷୟରେ ସୂଚନା ଦେଇ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି, ଆମେ ନିଜର ଦୈନନ୍ଦିନ ଜୀବନରେ ଶ୍ରୀଅନ୍ନ ଏବଂ ବିସ୍ମୃତ ଖାଦ୍ୟକୁ ସାମିଲ କରି ଓଡ଼ିଶାର କୃଷି ଐତିହ୍ୟକୁ ସୁରକ୍ଷା ଦେବା ସହ ନିଜକୁ ସୁସ୍ଥ ରଖିପାରିବା। ଏହି ସମ୍ମିଳନୀ ମାଧ୍ୟମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, କୃଷକ ଉତ୍ପାଦକ ସଂଗଠନ, ନୀତି ନିର୍ଦ୍ଧାରକ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀ, ଗବେଷଣା ପ୍ରତିଷ୍ଠାନ, ସ୍ୱାସ୍ଥ୍ୟ ଅନୁଷ୍ଠାନ, ହୋଟେଲ ଆସୋସିଏଶନ୍, ସେଫ୍ ସଙ୍ଗଠନ, ବ୍ଲଗର୍ ଏବଂ ଛାତ୍ରଙ୍କ ସମେତ ବହୁ ହିତାଧିକାରୀଙ୍କୁ ସାମିଲ କରାଯାଇ ଶ୍ରୀଅନ୍ନ ଏବଂ ବିସ୍ମୃତ ଖାଦ୍ୟକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯିବ। ଏଥିରେ ଶ୍ରୀଅନ୍ନ, ବିଲୁପ୍ତପ୍ରାୟ ଶସ୍ୟ ଓ ଖାଦ୍ୟ ସହିତ ଜଡ଼ିତ କୃଷକ ସମ୍ପ୍ରଦାୟଙ୍କ ଦ୍ୱାରା ଅଭିନବ ତଥା ଚିରନ୍ତନ କୃଷି ପଦ୍ଧତି, ଜୈବବିବିଧତା, ସଂରକ୍ଷଣକୁ ପ୍ରାଧାନ୍ୟ, ବ୍ୟବସାୟୀକରଣ ସୁଯୋଗ ଏବଂ ନୀତିଗତ ଦୃଷ୍ଟିକୋଣ ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ। ଏହି ସମ୍ମିଳନୀରେ ଖାଦ୍ୟ ଓ କୃଷି ସଙ୍ଗଠନ, ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ, ଏସିଆ ପାସିଫିକ୍ ଆସୋସିଏଶନ୍ ଅଫ୍ ଏଗ୍ରିକଲଚରାଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଶନ୍, ଜାତୀୟ ଉଦ୍ଭିଦ ଆନୁବଂଶିକ ସମ୍ବଳ କେନ୍ଦ୍ର, କେନ୍ଦ୍ରୀୟ କନ୍ଦ ଫସଲ ଗବେଷଣା ପ୍ରତିଷ୍ଠାନ, ଜାତୀୟ ପୋଷଣ ସଂସ୍ଥାନ, ଏମ୍.ଏସ୍. ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନ, ଅନ୍ତର୍ଜାତୀୟ ଖାଦ୍ୟ ନୀତି ଗବେଷଣା ପ୍ରତିଷ୍ଠାନ, ଉଦ୍ଭିଦ କିସମ ଓ କୃଷକ ଅଧିକାର ସୁରକ୍ଷା ପ୍ରାଧିକରଣ ଆଦି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରୀୟ ସଙ୍ଗଠନର ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଅଂଶଗ୍ରହଣ କରିବେ। ସମ୍ମିଳନୀରେ ଶ୍ରୀଅନ୍ନ ଓ ବିଲୁପ୍ତପ୍ରାୟ ଫସଲ ଚାଷ, ଏହାର ପ୍ରକ୍ରିୟାକରଣ ଓ ପ୍ରୋତ୍ସାହନ ଆଧାରିତ ବିଭିନ୍ନ ବିଷୟବସ୍ତୁକୁ ନେଇ ୧୧ଟି ଅଧିବେଶନ ଅନୁଷ୍ଠିତ ହେବ। ଏଥିସହିତ ଶ୍ରୀଅନ୍ନ ଓ ବିଲୁପ୍ତପ୍ରାୟ ଫସଲର ପ୍ରକ୍ରିୟାକରଣ, ଜୈବିକ ଚାଷ ପଦ୍ଧତି ଆଦିକୁ ନେଇ ହେବାକୁ ଥିବା ଅଧିବେଶନ ଅଭିନବ ଓ ତୃଣମୂଳ ସ୍ତରର ଅଂଶୀଦାରିତାକୁ ସୁନିଶ୍ଚିତ କରିବ। 'ଉଦ୍ଭିଦ କିସମ ଓ କୃଷକ ଅଧିକାର ଆଇନ ସୁରକ୍ଷା', ଯୋଜନାର ନିର୍ଦ୍ଦେଶାବଳୀ-'ଓଡ଼ିଶାରେ ବିସ୍ମୃତ ଖାଦ୍ୟ ଓ ବିଲୁପ୍ତପ୍ରାୟ ଶସ୍ୟର ପୁନରୁଦ୍ଧାର ଓ ଏହାର ସ୍ଥାୟିତ୍ୱ' ଏବଂ 'ବିସ୍ମୃତ ଖାଦ୍ୟର ମହକ-ଓଡ଼ିଶାର ଖାଦ୍ୟ ସମ୍ଭାର' ଶୀର୍ଷକ ରନ୍ଧନ ପୁସ୍ତକ ଉନ୍ମୋଚନ କରାଯିବ। ଏହି ପ୍ରକାଶନୀଗୁଡ଼ିକ କୃଷକ ଏବଂ ଜନଜାତି ସମ୍ପ୍ରଦାୟଙ୍କୁ ଚିରନ୍ତନ କୃଷି ପଦ୍ଧତି ସମ୍ପର୍କରେ ଅବଗତ କରାଇବାରେ ସହାୟକ ହେବ।

## ପଞ୍ଚାୟତ କାର୍ଯ୍ୟାଳୟରେ ବିଡିଓଙ୍କୁ ତାଲା

### ପିଡିଏସ୍ ଚାଉଳ ଓଜନରେ କମ୍

ବେତନଟୀ,୫।୧୧(ଧରଣୀଧର ମହାନ୍ତି)

ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଅଧୀନ ନଡ଼ପୁର ପଞ୍ଚାୟତରେ ମଙ୍ଗଳବାର ପିଡିଏସ୍ ଚାଉଳ କମ୍ ଦିଆଯିବାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ହିତାଧିକାରୀମାନେ ଯାଞ୍ଚ ପାଇଁ ଆସିଥିବା ବିଡିଓ ଏବଂ ବ୍ଲକ କର୍ମଚାରୀମାନଙ୍କୁ ପଞ୍ଚାୟତ କାର୍ଯ୍ୟାଳୟ ମଧ୍ୟରେ ପୂରାଇ ତାଲା ପକାଇ ଦେଇଥିଲେ। ୪ ଘଣ୍ଟା ଅଟକ ରହିବା ପରେ ପୋଲିସ ସମସ୍ତଙ୍କୁ ଉଦ୍ଧାର କରିଥିଲା। ସୂଚନା ଅନୁଯାୟୀ, ଗତ ଶନିବାର ନଡ଼ପୁର ପଞ୍ଚାୟତରେ ବ୍ଲକ ଯୋଗାଣ ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ପଞ୍ଚାୟତ ଯୋଗାଣ ସହାୟିକା ଜୟସ୍ମିତା କବାଟ ଚାଉଳ ବଣ୍ଟନ କରିଥିଲେ। ଏହି ପଞ୍ଚାୟତ ଅଧୀନ ସିଲିପୁରିଆ ଗ୍ରାମର ରାୟମତ ମାଝୀ ତାଙ୍କ ରାଶନ କାର୍ଡରେ ୧୦୫ କି.ଗ୍ରା. ଚାଉଳ ନେଇଥିବା ବେଳେ ଅନ୍ୟ ଏକ ମେଶିନରେ ଓଜନ କରିବାରୁ ତାହା ୯୬.୪୦୦ ଗ୍ରାମ ହୋଇଥିଲା। ଏହା ପରେ ୧୦ରୁ ୧୫ ଜଣ ରାଶନ କାର୍ଡ ହିତାଧିକାରୀ ସେମାନଙ୍କ ଚାଉଳ ଓଜନ କରି ୫ରୁ ୧୨ କି.ଗ୍ରା. ପର୍ଯ୍ୟନ୍ତ କମ୍ ରହିଥିବା ଜାଣିବାକୁ ପାଇଥିଲେ। ଫଳରେ ସେଠାରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଯୋଗାଣ ସହାୟିକା ସନ୍ତୋଷଜନକ ଉତ୍ତର ଦେଇ ପାରି ନ ଥିଲେ। ଅଭିଯୋଗ ପାଇ ବେତନଟୀ ଏବିଡିଓ ଗଗନ ବିହାରୀ ବେହେରା, ଜିପିଓ ସବ୍ୟସାଚୀ ଦାସ ତଦନ୍ତ ପାଇଁ ଯାଇଥିଲେ ମଧ୍ୟ ସମାଧାନର ବାଟ ବାହାରି ପାରି ନ ଥିଲା। ଅଧିକାରୀମାନେ ପଞ୍ଚାୟତ ଅଫିସର ଚାଉଳ ଗୋଦାମକୁ ସିଲ୍ କରି ବିଡିଓଙ୍କୁ ଅବଗତ କରିବେ କହି ପଳାଇ ଆସିଥିଲେ। ମଙ୍ଗଳବାର ବିଡିଓ ଗୋପୀନାଥ ଖାଖା, ଏବିଡିଓ ବେହେରା, ଜିପିଓ ଦାସ, ବାରିପଦାରୁ ଆସିଥିବା ମାପ ଓ ଓଜନ ବିଭାଗ ଅଧିକାରୀ ଏବଂ ବ୍ଲକ କର୍ମଚାରୀମାନେ ତଦନ୍ତ ପାଇଁ ଯାଇଥିଲେ। ତେବେ ଯାଞ୍ଚ ବେଳେ ଅଭିଯୋଗକାରୀ ଓ ତଦନ୍ତ ଅଧିକାରୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଅଧିକାରୀମାନେ ଘଟଣାର ସମାଧାନ କରି ନ ପାରିବାରୁ ହିତାଧିକାରୀମାନେ ସେମାନଙ୍କୁ ଅଟକ ରଖି ଅସନ୍ତୋଷ ଜାହିର କରିଥିଲେ।


ହିତାଧିକାରୀମାନେ ପଞ୍ଚାୟତ ଅଫିସରେ ତାଲା ପକାଇଛନ୍ତି।

## 'ରାଜ୍ୟ, କେନ୍ଦ୍ର ଯୋଜନାର ନିୟମିତ ତଦାରଖ ଓ ସମୀକ୍ଷା କର'

### ସଚିବମାନଙ୍କୁ ମୁଖ୍ୟ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୫।୧୧(ସୁନିତ୍ ମିଶ୍ର)

ଓଡ଼ିଶାରେ କାର୍ଯ୍ୟକାରୀ ହେଉଥିବା ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସଫଳ କାର୍ଯ୍ୟକାରିତା ନିମନ୍ତେ ସଚିବମାନେ ନିୟମିତ ସମୀକ୍ଷା ଓ ତଦାରଖ କରିବେ। ଏହାସହ ଜନସାଧାରଣଙ୍କୁ ସେବା ପ୍ରଦାନରେ ତ୍ୱରିତ ପଦକ୍ଷେପ ନେବା ଜରୁରୀ ବୋଲି ସବୁ ସଚିବଙ୍କୁ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ସଚିବସ୍ତରୀୟ ବୈଠକ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗୃହ, ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂଙ୍କ ସମେତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ ଏବଂ କମିଶନର ତଥା ଶାସନ ସଚିବମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ଏହି ଅବସରରେ ମୁଖ୍ୟ ଶାସନ ସଚିବ ବିଭିନ୍ନ ଯୋଜନାର କାର୍ଯ୍ୟାନ୍ୱୟନ ଅଗ୍ରଗତି ସମ୍ପର୍କରେ ଗୁରୁତ୍ୱଦେବା ସହ ୨୦୨୪-୨୫ ଆର୍ଥିକ ବର୍ଷରେ ବଜେଟ ଅନୁମୋଦନ ଅନୁସାରେ ଧାର୍ଯ୍ୟ ଲକ୍ଷ୍ୟ ମୁତାବକ କାର୍ଯ୍ୟକରି କାର୍ଯ୍ୟକ୍ରମ ବ୍ୟୟ ତ୍ୱରାନ୍ୱିତ କରିବାକୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ସେହିଭଳି କେନ୍ଦ୍ରୀୟ ଅନୁଦାନ ଅର୍ଥର କାର୍ଯ୍ୟକାରିତା ଏବଂ ଖର୍ଚ୍ଚ ସଂକ୍ରାନ୍ତରେ ମଧ୍ୟ ଆଲୋଚନା କରାଯାଇଛି। ଏହାଛଡ଼ା ବିଭିନ୍ନ ବିଭାଗରେ ଖାଲି ପଡ଼ିଥିବା ପଦବୀ ପୂରଣ ଲାଗି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ନିଆଯାଇଥିବା ପଦକ୍ଷେପ, 'ଭିଜନ ଡକ୍ୟୁମେଣ୍ଟ ବିକଶିତ ଓଡ଼ିଶା-୨୦୩୬ ଏବଂ ବିକଶିତ ଭାରତ-୨୦୪୭ ସମ୍ପର୍କିତ ପ୍ରସ୍ତାବ ଗ୍ରହଣ, ଓଡ଼ିଶା ଲୋକସେବା ଅଧିକାର ଅଧିନିୟମ ଅଧୀନରେ ପ୍ରଦାନ କରାଯାଉଥିବା ବିଭିନ୍ନ ସେବାକୁ ଗୁରୁତ୍ୱ ଦେଇ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନିଆଯିବା ଏବଂ ଅବସର ଗ୍ରହଣ ଦିନ ଯେପରି ସରକାରୀ କର୍ମଚାରୀ ଚୂଡ଼ାନ୍ତ ପେନ୍‌ସନ ପାଇପାରିବେ, ସେଥିଲାଗି ଆବଶ୍ୟକ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ପ୍ରକ୍ରିୟା ଉପଯୋଗରେ ସୁବ୍ୟବସ୍ଥା କରାଯିବା ସମ୍ପର୍କରେ ବିଶଦ ଆଲୋଚନା କରାଯାଇଛି। ସେହିପରି ସମବାୟ କ୍ଷେତ୍ରରେ ମାର୍କେଟିଂ ସୁବିଧା ପାଇଁ ଆବଶ୍ୟକ ବ୍ୟବସ୍ଥା, ବିଭିନ୍ନ ସରକାରୀ ପ୍ରକଳ୍ପ କାର୍ଯ୍ୟାନ୍ୱୟନରେ ସବୁ ସ୍ତରରେ ସ୍ୱଚ୍ଛତା ରକ୍ଷା ସହ କାର୍ଯ୍ୟ ସମ୍ପାଦନ କରିବାକୁ ଗୁରୁତ୍ୱ, ବିଭିନ୍ନ ଯୋଜନାରେ ହିତାଧିକାରୀଙ୍କୁ ଅର୍ଥ ବା ସବ୍‌ସିଡି ଅର୍ଥ ସିଧାସଳଖ ଅନ୍‌ଲାଇନ ଜରିଆରେ ପ୍ରେରଣ କରାଯିବା, ସୁଭଦ୍ରା ଯୋଜନା ପ୍ରଥମ କିସ୍ତିର ୩ୟ ପର୍ଯ୍ୟାୟ ଅର୍ଥ ପ୍ରେରଣ ସମ୍ପର୍କରେ ଆଲୋଚନା କରାଯାଇଛି। ଗ୍ରାମୀଣ ଓ ରାଜ୍ୟ ରାଜପଥ ରାସ୍ତା ନିର୍ମାଣ, ସହରାଞ୍ଚଳ ବିକାଶ ସମେତ ବୟନଶିଳ୍ପ, ଶିଳ୍ପ ଓ ଆନୁଷଙ୍ଗିକ ଶିଳ୍ପ, ସୂଚନା ଓ ପ୍ରଯୁକ୍ତି ବିଦ୍ୟା, ପର୍ଯ୍ୟଟନ ଆଦି ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସମ୍ପର୍କରେ ଆଲୋଚନା କରାଯାଇଛି।



> ହେ ସୃଷ୍ଟିକର୍ତ୍ତା ପରମେଶ୍ୱର ! ତୁମର ଶକ୍ତି କେତେ ବିଶାଳ ! ତୁମ ଆନନ୍ଦର ଗୋଟିଏ ମାତ୍ର କଣା, ଆମକୁ ଘେରି ରହିଥିବା ସମସ୍ତ ଅନ୍ଧକାର, ସମସ୍ତ ଦୁଃଖ ପୋଛି ଦେଇପାରିବ। ତୁମ ମହିମାର ଗୋଟିଏ ମାତ୍ର ରଶ୍ମି, ନିସ୍ତେଜ ଉପଖଣ୍ଡକୁ ପ୍ରଭାମୟ କରିଦେଇପାରେ ଏବଂ ଚରମ ଅଜ୍ଞାନତାକୁ ମଧ୍ୟ ଉଦ୍‌ଭାସିତ କରିଦେଇପାରେ। –ଶ୍ରୀମା

# ଅପରାଧୀଙ୍କୁ ଘୋଡ଼ାଉଛି ଏସ୍‌ସିବି

ନିକଟରେ ଓଡ଼ିଶାର ବ୍ରହ୍ମପୁରସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ଏକ ରାଗିଂ ଘଟଣାରେ ୫ ଜଣ ଛାତ୍ରଙ୍କୁ ହଷ୍ଟେଲରୁ ତଡ଼ିଦିଆଯିବା ସହ ୬ ମାସ ପାଇଁ ସେମାନଙ୍କୁ କ୍ୟାମ୍ପସ ବାହାରେ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଚତୁର୍ଥ ବର୍ଷର ଏହି ୫ ଜଣ ଛାତ୍ର ହେଲେ କିରଣ କୁମାର ସୋରେନ, ଲଳିତ ମୋହନ ରଥ, ନିକୁଞ୍ଜ ବିହାରୀ ରାଉତରାୟ, ସଞ୍ଜୟ ମୁର୍ମୁ ଏବଂ ବିଶ୍ୱକାନ୍ତ ଗୁରୁ। ଏଭଳି ମାନସିକତା ପୋଷଣ କରୁଥିବା ଛାତ୍ର ପରବର୍ତ୍ତୀ ସମୟରେ କେଉଁ ପ୍ରକାର ଚିକିତ୍ସକ ହୋଇ ବାହାରିବେ ତାହା ଏବେଠାରୁ ଅନୁମାନ କରିହେଉଛି। ଏହି ଛାତ୍ରମାନେ ଦ୍ୱିତୀୟ ବର୍ଷ ଛାତ୍ରଙ୍କୁ ରାଗିଂ କରିଥିଲେ। ଏଭଳି କାର୍ଯ୍ୟାନୁଷ୍ଠାନକୁ ସପ୍ତାହେ ନ ପୂରୁଣୁ କଟକର ଶ୍ରୀରାମ ଚନ୍ଦ୍ର ଭଞ୍ଜ(ଏସ୍‌ସିବି) ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ନଭେମ୍ବର ୩ରେ ଏକ ରାଗିଂ ଅଭିଯୋଗ ସାମ୍ନାକୁ ଆସିଲା। ଏହି ଘଟଣାରେ ଶେଷ ଅର୍ଥାତ୍ ଚତୁର୍ଥ ବର୍ଷର ଛାତ୍ରମାନେ ପ୍ରଥମ ବର୍ଷର ଜଣେ ଛାତ୍ରଙ୍କୁ ରାଗିଂ କରିଥିବା ଅଭିଯୋଗକୁ ଶିକ୍ଷାନୁଷ୍ଠାନର କର୍ତ୍ତୃପକ୍ଷ ଖଣ୍ଡନ କରିବା ସହ ଏହାକୁ ଭିତ୍ତିହୀନ ବୋଲି କହିଥିବା ଜଣାପଡ଼ିଛି। କର୍ତ୍ତୃପକ୍ଷଙ୍କ କହିବା ଅନୁଯାୟୀ, ମେଡିକାଲର ଶେଷବର୍ଷର ଛାତ୍ରୀଛାତ୍ରମାନେ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ନାମ, ଠିକଣା ବା ପରିଚୟ ସମ୍ପର୍କରେ ପଚାରିଥିଲେ, ଯାହା ଏକ ପରମ୍ପରା ଭାବେ ରହିଆସିଛି। ଏଭଳି ପରମ୍ପରାକୁ କାହିଁକି ପ୍ରୋତ୍ସାହନ ଦିଆଯାଉଛି ତାହା ବୁଝିବା ଅତ୍ୟନ୍ତ କଷ୍ଟକର। ଆଜିର ଯୁଗରେ କାହାରି ବ୍ୟକ୍ତିଗତ ତଥ୍ୟ ପଚାରିବାକୁ ଅନ୍ୟ କୌଣସି ବ୍ୟକ୍ତିଙ୍କର କ୍ଷମତା ନାହିଁ। ଏସ୍‌ସିବି ମେଡ଼ିକାଲ କଲେଜର କର୍ତ୍ତୃପକ୍ଷଙ୍କର ଏଭଳି ହାଲୁକା ମନୋଭାବ ଯୋଗୁ ଏବକାର ପରିସ୍ଥିତି ଉପୁଜିପାରିଛି। ହୁଏତ ସେହି ମନୋଭାବର ଆଢୁଆଳରେ ପୂର୍ବରୁ ମଧ୍ୟ ରାଗିଂ ଭଳି ଜଘନ୍ୟ ଅପରାଧ ମେଡିକାଲ କଲେଜରେ ଘଟି ଆସୁଥିଲା। ପୂର୍ବରୁ ଛାତ୍ରୀଛାତ୍ରଙ୍କର ନୀରବତା ଯୋଗୁ ତାହା ଲୋକଲୋଚନକୁ ଆସିପାରୁ ନ ଥିଲା। ଏବକାର ପରିସ୍ଥିତିରେ ମନୋବଳ ଥିବା ପିଲାଙ୍କର ପ୍ରତିବାଦ ଯୋଗୁ ଆଜି ପରିସ୍ଥିତି ପଦାରେ ପଡ଼ିଛି। ପୂର୍ବର ତ୍ରୁଟିକୁ ଘୋଡ଼ାଇବାକୁ ଯାଇ ଶିକ୍ଷାନୁଷ୍ଠାନର କର୍ତ୍ତୃପକ୍ଷ ରାଗିଂ କରୁଥିବା ଶେଷ ବର୍ଷର ଛାତ୍ରୀଛାତ୍ରଙ୍କୁ ସୁରକ୍ଷା ଦେବା ପାଇଁ ବାଧ୍ୟ ହେଉଛନ୍ତି। ଆରମ୍ଭରୁ କୌଣସି ପ୍ରକାରର ବେଆଇନ କାର୍ଯ୍ୟକୁ ସହିଯିବା ପରିବର୍ତ୍ତେ ଯଦି କଠୋର ପଦକ୍ଷେପ ନିଆଯାଇଥାଆନ୍ତା, ତେବେ ଆଜି ଏଭଳି ପରିସ୍ଥିତି ଉପୁଜି ନ ଥାଆନ୍ତା।

> **ସବୁଠୁ ଅଧିକ ଚିନ୍ତା ସୃଷ୍ଟି କରୁଛି ଏହି ନକାରାତ୍ମକ ମାନସିକତା ରଖିଥିବା ଏସ୍‌ସିବି କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା। ଦୋଷୀ ଛାତ୍ରଙ୍କୁ ସୁରକ୍ଷା ଦେବାକୁ ଯାଇ ଘଟଣାକୁ ଖଣ୍ଡନ କରିବା ଅତ୍ୟନ୍ତ ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରୁଛି। ସମୟ ଥିବା ଭିତରେ ସରକାରଙ୍କ ତରଫରୁ ଏ ସମ୍ପର୍କରେ ଅନୁସନ୍ଧାନକରି ସମ୍ପୃକ୍ତ ଛାତ୍ରଙ୍କ ସମେତ ସେହି ଅପରାଧକୁ ଘୋଡ଼ାଉଥିବା କର୍ତ୍ତୃପକ୍ଷଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଦରକାର।**

ସବୁଠୁ ଅଧିକ ଚିନ୍ତା ସୃଷ୍ଟି କରୁଛି ଏହି ନକାରାତ୍ମକ ମାନସିକତା ରଖିଥିବା ଏସ୍‌ସିବି କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା। ଦୋଷୀ ଛାତ୍ରଙ୍କୁ ସୁରକ୍ଷା ଦେବାକୁ ଯାଇ ଘଟଣାକୁ ଖଣ୍ଡନ କରିବା ଅତ୍ୟନ୍ତ ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରୁଛି। ସମୟ ଥିବା ଭିତରେ ସରକାରଙ୍କ ତରଫରୁ ଏ ସମ୍ପର୍କରେ ଅନୁସନ୍ଧାନକରି ସମ୍ପୃକ୍ତ ଛାତ୍ରଙ୍କ ସମେତ ସେହି ଅପରାଧକୁ ଘୋଡ଼ାଉଥିବା କର୍ତ୍ତୃପକ୍ଷଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଦରକାର। ତାହା ନ ହେଲେ ଭବିଷ୍ୟତରେ ଏହି ପ୍ରକାର ଅପରାଧ ବୃଦ୍ଧି ପାଇବାରେ ଲାଗିବ।

## ୫୦ ବର୍ଷ ତଳର ଧରିତ୍ରୀ

୬ ନଭେମ୍ବର ୧୯୭୫

- ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନ ତିନି ଜଣ ଜୀବବିଜ୍ଞାନବିତ୍‌ଙ୍କୁ ଜଗଦୀଶ ଚନ୍ଦ୍ର ବୋଷ ପୁରସ୍କାର ଦେବା ଲାଗି ମନୋନୀତ କରିଛନ୍ତି।
- ରାଷ୍ଟ୍ରପତି ଫକିରୁଦ୍ଦିନ ଅଲ୍ଲି ଅହମ୍ମଦ ରାଜସ୍ଥାନ ହାଇକୋର୍ଟର ପ୍ରଧାନ ବିଚାରପତି ପ୍ରକାଶ ନାରାୟଣ ସିଂଘଲଙ୍କୁ ସୁପ୍ରିମ୍‌କୋର୍ଟର ଜଣେ ବିଚାରପତି ରୂପେ ନିଯୁକ୍ତ କରିଛନ୍ତି।
- କୋଚିନ୍‌ଠାରେ ପ୍ରଥମ ପାଞ୍ଚଟି ଜାହାଜ ତିଆରି କରିବା ନିମନ୍ତେ ବ୍ରିଟେନ ୧୯ କୋଟି ଟଙ୍କା ଯୋଗାଇ ଦେବ।

## sudoku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 5 | | | | | | | 3 |
| | | | | 4 | 5 | | 1 | |
| | 3 | | | 6 | | | | 7 |
| | 8 | | 9 | | | | | 2 |
| | | | | 1 | 2 | 9 | | |
| | 7 | | | | | 4 | | |
| 7 | | | 5 | 2 | | | | 4 |
| | | | 4 | | | | 5 | 6 |
| | | 3 | | | 1 | 7 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 1 | 2 | 4 | 3 | 7 | 9 | 5 | 8 |
| 5 | 3 | 8 | 1 | 2 | 9 | 4 | 7 | 6 |
| 7 | 4 | 9 | 5 | 8 | 6 | 3 | 1 | 2 |
| 2 | 6 | 7 | 3 | 4 | 8 | 1 | 9 | 5 |
| 9 | 5 | 1 | 7 | 6 | 2 | 8 | 3 | 4 |
| 4 | 8 | 3 | 9 | 5 | 1 | 6 | 2 | 7 |
| 8 | 7 | 6 | 2 | 1 | 3 | 5 | 4 | 9 |
| 1 | 2 | 5 | 8 | 9 | 4 | 7 | 6 | 3 |
| 3 | 9 | 4 | 6 | 7 | 5 | 2 | 8 | 1 |

ଗତକାଲିର ଉତ୍ତର

# ମହାକାଶ ପର୍ଯ୍ୟଟନ



ଡ. ବିଜୟ କେତନ ପଟ୍ଟନାୟକ

ମହାକାଶ ପର୍ଯ୍ୟଟନ ସମସ୍ତ ଦୁଃସାହସିକ ଅଭିଯାନଠାରୁ ଅନେକ ପାଦ ଆଗରେ। ମହାକାଶରେ ମହାକାଶଚାରୀଙ୍କ ଅନୁଭୂତି ସାଉଁଟିବା ପାଇଁ ଉଦ୍ଦିଷ୍ଟ। ଯଦିଓ ଏପରି ଅନୁଭୂତି ଜୀବନରେ ଏକକ ବା ଅନନ୍ୟ, କିନ୍ତୁ ଏହା ଅତ୍ୟଧିକ ବିପଦସଙ୍କୁଳ ଓ ବ୍ୟୟସାପେକ୍ଷ। ଚିତ୍ତ ବିନୋଦନ ବ୍ୟତୀତ ମନୁଷ୍ୟର ହୃଦ୍‌ସ୍ପନ୍ଦନ ବଢ଼ାଇଦେଲା ଭଳି ଯେଉଁ ରୋମାଞ୍ଚ ଓ ଶିହରଣ ମହାକାଶ ପର୍ଯ୍ୟଟନରୁ ମିଳିଥାଏ, ତାହା ହେଉଛି ପର୍ଯ୍ୟଟକ ଜଣକ ଅନନ୍ତ ଆକାଶରୁ ପୃଥିବୀକୁ ଦେଖିବାର ଅବର୍ଣ୍ଣନୀୟ ଅନୁଭୂତି, ଓଜନ ଶୂନ୍ୟତା ଅନୁଭବ ଏବଂ ଓଜନ ଶୂନ୍ୟତା ହେତୁ ମହାକାଶ ଯାନରୁ ବାହାରି ମହାକାଶରେ ଚାଲିବାର ଉନ୍ମାଦ, ଦ୍ରୁତଗତିରେ ଯାତ୍ରା କରୁଥିବା ମହାକାଶ ଯାନରେ ଅସ୍ୱାଭାବିକ ଗତିଶୀଳତାର ଅନୁଭବ ଇତ୍ୟାଦି। ଏସବୁ ସତ୍ତ୍ୱେ ମହାକାଶ ଯାତ୍ରାରେ ରହିଛି ଆକସ୍ମିକ ଭାବେ ଘଟିଯିବାକୁ ଥିବା ଦୁର୍ଘଟଣାର ବିଷମ ପରିଣତି। ଏବେ ନିକଟରେ ସେମିତି ଏକ ଅଘଟଣ ଘଟିଯାଇଛି। ଯୁକ୍ତରାଷ୍ଟ୍ର ଆମେରିକାର ନାସା ଦ୍ୱାରା ପ୍ରେରିତ ଷ୍ଟାର୍‌ଲାଇନର ମହାକାଶ ଯାନରେ ଆନ୍ତର୍ଜାତିକ ମହାକାଶ ଷ୍ଟେଶନକୁ ଯାଇଥିବା ମହାକାଶଚାରୀ ସୁନିତା ୱିଲିୟମ୍ସ ଏବଂ ବୁଚ୍ ୱିଲମୋରେ ସେଠାରେ ଗତ ୪ମାସ ହେଲା ଫସିଯାଇଛନ୍ତି। ସେମାନଙ୍କୁ ମହାକାଶ ସ୍ପେସ୍ ଷ୍ଟେଶନରୁ ଉଦ୍ଧାର କରି ଫେରାଇ ଆଣିବା ପାଇଁ ପୁନର୍ବାର ଏକ ସ୍ପେସ୍ ଏକ୍ସ-କ୍ରିଉ ମିଶନ ପଠାଇବାର ବନ୍ଦୋବସ୍ତ କରାଯାଉଛି। ତେଣୁ ସୁନୀତା ଏବଂ ସହଯାତ୍ରୀଙ୍କୁ ଫେବୃଆରୀ ୨୦୨୫ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିପାରେ। ଏ ଭିତରେ ସେମାନଙ୍କ ଜୀବନ ପ୍ରତି ବିପଦର ଏକାଧିକ ଆଶଙ୍କା ରହିଛି।

ମହାକାଶ ପର୍ଯ୍ୟଟନକୁ ବିଭିନ୍ନ ଶ୍ରେଣୀରେ ବିଭକ୍ତ କରାଯାଇପାରେ। ଉପକକ୍ଷୀୟ, କକ୍ଷୀୟ ଏବଂ ମହାକାଶରେ ଚନ୍ଦ୍ର ପର୍ଯ୍ୟଟନ। ଉପକକ୍ଷୀୟ ମହାକାଶ ପର୍ଯ୍ୟଟନରେ ମହାକାଶ ଯାନ ପର୍ଯ୍ୟଟକମାନଙ୍କୁ ମହାକାଶର ସୀମାରେଖାକୁ ନେଇଯାଏ। କିନ୍ତୁ ପୃଥିବୀର କକ୍ଷପଥରେ ପ୍ରବେଶ କରେନାହିଁ। ଯଦିଓ ଭୂପୃଷ୍ଠର ଉପରକୁ ବାୟୁମଣ୍ଡଳ ୧୦୦୦ କି.ମି. ପର୍ଯ୍ୟନ୍ତ ରହିଛି, ମହାକାଶ ବିଜ୍ଞାନୀମାନଙ୍କ ମତରେ ଥର୍ମୋସ୍ଫିୟରରେ ୧୦୦ କି.ମି. ଉଚ୍ଚତା ଉପରକୁ ବାୟୁର ସାନ୍ଦ୍ରତା ଅତି କମ୍। ପାଖାପାଖି ଶୂନ୍ୟ କହିଲେ ଚଳେ। ତେଣୁ ସେମାନଙ୍କ ମତରେ ସମୁଦ୍ର ପତ୍ତନଠାରୁ ୧୦୦ କି.ମି. ଉଚ୍ଚତା ପରେ ମହାଶୂନ୍ୟ ଆରମ୍ଭ ହୋଇଯାଏ ଏବଂ ସେହି ଉଚ୍ଚତାକୁ 'କର୍ମଣରେଖା' କୁହାଯାଏ। ଏହି ଉଚ୍ଚତାରୁ ଉପରକୁ ଉଠିଗଲା ପରେ ପର୍ଯ୍ୟଟକମାନେ ୩ରୁ ୬ ମିନିଟ୍ ପର୍ଯ୍ୟନ୍ତ ଓଜନ ଶୂନ୍ୟତା ଅନୁଭବ କରିପାରିବେ। ମହାକାଶ ଯାନର ଗତି ଘଣ୍ଟା ପ୍ରତି ପ୍ରାୟ ୨୨୦୦ ମାଇଲ ହୋଇଥାଏ। ବ୍ଲୁ ଅରିଜିନ ଓ ଭର୍ଜିନ ଗାଲାକଟିକା ମହାକାଶ ସଂସ୍ଥା ପର୍ଯ୍ୟଟକମାନଙ୍କୁ ଉପକକ୍ଷୀୟ ପର୍ଯ୍ୟଟନର ସ୍ୱାଦ ଚଖାଇବା ପାଇଁ ଅଣ୍ଟା ଭିଡ଼ିଛନ୍ତି।

କକ୍ଷୀୟ ମହାକାଶ ପର୍ଯ୍ୟଟନରେ ଯାନଟି



ପୃଥିବୀର କକ୍ଷପଥ ପର୍ଯ୍ୟନ୍ତ ଯାତ୍ରା କରିଥାଏ। ପୃଥିବୀର ସୂର୍ଯ୍ୟ ଚାରିପଟେ ଘୂର୍ଣ୍ଣନ କକ୍ଷର ଭୂପୃଷ୍ଠରୁ ସର୍ବନିମ୍ନ ଦୂରତା(ପେରିଜି) ୧୨୦୦ ମାଇଲ ବା ୨୦୦୦ କି.ମି.। ଏହି କକ୍ଷପଥକୁ ଯାତାୟାତ, ଯୋଗାଯୋଗ ଏବଂ ଅନୁସନ୍ଧାନ ପାଇଁ ସୁବିଧାଜନକ ମନେକରାଯାଏ। ଏହି ଯାତ୍ରାରେ ପର୍ଯ୍ୟଟକଙ୍କୁ ମହାକାଶରୁ ଟେନିସ୍‌ବଲ ସଦୃଶ ପୃଥିବୀର କ୍ଷୁଦ୍ର ଗୋଲାକୃତି ସ୍ୱରୂପ ଦେଖିବା ପାଇଁ ଭରପୂର ସୁଯୋଗ ମିଳିଥାଏ। ଏହା ବ୍ୟତୀତ ପର୍ଯ୍ୟଟକମାନେ ଅନେକ ସମୟ ଧରି ଓଜନ ଶୂନ୍ୟତା ଅନୁଭବ କରିଥାନ୍ତି। ମହାକାଶ ଯାନର ଗତି ଘଣ୍ଟା ପ୍ରତି ୧୭,୫୦୦ ମାଇଲ ଏବଂ ସ୍ପେସ୍ ଏକ୍ସ ଯାନ ହିଁ ବ୍ୟବହାର କରାଯାଇଥାଏ।

ପୃଥିବୀର କକ୍ଷପଥ ନିକଟକୁ ଯାତ୍ରା ଅତ୍ୟଧିକ ବ୍ୟୟସାପେକ୍ଷ। ଉପକକ୍ଷୀୟ ମହାକାଶ ପର୍ଯ୍ୟଟନର ପର୍ଯ୍ୟଟକ ପିଛା ୨ ଲକ୍ଷ ଆମେରିକୀୟ ଡଲାର ଲାଗୁଥିବା ବେଳେ କକ୍ଷପଥକୁ ଯାତ୍ରା କରୁଥିବା ମହାକାଶ ଯାନରେ ବ୍ୟକ୍ତି ପାଇଁ ୮ଦିନ ଯାତ୍ରା ଖର୍ଚ୍ଚ ୫୫୦ ଲକ୍ଷ ଡଲାର ଲାଗିଯାଇପାରେ। ଚନ୍ଦ୍ର ମହାକାଶ ମିଶନରେ ସାଧାରଣ ବର୍ଗର ପର୍ଯ୍ୟଟକଙ୍କୁ ବେସରକାରୀ ସ୍ତରରେ ନେଇ ଚନ୍ଦ୍ରପୃଷ୍ଠରେ ପହଞ୍ଚାଇବା ଉଦ୍ଦେଶ୍ୟ ଆମୋଦ ପ୍ରମୋଦ, ଚିତ୍ତ ବିନୋଦନ ଓ ଶିହରଣ।

ମହାକାଶ ପର୍ଯ୍ୟଟନର ଉଦ୍ଦେଶ୍ୟ, ସରକାରୀ ସ୍ତରରେ ପଠାଯାଉଥିବା ମହାକାଶଚାରୀମାନଙ୍କଠାରୁ ଅନେକଟା ଭିନ୍ନ। ପର୍ଯ୍ୟଟକ କେବଳ କେତେକ ଅନନ୍ୟ ଅନୁଭୂତି ଓ ଉନ୍ମାଦନା ପାଇଥାଏ। କିନ୍ତୁ ମହାକାଶଚାରୀମାନେ ଯାତ୍ରା ସମୟରେ ବିଭିନ୍ନ ବୈଜ୍ଞାନିକ ଗବେଷଣା ଓ ଅନୁସନ୍ଧାନ କରିଥାନ୍ତି।

ବେସରକାରୀ ଭାବେ ନିଜସ୍ୱ ଅର୍ଥବ୍ୟୟରେ ଆମେରିକାର କୋଟିପତି ଡେନିସ୍ ଟିଟୋ ୨୦୦୧ ମସିହାରେ ରୁଷିଆର 'ସୋୟୁଜ୍' ଅନ୍ତରୀକ୍ଷ ଯାନରେ ପ୍ରଥମ ମହାକାଶ ପର୍ଯ୍ୟଟକ ଭାବେ ଅନ୍ତର୍ଜାତୀୟ ମହାକାଶ ଷ୍ଟେଶନକୁ ଯାତ୍ରା କରିବାର ରେକର୍ଡ ହାସଲ କରିଛନ୍ତି ଏବଂ ସେଠାରେ ୮ ଦିନ ଅବସ୍ଥାନ କରିଥିଲେ। ୨୦୧୦ ପରଠାରୁ ସୋଭିଏଟ୍ ୟୁନିୟନ ଆନ୍ତର୍ଜାତିକ ମହାକାଶ ଷ୍ଟେଶନରେ ସ୍ଥାନାଭାବ କାରଣରୁ ଏହି କାର୍ଯ୍ୟକ୍ରମକୁ ସାମୟିକ ଭାବେ ବନ୍ଦ କରିଦେଇଥିଲେ। ଅନ୍ତର୍ଜାତୀୟ ସ୍ପେସ୍ ଷ୍ଟେଶନଟି ୪୦୦ କି.ମି. ଉଚ୍ଚତାରେ ଏକ ବୃତ୍ତାକାର ପଥରେ ପୃଥିବୀକୁ ପରିକ୍ରମଣ କରୁଛି। ଥରେ ପରିକ୍ରମଣ ପାଇଁ ୯୩ ମିନିଟ୍ ସମୟ ନେଇଥାଏ ଏବଂ ଦିନକୁ ୧୫.୫ ଥର ପୃଥିବୀକୁ ପରିକ୍ରମଣ କରିଥାଏ। ୨୦୨୪ ମାର୍ଚ୍ଚ ସୁଦ୍ଧା ୨୨ଟି ଦେଶର ୨୭୯ ଜଣ ମହାକାଶଚାରୀ ଏହି ସ୍ପେସ୍ ଷ୍ଟେଶନରେ ପାଦ ରଖିସାରିଛନ୍ତି। ୨୦୧୦ରୁ ବନ୍ଦ ଥିବା ମହାକାଶ ପର୍ଯ୍ୟଟନ କାର୍ଯ୍ୟକ୍ରମକୁ ପୁନର୍ବାର ଆରମ୍ଭକରି ବେସରକାରୀ ପର୍ଯ୍ୟଟକଙ୍କୁ ଆନ୍ତର୍ଜାତିକ ସ୍ପେସ୍ ଷ୍ଟେଶନକୁ ପଠାଇବାକୁ ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା ନାସା ୨୦୧୯ ଜୁନ୍‌ରେ ଘୋଷଣାକଲା। ଏହି ଯାତ୍ରା ପାଇଁ ପ୍ରତ୍ୟେକ ବ୍ୟକ୍ତି ଦୈନିକ ୩୫୦୦ ଆମେରିକୀୟ ଡଲାର ଅର୍ଥଦେବାକୁ ପଡ଼ିବ ବୋଲି ମଧ୍ୟ କୁହାଗଲା। ଦୁଇଟି ଅନ୍ତରୀକ୍ଷ ଯାନ 'ସ୍ପେସ୍-ଏକ୍ସ-ଡ୍ରାଗନ-୨ ଏବଂ ବୋଇଂ ଷ୍ଟାର୍‌ଲାଇନର' ଏହି ଯାତ୍ରା ପାଇଁ ଘୋଷଣା କରାଯାଇଛି। ବ୍ୟୟବହୁଳ କାରଣରୁ ବର୍ତ୍ତମାନ ପର୍ଯ୍ୟନ୍ତ କେବଳ ଅତ୍ୟନ୍ତ ଧନୀବ୍ୟକ୍ତିଙ୍କ ପାଇଁ ଏହା ସମ୍ଭବ ହୋଇପାରୁଛି। ତଥାପି ବିଶ୍ୱର ବିଭିନ୍ନ ଅଞ୍ଚଳରୁ ବ୍ୟକ୍ତିବିଶେଷ ଏଥିପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ବେସରକାରୀ ସଂସ୍ଥାଗୁଡ଼ିକ ଏ ଦିଗରେ ବ୍ୟୟ ହ୍ରାସ ପାଇଁ ମଧ୍ୟ ଚେଷ୍ଟିତ।

ଆର୍ଥିକ ଦିଗକୁ ବାଦ୍ ଦେଲେ ଅନ୍ୟ କେତେକ ଆହ୍ୱାନ ମଧ୍ୟ ମହାକାଶ ପର୍ଯ୍ୟଟନ କ୍ଷେତ୍ରରେ ରହିଛି। ଯଥା ଯାତ୍ରୀମାନଙ୍କର ନିରାପତ୍ତା, ଇନ୍‌ସ୍ୟୁରାନ୍ସ, ବାଣିଜ୍ୟିକ ସମ୍ଭାବନା, ମହାକାଶ ପ୍ରଦୂଷଣ ଏବଂ ବିପତ୍ତି ବା ଦୁର୍ଘଟଣା– ପୃଥିବୀ ପୃଷ୍ଠରେ ଥିବା ପ୍ରକ୍ଷେପଣ କେନ୍ଦ୍ରରୁ ଉତ୍‌କ୍ଷେପଣ ବେଳେ ଆକସ୍ମିକ ପ୍ରତିକ୍ରିୟା, ପୃଥିବୀର ପ୍ରାକୃତିକ ସମ୍ବଳ ଅପଚୟ ଇତ୍ୟାଦି। ମହାକାଶ ପର୍ଯ୍ୟଟନରେ ଯିବା ପୂର୍ବରୁ ଜଣେ ବ୍ୟକ୍ତିକୁ ଶାରୀରିକ , ମାନସିକ ତଥା ମନୋବୈଜ୍ଞାନିକ ସ୍ତରରେ ବେଶ୍ କିଛିଦିନ ପ୍ରଶିକ୍ଷଣ ନେଇ ପ୍ରସ୍ତୁତ ହେବାକୁ ପଡ଼ିଥାଏ। ପୃଥିବୀର ମାଧ୍ୟାକର୍ଷଣ ଶକ୍ତିର ବଳୟ ବାହାରକୁ ଗଲାବେଳେ କିଛିଟା ଅଭାବନୀୟ ଦୁର୍ଘଟଣା ଘଟିପାରେ , ସେତେବେଳେ ଶୂନ୍ୟ ମାଧ୍ୟାକର୍ଷଣ ଶକ୍ତିର ଅନୁଭୂତିକୁ ସହ୍ୟ କରିବାକୁ ପଡିବ।

ଏବେ ମହାକାଶରେ ଫିଲ୍ମ ଶୁଟିଂ କରିବାର ନିଶା ମଧ୍ୟ ଅନେକ ପ୍ରଯୋଜକଙ୍କୁ ଘାରିଛି। ମହାକାଶରେ ପ୍ରଥମ ଥର ପାଇଁ ଏକ ସମ୍ପୂର୍ଣ୍ଣ ଚଳଚ୍ଚିତ୍ର ଶୁଟିଂ କରିବାର ବିରଳ ରେକର୍ଡ ଅଧିକାରୀ ରୁଷିଆ ହୋଇଛି। ଏହା ପୂର୍ବରୁ ୨୦୦୨ ମସିହାରେ ଆନ୍ତର୍ଜାତିକ ସ୍ପେସ୍ ଷ୍ଟେଶନରେ ଗୋଟିଏ ଡକୁମେଣ୍ଟାରି ଫିଲ୍ମ ' ଆଇ ମାକ୍ସ ସ୍ପେସ୍ ଷ୍ଟେଶନ' ମଧ୍ୟ ଶୁଟିଂ ହୋଇଥିଲା। ମହାକାଶ ପର୍ଯ୍ୟଟନର ଅନ୍ୟତମ ଆକର୍ଷଣ ହେବ, ମହାକାଶରେ ପ୍ରଦକ୍ଷିଣ ବା 'ସ୍ପେସ୍ ୱାକ୍'। ସେତେବେଳେ ଅନ୍ତରୀକ୍ଷ ଯାନର ଗତି ଘଣ୍ଟା ପ୍ରତି ୨୫.୦୦୦ କି.ମି . ଥିବ। ଅନ୍ତରୀକ୍ଷ ଯାନରୁ ବାହାରି ସେହି ଗତିରେ ମହାଶୂନ୍ୟରେ ଯାନ ସହିତ ସମାନ୍ତରାଳ ଭାବେ ଧାବମାନ ହେବା ମହାକାଶ ପର୍ଯ୍ୟଟନର ଏକ ବିରଳ, ବିସ୍ମୟ ଓ ଅନନ୍ୟ ଅନୁଭୂତି। ତେଣୁ ଆର୍ଥିକ, ମାନସିକ ଓ ମନୋବୈଜ୍ଞାନିକ ଆହ୍ୱାନ ଥିବା ସତ୍ତ୍ୱେ ଆଶା କରାଯାଏ, ଆଗାମୀ ଦଶକରେ ମହାକାଶ ପର୍ଯ୍ୟଟନ କମ୍ ବ୍ୟୟ ସାପେକ୍ଷ ଓ ଅଧିକ ବିସ୍ତାରିତ ହେବ।

**ପୂର୍ବତନ ପ୍ରଧାନ ମୁଖ୍ୟ ବନପ୍ରାଣୀ ସଂରକ୍ଷକ**
**ଓଡ଼ିଶା, ଭୁବନେଶ୍ୱର,**
**ମୋ:୯୪୩୭୦୦୦୯୦୪**

# ବିଷାକ୍ତ କାର୍ଯ୍ୟ ସଂସ୍କୃତି



ଅସିତ ମହାନ୍ତି

ଏକ ଘରୋଇ କମ୍ପାନୀର ଅଫିସ ଚାକିରିରେ ଅତ୍ୟଧିକ କାର୍ଯ୍ୟ କରିବା କାର୍ଯ୍ୟସ୍ଥଳର ବିଷାକ୍ତ ସଂସ୍କୃତିକୁ ପ୍ରଦର୍ଶିତ କରିଥାଏ ; ଏହି ସଂସ୍କୃତି ଜଣେ ବ୍ୟକ୍ତିର ଜୀବନ ନେଇପାରେ କି ? ନିଃସନ୍ଦେହ ଏହା ଏକ ଗମ୍ଭୀର ପ୍ରଶ୍ନ? ବାସ୍ତବରେ ପୂର୍ବେ ଏହାର ଏକ ଉଦାହରଣ ଦେଖିଲୁ। ୨୬ ବର୍ଷୀୟ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଆନ୍ନା ସେବାଷ୍ଟିଆନ ପେରେଏଲ 'ଅର୍ନଷ୍ଟ ଆଣ୍ଡ ୟଙ୍ଗ'(ଇୱାଇ) ର ଏକ ସଦସ୍ୟ ସଂସ୍ଥା ସହିତ କାମ କରୁଥିଲେ। ତାଙ୍କ ମାତା ଅନୀତା ଇୱା ଇଣ୍ଡିଆର ଚେୟାରମ୍ୟାନଙ୍କୁ ଏକ ଚିଠି ଲେଖିଛନ୍ତି, ଯେଉଁଥିରେ ସେ କହିଛନ୍ତି ଯେ ତାଙ୍କ ଝିଅକୁ କର୍ମକ୍ଷେତ୍ରରେ ଏତେ କାମ ଦିଆଯାଇଥିଲା ଯେ ସେ ଶାରୀରିକ, ମାନସିକ ଏବଂ ଭାବପ୍ରବଣ ହୋଇ ଭାଙ୍ଗିପଡିଥିଲେ ଏବଂ ହୃଦ୍‌ଘାତରେ ପ୍ରାଣ ହରାଇଥିଲେ।

ମ୍ୟାକିନେସି ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଏପ୍ରିଲ ୨୦୨୨ରେ ଏକ ସର୍ଭେ କରିଥିଲା। ଏଥିରେ ୧୫,୦୦୦ କର୍ମଚାରୀ ଏବଂ ୧୦୦୦ ଏଚ୍‌ଆର୍ ମ୍ୟାନେଜରଙ୍କ ସହ କଥା ହୋଇଥିଲେ। ସର୍ବେକ୍ଷଣରୁ ଜଣାପଡିଛି ଯେ ୪୦% ଭାରତୀୟ କର୍ମଚାରୀ କେତେଗୁଡିଏ ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ଯେମିତି ଦୁଃଖ, ଚିନ୍ତା କିମ୍ବା ଉଦାସୀନତାର ଲକ୍ଷଣ । ଏହିପରି ଫଳାଫଳଗୁଡିକର ୯୦%ର କାରଣ ହେଉଛି ବିଷାକ୍ତ କାର୍ଯ୍ୟକ୍ଷେତ୍ରର ଆଚରଣ। ସେଥିପାଇଁ ଭାରତରେ କର୍ମଚାରୀଙ୍କ ମଧ୍ୟରେ ଚାକିରି ଛାଡିବାକୁ ଇଚ୍ଛା ବିଶ୍ୱର ହାରାହାରିଠାରୁ ୬୦% ଅଧିକ, କିନ୍ତୁ ବେରୋଜଗାର ଆମ ଦେଶରେ ଏକ ଅସୁବିଧାଜନକ ସମସ୍ୟା, ଯାହା ଏହି ସମୟ ମଧ୍ୟରେ ଚାକିରି ଛାଡିବା କଷ୍ଟକର କରିଥାଏ। ତେବେ ଏହି ବିଷାକ୍ତ କାର୍ଯ୍ୟ ସଂସ୍କୃତି କ'ଣ ? ପ୍ରଶ୍ନ ହେଉଛି ଘରୋଇ କମ୍ପାନୀମାନେ କ'ଣ ଶ୍ରମ ନିୟମକୁ ପାଳନ କରୁଛନ୍ତି ? ଏହି ବିଷୟରେ ଚର୍ଚ୍ଚା ହେବ ଉଚିତ।

ଦୁଇମାସ ପୂର୍ବେ ଅଷ୍ଟ୍ରେଲିଆ ସରକାର ଅଷ୍ଟ୍ରେଲିଆରେ କାର୍ଯ୍ୟ କରୁଥିବା ଲକ୍ଷ ଲକ୍ଷ ଲୋକଙ୍କୁ ସଂଯୋଗ ବିଚ୍ଛିନ୍ନ କରିବାର ଅଧିକାର ଦେଇଥିଲେ। ଏହାର ଅର୍ଥ ଯଦି କୌଣସି ଅଷ୍ଟ୍ରେଲୀୟ କର୍ମଚାରୀ କାର୍ଯ୍ୟରେ ନାହାନ୍ତି ଏବଂ ସେମାନଙ୍କ ନିଯୁକ୍ତିଦାତା ସେମାନଙ୍କ ସହିତ ଯୋଗାଯୋଗ କରିବାକୁ ଚେଷ୍ଟା କରନ୍ତି ବାର୍ତ୍ତା କିମ୍ବା କଲ୍ ମାଧ୍ୟମରେ, କର୍ମଚାରୀ ସେହି କଲ୍ ଏବଂ ବାର୍ତ୍ତାଗୁଡ଼ିକୁ ଅଣଦେଖା କରିପାରିବେ। ୟୁରୋପରେ ଏକ ୟୁରୋପୀୟ ୟୁନିଅନର ନିୟମ ଅନୁଯାୟୀ ସପ୍ତାହରେ ସର୍ବାଧିକ କାର୍ଯ୍ୟ ସମୟ ୪୮ ଘଣ୍ଟା ହେବ। ଏହାର ଅର୍ଥ କୌଣସି ପ୍ରକାରର କାର୍ଯ୍ୟରେ କୌଣସି କର୍ମଚାରୀ ସପ୍ତାହରେ ୪୮ ଘଣ୍ଟାରୁ ଅଧିକ ସମୟ କାମ କରିପାରିବେ ନାହିଁ। ଯଦି ଆମେ ନଭେମ୍ବର ୨୦୨୦ (ଇକୋନୋମିକ ଟାଇମ୍ସ)ରୁ ଏହି ଆର୍ଟିକିଲକୁ ଦେଖିବା, ଶ୍ରମ ମନ୍ତ୍ରଣାଳୟ ପ୍ରସ୍ତାବ ଦେଇଛି, ଏକ କମ୍ପାନୀ ସେମାନଙ୍କ କର୍ମଚାରୀମାନଙ୍କୁ ଦିନକୁ ୧୨ ଘଣ୍ଟା ପର୍ଯ୍ୟନ୍ତ କାମ କରାଇପାରିବ। ତେଣୁ ଯଦି ଆପଣ ସପ୍ତାହରେ ୫ ଦିନ କାମ କରନ୍ତି, ଏହା ସପ୍ତାହରେ ୬୦ ଘଣ୍ଟା ହୁଏ। ଏହାକୁ ନେଇ ଜନ ଅସନ୍ତୋଷ ପ୍ରକାଶ ପାଇବା ପରେ କେନ୍ଦ୍ର ସରକାର



ଏହି ଘଟଣାର ତଦନ୍ତ ଆରମ୍ଭ କରିଥିବା ଅଭିଯୋଗ ହୋଇଛି। ଶ୍ରମ ଓ ରୋଜଗାର ମନ୍ତ୍ରଣାଳୟର ଶୋଭା କରାଣ୍ଡଲାଜେ ଟୁଇଟ କରି କହିଛନ୍ତି ଯେ ଏକ ଅସୁରକ୍ଷିତ ତଥା ଶୋଷଣକାରୀ କାର୍ଯ୍ୟ ପରିବେଶ (ଅଭିଯୋଗ) ଉପରେ ପୁଙ୍ଖାନୁପୁଙ୍ଖ ତଦନ୍ତ ଚାଲିଛି। ଅଧିକାଂଶ ସମୟରେ ସରକାର କମ୍ପାନୀକୁ ଚେତାବନୀ ଦେବେ। ଯଦି କମ୍ପାନୀ ଉପରେ ବହୁତ ଚାପ ଥାଏ, ତେବେ କମ୍ପାନୀ କିଛି ମ୍ୟାନେଜରଙ୍କ ଉପରେ ଦୋଷ ଲଦି ସେମାନଙ୍କୁ ବହିଷ୍କାର କରିବ। ଏହା କର୍ମଚାରୀ କିମ୍ବା ପରିଚାଳକଙ୍କ ପ୍ରଶ୍ନ ନୁହେଁ। ପରିଚାଳକମାନେ ମଧ୍ୟ ସେମାନଙ୍କ ମାଲିକମାନଙ୍କ ଚାପରେ ଅଛନ୍ତି। ବାସ୍ତବରେ, ପ୍ରତ୍ୟେକ ବ୍ୟକ୍ତିଙ୍କ ଉପରେ ଚାପ।

ଭାରତୀୟ ଶ୍ରମ ଆଇନ ଅନୁଯାୟୀ, କୌଣସି କର୍ମଚାରୀଙ୍କୁ ଦିନକୁ ନଅ ଘଣ୍ଟାରୁ ଅଧିକ କିମ୍ବା ସପ୍ତାହରେ ୪୮ ଘଣ୍ଟା କାମ କରିବାକୁ ଅନୁମତି ଦିଆଯାଇ ନ ଥାଏ। ତଥାପି, ନୂତନ ଶ୍ରମ ନିୟମ ଅନୁଯାୟୀ, ଯଦି ଜଣେ ନିଯୁକ୍ତିଦାତା କର୍ମଚାରୀଙ୍କ ଉପରେ ୧୨ ଘଣ୍ଟା ଡ୍ୟୁଟି ଲଗାନ୍ତି, ତେବେ ତାଙ୍କ କର୍ମଚାରୀମାନଙ୍କୁ ଏକ ସପ୍ତାହରେ ତିନି ଦିନ ଛୁଟି ଦେବାକୁ ପଡିବ। ଶ୍ରମ ଆଇନ ସହିତ ଜଡିତ ଆଉ କିଛି ଜିନିଷ – ଓଭରଟାଇମ ଉପରେ ପ୍ରିମିୟମ ହେଉଛି ମୋଟ ମଜୁରିର ୧୦୦%। ଯଦି କୌଣସି କର୍ମଚାରୀଙ୍କୁ ସାପ୍ତାହିକ ଛୁଟି ଦିଆଯାଏ ନାହିଁ, ତେବେ ତାଙ୍କୁ ଦୁଇ ମାସ ମଧ୍ୟରେ ଏହା ବଦଳରେ ଛୁଟି ଦିଆଯାଇପାରେ। ନୂତନ ଶ୍ରମ ନିୟମ ଅନୁଯାୟୀ, ଯଦି ଜଣେ କର୍ମଚାରୀଙ୍କୁ ଦୀର୍ଘ ଛୁଟି ନେବାକୁ ପଡିବ, ତେବେ ତାଙ୍କୁ ବର୍ଷକୁ ଅତି କମରେ ୧୮୦ ଦିନ କାମ କରିବାକୁ ପଡିବ। ମହିଳା କର୍ମଚାରୀମାନେ ସେମାନଙ୍କ ସମ୍ମତି ବିନା ରାତି ଶିଫ୍ଟରେ କାମ କରିବାକୁ ବାଧ୍ୟ ହୋଇପାରିବେ ନାହିଁ , କିନ୍ତୁ ନିୟମ ଏବଂ କାନୁନକୁ କିଏ ଧ୍ୟାନ ଦିଅନ୍ତି ? ବର୍ତ୍ତମାନ ପ୍ରଶ୍ନ ହେଉଛି କମ୍ପାନୀଗୁଡିକ କାହିଁକି ସେମାନଙ୍କ କର୍ମଚାରୀଙ୍କଠାରୁ ଅଧିକ କାମ ନେଉଛନ୍ତି?

ଅର୍ଥନୀତିର ନିୟମ ଅନୁଯାୟୀ, ବିନା ଶ୍ରମଶକ୍ତିର ଶୋଷଣ କରି କମ୍ପାନୀ ଲାଭ କରିବା ଅସମ୍ଭବ। ଅର୍ଥାତ୍ ଲାଭ କରିବାକୁ ହେଲେ ପ୍ରଥମେ ଶ୍ରମ ଶକ୍ତିକୁ କମ୍ କରିବାକୁ ହେବ। କାର୍ଯ୍ୟ ଅଧିକ, କିନ୍ତୁ ଶ୍ରମଶକ୍ତି କମ୍, ତେଣୁ ଏହା ସ୍ପଷ୍ଟ ଯେ ଶ୍ରମଶକ୍ତି ଉପରେ କାର୍ଯ୍ୟଭାର ଅଧିକ ହେବ। ଏହି ଅଧିକ କାର୍ଯ୍ୟଭାର ଶ୍ରମଶକ୍ତି ଉପରେ ପ୍ରଭାବ ପକାଇବ ଏବଂ ଏହି ପ୍ରଭାବ ଅତ୍ୟନ୍ତ ବିପଜ୍ଜନକ ହୋଇପାରେ। ଏହିଠାରେ ଓଭରଟାଇମ, ଛୁଟି ବନ୍ଦ, କାର୍ଯ୍ୟ ଭାର, ରବିବାର ଛୁଟି ବାତିଲ ଇତ୍ୟାଦି ଆରମ୍ଭ ହୁଏ। ଏହା କେବଳ ଜଣେ ବ୍ୟକ୍ତିର ସାମାଜିକ ଜୀବନକୁ ନଷ୍ଟ କରି ନ ଥାଏ ବରଂ ଅନେକ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ସୃଷ୍ଟି କରିଥାଏ। ବାସ୍ତବରେ ଏହା ହିଁ ଆନ୍ନାଙ୍କ ସହିତ ହୋଇଥିଲା। ତାଙ୍କର ହୃଦ୍‌ଘାତର କାରଣ ହେଉଛି ଅତ୍ୟନ୍ତ କାର୍ଯ୍ୟ ଭାର। ତେଣୁ ଯେ ପର୍ଯ୍ୟନ୍ତ ଏହି ବ୍ୟବସ୍ଥା ଜୀବିତ ରହିବ ଶୋଷଣ ଜାରି ରହିବ।

**ସୁଜନପୁର, ଯାଜପୁର**
**ମୋ: ୯୩୪୮୭୬୮୮୧୨**

## ଏଇ ଭାରତରେ

ରାକେଶ ପଞ୍ଚାଲ ଅସହାୟ ବରିଷ୍ଠ ନାଗରିକଙ୍କୁ ମାଗଣାରେ ଖାଦ୍ୟ ଯୋଗାଉଛନ୍ତି। ଗୁଜରାଟର ଭାସୋ ବ୍ଲକରେ ରାକେଶ ଏବେ ୫୦୦ରୁ ଅଧିକ ବରଷ୍ଠ ନାଗରିକଙ୍କ ନିକଟରେ ଖାଦ୍ୟ ପହଞ୍ଚାଉଛନ୍ତି। ରାକେଶଙ୍କ ବୟସ ଏବେ ୪୪। ରାକେଶ ତାଙ୍କ ପିତାଙ୍କ ନିର୍ମାଣ ଉପକରଣ ବ୍ୟବସାୟରେ କାମ କରୁଥିବା ସମୟରେ ଏହି ସେବା କରିବା ଲାଗି ନିଷ୍ପତ୍ତି ନେଇଥିଲେ ଓ ତାଙ୍କ ପିତାଙ୍କ ଦେହାନ୍ତ ପରେ ଏହା ଆରମ୍ଭ କରିଥିଲେ। କାରଣ ଗରିବଙ୍କୁ ମାଗଣାରେ ଖାଦ୍ୟ ଦେବା ତାଙ୍କ ପିତାଙ୍କ ଇଚ୍ଛା ଥିଲା। ସେ ମଧ୍ୟ ତାହା ଆରମ୍ଭ କରିଥିଲେ। କିନ୍ତୁ ସେବାକୁ ଆଗକୁ ବଢ଼ାଇବା ପୂର୍ବରୁ ତାଙ୍କର ଦେହାନ୍ତ ହୋଇଯାଇଥିଲା। ପ୍ରଥମେ ରାକେଶ ହସ୍ପିଟାଲରେ ପ୍ରସୂତିମାନଙ୍କୁ ଖେରା (ଘିଅ, ଚିନି ଓ ଡ୍ରାଏଫ୍ରୁଟ୍ସରେ ତିଆରି) ଲଡୁ ଦେଉଥିଲେ। ପରେ ହସ୍ପିଟାଲକୁ ଦୂରରୁ ଆସୁଥିବା ରୋଗୀ ଏବଂ ସେମାନଙ୍କ ପରିଜନଙ୍କୁ ମାଗଣାରେ ଖାଦ୍ୟ ଦେବା ପରେ ବରିଷ୍ଠ ନାଗରିକଙ୍କୁ ପ୍ରତିଦିନ ଖାଦ୍ୟ ଯୋଗାଇବା ଆରମ୍ଭ କରିଥିଲେ। ଏବେ ସେ ଭିସାମୋ ସାର୍ବଜନିକ ଚାରିଟେବଲ ଟ୍ରଷ୍ଟ ଗଠନ କରି ତା'ମାଧ୍ୟମରେ ରନ୍ଧା ଖାଦ୍ୟ ଯୋଗାଉଛନ୍ତି। ଏହି କାର୍ଯ୍ୟରେ ଅନେକ ସ୍ୱେଚ୍ଛାସେବୀ ରାକେଶଙ୍କୁ ସହଯୋଗ କରୁଛନ୍ତି। ମୁଖ୍ୟତଃ ଭାତ, ରୁଟି, ଡାଲି ଓ ତରକାରି ସେ ଦେଉଛନ୍ତି। ଗାଡିରେ ନେଇ ବରିଷ୍ଠ ନାଗରିକଙ୍କ ନିକଟରେ ପହଞ୍ଚାଇ ଦେଉଛନ୍ତି। ଏବେ ସେ ଏଥିପାଇଁ ଦୈନିକ ୨୧,୦୦୦ ଟଙ୍କା ଖର୍ଚ୍ଚ କରୁଛନ୍ତି।

## ଚିରନ୍ତନୀ

କେତେ ଛନ୍ଦେ କେତେ ଗନ୍ଧେ
ଭରି ମୋର ହିୟା
ଜାଗିଲା ପରାଣପୁରେ
ଆଜି ପ୍ରାଣପ୍ରିୟା।
–(ଚିରନ୍ତନ କୁହୁ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## କୋଇଲି ଜାଉର କରୁଣ ପରିଣତି

ମହାଶୟ,

ରାଜ୍ୟର ଅନାହାର ଜନିତ ଅସହ୍ୟ କ୍ଷୁଧାର କରାଳ ଜ୍ୱାଳାରେ ଆମ୍ବଟାକୁଆ କୋଇଲି ଜାଉ ଖାଇ ମୃତ୍ୟୁ ଏବଂ ଅନେକ ଗୁରୁତର ହୋଇ ଚିକିତ୍ସିତ ହେବା ଖାଦ୍ୟ ସୁରକ୍ଷା ବା ନିରାପତ୍ତା ଯୋଜନାର କାର୍ଯ୍ୟକାରିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗରିବ ଲୋକମାନଙ୍କ ପାଇଁ ମାଗଣାରେ ଉପଲବ୍ଧ ହେଉଥିବା ଖାଦ୍ୟଦ୍ରବ୍ୟ ଅନାହାର ମୃତ୍ୟୁକୁ ରୋକିବାରେ ସରକାରଙ୍କ ପ୍ରଶାସନିକ ସେବା ଯୋଗାଇ ଦେବାରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ନିଶ୍ଚିତ ଭାବେ। କିନ୍ତୁ ଆଧାର କାର୍ଡରେ ନାମ, ଠିକଣା, ବୟସ ଓ ଫୋନ୍ ନମ୍ବର ସବୁକୁ କେୱାଇସି ଅପଡ଼େଟ କରିବାରେ ବିଭିନ୍ନ ନୀତିନିୟମ ସମୟାନୁକ୍ରମେ ବାରମ୍ବାର ପରିବର୍ତ୍ତନ ଆଣିବା ଦ୍ୱାରା ସାଧାରଣ ଗରିବମାନେ ତାହା କରିପାରୁନାହାନ୍ତି । ଫଳରେ ସେମାନେ ମାଗଣା ରାଶନରୁ ବଞ୍ଚିତ ହେଉଛନ୍ତି। ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଜାତୀୟ ଖାଦ୍ୟ ସୁରକ୍ଷା ଓ ନିରାପତ୍ତା ଯୋଜନା ଦ୍ୱାରା ରାଜ୍ୟର ସବୁ ପରିବାରକୁ ରାଶନକାର୍ଡ ପ୍ରଦାନ କରାଯିବା ଦରକାର। ଏହାସହ ଖାଦ୍ୟଶସ୍ୟ ବଣ୍ଟନ ପରିବାର ସଦସ୍ୟଙ୍କ ସଂଖ୍ୟାନୁପାତିକ ଭିତ୍ତିରେ ସ୍ୱଳ୍ପ ମୂଲ୍ୟରେ କରାଯିବା ଉପରେ ପୁନଃବିଚାର କରିବା ଆବଶ୍ୟକ, ଯେପରି ପୂର୍ବରୁ ଥିଲା ।

**–ଅଶୋକ କୁମାର ଆଢ୍ୟ**
**ମରାଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ନିଜେ ବାନ୍ଧିହୋଇ ସାଙ୍ଗଙ୍କ ଦ୍ୱାରା ସ୍ତ୍ରୀଙ୍କୁ ହତ୍ୟା

## ମୁଖ୍ୟ ଅଭିଯୁକ୍ତ ସ୍ୱାମୀଙ୍କ ସମେତ ୩ ଗିରଫ

କୋରାପୁଟ/ନନ୍ଦପୁର,୫ା୧୧ (ଅମିତାଭ ବେହେରା/ ସୁନୀଲ କୁମାର ପଣ୍ଡା)



ସ୍ତ୍ରୀଙ୍କୁ ହତ୍ୟା କରିବାକୁ ଷଡ଼ଯନ୍ତ୍ର ରଚି ନିଜକୁ ଗଛରେ ବାନ୍ଧି ହେବାର ଅଭିନୟ କରିବା ସହ ୨ ବନ୍ଧୁଙ୍କ ଦ୍ୱାରା ସ୍ତ୍ରୀଙ୍କୁ ହତ୍ୟା କରିବା ଘଟଣାର ମଙ୍ଗଳବାର ପର୍ଦ୍ଦାଫାଶ ହୋଇଛି। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ତଥା ମୃତା ମହିଳାଙ୍କ ସ୍ୱାମୀ ମହେନ୍ଦ୍ର ଖରା(୨୧)ଙ୍କ ସମେତ ତାଙ୍କର ୨ସାଙ୍ଗ ମହେଶ ମାଳି(୨୧) ଓ ସୋମନାଥ ଭୋଇ(୧୯)ଙ୍କୁ କୋରାପୁଟ ଜିଲା ନନ୍ଦପୁର ପୋଲିସ ଗିରଫ କରିଛି। ଅଭିଯୁକ୍ତଙ୍କଠାରୁ ଗୋଟିଏ ବାଇକ୍, ୨ ଲାଠି, ଦଉଡ଼ି ଓ ମୋବାଇଲ ଜବତ କରାଯାଇଥିବା ଏକ ଖବରଦାତା ସମ୍ମିଳନୀରେ ସୁନାବେଡ଼ା ଏସ୍‌ଡିପିଓ ମନବ୍ରତା ଶତପଥୀ ସୂଚନା ଦେଇଛନ୍ତି। ପାରିବାରିକ ସମସ୍ୟା ଯୋଗୁ ସ୍ୱାମୀ ମହେନ୍ଦ୍ର ଗତ ଏକ ସପ୍ତାହ ଧରି ସ୍ତ୍ରୀ ସାବିତ୍ରୀ ଖରାଙ୍କୁ କିପରି ହତ୍ୟା କରିବେ ସେ ନେଇ ଯୋଜନା କରି ଆସୁଥିଲେ ବୋଲି ପୋଲିସ କହିଛି।

ସୂଚନାଯୋଗ୍ୟ, ସୋମବାର ସକାଳୁ ନନ୍ଦପୁର ଥାନା ଅନ୍ତର୍ଗତ କୁମାରଗନ୍ଧଣା ପଞ୍ଚାୟତ ହାରିଆମୁଣ୍ଡା ଗ୍ରାମର ମହେନ୍ଦ୍ର ଖରା ତାଙ୍କ ସ୍ତ୍ରୀ ସାବିତ୍ରୀଙ୍କୁ ନେଇ ଆଧାର ଅପ୍‌ଡେଟ କରିବାକୁ ଆଧାର କେନ୍ଦ୍ରକୁ ଯାଇଥିଲେ। ଆଧାରକେନ୍ଦ୍ରରୁ କାମ ସାରି ବାଇକ୍‌ରେ ଘରକୁ ଫେରିବା ସମୟରେ ସ୍ଥାନୀୟ ଖୁଡୁପି ଛକଠାରେ କେତେଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇ ମାଡ଼ ମାରିବା ସହିତ ନିକଟରେ ଥିବା ଏକ ଗଛରେ ବାନ୍ଧି ସ୍ତ୍ରୀଙ୍କୁ ହତ୍ୟା କରିଥିବାନେଇ ମହେନ୍ଦ୍ର ସ୍ଥାନୀୟ ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଏନେଇ ମଙ୍ଗଳବାର ସକାଳେ ନନ୍ଦପୁର ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୧୨୨/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଘଟଣାସ୍ଥଳରେ ନନ୍ଦପୁର ଥାନା ଅଧିକାରୀ ପାଣ୍ଡବ ଶବରଙ୍କ ନେତୃତ୍ୱରେ ଅନ୍ୟ କର୍ମଚାରୀ ଓ କୋରାପୁଟରୁ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ସୁନାବେଡ଼ା ଏସ୍‌ଡିପିଓ ଶତପଥୀଙ୍କ ତତ୍ତ୍ୱାବଧାନରେ ତଦନ୍ତ ଚାଲିଥିବା ବେଳେ ମହେନ୍ଦ୍ରଙ୍କ ମୋବାଇଲ କଲ୍ ଯାଞ୍ଚ ପରେ ଘଟଣାର ରହସ୍ୟ ପଦାକୁ ଆସିଥିଲା। ସ୍ୱାମୀ ମହେନ୍ଦ୍ର ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ବୋଲି ଜଣାପଡ଼ିଥିଲା। ତାଙ୍କୁ ଜେରା କରିବା ପରେ ଏଥିରେ ଦୁଇ ସାଙ୍ଗ ମହେଶ ଓ ସୋମନାଥ ସହାୟତା କରିଥିବା ମହେନ୍ଦ୍ର ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ୩ଜଣଙ୍କୁ ଗିରଫ ସହ କୋର୍ଟଚାଲାଣ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

# ଗାର୍ଡଙ୍କଠୁ ବାଡ଼ି ଛଡ଼ାଇ ପୋଲିସକୁ ପିଟିଲେ ଅଭିଯୁକ୍ତ

ଭଦ୍ରକ,୫ା୧୧(ସନାତନ ରାଉତ)



ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟ ଆଉଟଡୋରରେ ଲାଠିଧାରୀ ଅଭିଯୁକ୍ତ।

- ଭିତରୁ ଲକ୍ କରିଦେବାରୁ ୪୦ ମିନିଟ୍ ବନ୍ଦ ରହିଲା ଡାକ୍ତରଖାନା ଆଉଟ୍‌ଡୋର
- ଭୟଭୀତ ଅବସ୍ଥାରେ ଭିତରେ ଥିଲେ ୨ ମହିଳା ଡାକ୍ତର

ଡାକ୍ତରୀ ପରୀକ୍ଷା ପାଇଁ ପୋଲିସ ସାଙ୍ଗରେ ଆସିଥିବା ଜଣେ ଅଭିଯୁକ୍ତ ମଙ୍ଗଳବାର ଅପରାହ୍ନରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଉନ୍ମତ୍ତକାଣ୍ଡ ଘଟାଇଛନ୍ତି। ସେଠାରେ ଥିବା ସିକ୍ୟୁରିଟି ଗାର୍ଡଙ୍କ ହାତରୁ ବାଡ଼ି ଛଡ଼ାଇନେଇ ସେ ପୋଲିସକୁ ପିଟିଛନ୍ତି। ଏପରିକି ଆଉଟଡୋରକୁ ଭିତରୁ ଲକ୍ କରିଦେବାରୁ ପ୍ରାୟ ୪୦ ମିନିଟ୍‌ରୁ ଊର୍ଦ୍ଧ୍ୱ ସମୟ ବନ୍ଦ ରହିଥିଲା। ସମ୍ପୃକ୍ତ ଅଭିଯୁକ୍ତ ଭିତରେ ଥିବାବେଳେ ରୋଗୀ ଦେଖିବା ପାଇଁ ବସିଥିବା ୨ ମହିଳା ଡାକ୍ତର ଭୟଭୀତ ଅବସ୍ଥାରେ ରହିଥିଲେ।

ସୂଚନା ଅନୁଯାୟୀ, ପୁରୁଣାବଜାର ଥାନା ଅଧୀନ ନୂଆସାହିର ବାବା ଖାଁ(୪୨) ପାରିବାରିକ ଘଟଣାକୁ ନେଇ ଘରେ ମାର୍‌ପିଟ୍ କରିବା ସହ ଗାଁ ଲୋକଙ୍କୁ ମଧ୍ୟ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲେ। ଏଥିରେ ୮ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିବାବେଳେ ସେ ଗାଁରେ ଆତଙ୍କ ଖେଳାଇଥିଲେ। ଗ୍ରାମବାସୀ ଜଣାଇବା ପରେ ପୁରୁଣାବଜାର ଥାନା ପୋଲିସ ପହଞ୍ଚି ବାବାଙ୍କୁ କାବୁ କରି ଥାନାକୁ ନେଇଥିଲା। ଏନେଇ ପୋଲିସ ଏକ ମାମଲା (ନଂ.୩୦୬/୨୪) ରୁଜୁ କରି ଅଭିଯୁକ୍ତ ବାବାଙ୍କୁ କୋର୍ଟଚାଲାଣ ପୂର୍ବରୁ ଡାକ୍ତରୀ ପରୀକ୍ଷା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲା। ପୋଲିସ ଗାଡ଼ିରୁ ତାଙ୍କୁ ଆଉଟଡୋରକୁ ନିଆଯିବା ପରେ ସେଠାରେ ଏଭଳି କାଣ୍ଡ ଘଟାଇଥିଲେ। ସବ୍‌ଇନ୍‌ସପେକ୍ଟର ଦୀପ୍ତିରେଖା ସ୍ୱାଇଁଙ୍କୁ ବାଡ଼ିରେ ପିଟିବା ସହ କନ୍‌ଷ୍ଟେବଲ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କ ମୁଣ୍ଡକୁ ଲକ୍ଷ୍ୟ କରି ପେପରୱେଟ୍ ଫିଙ୍ଗିଥିଲେ। ଆକ୍ରମଣରେ ଭୟଭୀତ ହୋଇ ପୋଲିସ କର୍ମଚାରୀମାନେ ବାହାରକୁ ପଳାଇ ଆସିବା ପରେ ଅଭିଯୁକ୍ତ କୋଠରି ଭିତରୁ ଲକ୍ କରି ଦେଇଥିଲେ। ଖବର ପାଇ ବହୁ ସଂଖ୍ୟାରେ ପୋଲିସ ଫୋର୍ସ ପହଞ୍ଚିଥିଲେ। ପରେ ନୂଆସାହିର ଜଣେ ଯୁବକ ତାଙ୍କୁ ବୁଝାଶୁଝା କରିବା ପରେ ବାବା ଆଉଟ୍‌ଡୋର କବାଟ ଖୋଲିଥିଲେ। ପୋଲିସ ଫୋର୍ସ ଭିତରେ ପଶି ତାଙ୍କୁ କାବୁ କରି ଥାନାକୁ ନେଇଥିଲେ। ମେଡିକାଲରେ ଏହି ହାଇଡ୍ରାମା ଦୀର୍ଘ ସମୟ ଚାଲିଥିବା ବେଳେ ପରିସର ଲୋକାରଣ୍ୟ ହୋଇପଡ଼ିଥିଲା। ପୂର୍ବରୁ ଅଭିଯୁକ୍ତ ବାବା ଖାଁ ଗାଁରେ ବହୁବାର ମାର୍‌ପିଟ୍ କରିଥିବା ବେଳେ ତାଙ୍କ ନାମରେ ଏକାଧିକ ମାମଲା ଥିବା ସବ୍‌ଇନ୍‌ସପେକ୍ଟର ସ୍ୱାଇଁ କହିଛନ୍ତି।

# ଆଜି ଦିନିକିଆ ରିମାଣ୍ଡରେ ଆସିବେ ସ୍ୱାମୀ ପ୍ରଦ୍ୟୁମ୍ନ

## ଆନାସ୍ଥେସିଆ ଦେଇ ସ୍ତ୍ରୀଙ୍କୁ ହତ୍ୟା ଘଟଣା

### ହେବ କ୍ରାଇମ୍ ସିନ୍ ରିକ୍ରିଏଶନ୍

ଭୁବନେଶ୍ୱର,୫ା୧୧ (ସତ୍ୟଜିତ୍ ରାଉତ)

ଦୁଇ ପ୍ରେମିକାଙ୍କ ସହ ମିଶି ସ୍ତ୍ରୀ ଶୁଭଶ୍ରୀ ନାୟକଙ୍କୁ ଆନାସ୍ଥେସିଆ ଓଭର ଡୋଜ୍ ଦେଇ କିପରି ହତ୍ୟା କଲେ, ଭଡ଼ାଘରୁ ସ୍ତ୍ରୀଙ୍କୁ ପ୍ରେମିକାଙ୍କ ଘରକୁ କେମିତି ଓ କିପରି ଆଣିଲେ, ଏହାପରେ ଖସିଯିବାକୁ କିଭଳି ଯୋଜନା ହୋଇଥିଲା, ଏସବୁ ବୁଧବାର ଗୋଟି ଗୋଟି କରି କହି ଦେଖାଇବେ ଅଭିଯୁକ୍ତ ଫାର୍ମାସିଷ୍ଟ ସ୍ୱାମୀ ପ୍ରଦ୍ୟୁମ୍ନ କୁମାର। ଏହି ମାମଲାରେ ଭରତପୁର ଥାନା ପୋଲିସ ଅଧିକ ତଦନ୍ତ ଜାରି ରଖିଥିବାବେଳେ ଖାରପଡ଼ା ସ୍ୱତନ୍ତ୍ର ଜେଲରେ ଥିବା ପ୍ରଦ୍ୟୁମ୍ନ କୁମାରଙ୍କୁ ଦିନିକିଆ ରିମାଣ୍ଡରେ ନେବାକୁ ମଙ୍ଗଳବାର ଭୁବନେଶ୍ୱର ଜେଏମ୍‌ଏଫ୍‌ସି-୫ଙ୍କ କୋର୍ଟ ଅନୁମତି ଦେଇଛନ୍ତି। ପ୍ରଦ୍ୟୁମ୍ନଙ୍କୁ ୩ଦିନିଆ ରିମାଣ୍ଡରେ ଆଣିବାକୁ ପୋଲିସ ପକ୍ଷରୁ ଆବେଦନ ହୋଇଥିଲା। ତେବେ ବୁଧବାର ପ୍ରଦ୍ୟୁମ୍ନଙ୍କୁ ରିମାଣ୍ଡରେ ଅଣାଯାଇ ପଚରାଉଚରା କରାଯିବା ସହ କ୍ରାଇମ ସିନ୍ ରିକ୍ରିଏଶନ୍ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରଥମେ ପ୍ରଦ୍ୟୁମ୍ନଙ୍କୁ ପୋଲିସ ଟିମ୍ କେଶୁରାସ୍ଥିତ ଭଡ଼ାଘରକୁ ନେଇ ତଦନ୍ତ କରିବ। ଏହାପରେ ପୋଲିସ ଟିମ୍ ପ୍ରଦ୍ୟୁମ୍ନଙ୍କୁ ହତ୍ୟାକାଣ୍ଡ ଘଟିଥିବା ସ୍ଥାନ ପ୍ରେମିକା ରୋଜିଙ୍କ ସାମପୁରସ୍ଥିତ ଭଡ଼ାଘରକୁ ନେଇ କ୍ରାଇମ ସିନ୍ ରିକ୍ରିଏଶନ୍ କରିବ। ପରେ ବୁଧବାର ହିଁ ପ୍ରଦ୍ୟୁମ୍ନଙ୍କୁ କୋର୍ଟରେ ହାଜର କରି ଜେଲ ଫେରାଇ ନିଆଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ପ୍ରଦ୍ୟୁମ୍ନ ୨୦୨୦ରେ ଶୁଭଶ୍ରୀଙ୍କୁ ବିବାହ କରିଥିଲେ। ପରବର୍ତ୍ତୀ ସମୟରେ ସେ ରୋଜି ଓ ଏଜିତାଙ୍କୁ ପ୍ରେମ କରିବା ସହ ସ୍ତ୍ରୀଙ୍କୁ ନିର୍ଯାତନା ଦେଉଥିଲେ। ତେବେ ସ୍ୱାମୀଙ୍କ ନିର୍ଯାତନା ଅସହ୍ୟ ହେବାରୁ ଗତ ୬ମାସ ତଳେ ଶୁଭଶ୍ରୀ ବାପଘରକୁ ଚାଲିଯାଇଥିଲେ। ଅକ୍ଟୋବର ୨୭ରେ ପ୍ରଦ୍ୟୁମ୍ନ ଶୁଭଶ୍ରୀଙ୍କୁ ଭୁବନେଶ୍ୱର କେଶୁରାସ୍ଥିତ ଭଡ଼ାଘରକୁ ନେଇ ଆସିଥିଲେ। ୨୮ରେ ଶୁଭଶ୍ରୀଙ୍କୁ ରୋଜିଙ୍କ ଭଡ଼ାଘରକୁ ନେଇ ବଳପୂର୍ବକ ସିରିଞ୍ଜ୍ ଦ୍ୱାରା ମାତ୍ରାଧିକ ଆନାସ୍ଥେସିଆ ଦେଇ ହତ୍ୟା କରିଥିଲେ। ଏହି ଘଟଣାରେ ପୋଲିସ ପ୍ରଦ୍ୟୁମ୍ନଙ୍କ ସହ ଦୁଇ ପ୍ରେମିକା ରୋଜି ଓ ଏଜିତାଙ୍କୁ ଗିରଫ କରିଥିଲା।

# ଶିଳ୍ପ ନିର୍ଦ୍ଦେଶକଙ୍କ କ୍ୱାର୍ଟର୍ସରୁ ଚୋରି ଉଦ୍ୟମ ଘଟଣା: ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୫ା୧୧(ସତ୍ୟଜିତ୍ ରାଉତ)



ସମୟ ନାୟକ

ଓଡ଼ିଶା ଶିଳ୍ପ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ତଥା ବରିଷ୍ଠ ଆଇଏଏସ୍ ଅଫିସର ପ୍ରଶାନ୍ତ କୁମାର ରେଙ୍ଗୀଙ୍କ ନୟାପଲ୍ଲୀ ଆଇଆରସି ଭିଲେଜ ଭିଆଇପି କଲୋନୀସ୍ଥିତ ସରକାରୀ କ୍ୱାର୍ଟର ନଂ.ଏ-୬ରୁ ଚୋରି ଉଦ୍ୟମ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପୋଲିସ ମଙ୍ଗଳବାର ଗିରଫ କରିଛି। ସେ ହେଲେ ନୟାପଲ୍ଲୀ ଥାନା ଅନ୍ତର୍ଗତ ଶହୀଦ ଲକ୍ଷ୍ମଣ ନାୟକ ବେହେରା ବସ୍ତିରେ ରହୁଥିବା ନୟାଗଡ଼ ଜିଲା ଟାଉନ ଥାନା ଅଞ୍ଚଳର ସମୟ ନାୟକ ଓରଫ ଗଲୁଆ (୧୯)। କୋର୍ଟଚାଲାଣ ପରେ ଗଲୁଆଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ନିର୍ଦ୍ଦେଶକ ରେଙ୍ଗୀ ଓ ତାଙ୍କ ପରିବାର ସଦସ୍ୟ କିଛିଦିନ ହେବ କ୍ୱାର୍ଟରରେ ଅନୁପସ୍ଥିତ ଥିବାବେଳେ ଦୁଇଜଣ ସୁରକ୍ଷାକର୍ମୀ ଦିନରାତି ପାଳି କରି ଜଗୁଛନ୍ତି। ଗତ ଶୁକ୍ରବାର ଦିନବେଳା ଦାୟିତ୍ୱରେ ଥିବା ସୁରକ୍ଷାକର୍ମୀ ଅପରାହ୍ନ ପ୍ରାୟ ୫ଟାରେ କୌଣସି ଚାଲିଯାଇଥିଲେ। ଏହାର ସୁଯୋଗ ନେଇ ଗଲୁଆ ମୁଖ୍ୟଗେଟ୍ ତାଲାକୁ ଶାବଳରେ ଭାଙ୍ଗି ଘର ଭିତରେ ପଶିଥିଲେ। ଗଲୁଆ ଗଦ୍‌ରେଜ ଆଲମିରାକୁ ସ୍କ୍ରୁ-ଡ୍ରାଇଭରରେ ଖୋଲି ମୂଲ୍ୟବାନ ସାମଗ୍ରୀ ଚୋରି କରିବାକୁ ଉଦ୍ୟମ କରୁଥିବାବେଳେ ଅନ୍ୟ ଜଣେ ସିକ୍ୟୁରିଟି ଗାର୍ଡ ଆସିଯାଇଥିଲେ। ଏହି ସମୟରେ ଗଲୁଆ ପଛପାଖ ଗେଟ୍ ତାଲା ଭାଙ୍ଗି ଖସିପଳାଇଥିଲେ। ଏନେଇ ରେଙ୍ଗୀଙ୍କ ସମ୍ପର୍କୀୟ ପ୍ରତିସ୍ୱରୂପ ଲେଙ୍କା ନୟାପଲ୍ଲୀ ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା (ନଂ. ୬୪୯/୨୦୨୪) ରୁଜୁ କରି ତଦନ୍ତ କରିଥିଲା।

# ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

ରାଉରକେଲା/ ବେଦବ୍ୟାସ, ୫ା୧୧ (ସଙ୍ଗୀତା ଜେନା/ ଆଲୋକ ସ୍ୱାଇଁ)

ବ୍ରାହ୍ମଣୀତରଙ୍ଗ ଥାନା ଅଞ୍ଚଳରେ ୨ଦିନ ତଳେ ଜଣେ ନାବାଳିକା(୧୫)ଙ୍କୁ କୋଲ୍ ଡ୍ରିଙ୍କ୍‌ସରେ ନିଶା ଦେଇ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ମଙ୍ଗଳବାର ଅଭିଯୁକ୍ତ ଶଶାଙ୍କ ଶେଖର ପ୍ରଧାନ(୫୫)ଙ୍କୁ ଗିରଫ କରି ପୋଲିସ କୋର୍ଟଚାଲାଣ କରିଛି। ସୂଚନା ଅନୁଯାୟୀ, ଗତ ୩ ତାରିଖରେ ଅଭିଯୁକ୍ତ ଶଶାଙ୍କ ଉକ୍ତ ନାବାଳିକାଙ୍କୁ ନିଜ ଘରକୁ କାମ କରିବା ପାଇଁ ଡାକିଥିଲେ। ସେ ଘରେ ପହଞ୍ଚିବା ପରେ ତାଙ୍କୁ କୋଲ୍ ଡ୍ରିଙ୍କ୍‌ସରେ ନିଶାଦ୍ରବ୍ୟ ମିଶାଇ ପିଇବାକୁ ଦେଇଥିଲେ। ନାବାଳିକା ଜଣଙ୍କ ବେହୋସ ହୋଇଯିବା ପରେ ଅଭିଯୁକ୍ତ ତାଙ୍କୁ ବଳାତ୍କାର କରିଥିଲେ। ଚେତା ଫେରିବା ପରେ ନାବାଳିକା ଘର ଲୋକଙ୍କୁ ସମସ୍ତ କଥା କହିଥିଲେ।

# ସ୍ତ୍ରୀ ଓ ଝିଅ, ପୁଅଙ୍କୁ ପୋଡ଼ି ହତ୍ୟା ମାମଲା ଦୋଷୀଙ୍କୁ ଆଜୀବନ କାରାଦଣ୍ଡ

ବାରିପଦା,୫ା୧୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଅତିରିକ୍ତ ଜିଲା ଦୌରା ଜଜ୍ କୋର୍ଟ(୧)ରେ ମଙ୍ଗଳବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସତ୍ୟନାରାୟଣ ପାତ୍ର ଏହାର ବିଚାର କରି ଦୋଷୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହିତ ୫୨ ହଜାର ଟଙ୍କା ଜରିମାନା ଓ ଅନାଦାୟ ଅଧିକ ୯ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଖାରପୋଖରିଆ ଥାନା ଅଧୀନ ଉଞ୍ଚଗାଁ ଡିପାସାହିର ମଙ୍ଗଳ ମାରାଣ୍ଡି(୩୫)। ମାମଲାର ବିବରଣୀ ଅନୁଯାୟୀ, ସ୍ତ୍ରୀ ସୁରକୁନୀ, ଝିଅ ସରିତା ଓ ପୁଅ ଜଗଦୀଶଙ୍କୁ ନେଇ ମଙ୍ଗଳଙ୍କ ପରିବାର ହସଖୁସିରେ ଚାଲୁଥିଲା । ତେବେ ପରକୀୟା ପ୍ରୀତି ସନ୍ଦେହରେ ମଙ୍ଗଳ ଓ ସୁରକୁନୀଙ୍କ ମଧ୍ୟରେ ଅଧିକାଂଶ ଦିନ ବଚସା ଲାଗିରହୁଥିଲା। ଏନେଇ ପରିବାରରେ ଅଶାନ୍ତି ବଢ଼ି ଚାଲିଥିଲା। ୨୦୨୨ ମେ ୧୩ ତାରିଖ ରାତି ୨ଟା ୩୦ମିନିଟରେ ମଙ୍ଗଳ ତାଙ୍କ ଶଳା କାମକର ମାରାଣ୍ଡିଙ୍କୁ ଫୋନ ଯୋଗେ ସୁରକୁନୀ ଓ ଝିଅ, ପୁଅ ଗ୍ୟାସ୍‌ରେ ପୋଡ଼ିହୋଇ ମୃତ୍ୟୁବରଣ କରିଥିବା ନେଇ ଜଣାଇଥିଲେ। କାମକର ଘଟଣାସ୍ଥଳରେ ପହଞ୍ଚି ଭଉଣୀ ଓ ଭାଣିଜୀ,ଭଣଜାଙ୍କୁ ହତ୍ୟା କରାଯାଇଥିବା ନେଇ ସନ୍ଦେହ ପ୍ରକାଶ କରି ଖାରପୋଖରିଆ ଥାନାରେ ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ପୋଲିସ ଏକ ହତ୍ୟା ମାମଲା (ନଂ.୧୦୭/୨୨) ରୁଜୁ କରି ଛାନଭିନ୍ କରିଥିଲା। ତଦନ୍ତ ସମୟରେ ଗ୍ୟାସରୁ ନିଆଁ ଲାଗି ନ ଥିବା ଜଣାପଡ଼ିଥିଲା। ମଙ୍ଗଳ ତାଙ୍କ ସ୍ତ୍ରୀ ଓ ଝିଅ, ପୁଅଙ୍କ ତଣ୍ଟିଚିପି ହତ୍ୟା କରିବା ପରେ ଦୋଷ ଲୁଚାଇବାକୁ କିରୋସିନ ଢାଳି ପୋଡ଼ି ଦେଇଥିବା ପୋଲିସ ଆଗରେ ସ୍ୱୀକାର କରିଥିଲେ। ସରକାରୀ ଆଇନଜୀବୀ କୃଷ୍ଣଚନ୍ଦ୍ର ଦାସ ମାମଲା ପରିଚାଳନା କରୁଥିଲେ।

# ଭିନ୍ନକ୍ଷମ ନାବାଳିକାଙ୍କୁ ବଳାତ୍କାର

କୁଜଙ୍ଗ, ୫ା୧୧(ମନୋଜ ପ୍ରଧାନ)

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅଞ୍ଚଳର ଜଣେ ଭିନ୍ନକ୍ଷମ ନାବାଳିକାଙ୍କୁ ତାଙ୍କ ପଡ଼ୋଶୀ ଘର ଯୁବକ ମଙ୍ଗଳବାର ବଳାତ୍କାର କରିଛନ୍ତି। ଏନେଇ ପୀଡ଼ିତାଙ୍କ ମା' ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ମହିଳା ଜଣକ ତାଙ୍କ ୧୭ ବର୍ଷୀୟା ଝିଅକୁ ଘରେ ଛାଡ଼ି ନିକଟସ୍ଥ ବ୍ୟାଙ୍କକୁ ଯାଇଥିଲେ। ଘରେ ସମ୍ପୃକ୍ତ ନାବାଳିକାଙ୍କୁ ଏକୁଟିଆ ପାଇ ପଡ଼ୋଶୀ ଯୁବକ ତାଙ୍କୁ ଘରକୁ ଡାକି ନେଇ ଏକ କୋଠରିରେ ବଳାତ୍କାର କରିଥିଲେ। ଏପରିକି ପୀଡ଼ିତାଙ୍କ ଜିଭ ଏବଂ ଓଠକୁ ଅଭିଯୁକ୍ତ ଜଣକ କାମୁଡ଼ି ଦେଇଛନ୍ତି ବୋଲିଅଭିଯୋଗ ପତ୍ରରେ ଦର୍ଶାଯାଇଛି।

# ଦୋଷୀ ଧରମ ମାମୁଙ୍କୁ ଆଜୀବନ କାରାଦଣ୍ଡ

## ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ମାମଲା

## ୨ମାସରେ ରାୟ ପ୍ରକାଶ

ବାଲେଶ୍ୱର, ୫ା୧୧(ବାଞ୍ଛାନିଧି ଦେ)

ଜଣେ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ମାମଲାର ୨ ମାସ ମଧ୍ୟରେ ମଙ୍ଗଳବାର ରାୟ ଶୁଣାଇଛନ୍ତି ବାଲେଶ୍ୱର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ। ଜଳଖିଆ ଖୁଆଇବା ନାଁରେ ଏଭଳି ନୃଶଂସ କାଣ୍ଡ ଘଟାଇଥିବା ଅଭିଯୁକ୍ତ ଧରମ ମାମୁଙ୍କୁ ବିଚାରପତି ରଞ୍ଜନ କୁମାର ସୂତାର ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ୫ ହଜାର ଟଙ୍କା ଜରିମାନା ଓ ଜରିମାନା ଅନାଦାୟ ଅଧିକ ୨ ବର୍ଷ ଜେଲ୍‌ଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ଏଥିସହ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ମୃତ ନାବାଳିକାଙ୍କ ପରିବାରକୁ ୯ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନା ଅନୁଯାୟୀ, ଅଭିଯୁକ୍ତ ରବି ସିଂ(୪୬) ବୃତ୍ତିରେ ଜଣେ ଦିନମଜୁରିଆ। ନାବାଳିକାଙ୍କ କକା ଓ ପରିବାର ସହ ଅଳ୍ପ ଦିନ ମଧ୍ୟରେ ସେ ସମ୍ପର୍କ ସ୍ଥାପନ କରିଥିଲେ। ଗତ ଅଗଷ୍ଟ ୨୭ ତାରିଖ ସକାଳ ୮ଟାରେ ସେ ନାବାଳିକାଙ୍କୁ ଜଳଖିଆ ଓ ଡ୍ରେସ୍ କିଣିଦେବାକୁ କହି ଗଣେଶ୍ୱରପୁର ବଜାରକୁ ନେଇଥିଲେ। ବଜାରରୁ ଜଳଖିଆ କିଣି ଯୋଜନାକ୍ରମେ ନିକଟସ୍ଥ ଗୌରପୁର ଅଞ୍ଚଳରେ ଥିବା ଏକ ପରିତ୍ୟକ୍ତ କୋଠା ନିକଟକୁ ନାବାଳିକାଙ୍କୁ ନେଇଥିଲେ। ସେଠାରେ ସେ ବଳପୂର୍ବକ ବଳାତ୍କାର କରି ପରିବାରରେ କାହାରିକୁ ନ ଜଣାଇବା ପାଇଁ ନାବାଳିକାଙ୍କୁ ଧମକ ଦେଇଥିଲେ। ଘଟଣା ସମ୍ପର୍କରେ ନାବାଳିକା ସମସ୍ତଙ୍କୁ ଜଣାଇଦେବ ବୋଲି କହିବାରୁ ରବି ଏକ ସିମେଣ୍ଟ ସ୍ଲାବରେ ତା' ମୁଣ୍ଡକୁ ଛେଚି ହତ୍ୟା କରିଥିଲେ। ଘଟଣା ପ୍ରଘଟ ଭୟରେ ରକ୍ତ ଜୁଡୁବୁଡୁ ମୃତଦେହକୁ ଉକ୍ତ କୋଠାର ଛାତ ଉପରେ ଥିବା ଘାସବୁଦା ନିକଟରେ ଫିଙ୍ଗିଦେବା ସହ ପତ୍ର ଘୋଡ଼ାଇ ଦେଇଥିଲେ। ଅପରପକ୍ଷରେ ଝିଅକୁ ଖୋଜାଖୋଜି କରି ପରିବାର ଲୋକେ ନ ପାଇବାରୁ ଧରମ ମାମୁ ରବି ଉପରେ ସନ୍ଦେହ କରିଥିଲେ। ଏ ନେଇ ପରିବାର ପକ୍ଷରୁ ଅଭିଯୋଗ ମୁତାବକ ରେମୁଣା ଥାନାରେ ଗତ ଅଗଷ୍ଟ ୩୦ ତାରିଖରେ ଏକ ମାମଲା (ନଂ. ୧୪୫/୨୪) ରୁଜୁ ହୋଇ ତାଙ୍କୁ ଗିରଫ କରାଯାଇଥିଲା। ୨୩ ଜଣ ସାକ୍ଷୀ ଏବଂ ୪୦ଟି ଦଲିଲ ଓ ଦସ୍ତାବିଜକୁ ଆଧାର କରି ଜଜ୍ ଏହି ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ଏହି ମାମଲାର ପରିଚାଳନା କରିଥିଲେ।

# ସାଇବର ଠକେଇ: ଆକାଉଣ୍ଟରୁ କଟିଗଲା ୮୫ ହଜାର

ରାଉରକେଲା,୫ା୧୧ (ସଙ୍ଗୀତା ଜେନା)

ଝିରପାଣି ଥାନା ଅନ୍ତର୍ଗତ କୋଏଲନଗର ଅଞ୍ଚଳରେ ଜଣେ ଯୁବତୀ ସାଇବର ଠକେଇର ଶିକାର ହୋଇଛନ୍ତି। ଏ ନେଇ ଥାନାରେ ଏକ ମାମଲା (ନଂ.୧୭୩/୨୪) ରୁଜୁ ହୋଇଛି। ସୂଚନା ଅନୁଯାୟୀ, କୋଏଲନଗରର ଶ୍ୟାମ ନାୟକଙ୍କ ଝିଅ ରଶ୍ମିମୟୀ ନାୟକ ସ୍ୱାମୀଙ୍କ ସହ କାନାଡାରେ ରହୁଛନ୍ତି। ଗତ କିଛିଦିନ ତଳେ ରଶ୍ମିମୟୀ ରାଉରକେଲା ଆସିଥିଲେ। ସୋମବାର ସନ୍ଧ୍ୟାରେ ତାଙ୍କ କୋରିଅରରେ ଗଞ୍ଜେଇ ଥିବା ନେଇ ତାଙ୍କ ମୋବାଇଲକୁ ଏକ କଲ୍ ଆସିଥିଲା। ଏଥିରୁ ବର୍ତ୍ତିବା ପାଇଁ ରଶ୍ମିଙ୍କୁ ଟଙ୍କା ମଗାଯାଇଥିଲା ଏବଂ ଗୋଟିଏ ଲିଙ୍କ୍ ତାଙ୍କ ମୋବାଇଲକୁ ଆସିଥିଲା। ଏହାକୁ କ୍ଲିକ୍ କରିବା ପରେ ରଶ୍ମିଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୮୫ ହଜାର ଟଙ୍କା କଟିଯାଇଥିଲା। ଏହା ଜାଣିବା ପରେ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ।

No. B-550

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER, CUTTACK (R&B) CIRCLE, CUTTACK
E-mail ID: sectcrb_2006@yahoo.co.in, Tel/Fax: 0671-2301751/2302751
('e' - PROCUREMENT NOTICE)
Bid Identification No. CCE.Ctc.(R&B) 7/2024-25

1. The Chief Construction Engineer, Cuttack (R&B) Circle, Cuttack on behalf of Governor of Odisha invites on Percentage rate basis bid in Double Cover System in ONLINE MODE from eligible contractors for Building Work as mentioned below.
2. No. of Work : 01 No.
3. Nature of Work : Building Work
4. Class of Contractor : 'B' & 'A' Class
5. Tender Paper Cost : Rs.10000/- (Online)
6. Available of Bid Document in the website : From 08.11.2024 to 17.30 hours of 19.11.2024
7. Date of Opening of Bid : Dt.20.11.2024 at 11.00 hours
8. The bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum/corrigendum/cancellation of tender can also be seen in the said website.

Sd./- Chief Construction Engineer
Cuttack (R&B) Circle
OIPR-34012/11/0009/2425

WANTED
Immediately wanted
Sales Representative and Office Assistant
Contact : 9338205137 / 9861404151
*Cimit Duplex*
16, Sailashree Vihar, Bhubaneswar-751021

ପୂର୍ବ ତଟ ରେଳପଥ
ଟେଣ୍ଡର ସଂ. ELOP-T-10-2024
କାର୍ଯ୍ୟର ନାମ: 03 ବର୍ଷ ସମୟାବଧି ନିମନ୍ତେ MEMU କାର ସେଡ୍ / ଖୋର୍ଦ୍ଧା ରୋଡ୍ ଠାରେ MEMU କୋଚ୍‌ଗୁଡ଼ିକରେ ଲଗାଯାଇଥିବା ଜୈବ ଶୌଚାଳୟ (DRDE ଟାଇପ୍) ଗୁଡ଼ିକର ବାର୍ଷିକ ରକ୍ଷଣାବେକ୍ଷଣ ଏବଂ ପରିଚାଳନା ଚୁକ୍ତି (AMOC) ।
ବିଜ୍ଞାପିତ ମୂଲ୍ୟ (₹): 49,29,375.66, EMD (₹): 98,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ (₹): 3,540/-, ଶେଷ ହେବା ଅବଧି : 36 ମାସ ।
ବିଡ୍ ଆରମ୍ଭ ହେବା ତାରିଖ : ତା.08.11.2024ରିଖ,
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.22.11.2024 ରିଖ 1700 ଘଟିକାରେ ।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ https://www.ireps.gov.inରେ ଉପଲବ୍ଧ ହେବ ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (OP), ଖୋର୍ଦ୍ଧା ରୋଡ୍
PR-699/P/24-25

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org
ପତ୍ର ସଂଖ୍ୟା: ୨୦୧ ତା:୦୨।୧୧।୨୪
ବିଜ୍ଞାପନ
No. CAD-1541: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ଏଫ୍.ଇ.-୭୬ (FE-76) ବାସନ୍ତୀ ହାଉସିଂ ସ୍କିମ୍, ଫେଜ୍-୪, ରାଉରକେଲା ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ଉନକିଶୋର, ପିତା: ୰ଉନାଲଚନା ମୂର୍ତ୍ତି, ଗ୍ରା: ଗାନ୍ଧୀନଗର, ସେକ୍ଟର-ଇ, ପୋ./ଥା.: ବଣ୍ଡମୁଣ୍ଡା, ଜି.: ସୁନ୍ଦରଗଡ଼ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଉକ୍ତ ଆବଣ୍ଟନ ଗ୍ରହୀତା ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ରଞ୍ଜିତ କୁମାର ଶର୍ମା, ପିତା: ୰ନନ୍ଦ କୁମାର ଶର୍ମା, ଗ୍ରା: ବ୍ଲିମ୍ପର କଲୋନୀ, ପୋ: ରାଉରକେଲା, ଥା: ପ୍ଲାଣ୍ଟ ସାଇଟ୍, ଜିଲ୍ଲା: ସୁନ୍ଦରଗଡ଼ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।
ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଘରଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।
ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0323/2425

Annexure - II
OFFICE OF DISTRICT MANAGER
ODISHA STATE CIVIL SUPPLIES CORPORATION LTD. (OSCSC), BHADRAK (DISTRICT)
District Website: csobdk@gmail.com
NOTICE INVITING TENDERS
Tender No. 5160 Dt.05.11.2024
No. CAD-1547: District Manager, Odisha State Civil Supplies Corporation Ltd., Bhadrak (District) invites tenders in Double Cover System through ONLINE MODE ONLY for the works below:

| | | |
|---|---|---|
| 1 | Name of the Work | Selection and appointment of (i) Level-I Transport Contractor for transportation of foodgrains from FSD, FCI to RRCs |
| 2 | Availability of bid document in the portal | From 05.11.2024 (Date) |
| 3 | Last Date/time for receipt of bids in the portal | Dt.30.11.2024 upto 5.30 P.M. |
| 4 | Date/time of Opening of Technical Bid | Dt.03.12.2024 at 11.00 A.M. |
| 5 | Name and address of the Officer Inviting Tender | District Manager, OSCSC Ltd., Bhadrak (District) |

Tender documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments/Corrigendum/Cancellation/Retenders etc. if any shall be published only in above websites.
Sd./- District Manager
OSCSC Ltd., Bhadrak
OIPR-07055/11/0002/2425

ODISHA POWER GENERATION CORPORATION LIMITED
CIN: U40104OR1984SGC001429
OPGC Power for Progress
Zone-A, 7th Floor, Fortune Towers, Chandrasekharpur, Bhubaneswar, Odisha, India
Phone: +91-674-2303765-66, Fax: +91-674-2303755-56, Website: www.opgc.co.in
POWER YOUR CAREER WITH OPGC
**Odisha Power Generation Corporation Ltd. (OPGC)**, a Government of Odisha Company, operates state of the art thermal power plants at Ib Thermal Power Station (ITPS), Banharpalli, Jharsuguda. It has a total generation capacity of 1740 MW (2x210 MW in first phase and 2x660MW in second phase). We are looking for dynamic and result oriented professionals for the following positions under **Market Based Salary (MBS) structure and performance-based service conditions** on our regular rolls. Reservation laws as notified by Govt. of Odisha will be followed.

A. O&M :

| Sl. No. | Name of the Post | Grade | No. of Posts |
|---|---|---|---|
| 1 | Manager - Civil | E4 | 1 |
| 2 | Manager - Quality | E4 | 1 |
| 3 | Assistant Manager - Quality | E1 | 2 |
| 4 | Assistant Manager - O&M (AHP Maintenance) | E1 | 2 |
| 5 | Assistant Manager - CHP | E1 | 3 |
| 6 | Assistant Manager - MGR | E1 | 1 |

B. Human Resource :

| Sl. No. | Name of the Post | Grade | No. of Posts |
|---|---|---|---|
| 1 | Senior General Manager - HR & IR | E9 | 1 |

C. Finance :

| Sl. No. | Name of the Post | Grade | No. of Posts |
|---|---|---|---|
| 1 | Manager - Finance | E4 | 3 |
| 2 | Assistant Manager - Finance | E1 | 4 |

For detailed advertisement, please logon to our website: www.opgc.co.in/careers. The last date for online application is **21.11.2024 and to receive the hardcopy of application is 28.11.2024**. Candidates are advised to go through the detailed advertisement carefully before applying. Corrigendum, if any will be published in our official website.
No. OPGC/CO/HR/03/2024 Dated : 06/11/2024

## ସଂକ୍ଷେପରେ

### ପାର୍ବଣ ଋତୁରେ ରେକର୍ଡ ସଂଖ୍ୟକ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ

ଭୁବନେଶ୍ୱର,୫।୧୧(ଅନୁରାଧା ମହାରଣା)

ଚଳିତବର୍ଷ ପାର୍ବଣଋତୁରେ ଭାରତୀୟ ରେଳପଥ ପକ୍ଷରୁ ରେଲୱେ ଦ୍ୱାରା ୭୬୬୩ଟି ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିଛି। ଏହି ଟ୍ରେନ ଚଳାଚଳ ଅକ୍ଟୋବର ୧ରୁ ଆରମ୍ଭ ହୋଇଥିବାବେଳେ ନଭେମ୍ବର ୩୦ ପର୍ଯ୍ୟନ୍ତ କିଛି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ଜାରି ରହିବ। ଗତବର୍ଷ ଏହି ସମୟ ମଧ୍ୟରେ ୪୪୨୯ଟି ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିଥିଲା। ଏହି ତୁଳନାରେ ଚଳିତ ବର୍ଷ ୭୩%ରୁ ଅଧିକ ଟ୍ରେନ ଚଳାଚଳ କରିଛି। ଅକ୍ଟୋବର ୨୪ରୁ ନଭେମ୍ବର ୪ ମଧ୍ୟରେ ୯.୫୮ କୋଟି ଯାତ୍ରୀ ଭାରତୀୟ ରେଳପଥର ଅଣ-ଉପାନ୍ତ ମାର୍ଗରେ ଯାତ୍ରା କରିଥିଲେ। ଏହା ଏକ ନୂଆ ରେକର୍ଡ ବୋଲି ବିବେଚନା କରାଯାଉଛି। ଗତବର୍ଷ ଦୀପାବଳି ଓ ଛଟ୍ ପୂଜା ସପ୍ତାହରେ ୯.୨୪ କୋଟି ଯାତ୍ରୀ ଯାତ୍ରା କରିଥିଲେ। ଚଳିତବର୍ଷ ନଭେମ୍ବର ୪ରେ ୧କୋଟିରୁ ଅଧିକ ୨୦ ଲକ୍ଷ ୭୨ ହଜାର ଯାତ୍ରୀ ଭାରତୀୟ ରେଳପଥର ଅଣ-ଉପାନ୍ତ ମାର୍ଗରେ ଯାତ୍ରା କରିଥିଲେ, ଯାହା ଏକ ନୂତନ ରେକର୍ଡ । ଏଥିରେ ସଂରକ୍ଷିତ ବର୍ଗରେ ୧୯.୪୩ ଲକ୍ଷ ଯାତ୍ରୀ ଏବଂ ଅଣସଂରକ୍ଷିତ ବର୍ଗରେ ୧ କୋଟି ୧ ଲକ୍ଷ ୨୯ ହଜାର ଯାତ୍ରୀ ଯାତ୍ରା କରିଛନ୍ତି। ଭାରତୀୟ ରେଳ ନଭେମ୍ବର ୩ରେ ୨୦୭ଟି ସ୍ୱତନ୍ତ୍ର ଟ୍ରେନ ଏବଂ ୪ରେ ୨୦୩ଟି ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିଥିଲା, ଯାହାକି ଏକ ନୂଆ ରେକର୍ଡ।

### ଓଡ଼ିଆ ନାଟ୍ୟ ଜଗତର ସାରସ୍ୱତ ସାଧକ ଥିଲେ ବୈଷ୍ଣବ ପାଣି

ମାହାଙ୍ଗା, ୫।୧୧(ଯଯାତି ସିଂହ)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଲଳିତଗିରି ପଞ୍ଚାୟତ ହରିଭକ୍ତପୁରଠାରେ ଗଣକବି ବୈଷ୍ଣବ ପାଣିଙ୍କ ୧୪୨ତମ ଜୟନ୍ତୀର ଷଷ୍ଠ ସନ୍ଧ୍ୟା ମାହାଙ୍ଗା ବିକାଶ ପରିଷଦ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ଜିତେନ୍ଦ୍ର କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଯୋଗଦେଇ ଓଡ଼ିଆ ନାଟ୍ୟ ଜଗତର ସାରସ୍ୱତ ସାଧକ ବୈଷ୍ଣବ ପାଣି ଥିଲେ ବୋଲି କହିଥିଲେ। ମୁଖ୍ୟବକ୍ତାଭାବେ ସାହିତ୍ୟିକ ପ୍ରଫେସର ନଟବର ଶତପଥୀ ଯୋଗଦେଇ ଗଣକବିଙ୍କ ସାହିତ୍ୟ ଓ ଗୀତିନାଟ୍ୟ ଉପରେ ଆଲୋଚନା କରିଥିଲେ । ସମ୍ମାନିତ ଅତିଥିଭାବେ ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ ଯୋଗଦେଇ ଗଣକବିଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲ । ସମ୍ମାନିତ ବକ୍ତାଭାବେ ଅଧ୍ୟାପକ ଡ.ଅଶୋକ କୁମାର ରାଉତ ଯୋଗଦେଇଥିଲେ। ଏହି ଅବସରରେ ଯୁବ ଜ୍ୟୋତି ସାଂସ୍କୃତିକ ପରିଷଦ କୁହୁଣ୍ଡା ପକ୍ଷରୁ 'ଦାନବୀର ସୁରସେନ', ଦିବ୍ୟଜ୍ୟୋତି କ୍ଲବ କାଳିଅଣ୍ଟି ପକ୍ଷରୁ 'ଜଳନ୍ଧର ବଧ' ଓ ହରିଗୋସ୍ୱାମୀ ସାଂସ୍କୃତିକ ସଂସଦ ଓ ପାଠାଗାର କୁହୁଣ୍ଡା ପକ୍ଷରୁ 'ନଳ ଦମୟନ୍ତୀ' ଗୀତିନାଟ୍ୟ ପରିବେଷଣ କରାଯାଇଥିଲା। ପ୍ରାକ୍ତନ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ଷଡ଼ଙ୍ଗୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସମିତିସଭ୍ୟ ଧ୍ରୁବଚରଣ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରଦୀପ୍ତ ମହାରଣା, ପ୍ରତାପ ସିଂହ, ଓମ ପ୍ରକାଶ ପ୍ରଧାନ, ପ୍ରମୋଦ ଦାଶ, ପ୍ରମୋଦ ପ୍ରଧାନ, ଦୀପକ ସ୍ୱାଇଁ, ନିରଞ୍ଜନ ରାଉତ, ନିର୍ମଳ ରାଉତ, ମନୋରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଦାବି ହାସଲ ପାଇଁ ଆନ୍ଦୋଳନ ଜାରି ରହିବ

## ଇପିଏଫ୍ ପେନ୍‌ସନର୍ସ ସଂଘର ରାଜ୍ୟ ସମ୍ମିଳନୀ ଉଦ୍‌ଯାପିତ

ପୁରୀ,୫।୧୧(ଅଜିତ୍ କୁମାର ମହାନ୍ତି)

ଅଲ୍ ଓଡ଼ିଶା ଇପିଏଫ୍ ପେନ୍‌ସନର୍ସ ଆସୋସିଏଶନର ୨ଦିନିଆ ରାଜ୍ୟ ସମ୍ମିଳନୀ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ସର୍ବନିମ୍ନ ମାସିକ ପେନ୍‌ସନ ୯୦୦୦ ଦେବା, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ତୁରନ୍ତ ବର୍ଦ୍ଧିତ ପେନ୍‌ସନ ଲାଗୁ କରିବା, ଦରଦାମ ବୃଦ୍ଧିର ଭରଣା ପାଇଁ ମହଙ୍ଗା ଭତ୍ତା ପ୍ରଦାନ କରିବା ଇତ୍ୟାଦି ୧୨ଟି ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗୃହିତ ହୋଇଥିଲା। ଜିଲା ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ୨ୟ ଦିନର ଏହି ସମ୍ମିଳନୀରେ ଇଂ. ବିଜୟ କୁମାର ଜେନା ସଭାପତିତ୍ୱ କରିଥିଲା ବେଳେ ସରୋଜ କାନ୍ତ ମଲ୍ଲିକ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମାଙ୍କ ସମେତ ରାଜ୍ୟ ମୁଖ୍ୟ ଉପଦେଷ୍ଟା ରଞ୍ଜନ କୁମାର ଖୁଣ୍ଟିଆ, ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ, ନଟବର ଆଚାର୍ଯ୍ୟ, କାର୍ଯ୍ୟକାରୀ ସଭାପତି ବିଷ୍ଣୁପ୍ରସାଦ ମହାନ୍ତି ଓ ପ୍ରଫୁଲ୍ଲ କୁମାର ଦାସ ଏବଂ ୨୮ଟି ଜିଲାରୁ ଆସିଥିବା ପ୍ରତିନିଧିମାନେ ସମ୍ମିଳନୀରେ ବକ୍ତବ୍ୟ ରଖି ଦାବିପୂରଣରେ କେନ୍ଦ୍ର ସରକାରଙ୍କ ଅବହେଳାକୁ ଦୃଢ଼ ନିନ୍ଦା କରିବା ସହ ଦାବି ହାସଲ ପାଇଁ ଆନ୍ଦୋଳନ ଲାଗି ଆହ୍ୱାନ ଦେଇଥିଲେ।

ପୂର୍ବବର୍ଷ ଭଳି ଚଳିତ ବର୍ଷ ନଭେମ୍ବର ୧୬ ତାରିଖ ଦିନ ସମସ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ଦିବସ ପାଳନ କରି କେନ୍ଦ୍ର ଶ୍ରମମନ୍ତ୍ରୀଙ୍କୁ ଜିଲାପାଳଙ୍କ ଜରିଆରେ ଦାବିପତ୍ର ଦେବା ପାଇଁ ନିଷ୍ପତ୍ତି ନିଆଯାଇଛି। ପ୍ରତ୍ୟେକ ଜିଲାରେ ସଭ୍ୟ ସଂଗ୍ରହ ଅଭିଯାନକୁ ତ୍ୱରାନ୍ୱିତ କରିବା ପାଇଁ ନିଷ୍ପତ୍ତି ମଧ୍ୟ ନିଆଯାଇଛି। ୩ ବର୍ଷ ଲାଗି କର୍ମକର୍ତ୍ତା ନିର୍ବାଚନ ସର୍ବସମ୍ମତିକ୍ରମେ ହୋଇଥିଲା। ସଭାପତି ଭାବେ ଇଂ. ବିଜୟ କୁମାର ଜେନା, ସାଧାରଣ ସମ୍ପାଦକ ଭାବେ ଭାଗ୍ୟଧର ବ୍ରହ୍ମା, କାର୍ଯ୍ୟକାରୀ ସଭାପତି ଭାବେ ବିଷ୍ଣୁ ପ୍ରସାଦ ମହାନ୍ତି ଓ ପ୍ରଫୁଲ୍ଲ କୁମାର ଦାସ ନିର୍ବାଚିତ ହୋଇଛନ୍ତି। ଏମାନଙ୍କ ବ୍ୟତୀତ ଅନ୍ୟ ୫ ଜଣ ଉପଦେଷ୍ଟା ମଣ୍ଡଳୀଙ୍କୁ ମନୋନିତ କରାଯାଇଥିବା ବେଳେ ୭ ଜଣ ଉପସଭାପତି, ୧୧ ଜଣ ଯୁଗ୍ମ ସମ୍ପାଦକ, ୧୩ ଜଣ ସଂଗଠନ ସମ୍ପାଦକ, ଜଣେ କୋଷାଧ୍ୟକ୍ଷ, ଜଣେ ସହକାରୀ କୋଷାଧ୍ୟକ୍ଷ ଓ ୧୫ ଜଣ କାର୍ଯ୍ୟକାରୀ କମିଟିର ସଦସ୍ୟ ଭାବେ ରାଜ୍ୟ କମିଟିକୁ ମନୋନିତ ହୋଇଛନ୍ତି। ଦେବେନ୍ଦ୍ର କୁମାର ସାହୁ ଓ ରଘୁନାଥ ବରାଳ ସମୀକ୍ଷକ ଭାବେ ମନୋନିତ କରାଯାଇଛି। ଉପଦେଷ୍ଟା ନଟବର ଆଚାର୍ଯ୍ୟ ସମସ୍ତ କର୍ମକର୍ତ୍ତା ଓ କାର୍ଯ୍ୟକାରୀ ସଦସ୍ୟମାନଙ୍କୁ ଗୋପନୀୟତାର ଶପଥ ପାଠ କରାଇଥିଲେ।



ଭୁବନେଶ୍ୱର ନ୍ୟୁଜ୍ ପେପର ସପ୍ଲାୟର୍ସ ଆସୋସିଏଶନ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ୍ ପଏଣ୍ଟର ବିତରକ ଅଭୟ କୁମାର ବାରିକଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଉଛି। ଏହି ଅବସରରେ ଆସୋସିଏଶନର ସମସ୍ତ ସଦସ୍ୟ ସ୍ୱର୍ଗତ ବାରିକଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରୁଛନ୍ତି।

# ସାମାଜିକ କର୍ମୀଙ୍କୁ ଗୋଡ଼ାଇ ହାଣିବା ଘଟଣା, ୨ ଅଟକ

ଭୁବନେଶ୍ୱର,୫।୧୧(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଏୟାରପୋର୍ଟ ଥାନା ଅନ୍ତର୍ଗତ ପଳାସପଲ୍ଲୀ ଲେନ୍-୭ ନିକଟରେ ସାମାଜିକ କର୍ମୀ ଶିବପ୍ରସାଦ ଶ୍ରୀଚନ୍ଦନଙ୍କୁ ଗୋଡ଼ାଇ ହାଣିବା ଘଟଣାରେ ୨ ଅଭିଯୁକ୍ତଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଥିବା ଭୁବନେଶ୍ୱର ଡିସିପି ପିନାକ ମିଶ୍ର ମଙ୍ଗଳବାର ସୂଚନା ଦେଇଛନ୍ତି। ତେବେ ଅଟକ ଥିବା ଅଭିଯୁକ୍ତଙ୍କ ମଧ୍ୟରୁ ଜଣଙ୍କ ସିଧାସଳଖ ସମ୍ପୃକ୍ତି ରହିଛି। ବ୍ୟକ୍ତିଗତ ଶତ୍ରୁତାରୁ ଆକ୍ରମଣ ହୋଇଥିବାବେଳେ ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବାକୁ ପ୍ରୟାସ ଚାଲିଛି। ଏମ୍‌ସରେ ଶିବପ୍ରସାଦଙ୍କ ଚିକିତ୍ସା ଚାଲିଥିବାବେଳେ ସେ ବିପଦମୁକ୍ତ ଥିବା ଡିସିପି କହିଛନ୍ତି। ଅନ୍ୟପକ୍ଷରେ ଶିବପ୍ରସାଦ ଜଣେ ଭାଜପା କର୍ମୀ ହୋଇଥିବାରୁ ଏହି ଘଟଣା ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ମଧ୍ୟ ଚର୍ଚ୍ଚା ହେଉଛି।

ସୂଚନାଯୋଗ୍ୟ, ସୋମବାର ରାତି ପ୍ରାୟ ୧୦ଟା ୧୫ ବେଳେ ଶିବପ୍ରସାଦ ସ୍କୁଟି ଚଳାଇ ଲେନ୍-୧୦ସ୍ଥିତ ଘରକୁ ଫେରୁଥିଲେ। ସେ ଲେନ୍-୭ ନିକଟରେ ଯିବାବାଳେ ଦୁଇ ବାଇକ୍‌ରେ ୪ରୁ ଊର୍ଦ୍ଧ୍ୱ ଦୁର୍ବୃତ୍ତ ଖଣ୍ଡା, ଭୁଜାଲି ଆଦି ମାରଣାସ୍ତ୍ର ଧରି ସେଠାରେ ପହଞ୍ଚି ଶିବପ୍ରସାଦଙ୍କୁ ଅଟକାଇଥିଲେ। ହଠାତ୍ ଦୁର୍ବୃତ୍ତମାନେ ଶିବପ୍ରସାଦଙ୍କୁ ହତ୍ୟା ଉଦ୍ଦେଶ୍ୟରେ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକମାନେ ପହଞ୍ଚିଯିବାରୁ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ଏନେଇ ଶିବପ୍ରସାଦଙ୍କ ଦାଦା ଗୌରହରି ରଣସିଂଙ୍କ ଏତଲା ପରେ ପୋଲିସ ଏକ ମାମଲା (ନଂ.୩୩୭/୨୦୨୪) ରୁଜୁ କରି ତଦନ୍ତ ଜାରି ରଖିଛି।

### ମା'ଙ୍କ ସୁନା ଆଖି ତାଡ଼ିନେଲେ

ବାରଙ୍ଗ/ତ୍ରିଶୂଳିଆ,୫।୧୧
(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

ବାରଙ୍ଗ ଥାନା ଅଧୀନ ଜିପୁର ଗ୍ରାମର ବଣମାରେଇ ଗ୍ରାମ ଦେବତୀଙ୍କ ମନ୍ଦିରରୁ ଦୁର୍ବୃତ୍ତମାନେ ସୋମବାର ରାତିରେ ମା'ଙ୍କ ସୁନା ଆଖି ତାଡ଼ି ନେବା ସହ ସୁନା ମୁକୁଟ, ସୁନା ପାଦ ଆଦି ଅଳଙ୍କାର ମାନ ନେଇଯାଇଛନ୍ତି। ମନ୍ଦିର ପୂଜକ ମଙ୍ଗଳବାର ସକାଳୁ ପୂଜା କରିବାକୁ ଆସିଥିବାବେଳେ ମନ୍ଦିର ଗେଟ୍ ତାଲା ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ଗ୍ରାମ କମିଟିକୁ ଘଟଣା ବାବଦରେ ଜଣାଇବା ପରେ ଏନେଇ ବାରଙ୍ଗ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

### ଇଣ୍ଟରନାଲ ପରୀକ୍ଷା ପୂର୍ବ ପ୍ରସ୍ତୁତି ପାଇଁ ସିଏଚ୍‌ଏସ୍‌ଇର ତତ୍ପରତା

ଭୁବନେଶ୍ୱର,୫।୧୧(ଅନୁରାଧା ମହାରଣା)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ସହ ଅନୁବନ୍ଧିତ ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଡିସେମ୍ବର ୨୩ରୁ ୩୦ ତାରିଖ ମଧ୍ୟରେ ଇଣ୍ଟରନାଲ ପରୀକ୍ଷା ସହ ପ୍ରୋଜେକ୍ଟ ସଂଗ୍ରହ କରାଯିବ। କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ବିଭାଗର ଏହି ପରୀକ୍ଷା ସୁପରିଚାଳନା ପାଇଁ ପ୍ରସ୍ତୁତି ଶେଷ କରିବାକୁ ପରିଷଦ ପକ୍ଷରୁ ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ପରୀକ୍ଷା ପାଇଁ ପ୍ରସ୍ତୁତ କରାଯାଇଥିବା ପ୍ରଶ୍ନପତ୍ର ସମ୍ପୃକ୍ତ କଲେଜର ବିଷୟଭିତ୍ତିକ ଅଧ୍ୟାପକଙ୍କ ନିକଟରେ ମୂଲ୍ୟାଙ୍କନ କରାଇନେବା ପାଇଁ ଅଧ୍ୟକ୍ଷ ଓ ସୁପରିଣ୍ଟେଣ୍ଡେଣ୍ଟମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କଲେଜର କୌଣସି ବିଷୟଭିତ୍ତିକ ଶିକ୍ଷକ ଉପଲବ୍ଧ ନ ଥିଲେ ଅନ୍ୟ କୌଣସି ଶିକ୍ଷାନୁଷ୍ଠାନର ସମ୍ପୃକ୍ତ ବିଷୟର ଶିକ୍ଷକଙ୍କ ନିକଟରେ ମୂଲ୍ୟାଙ୍କନ କରାଇନେବା ପାଇଁ ପରାମର୍ଶ ଦିଆଯାଇଛି। ସେହିପରି ନିର୍ଦ୍ଧାରିତ ସମୟ ମଧ୍ୟରେ ପରୀକ୍ଷା ପୂର୍ବ ପ୍ରସ୍ତୁତି ସାରିବାକୁ କୁହାଯାଇଛି। ପରୀକ୍ଷା ହଲ୍‌ରେ ସିସିଟିଭି କ୍ୟାମେରା ଲଗାଇବା, ପରୀକ୍ଷା ପାଇଁ ଆବଶ୍ୟକ ପ୍ରଶ୍ନ ଓ ଉତ୍ତର ଖାତା ଯୋଗାଇବା ସହ ପରୀକ୍ଷା ହଲ୍‌ରେ ପାନୀୟଜଳ, ପ୍ରାଥମିକ ଚିକିତ୍ସା ବାକ୍ସ ଆଦି ଉପଲବ୍ଧ କରିବାକୁ କୁହାଯାଇଛି। ସେହିପରି ପରୀକ୍ଷା ପରବର୍ତ୍ତୀ ମୂଲ୍ୟାୟନ ତଥା ପରୀକ୍ଷା ପରିଚାଳନା ଖର୍ଚ୍ଚ ସମ୍ପର୍କିତ ତଥ୍ୟ ପ୍ରଦାନ ପାଇଁ କଲେଜ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି।

# ଉଭୟ ପକ୍ଷର ୭ ଗିରଫ

## ଝାରପଡ଼ାରେ ଗୋଷ୍ଠୀ ସଂଘର୍ଷ ଘଟଣା

ଭୁବନେଶ୍ୱର,୫।୧୧(ସତ୍ୟଜିତ୍ ରାଉତ)

ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଝାରପଡ଼ା ରାମମନ୍ଦିର ନିକଟ ରାମଲୀଳା ପଡ଼ିଆ ପାଖରେ ଥିବା ଖାଲିସ୍ଥାନକୁ ନିଜ ଅକ୍ତିଆରକୁ ନେବା ଲାଗି ହୋଇଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ଉଭୟ ପକ୍ଷର ୭ଜଣଙ୍କୁ ପୋଲିସ ମଙ୍ଗଳବାର ଗିରଫ କରିଛି। ଏହି ମାମଲା (ନଂ.୫୯୧/୨୦୨୪)ରେ ଗିରଫ ହୋଇଥିବା ଗୋଟିଏ ପକ୍ଷର ଅଭିଯୁକ୍ତମାନେ ହେଲେ ଅଜୟ କୁମାର ଜେନା ଓରଫ ବାପି, ବ୍ରଜରାଜ ଜେନା ଓରଫ ହଗୁରା ଓ ଭାଗିରଥି ଜେନା ଓରଫ ମଣ୍ଟୁ। ସେହିପରି ଅନ୍ୟ ଏକ ମାମଲା (ନଂ. ୫୯୨/୨୦୨୪)ରେ ଗିରଫ ହୋଇଥିବା ଅପର ପକ୍ଷର ଅଭିଯୁକ୍ତମାନେ ହେଲେ ସଂଗ୍ରାମ ମଙ୍ଗରାଜ, ଜଗତ ଜୀବନ ଜେନା ଓରଫ ଲିପୁନା, ଅମରଜିତ ମାର୍ଥା ଓରଫ ମଣ୍ଟୁ ଏବଂ ସୁରେଶ କୁମାର ଜେନା ଓରଫ ସୁର। କୋର୍ଟଚାଲାଣ ପରେ ସମସ୍ତେ ବିଚାର ବିଭାଗୀୟ ହାଜତକୁ ଯାଇଛନ୍ତି। ଅଭିଯୁକ୍ତମାନଙ୍କ ମଧ୍ୟରୁ ଅଜୟ ଓ ବ୍ରଜରାଜଙ୍କ ନାମରେ ପୂର୍ବରୁ ଲକ୍ଷ୍ମୀସାଗର ଥାନାରେ ଗୋଟିଏ ଲେଖାଏ ମାମଲା ରହିଥିବା ସୂଚନା ଦିଆଯାଇଛି।

ସୂଚନା ଅନୁଯାୟୀ, ଝାରପଡ଼ା ରାମମନ୍ଦିର ନିକଟସ୍ଥ ରାମଲୀଳା ପଡ଼ିଆ ପାଖରେ ଥିବା ଖାଲିସ୍ଥାନକୁ ନିଜ ଅକ୍ତିଆରକୁ ନେବା ଲାଗି ଗତ କିଛିଦିନ ହେବ ଉଭୟ ପକ୍ଷ ମଧ୍ୟରେ ବିବାଦ ଲାଗିରହିଛି। ମଙ୍ଗଳବାର ସକାଳେ ଗୋଟିଏ ପକ୍ଷର କେତେଜଣ ସଦସ୍ୟ ତଥା ଝାରପଡ଼ା ୱେଲଫେୟାର ଅନୁଷ୍ଠାନର କେତେଜଣ କର୍ମକର୍ତ୍ତା ରାମଲୀଳା ପଡ଼ିଆ ସହିତ ଉକ୍ତ ଖାଲିସ୍ଥାନରୁ ବୁଦା କାଟି ସଫା କରୁଥିଲେ। ଏହି ସମୟରେ ଅପର ପକ୍ଷର ଲୋକେ ଏହାକୁ ବିରୋଧ କରିବାରୁ ଗଣ୍ଡଗୋଳ ହୋଇଥିଲା। ଉଭୟ ପକ୍ଷଙ୍କ ପରସ୍ପରକୁ ଲାଠି ଓ ପଥରରେ ଆକ୍ରମଣ କରିଥିଲେ। ଏହି ଘଟଣାରେ ଉଭୟ ପକ୍ଷର ସଦସ୍ୟ ଆହତ ହୋଇଥିଲେ। ଏ ନେଇ ଉଭୟ ପକ୍ଷରୁ ଏତଲାକ୍ରମେ ପୋଲିସ ଦୁଇଟି ପୃଥକ ମାମଲା ରୁଜୁ କରିଥିଲା।



ନାଗ ଚତୁର୍ଥୀ ଅବସରରେ ମଙ୍ଗଳବାର ଶହୀଦନଗର ଅଞ୍ଚଳର ଏକ ଗଛମୂଳେ ଥିବା ହୁଙ୍କାରେ ନାଗଦେବତାଙ୍କ ଉଦ୍ଦେଶ୍ୟରେ ଅଣ୍ଡା, କ୍ଷୀର ଆଦି ଅର୍ପଣ କରି ତେଲୁଗୁ ସମ୍ପ୍ରଦାୟର ମହିଳା ଓ ପିଲାମାନେ ପୂଜାର୍ଚ୍ଚନା କରୁଛନ୍ତି। (ଫଟୋ-ମନୋରଞ୍ଜନ ମିଶ୍ର)

# ୧୪ରୁ 'ଓଡ଼ିଶୀ ରାଗ ମହୋତ୍ସବ'

## ମୋହିନୀ ମୋହନ ପଟ୍ଟନାୟକ ପାଇବେ 'ଗୁରୁ ସିଂହାରୀ ସମ୍ମାନ'

ଭୁବନେଶ୍ୱର, ୫।୧୦(ବନ୍ଦନା ସେଠୀ)

ସାଂସ୍କୃତିକ ଅନୁଷ୍ଠାନ ଗୁରୁ ଗୋପାଳ ପଣ୍ଡା ଓଡ଼ିଶୀ ଏକାଡେମୀର ଦ୍ୱାଦଶତମ 'ଓଡ଼ିଶୀ ରାଗ ମହୋତ୍ସବ' ନଭେମ୍ବର ୧୪ରେ ଅନୁଷ୍ଠିତ ହେବ। ଏହି ଅବସରରେ କଳା କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ବଂଶୀବାଦକ ଗୁରୁ ମୋହିନୀ ମୋହନ ପଟ୍ଟନାୟକଙ୍କୁ 'ଗୁରୁ ସିଂହାରୀ ସମ୍ମାନ' ପ୍ରଦାନ କରାଯିବ ବୋଲି ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ସେହିପରି ନାଟ୍ୟକାର ତଥା ଶିକ୍ଷାବିତ୍ ଡ. ମାୟା ଦାସଙ୍କୁ 'ଭଗବତୀ ସ୍ମୃତି ସମ୍ମାନ', ନୃତ୍ୟ, ସଙ୍ଗୀତ ତଥା ବାଦ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ପାଇଁ ବଂଶୀବାଦକ ଜବାହର ମିଶ୍ରଙ୍କୁ 'ଗୁରୁ ଗୋପାଳ ପଣ୍ଡା ଯୁବ ପ୍ରତିଭା ସମ୍ମାନ' ପ୍ରଦାନ କରାଯିବ। ପୁରସ୍କାର ବାବଦରେ ସମସ୍ତ ସମ୍ମାନିତ ବ୍ୟକ୍ତିଙ୍କୁ ମାନପତ୍ର, ଫଳକ ଓ ଉତ୍ତରୀୟ ସହ ଅର୍ଥରାଶି ପ୍ରଦାନ କରାଯିବ। ଦୁଇଦିନ ଧରି ହେବାକୁ ଥିବା ଏହି ମହୋତ୍ସବର ମୁଖ୍ୟ ଆକର୍ଷଣ ରହିବ ସାଂସ୍କୃତିକ କାର୍ଯ୍ୟକ୍ରମ। ବାଦ୍ୟ ସମାବେଶରେ ଶିଳ୍ପୀମାନେ ମର୍ଦ୍ଦଳ, ତବଲା ସହିତ ହିନ୍ଦୁସ୍ତାନୀ ପଖାଉଜର ମିଶ୍ର ପରିବେଷଣ କରିବେ। ଏଥିରେ କଳାକାର ମୂରଲୀଧର ସ୍ୱାଇଁ, ନିକୁଞ୍ଜ ବିହାରୀ ସାମଲ ସହିତ ବନାରସର ପଖାଜ ବାଦକ ଆଦିତ୍ୟ ଦୀପ ଯୋଗଦେବେ। ସେହିପରି ସଙ୍ଗୀତ ତ୍ରିଧାରାରେ ହିନ୍ଦୁସ୍ତାନୀ, କର୍ନାଟକୀ ଏବଂ ଓଡ଼ଶୀ ସଙ୍ଗୀତର ଏକତ୍ର ପରିବେଷଣ କରାଯିବ। ହିନ୍ଦୁସ୍ତାନୀରେ ବିଦ୍ୟାଧର ଶତପଥୀ, ଓଡ଼ିଶୀରେ ସଙ୍ଗୀତା ପଣ୍ଡା ଓ କର୍ଣ୍ଣାଟକୀ ସଙ୍ଗୀତରେ ଚେନ୍ନାଇର ଗାୟକ ଅରବିନ୍ଦ କଲ୍ୟାଣ ପୁରମ ରହିବେ। ଓଡ଼ିଶୀ ବୃନ୍ଦ ଗାୟନ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ମଧ୍ୟ ପରିବେଷଣ କରାଯିବ। ଉକ୍ତ ଖବରଦାତା ସମ୍ମିଳନୀରେ ଏକାଡେମୀର ପ୍ରାଣ ପ୍ରତିଷ୍ଠାତା ଗୁରୁ ପଣ୍ଡିତ ଗୋପାଳ ଚନ୍ଦ୍ର ପଣ୍ଡା, ମୁଖ୍ୟ ସମ୍ପାଦିକା ସଙ୍ଗୀତ ପଣ୍ଡା, କାର୍ଯ୍ୟକାରିଣୀ ସଭ୍ୟ ଓ ବରିଷ୍ଠ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

# କଟକ ଜିଲା ଭାଜପାର ସାଙ୍ଗଠନିକ କର୍ମଶାଳା



ତ୍ରିଶୂଳିଆ,୫।୧୧(ତୁଷାରକାନ୍ତ ବେହେରା)

କଟକ ଜିଲା ଭାଜପାର ସାଙ୍ଗଠନିକ କର୍ମଶାଳା ମଙ୍ଗଳବାର ଏକ ଘରୋଇ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ରାମନାରାୟଣ ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ବାଙ୍କୀ ନିର୍ବାଚନ ମଣ୍ଡଳୀର ବିଧାନସଭା ପ୍ରାର୍ଥୀ ତଥା ୩୨ ନଂ. ଜିଲା ପରିଷଦ ସଭ୍ୟ ତୁଷାରକାନ୍ତ ଚକ୍ରବର୍ତ୍ତୀ ସ୍ୱାଗତ ଭାଷଣ ଦେଇଥିଲେ। ନିଆଳି ବିଧାୟକ ଛବି ମଲ୍ଲିକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁଜିତ୍ ରାୟ କର୍ମଶାଳାର ଆଭିମୁଖ୍ୟ, ଦଳର ସଭ୍ୟ ସଂଗ୍ରହ ଅଭିଯାନକୁ ତ୍ୱରାନ୍ୱିତ କରିବାକୁ ସମସ୍ତ କର୍ମକର୍ତ୍ତାଙ୍କୁ ଅନୁରୋଧ କରିଥିଲେ। ସାଲେପୁର ଭାଜପା ନେତା ଅରିନ୍ଦମ ରାୟ, ଆଠଗଡ଼ ଭାଜପାର ଅଭୟ ବାରିକ୍, ଚୌଧୁରୀ ହେମନ୍ତ ସାହୁ, ସମ୍ବିତ ତ୍ରିପାଠୀ, ରାଜେନ୍ଦ୍ର ପଣ୍ଡା, ସୁଶାନ୍ତ ମଲ୍ଲିକ, ହୃଷୀକେଶ ଜେନା, ଶୁଭ୍ରାଂଶୁ ମୋହନ ପାଢ଼ୀ, ବ୍ରଜେଶ ରାୟ ପ୍ରମୁଖ ସଙ୍ଗଠନକୁ କିଭଳି ତୃଣମୂଳସ୍ତରରୁ ସୁଦୃଢ଼ କରାଯିବ, ସେନେଇ ଉପାଦେୟ ତଥ୍ୟ ଉପସ୍ଥାପନ କରିଥିଲେ। କର୍ମଶାଳାରେ କଟକ ଜିଲାର ସମସ୍ତ ମଣ୍ଡଳସ୍ତରୀୟ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ଦୀପକ ସ୍ୱାଇଁ, ସୁନୀଲ ସ୍ୱାଇଁ, ଭୂପତି ଭୂଷଣ ପାଣି, ମଧୁସୂଦନ ଦାସ, ସଞ୍ଜୟ ପାଣି, କିଶନ ଜେନା ପ୍ରମୁଖ ସ୍ଥାନୀୟ ନେତୃବୃନ୍ଦ କର୍ମଶାଳା ପରିଚାଳନା କରିଥିଲେ।

# ଉତ୍କଳ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ୍ ମହିଳା କବାଡ଼ି ଉଦ୍‌ଯାପିତ

ବାରଙ୍ଗ/ତ୍ରିଶୂଳିଆ,୫।୧୧
(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

କୁଞ୍ଜ ବିହାରୀ ମହାବିଦ୍ୟାଳୟ ପରିସରରେ ଆରମ୍ଭ ହୋଇଥିବା ୨ ଦିନିଆ ଉତ୍କଳ ବିଶ୍ୱବିଦ୍ୟାଳୟ ମହିଳା କବାଡ଼ି ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାରେ ୬ଟି ଦଳ ଅଂଶଗ୍ରହଣ କରିଥିଲା। ଫାଇନାଲ ମ୍ୟାଚ୍‌ରେ ପଟିଆ ରାଜାମଧୁସୂଦନ ଦେବ ମହାବିଦ୍ୟାଳୟକୁ ପରାସ୍ତ କରି ଭୁବନେଶ୍ୱର ଶାରୀରିକ ଶିକ୍ଷା ମହାବିଦ୍ୟାଳୟ ଚଳିତବର୍ଷର ଚାମ୍ପିୟନ ହୋଇଛି। ପ୍ରତିଯୋଗିତାକୁ ଉତ୍କଳ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ନିର୍ଦ୍ଦେଶକ ଡ. ବିଜୟ କୁମାର ସୁନ୍ଦରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରଶାନ୍ତ ମହାନ୍ତି ଓ ପର୍ଯ୍ୟବେକ୍ଷକ ଚତୁର୍ଭୁଜ ଜେନା ଅତିଥି ଭାବେ ଯୋଗଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ଲିପିପୁଷ୍ପା ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଅଧ୍ୟାପକ ମାନସ କୁମାର ପାତ୍ର, ଲକ୍ଷ୍ମୀପ୍ରିୟା ସ୍ୱାଇଁ, ପ୍ରାଧ୍ୟାପକ ଅନିଲ ପାଢ଼ୀ, ନୀଳକଣ୍ଠ ମିଶ୍ର, ରଶ୍ମିରଞ୍ଜନ ଦାସ ଓ ଲକ୍ଷ୍ମଣ ପାତ୍ର ପ୍ରମୁଖ ସହଯୋଗ କରିଥିଲେ। କିଶୋର ଚନ୍ଦ୍ର ସାହୁ, ଚୟନକର୍ତ୍ତା ଓ କ୍ରୀଡ଼ା ଅଧ୍ୟାପକ ଡ. ପ୍ରବୀର କୁମାର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଅତିଥିଙ୍କ ସହ ମହିଳା କବାଡ଼ି ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳିମାନେ।

# ବଲିଉଡ୍, ଓଲିଉଡ୍ କଣ୍ଠଶିଳ୍ପୀଙ୍କ ଗୀତରେ ଝୁମିବେ ଦର୍ଶକ

## କଟକ ବାଲିଯାତ୍ରା

କଟକ,୫।୧୧(ଶିଳ୍ପା ପ୍ରିୟଦର୍ଶିନୀ)

ଚଳିତବର୍ଷ କଟକ ବାଲିଯାତ୍ରାକୁ ଆକର୍ଷଣୀୟ କରିବା ପାଇଁ ପଦକ୍ଷେପ ନିଆଯାଇଛି। ପଡିଆରେ ଷ୍ଟଲ ନିର୍ମାଣ ଚାଲିଥିବାବେଳେ ବିଦ୍ୟୁତ୍ ଖୁଣ୍ଟରେ ମିଟର ବକ୍ସ ଲଗାଯାଉଛି। ଏପରି କି ପଡିଆରେ ବିଭିନ୍ନ ପ୍ରକାରର ଦୋଳି ପହଞ୍ଚିଥିବା ଜଣାପଡିଛି। ବାଲିଯାତ୍ରାରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପାଇଁ ମଞ୍ଚ ପ୍ରସ୍ତୁତି କାର୍ଯ୍ୟ ଜାରି ରହିଛି। ମଞ୍ଚରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସାଙ୍ଗକୁ ବଲିଉଡ୍ ଏବଂ ଓଲିଉଡ୍ କଣ୍ଠଶିଳ୍ପୀଙ୍କ ସଙ୍ଗୀତରେ ଝୁମିବେ ଦର୍ଶକ। ଏଥର ବଲିଉଡ୍‌ର ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ପଦ୍ମଶ୍ରୀ ସୋନୁ ନିଗମ, ପଦ୍ମଶ୍ରୀ ଅନୁପ ଜଲୋଟା, ପଦ୍ମଶ୍ରୀ ସୁରେଶ ୱାଡେକର ଲୋକପ୍ରିୟ ସଙ୍ଗୀତ ପରିବେଷଣ କରିବେ। ଏଥିସହ ହମ୍‌ସୁଫି ବ୍ୟାଣ୍ଡ, ରାପର ବିଗ୍‌ଡିଲ, ବିଗନନ ବ୍ୟାଣ୍ଡ, ଯୁଭା ବ୍ୟାଣ୍ଡ ନିଜ ଗ୍ରୁପ ସହ କାର୍ଯ୍ୟକ୍ରମ ପରିବେଷଣ କରିବେ। ଏଥିସହ ଓଲିଓଡ୍ କଣ୍ଠଶିଳ୍ପୀମାନେ ସଙ୍ଗୀତରେ ଦର୍ଶକଙ୍କୁ ମତୁଆଲା କରିବେ। ବାଲିଯାତ୍ରାର ପ୍ରଥମ ଦିନ ଭଜନ ପରିବେଷଣ କରାଯିବ। ଦ୍ୱିତୀୟ ଦିନରୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ପ୍ରଥମ ସନ୍ଧ୍ୟାରେ ବଲିଉଡ୍ କଣ୍ଠଶିଳ୍ପୀ ଅନୁପ ଜଲୋଟା ଭଜନ ପରିବେଷଣ କରିବେ। ଏଥିସହ ଓଲିଉଡ୍ କଣ୍ଠଶିଳ୍ପୀ ପଙ୍କଜ ଜାଲ୍ ସଙ୍ଗୀତ ପରିବେଷଣ କରିବେ। ସେହିପରି ଦ୍ୱିତୀୟ ସନ୍ଧ୍ୟାରେ ଓଲିଉଡ୍ କଣ୍ଠଶିଳ୍ପୀ ତାନ୍‌ସେନ୍ ସିଂ, ଅସୀମା ପଣ୍ଡା ସଙ୍ଗୀତ ପରିବେଷଣ କରିବେ। ତୃତୀୟ ସନ୍ଧ୍ୟାରେ ହମ୍‌ସୁଫି ବ୍ୟାଣ୍ଡ ଓ ରାପର ବିଗ୍‌ଡିଲ କଳା ପରିବେଷଣ କରିବେ। ଚତୁର୍ଥ ସନ୍ଧ୍ୟାରେ ଓଲିଉଡ୍ କଣ୍ଠଶିଳ୍ପୀ କୁଳଦୀପ ପଟ୍ଟନାୟକ, ସତ୍ୟଜିତ୍ ପ୍ରଧାନ ସଙ୍ଗୀତ ପରିବେଷଣ କରିବେ। ପଞ୍ଚମ ସନ୍ଧ୍ୟାରେ ବଲିଉଡ୍ କଣ୍ଠଶିଳ୍ପୀ ସୋନୁ ନିଗମ, ଓଲିଉଡ୍‌ର ଶଶାଙ୍କ ଶେଖର ସଙ୍ଗୀତ ପରିବେଷଣ କରିବେ। ଷଷ୍ଠ ସନ୍ଧ୍ୟାରେ ଓଲିଉଡ୍ କଣ୍ଠଶିଳ୍ପୀ ଟି. ସୌରୀ, କୁମାର ବାପି ଓ ଦୀପ୍ତିରେଖା ପାଢ଼ୀ ସଙ୍ଗୀତ ପରିବେଷଣ କରିବେ। ସପ୍ତମ ସନ୍ଧ୍ୟାରେ ବଲିଉଡ୍ କଣ୍ଠଶିଳ୍ପୀ ସୁରେଶ ୱାଡେକର ସଙ୍ଗୀତ ପରିବେଷଣ କରିବାକୁ ଥିବାବେଳେ ବିଗ୍‌ନନ ବ୍ୟାଣ୍ଡ ନିଜ କଳା ପ୍ରଦର୍ଶନ କରିବେ। ସେହିପରି ଅଷ୍ଟମ ସନ୍ଧ୍ୟାରେ ଓଲିଉଡ୍‌ର କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆ ସଙ୍ଗୀତ ଏବଂ ଯୁଭା ବ୍ୟାଣ୍ଡ କଳା ପରିବେଷଣ କରିବେ ବୋଲି ଜିଲା ସଂସ୍କୃତି ବିଭାଗ ପକ୍ଷରୁ ସୂଚନା ମିଳିଛି।



ବାଲିଯାତ୍ରା ପାଇଁ ପ୍ରସ୍ତୁତି ଚାଲିଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୫।୧୧।୨୦୨୪

| | |
|---|---|
| ୫,୫୯,୮୮୬ ଟଙ୍କା | |
| ସୁନା | ୨୦୦ ମିଲିଗ୍ରାମ୍ |
| ରୁପା | ୨୭ ଗ୍ରାମ୍ |

# ନିଷ୍ପତ୍ତିକୁ ସେବାୟତ, ବୁଦ୍ଧିଜୀବୀ, ଭକ୍ତଙ୍କ ସ୍ୱାଗତ

ପୁରୀ,୫।୧୧(ଅଜିତ୍ କୁମାର ମହାନ୍ତି)

ଇସ୍କନ ପକ୍ଷରୁ କରାଯାଉଥିବା ଅଦିନିଆ ରଥଯାତ୍ରା ଓ ସ୍ନାନଯାତ୍ରାକୁ ନେଇ କିଛିଦିନ ହେବ ବିବାଦ ଦେଖାଦେଇଥିଲା। ଇସ୍କନର ଏପରି ମନମାନି କାର୍ଯ୍ୟକୁ ବିଭିନ୍ନ ମହଲରେ ନିନ୍ଦା କରାଯିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଦାବି କରାଯାଇଥିଲା। ତେବେ ଆମେରିକାର ହ୍ୟୁଷ୍ଟନ ସହରରେ ୩ରେ ମହାପ୍ରଭୁଙ୍କ ସ୍ନାନଯାତ୍ରା ଓ ୯ରେ ରଥଯାତ୍ରା ନେଇ ଇସ୍କନ ପକ୍ଷରୁ ଯୋଜନା କରାଯାଇଥିଲା। ଏନେଇ ସୋସିଆଲ ମିଡିଆରେ ଇସ୍କନ ପକ୍ଷରୁ ସୂଚନା ମଧ୍ୟ ଦିଆଯାଇଥିଲା। ଏପରି ଘଟଣା ସୋସିଆଲ ମିଡିଆ ସହ ଲୋକଲୋଚନକୁ ଆସିବା ପରେ ଜଗନ୍ନାଥପ୍ରେମୀ ଏବଂ ସେବାୟତଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏପରିକି ଗଜପତି ମହାରାଜା ଇସ୍କନକୁ ଚିଠି ଲେଖି ମହାପ୍ରଭୁଙ୍କ ଅଦିନିଆ ଯାତ୍ରା ବନ୍ଦ କରିବା ନିମନ୍ତେ ଅନୁରୋଧ କରିଥିଲେ। ପରବର୍ତ୍ତୀ ସମୟରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ମଧ୍ୟ ଏପରି କାର୍ଯ୍ୟକୁ ନିନ୍ଦା କରିଥିଲେ। ବିଭିନ୍ନ ସଂଗଠନ ପକ୍ଷରୁ ତୀବ୍ର ବିରୋଧ ହେବାରୁ ସ୍ନାନଯାତ୍ରା ବାତିଲ୍ କରାଯାଇଥିଲା। ମାତ୍ର ରଥଯାତ୍ରା ଆୟୋଜନ କରାଯିବ ବୋଲି ପ୍ରସ୍ତୁତି ଚାଲିଥିଲା। ଯାହାକୁ ନେଇ ବିରୋଧ ତୀବ୍ର ହେବା ସହ ଇସ୍କନ ବିରୋଧରେ ମାମଲା ରୁଜୁ ହୋଇଥିଲା।

ଏନେଇ ଶ୍ରୀଜଗନ୍ନାଥଙ୍କ ବାଡ଼ଗ୍ରାହୀ

### ଅଦିନିଆ ରଥଯାତ୍ରା ବନ୍ଦ କଲା ଇସ୍କନ

ଜଗନ୍ନାଥ ସ୍ୱାଇଁ ମହାପାତ୍ର କହିଛନ୍ତି, ମହାପ୍ରଭୁଙ୍କ ଯାତ୍ରା ମହାପ୍ରଭୁ କରିଥାନ୍ତି। ମହାପ୍ରଭୁଙ୍କ ଅଦିନିଆ ରଥଯାତ୍ରାକୁ ନିଜେ ବନ୍ଦ କରିଛନ୍ତି। ମଣିଷ ନିମିତ ମାତ୍ର। ମହାପ୍ରଭୁ କିଛି ନଚାହିଁଲେ କିଛି ହେବ ନାହିଁ। ଅଦିନିଆ ରଥଯାତ୍ରା ଆୟୋଜନ ନିନ୍ଦନୀୟ ଘଟଣା। ସେହିପରି ବରିଷ୍ଠ ଦଇତାପତି ସେବକ ଇସ୍କନ ଶ୍ରୀଜଗନ୍ନାଥ ସଂସ୍କୃତି ପରମ୍ପରାକୁ ସମ୍ମାନ ଦେଇ ଅଦିନିଆ ରଥଯାତ୍ରାକୁ ବନ୍ଦ କରିଥିବାରୁ ଇସ୍କନକୁ ଧନ୍ୟବାଦ ଜଣାଉଛି। ସଚେତନ ନାଗରିକ ମଞ୍ଚର ସଭାପତି ପ୍ରସନ୍ନ ଦାଶ କହିଛନ୍ତି, ସବୁ ମହାପ୍ରଭୁଙ୍କ ଲୀଳା। ଲୀଳାମୟଙ୍କ ଇଚ୍ଛାରେ ସବୁକିଛି ହୋଇଥାଏ। ଭକ୍ତଙ୍କ କଷ୍ଟକୁ ଜାଣିପାରି ମହାପ୍ରଭୁଙ୍କ କୃପାରୁ ଅଦିନିଆ ରଥଯାତ୍ରା ବନ୍ଦ ହେଲା। ଅଦିନିଆ ରଥଯାତ୍ରା ବନ୍ଦ କରିବା ନିମନ୍ତେ ଦାବି କରିଆସୁଥିବା ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ, ଗଜପତି ମହାରାଜ, ସେବାୟତ ବିଭିନ୍ନ ଅନୁଷ୍ଠାନ, ଭକ୍ତ, ଗଣମାଧ୍ୟମକୁ ଧନ୍ୟବାଦ। ସମସ୍ତଙ୍କ ଉଦ୍ୟମ ଫଳରେ ଅଦିନିଆ ରଥଯାତ୍ରା ବନ୍ଦ ହୋଇଛି ବୋଲି ଶ୍ରୀ ଦାଶ କହିଛନ୍ତି। ପୁରୀ ବାସିନ୍ଦା ପୂର୍ଣ୍ଣିମା ପ୍ରଧାନ କହିଛନ୍ତି ଅଦିନିଆ ରଥଯାତ୍ରା ବନ୍ଦ ହୋଇଛି, ଯାହା ସ୍ୱାଗତଯୋଗ୍ୟ ପଦକ୍ଷେପ।

## ବିଭିନ୍ନ ସମ୍ପ୍ରଦାୟ ପକ୍ଷରୁ ନାଗ ଚତୁର୍ଥୀ ପାଳିତ



ପୁରୀ,୫।୧୧(ଅଜିତ୍ କୁମାର ମହାନ୍ତି)

କାର୍ତ୍ତିକ ଶୁକ୍ଳପକ୍ଷ ଚତୁର୍ଥୀ ଦିନକୁ ନାଗଚତୁର୍ଥୀ ବା ନାଗଲ ଚତୁର୍ଥୀ ଭାବେ ପାଳନ କରାଯାଇଥାଏ। ନାଗ ଦେବତାଙ୍କ ଉଦ୍ଦେଶ୍ୟରେ ଏହି ପୂଜା କରାଯାଇଥାଏ। ପରିବାର ଓ ପିଲାମାନଙ୍କ ମଙ୍ଗଳ କାମନା କରିବା ସହ ଶୁଭମନାସୀ ମହିଳାମାନେ ଏହି ପର୍ବ ପାଳନ କରିଥାନ୍ତି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର କାର୍ତ୍ତିକ ଶୁକ୍ଳ ଚତୁର୍ଥୀ ଅବସରରେ ପୁରୀର ବିଭିନ୍ନ ସମ୍ପ୍ରଦାୟ ପକ୍ଷରୁ ନାଗ ଚତୁର୍ଥୀ ବିଧିବିଧାନ ଅନୁଯାୟୀ ପାଳିତ ହୋଇଯାଇଛି।

ଲୋକକଥା ଅନୁଯାୟୀ, ନାଗ ଚତୁର୍ଥୀରେ ଏହି ବ୍ରତ କଲେ ନାଗ ଦଂଶନର ଭୟ ରହି ନ ଥାଏ ବୋଲି ବିଶ୍ୱାସ ରହିଛି। ମହିଳାମାନେ ଶୁଦ୍ଧପୂତ ଭାବେ ଚଉରା ମୂଳେ ପିତ୍ତଳର ନାଗନାଗୁଣୀଙ୍କ ମୂର୍ତ୍ତି ସ୍ଥାପନ କରିଥାନ୍ତି। ସେଠାରେ ରଙ୍ଗବେରଙ୍ଗର ଚିତା ପକାଇ ଫୁଲ, ସିନ୍ଦୂର ଓ ବିଭିନ୍ନ ପ୍ରକାର ଫଳମୂଳ ଦେଇ ପୂଜା କରିଥିଲେ। ଏପରିକି ଅନେକ ସ୍ଥାନରେ ନାଗଦେବତାଙ୍କ ଉଦ୍ଦେଶ୍ୟରେ କ୍ଷୀର ପ୍ରଦାନ କରାଯାଇଥିଲା। ତେଲୁଗୁ ସମ୍ପ୍ରଦାୟରେ ନାଗ ଚତୁର୍ଥୀକୁ ଏକ ବିଶେଷ ପର୍ବ ଭାବରେ ପାଳନ କରାଯାଇଥାଏ। ପୁରୀରେ ବାସ କରୁଥିବା ତେଲୁଗୁ ସମ୍ପ୍ରଦାୟର ମହିଳାମାନେ ବେଶ ଉତ୍ସାହର ସହ ନାଗଚତୁର୍ଥୀ ବା ନାଗଲ ଚତୁର୍ଥୀକୁ ପାଳନ କରିଥିବା ଦେଖିବାକୁ ମିଳିଛି।

## ସଂକ୍ଷେପରେ

### ମେଘନାଦ ପାଚେରି ମରାମତି ଜାରି

ପୁରୀ,୫।୧୧(ଅଜିତ୍ କୁମାର ମହାନ୍ତି)

ଐତିହ୍ୟ ମେଘନାଦ ପାଚେରିରେ ଫାଟ ନେଇ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଶ୍ରୀମନ୍ଦିର ପ୍ରଶାସନ ଓ ଏଏସ୍‌ଆଇ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଖବର ପ୍ରକାଶ ପାଇବା ପରେ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କାମ ଜାରି ରହିଛି। ଶ୍ରୀମନ୍ଦିର ପ୍ରଶାସନ ଓ ଏଏସ୍‌ଆଇର ସହଯୋଗରେ ଶ୍ରୀମନ୍ଦିର ପ୍ରଶାସନର ୱାର୍କସ୍ ଡିପାର୍ଟମେଣ୍ଟ ପକ୍ଷରୁ ପ୍ରାରମ୍ଭିକ ପର୍ଯ୍ୟାୟରେ ମରାମତି କାମ ଜାରି ରହିଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ରବିବାର କାନ୍ଥରୁ ଶିଉଳି ଛଡ଼ା ଯାଇଥିଲା ବେଳେ ସୋମବାର ପ୍ରାରମ୍ଭିକ ପର୍ଯ୍ୟାୟରେ ବାଉଁଶ ଭାଡ଼ା ବନ୍ଧା ଯାଇ କାର୍ଯ୍ୟ ଆରମ୍ଭ କରିଥିଲା। ମଙ୍ଗଳବାର ଆନନ୍ଦବଜାର ଡ୍ରେନେଜକୁ ମଧ୍ୟ ପ୍ରଥମ ପର୍ଯ୍ୟାୟରେ ସଫା କରାଯାଇ ପାଇପ ପଡୁଥିବା ନେଇ ସୂଚନା ମିଳିଛି।

### 'ରହସ୍ୟମୟୀ ବୃନ୍ଦାବତୀ' ସମ୍ପର୍କରେ ଆଲୋଚନା

ପୁରୀ,୫।୧୧(ଅଜିତ୍ କୁମାର ମହାନ୍ତି)

ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ନଭେମ୍ବର ମାସର ଆଲୋଚନାଚକ୍ର ଶ୍ରୀଜଗନ୍ନାଥବଲ୍ଲଭ ମଠ ପରିସରରେ ପ୍ୟାରୀମୋହନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଚଳିତମାସର ଆଲୋଚନାର ବିଷୟବସ୍ତୁ ଥିଲା 'ରହସ୍ୟମୟୀ ବୃନ୍ଦାବତୀ'। ଆଲୋଚନାର ବିଷୟବସ୍ତୁ ନେଇ ଡକ୍ଟର ଶ୍ରୀନିବାସ ଆଚାର୍ଯ୍ୟ, ଡ. ପ୍ରମୋଦ କୁମାର ଦଳାଇ ଓ ଅଧ୍ୟାପିକା ବାସନ୍ତୀ ଦେବୀ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ପଦ୍ମ ପୁରାଣ ଉତ୍ତରଖଣ୍ଡରେ ନିହିତ କାର୍ତ୍ତିକ ମାହାତ୍ମ୍ୟକୁ କବି ମହାଦେବ ଦାସ ଓଡ଼ିଆରେ ବତିଶଟି ଅଧ୍ୟାୟରେ ବର୍ଣ୍ଣନା କରିଛନ୍ତି। ସେଥିରେ ଅଷ୍ଟମ ଅଧ୍ୟାୟରୁ ପଞ୍ଚଦଶ ଅଧ୍ୟାୟ ପର୍ଯ୍ୟନ୍ତ ବୃନ୍ଦାବତୀଙ୍କ ପ୍ରସଙ୍ଗ ବର୍ଣ୍ଣିତ ରହିଛି। ଉକ୍ତ ଆଲୋଚନାଚକ୍ରରେ ଅନ୍ୟମାନଙ୍କ ମଧ୍ୟରେ ଡ. ନରେଶ ଚନ୍ଦ୍ର ଦାସ, ଭାସ୍କର ମିଶ୍ର, ନୃସିଂହ ଚରଣ ସାହୁ, ସଙ୍ଗଠନ ସମ୍ପାଦକ ଅନାମ ଚନ୍ଦ୍ର ସାହୁ, ଡ. କଲ୍ୟାଣୀ ନନ୍ଦୀ, ପୂର୍ଣ୍ଣଚନ୍ଦ୍ର ଗୋଛିକାର, ସତ୍ୟନାରାୟଣ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଦିବଂଗତ ଅଧ୍ୟାପକ ସୁନୀଲ ରଥଙ୍କ ପାଇଁ ଶୋକ ପ୍ରସ୍ତାବ ଆଗତ କରାଯିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା।



ଶ୍ରୀକ୍ଷେତ୍ର ସଂସ୍କୃତି ପରିଷଦ ପକ୍ଷରୁ ଇସ୍କନର ଅଦିନିଆ ରଥଯାତ୍ରାକୁ ବିରୋଧ କରି ଶ୍ରୀମନ୍ଦିର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

# ଶ୍ରୀକ୍ଷେତ୍ର ସଂସ୍କୃତି ଯୁବ ମଞ୍ଚ ପକ୍ଷରୁ ବିକ୍ଷୋଭ

ପୁରୀ,୫।୧୧(ଅଜିତ୍ କୁମାର ମହାନ୍ତି)

ଇସ୍କନର ଅଦିନିଆ ରଥଯାତ୍ରା ଓ ଜଗନ୍ନାଥ ସଂସ୍କୃତି ବିରୋଧୀ କାର୍ଯ୍ୟକଳାପ ବିରୋଧରେ ଶ୍ରୀକ୍ଷେତ୍ର ସଂସ୍କୃତି ଯୁବ ମଞ୍ଚ ତରଫରୁ ମଙ୍ଗଳବାର ଶ୍ରୀମନ୍ଦିର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ବିକ୍ଷୋଭ ପ୍ରଦର୍ଶନରେ ମଞ୍ଚର ସଦସ୍ୟ ଓ ବହୁସଂଖ୍ୟକ ଜଗନ୍ନାଥପ୍ରେମୀ ଏକତ୍ରିତ ହୋଇ ଇସ୍କନର ଅଦିନିଆ ରଥଯାତ୍ରାକୁ ବିରୋଧ କରିଥିଲେ। ଇସ୍କନ ସଂସ୍ଥା ଜଗନ୍ନାଥ ସଂସ୍କୃତି ବିରୋଧୀ କାର୍ଯ୍ୟକଳାପ କରିବାରେ ସମସ୍ତ ସୀମା ଅତିକ୍ରମ କରିସାରିଛି। ଇସ୍କନ ଅଦିନିଆ ସ୍ନାନଯାତ୍ରା କରିବା ପାଇଁ ସ୍ଥିର କରିଥିବା ବେଳେ ଗଜପତି ମହାରାଜାଙ୍କ ପ୍ରଦତ୍ତ ଚିଠି ଓ ଜଗନ୍ନାଥପ୍ରେମୀ ବିରୋଧ କରିବା

### ଅଦିନିଆ ରଥଯାତ୍ରାକୁ ବିରୋଧ

ପରେ ଇସ୍କନ ସଂସ୍ଥା ସ୍ନାନଯାତ୍ରା ବନ୍ଦ କରିଛି। କିନ୍ତୁ ୯ରେ ସେମାନେ ଅଦିନିଆ ରଥଯାତ୍ରା କରିବା ପାଇଁ ଯାଉଛନ୍ତି। ଯଦି ଇସ୍କନ ଅଦିନିଆ ରଥଯାତ୍ରା ଓ ଜଗନ୍ନାଥ ସଂସ୍କୃତି ବିରୋଧୀ କାର୍ଯ୍ୟକଳାପ ବନ୍ଦ ନ କରେ ଇସ୍କନ ସଂସ୍ଥାକୁ ରାଜରାସ୍ତାରେ ବିରୋଧ କରିବା ସହ ଶ୍ରୀକ୍ଷେତ୍ର ମାଟିରେ ଇସ୍କନକୁ ପ୍ରବେଶ କରାଇ ଦେବୁ ନାହିଁ ବୋଲି ମଞ୍ଚ ଚେତାବନୀ ଦେଇଛି।

ଏହି ବିକ୍ଷୋଭରେ ବସନ୍ତ ରଣା, ଶକ୍ତି ରଥ, ଭୀମସେନ ପଲଙ୍କଧାରୀ, ଟୁଲୁ ପଢ଼ିଆରି, ସାଇ ମହାପାତ୍ର, ସୁବ୍ରତ ଦାସ, ରାଜେଶ ରଥ, ପ୍ରଦୀପ୍ତ ପ୍ରଧାନ, ସନ୍ତୋଷ ପୁଷ୍ପାଳକ, ଦିନେଶ ପଣ୍ଡା, ବାବୁନା ପ୍ରଧାନ, ବାବୁ ମହାପାତ୍ର, ମନୋଜ ରାଉଳ, ପୂର୍ଣ୍ଣ ଓଝା, ଶୋଭନ ସମର୍ଥା, ଗଣେଶ ବାରିକ, ରୁଦ୍ର ପାଢ଼ୀ, ସାହିଲ ମହାନ୍ତି, ନରୁ ମହାନ୍ତିଙ୍କ ସମେତ ମଞ୍ଚର ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ।

ଅପରପକ୍ଷରେ ଇସ୍କନ ପକ୍ଷରୁ କରାଯାଉଥିବା ଅଦିନିଆ ରଥଯାତ୍ରାକୁ ବିରୋଧ କରି ସଚେତନ ନାଗରିକ ମଞ୍ଚ ପକ୍ଷରୁ ଟାଉନ୍ ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗପତ୍ର ପ୍ରଦାନ ସମୟରେ ଅନ୍ୟମାନଙ୍କ ମଧ୍ୟରେ ଲଲାଟେନ୍ଦୁ ମିଶ୍ର , ଅଶୋକ ଆଢ୍ୟ, ହରିଶଙ୍କର ମିଶ୍ର, ମନୋଜ କୁମାର ସାମଲ, ବିଭୂତି ଶଙ୍କର ତ୍ରିପାଠୀ, ଜିତେନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ଲକ୍ଷ୍ମୀ ବସ୍ ଡ୍ରାଇଭରଙ୍କୁ ଦୁର୍ବ୍ୟବହାର ଓ ଆକ୍ରମଣ

ବଲଙ୍ଗା,୫।୧୧(କେଦାରେଶ୍ୱର ନନ୍ଦ)

ବଲଙ୍ଗା ଥାନା ଅନ୍ତର୍ଗତ ବଡ଼ନିମିଗା ଛକଠାରେ ଲକ୍ଷ୍ମୀ ବସ୍ ଡ୍ରାଇଭରଙ୍କୁ କେତେଜଣ ଲୋକ ଦୁର୍ବ୍ୟବହାର କରିବା ସହ ଆକ୍ରମଣ କରିଥିବା ନେଇ ମଙ୍ଗଳବାର ଅଭିଯୋଗ ହୋଇଛି। ସୂଚନା ମୁତାବକ ଲକ୍ଷ୍ମୀ ବସ୍ ଡ୍ରାଇଭର ବୁବୁନା ନାୟକ କରିଥିବା ଅଭିଯୋଗ ଅନୁଯାୟୀ, ସେ ପ୍ରତିଦିନ ଉଚ୍ଛୁପୁର ପଞ୍ଚାୟତ ଠାରୁ ଚକ୍ରକୁଦ, ବନ୍ଧମୁଣ୍ଡା, ବଡ଼ନିମିଗା ଛକଦେଇ ନିମାପଡ଼ା ବ୍ଲକକୁ ୪ ଥର ଯାତାୟାତ କରନ୍ତି। କିନ୍ତୁ ବଡ଼ନିମିଗା ଛକଠାରେ ଲକ୍ଷ୍ମୀ ବସ୍‌କୁ ଗ୍ରାମର କେତେଜଣ ଲୋକ ଅଟକାଇ ଡ୍ରାଇଭରଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଏଥିସହ ଗାଡ଼ି ମଧ୍ୟ ଭଙ୍ଗାରୁଜା କରିଥିବା ବୁବୁନା ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ବଲଙ୍ଗା ପୋଲିସ ଅଭିଯୋଗ ପାଇବା ପରେ କେସ୍ (ନଂ.୨୯୦/୨୪)ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଓଡ଼ିଶା ଆୟୁର୍ବେଦ ବିକାଶ ପରିଷଦ ପକ୍ଷରୁ ଚିକିତ୍ସା ଶିବିର

ପୁରୀ,୫।୧୧(ଅଜିତ୍ କୁମାର ମହାନ୍ତି)

ଓଡ଼ିଶା ଆୟୁର୍ବେଦ ବିକାଶ ପରିଷଦ ପକ୍ଷରୁ ମୋଚିସାହିସ୍ଥିତ କଲ୍ୟାଣ ମଣ୍ଡପଠାରେ କାର୍ତ୍ତିକ ବ୍ରତ କରୁଥିବା ହବିଷିଆଳିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ନିଃଶୁଳ୍କ ଆୟୁର୍ବେଦ ଔଷଧ ବିତରଣ କରାଯାଉଛି। ଅକ୍ଟୋବର ୧୮ରୁ ଆରମ୍ଭ ହୋଇଥିବା ଏହି ଶିବିର ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତ୍ୟେକ ଦିନ ସକାଳ ୯ଟାରୁ ଅପରାହ୍ନ ୧ଟା ଏବଂ ଅପରାହ୍ନ ୫ଟାରୁ ରାତି ୮ଟା ପର୍ଯ୍ୟନ୍ତ ଶିବିରରେ ଅଭିଜ୍ଞ ଡାକ୍ତର ଉପସ୍ଥିତ ରହି ହବିଷିଆଳିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଆୟୁର୍ବେଦ ଔଷଧ ପ୍ରଦାନ କରୁଛନ୍ତି। ପ୍ରଫେସର ଡା. ମହେଶ୍ୱର ଦାଶ, ସଭାପତି ଡା. ଶୁଭେନ୍ଦୁ ଦାଶ, ସମ୍ପାଦକ ଡା. ରାମକୃଷ୍ଣ ମିଶ୍ର, କୋଷାଧ୍ୟକ୍ଷ ଡା. ଇନ୍ଦିରା ନରେନ୍ଦ୍ର, ଡା. ପ୍ରଭାସ ଚନ୍ଦ୍ର ତ୍ରିପାଠୀ, ଡା. ରାଜ ତରଙ୍ଗିଣୀ ରଥ ପ୍ରମୁଖ ସେବା ଯୋଗାଉଛନ୍ତି। ଶିବିରକୁ ପ୍ରଫେସର ଡା. ନାରାୟଣ ମହାନ୍ତି ପରିଚାଳନା କରୁଛନ୍ତି। ଶିବିର ପରିଚାଳନାରେ ପ୍ରଶାସନ ପକ୍ଷରୁ ସହଯୋଗ ପାଇଁ ସଭାପତି ଡା. ଦାଶ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟକୁ ଜାତୀୟ ମାନ୍ୟତା ଦାବି

ପୁରୀ,୫।୧୧(ଅଜିତ୍ କୁମାର ମହାନ୍ତି)

ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟକୁ ଜାତୀୟ ଅନୁଷ୍ଠାନରେ ପରିଣତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ଆୟୁଷ ମନ୍ତ୍ରୀଙ୍କୁ ନିଖିଳ ଓଡ଼ିଶା ଆୟୁଷ ଛାତ୍ର ସଂଗଠନର ସଦସ୍ୟ ଚିଠି ଲେଖି ଅନୁରୋଧ କରିଛନ୍ତି। ସଂଗଠନ ପକ୍ଷରୁ ଦର୍ଶାଯାଇଛି, ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପୁରୀ ପୂର୍ବ ଭାରତର ସର୍ବପୁରାତନ ଓ ଓଡ଼ିଶାର ପ୍ରଥମ ଆୟୁର୍ବେଦ ମହାବିଦ୍ୟାଳୟ। ମେ' ୭ରେ ମହାବିଦ୍ୟାଳୟକୁ ୭୫ ବର୍ଷ ପୂରଣ ହୋଇଛି। ଏହି ଅବସରରେ ପାଳନ ହେବାକୁ ଯାଉଥିବା ହୀରକ ଜୟନ୍ତୀରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗ ଦେବେ। ଉତ୍ତମ ଡାକ୍ତରୀ ଶିକ୍ଷା ଓ ସ୍ୱାସ୍ଥ୍ୟସେବା ଯୋଗାଇଦେବାରେ ଏହି ମହାବିଦ୍ୟାଳୟ ସର୍ବାଗ୍ରେ ରହିଛି। ମହାବିଦ୍ୟାଳୟକୁ ଜାତୀୟ

### ପ୍ରଧାନମନ୍ତ୍ରୀ ଓ ବିଭାଗୀୟ କେନ୍ଦ୍ରମନ୍ତ୍ରୀଙ୍କୁ ଚିଠି ଲେଖିଲା ନିଖିଳ ଓଡ଼ିଶା ଆୟୁଷ ଛାତ୍ର ସଂଗଠନ

ମହାବିଦ୍ୟାଳୟରେ ପରିଣତ ନିମନ୍ତେ ରାଜ୍ୟର ବିଭିନ୍ନ ଆୟୁର୍ବେଦ ଛାତ୍ର ସଂଗଠନ କେନ୍ଦ୍ର ସରକାରଙ୍କୁ ଜଣାଇଥିଲେ। ଅଗଷ୍ଟ ୩୧ରେ କେନ୍ଦ୍ର ଆୟୁଷ ମନ୍ତ୍ରୀ ଆଗାମୀ ୫ ବର୍ଷରେ ୧୦ଟି କେନ୍ଦ୍ରୀୟ ଅନୁଷ୍ଠାନ ଗଠନ ନିମନ୍ତେ ଘୋଷଣା କଲା ପରେ ଏହାକୁ ନେଇ ସମ୍ଭାବନା ବହୁତ ବଢ଼ିଛି। ନିଖିଳ ଓଡ଼ିଶା ଆୟୁଷ ଛାତ୍ର ସଂଗଠନର ସମ୍ପାଦକ ଡ. ଶୁଭେନ୍ଦୁ କୁମାର ସାହୁ ଓ ସାଧାରଣ ସମ୍ପାଦକ ସୁବ୍ରତ କୁମାର ସାମଲ, ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଜିଜ୍ଞାସାର ସହସଂଯୋଜକ ଗିରିଧାରୀ ବିଶ୍ୱାଳ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ମଧ୍ୟ ଏହି ବିଷୟରେ ଚିଠି ଲେଖି ଅବଗତ କରିଛନ୍ତି।

## ବାସୁଦେବଙ୍କ ଗାଦି ପୀଠରୁ ଚୋରି

କାକଟପୁର/ଅସ୍ତରଙ୍ଗ,୫।୧୧
(ଶୁଭଦର୍ଶନ ମିଶ୍ର/ମମତା ଜେନା)

କାକଟପୁର ଅଞ୍ଚଳରେ ଲୁଟେରାଙ୍କ ଉତ୍ପାତ ବଢ଼ିବାରେ ଲାଗିଛି। ଲୁଟେରାମାନେ ସିଧାସଳଖ ଟାର୍ଗେଟ କରୁଛନ୍ତି ମନ୍ଦିର ଉପରେ। ଲୁଟି ଚାଲିଛନ୍ତି ଗୋଟିଏ ପରେ ଗୋଟିଏ ମନ୍ଦିରର ଆସବାବପତ୍ର, ଟଙ୍କା ଓ ସୁନା। କିଛିଦିନ ତଳେ କାକଟପୁର ନିକଟସ୍ଥ ନୟାହାଟ ଫାଣ୍ଡି ଅନ୍ତର୍ଗତ ଜଙ୍ଗଲବୋରି ପଞ୍ଚାୟତର ମହାବୀର ମନ୍ଦିରରୁ ଠାକୁରଙ୍କ ସୁନା ଅଳଙ୍କାର ଚୋରି ହୋଇଥିବା ବେଳେ ଠିକ୍ ମାସେ ପରେ ପୁନର୍ବାର ସୋମବାର ବିଳମ୍ବିତ ରାତ୍ରିରେ ଲୁଟେରାମାନେ ବାଉରିଆକଣ ଗ୍ରାମର ପ୍ରଭୁ ବାସୁଦେବ ମନ୍ଦିର ଷ୍ଟୋର୍ ରୁମ୍ ତାଲାଭାଙ୍ଗି ବିଭିନ୍ନ ଆସବାବପତ୍ର ଚୋରି କରିଛନ୍ତି।

ସୂଚନା ମୁତାବକ ବାଉରିଆକଣ ଗ୍ରାମରେ ଥିବା ବାସୁଦେବ ଗାଦିଙ୍କ ପୀଠରୁ ପୂର୍ବରୁ ୪ଥର ଚୋରି ହୋଇଥିବା ବେଳେ ପୁନର୍ବାର ସୋମବାର ବିଳମ୍ବିତ ରାତ୍ରିରେ ଚୋରି ହୋଇଛି। କାର୍ତ୍ତିକ ମାସ ହେତୁ ବାଉରିଆକଣ ଗ୍ରାମର ଆରାଧ୍ୟ ଦେବତା ପ୍ରଭୁ ବାସୁଦେବ ଗାଦିଙ୍କ ପାଖରେ ସନ୍ଧ୍ୟା

### ଲୁଟେରାଙ୍କ ନଜରରେ ମଠ, ମନ୍ଦିର

ସମୟରେ ନାମ ସଂକୀର୍ତ୍ତନ ପରେ ଠାକୁରଙ୍କ ନୀତିକାନ୍ତି ଶେଷ କରି ପୁରୋହିତ ଘରକୁ ଯାଇଥିଲେ। କିନ୍ତୁ ସକାଳୁ ଗ୍ରାମର ଜଣେ ଯୁବକ ସାଉଣ୍ଡ୍ ବଜାଇବା ପାଇଁ ମନ୍ଦିରକୁ ଆସି ଦେଖିବା ବେଳକୁ ମନ୍ଦିରର ଷ୍ଟୋର ରୁମ୍ ତାଲା ଭାଙ୍ଗି କେହି ଦୁର୍ବୃତ୍ତ ଘଣ୍ଟ, ଥାଳି, ଘଣ୍ଟି, କାହାଳି, ଭୋଗ ଥାଳି, ପିତ୍ତଳ ହଣ୍ଡା, ସାଉଣ୍ଡ୍ ସିଷ୍ଟମ, ଝାଞ୍ଜ ସମେତ ଅନେକ ଆସବାବପତ୍ର ଚୋରି କରିନେଇଛନ୍ତି। ଗ୍ରାମବାସୀଙ୍କୁ ଜଣାଇବା ପରେ ଯୁବକ ଶରତ ଚନ୍ଦ୍ର ପଲାଉରୀ କାକଟପୁର ଥାନାରେ ଅଭିଯୋଗ କରିଥିଲେ। ଘଟଣାସ୍ଥଳରେ କାକଟପୁର ପୋଲିସ ପହଞ୍ଚି ତଦନ୍ତ କରିଥିଲେ। ବର୍ତ୍ତମାନ ଦିନକୁ ଦିନ ଲୁଟେରାଙ୍କ ପ୍ରାଦୁର୍ଭାବ ବଢ଼ିଚାଲିଛି। କାକଟପୁର ଥାନା କେସ୍ (ନଂ. ୨୨୪/୨୪)ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ପେସାଦାର ଲୁଟେରା ନା ସ୍ଥାନୀୟ ଲୋକଙ୍କ ଦ୍ୱାରା ଲୁଟ୍ ହେଉଛି ତାହା ବର୍ତ୍ତମାନ ସନ୍ଦେହ ସୃଷ୍ଟି କରିଛି।

# ରତ୍ନଚିରା ନଦୀରେ ବୁଡ଼ି ଶିଶୁ ମୃତ

ଡେଲାଙ୍ଗ,୫।୧୧(ରଶ୍ମିରଞ୍ଜନ ପ୍ରଧାନ)

ଘର ପଛପଟ ରତ୍ନଚିରା ନଦୀରେ ବୁଡ଼ି ମଙ୍ଗଳବାର ୪ ବର୍ଷୀୟ ଶିଶୁଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଡେଲାଙ୍ଗ ଥାନା ଅଧୀନ ଜେନାପୁର ପଞ୍ଚାୟତ ଟୋଲାପଡ଼ା ଗୋପୀନାଥ ସାହିର ସଚ୍ଚିକାନ୍ତ ବେହେରାଙ୍କ ପୁଅ ଅଶ୍ୱିନୀ ବେହେରା। ଏନେଇ ଡେଲାଙ୍ଗ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯିବା ସହ ବ୍ୟବଚ୍ଛେଦ ନିମନ୍ତେ ମୃତଦେହକୁ ପୁରୀ ପଠାଯାଇଛି।

ଅଶ୍ୱିନୀ ଅଙ୍ଗନୱାଡ଼ିରୁ ପାଠ ପଢ଼ିସାରି ଘରକୁ ଫେରିଥିଲେ। ଜେଜେ ମା'ଙ୍କ ସହିତ ଖାଇସାରି ଗ୍ରାମର ଅନ୍ୟ ୨ ଜଣ ଛୋଟ ପିଲାଙ୍କ ସହ ଘର ପଛପଟ ପୋଲାଙ୍ଗ ବଣକୁ ଖେଳିବାକୁ ଯାଇଥିଲେ। ଖେଳୁଥିବାବେଳେ କୌଣସି କାରଣରୁ ସମସ୍ତେ ରତ୍ନଚିରା ନଦୀକୁ ଖସି ପଡ଼ିଥିଲେ। ନଦୀ ଦଳପୂର୍ଣ୍ଣ ହୋଇଥିବାରୁ ଅଶ୍ୱିନୀ ବାହାରକୁ ଆସିପାରି ନ ଥିଲେ। ତେବେ ତାଙ୍କ ସହିତ ଥିବା ଅନ୍ୟ ୨ ପିଲା ପାଣି ଭିତରୁ ବାହାରି ଆସିବାକୁ ସମର୍ଥ ହୋଇଥିଲେ। ପରେ ସେମାନେ ଗାଁକୁ ଆସି ସ୍ଥାନୀୟ ଲୋକଙ୍କୁ ଘଟଣା ବାବଦରେ ଜଣାଇଥିଲେ। ଗାଁ ଲୋକେ ଘଟଣାସ୍ଥଳରେ ପହଞ୍ଚି ଅଶ୍ୱିନୀଙ୍କୁ ପାଣିରୁ ବାହାର କରି ତୁରନ୍ତ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଷଲ ରାଜସ୍ୱ ନିରୀକ୍ଷକ ସସ୍ମିତା ନାୟକ, ଜେନାପୁର ସରପଞ୍ଚ ବିଶ୍ୱନାଥ ପଟ୍ଟନାୟକ ଓ ସମିତି ସଭ୍ୟ ପ୍ରଭାତ ଜେନା, ସାମାଜିକ କର୍ମୀ ସଚ୍ଚିକାନ୍ତ ଜେନା, ନରହରି ବାରିକ୍ ପ୍ରମୁଖ ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ସରକାରୀ ସହାୟତା ନିମନ୍ତେ ଦାବି କରିଛନ୍ତି।

# ତହସିଲଦାର, ବିଡିଓଙ୍କ ନିକଟରେ ଅଭିଯୋଗ

ପିପିଲି,୫।୧୧(ଦୁର୍ଗାମାଧବ ମିଶ୍ର)

ପିପିଲି ତହସିଲ ଅଧୀନ ନୂଆଶାସନ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଗୋଚର ଜମିରେ ବେଆଇନ ଭାବେ ବର୍ଜ୍ୟବସ୍ତୁ ପରିଚାଳନା ଗୃହ ନିର୍ମାଣ ଚାଲିଥିବା ନେଇ ଅଭିଯୋଗ ହୋଇଛି।

ସୂଚନାଥାଉ କି, ନୂଆଶାସନ ଗ୍ରାମ ପଞ୍ଚାୟତରେ ବର୍ଜ୍ୟବସ୍ତୁ ପରିଚାଳନା ଗୃହ ନିର୍ମାଣ କରିବାକୁ ନେଇ ପିପିଲି ମଣ୍ଡଳ ଉନ୍ନୟନ ଅଧିକାରୀ ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ନାମରେ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ଏହି ନିର୍ମାଣ କାର୍ଯ୍ୟ ପ୍ରାୟ ୩ ମାସ ହେବ ଚାଲୁରହିଛି। ନୂଆଶାସନ ମୌଜା ଖାତା ନମ୍ବର ୧୩୨୯, ପ୍ଲଟ ନମ୍ବର ୩୩୩, ଏରିଆ ଏ୨.୧୩ ଡିସିମିଲ କିସମ ଗୋଚର ଜମି ରହିଛି। ସେହି ଜମିରେ କିପରି ବେଆଇନ ଭାବେ ବର୍ଜ୍ୟବସ୍ତୁ ପରିଚାଳନା ଗୃହ ନିର୍ମାଣ କରାଯାଉଛି, ସେନେଇ ପଞ୍ଚାୟତର ପୂର୍ବତନ ସରପଞ୍ଚ କୁଞ୍ଜମୋହନ ଦାଶଙ୍କ ସମେତ ସହଦେବ ନାୟକ, ନିରଞ୍ଜନ ଷଡ଼ଙ୍ଗୀ, ବସନ୍ତ



ଗୋଚର ଜମିରେ ବେଆଇନ ନିର୍ମାଣ ଚାଲିଛି ।

### ଗୋଚର ଜମିରେ ବେଆଇନ ନିର୍ମାଣକୁ ବିରୋଧ

ବେହେରା ପ୍ରମୁଖ ପିପିଲି ତହସିଲଦାର ଓ ବିଡିଓଙ୍କୁ ୩ ଦିନ ପୂର୍ବେ ଭେଟି ଦାବିପତ୍ର ପ୍ରଦାନ କରି ଅଭିଯୋଗ କରିଛନ୍ତି। ପୂର୍ବରୁ ପଞ୍ଚାୟତ ଉପ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ପାଇଁ ଏହି ଜମି ଗୋଚର ଥିବାରୁ ଅନ୍ୟତ୍ର ପତିତ ସ୍ଥାନରେ କରାଯାଇଛି। ଏବେ କିପରି କାହା ଇଙ୍ଗିତରେ ଗୋଚର ଜମିରେ ଗୃହ ନିର୍ମାଣ କରାଗଲା, ତାହା ଉଚ୍ଚସ୍ତରୀୟ ନିରପେକ୍ଷ ବିଭାଗୀୟ ତଦନ୍ତ ସାପେକ୍ଷ ବୋଲି ଅଭିଯୋଗରେ ଉଲ୍ଲେଖ ହୋଇଛି। ଏହି ନିର୍ମାଣ କାର୍ଯ୍ୟକୁ ନେଇ ୨ ଗୋଷ୍ଠୀଙ୍କ ମଧ୍ୟରେ ଛକାପଞ୍ଝା ଚାଲିଥିବାବେଳେ କେଉଁ ସମୟରେ ବି ଆଇନଶୃଙ୍ଖଳା ପରିସ୍ଥିତ ଉପୁଜିବା ନେଇ ଆଶଙ୍କା ରହିଛି। ଅନ୍ୟପଟେ ବିଡିଓ ସରୋଜ କୁମାର ରାଉତ ଘଟଣା ସମ୍ପର୍କରେ କହିଛନ୍ତି, ସେ ମିଟିଂରେ ଥିଲେ। ଦରଖାସ୍ତ ଡାକରେ ରହିଥିବ। ଜମି ସମ୍ପର୍କରେ ତହସିଲଦାରଙ୍କୁ ପଚାରି ଜମିର କିସମ ସ୍ଥିତାବସ୍ଥା କ'ଣ ରହିଛି, ତାହା ବୁଝିବେ ବୋଲି କହିଥିଲେ।

# ଇପିଏଫ୍ ପେନ୍‌ସନର୍ସ ସଂଘର ରାଜ୍ୟ ସମ୍ମିଳନୀ ଉଦ୍‌ଯାପିତ

ପୁରୀ,୫।୧୧(ଅଜିତ୍ କୁମାର ମହାନ୍ତି)

ଅଲ୍ ଓଡ଼ିଶା ଇପିଏଫ୍ ପେନ୍‌ସନର୍ସ ଆସୋସିଏଶନର ୨ଦିନିଆ ରାଜ୍ୟ ସମ୍ମିଳନୀ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ସର୍ବନିମ୍ନ ମାସିକ ପେନ୍‌ସନ ୯୦୦୦ ଦେବା, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ତୁରନ୍ତ ବର୍ଦ୍ଧିତ ପେନ୍‌ସନ ଲାଗୁ କରିବା, ଦରଦାମ ବୃଦ୍ଧିର ଭରଣା ପାଇଁ ମହଙ୍ଗା ଭତ୍ତା ପ୍ରଦାନ କରିବା ଇତ୍ୟାଦି ୧୨ଟି ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗୃହିତ ହୋଇଥିଲା। ଜିଲା ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ୨ୟ ଦିନର ଏହି ସମ୍ମିଳନୀରେ ଇଂ. ବିଜୟ କୁମାର ଜେନା ସଭାପତିତ୍ୱ କରିଥିଲା ବେଳେ ସରୋଜ କାନ୍ତ ମଲ୍ଲିକ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମାଙ୍କ ସମେତ ରାଜ୍ୟ ମୁଖ୍ୟ ଉପଦେଷ୍ଟା ରଞ୍ଜନ କୁମାର ଖୁଣ୍ଟିଆ, ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ, ନଟବର ଆଚାର୍ଯ୍ୟ, କାର୍ଯ୍ୟକାରୀ ସଭାପତି ବିଷ୍ଣୁପ୍ରସାଦ ମହାନ୍ତି ଓ ପ୍ରଫୁଲ୍ଲ କୁମାର ଦାସ ଏବଂ ୨୮ଟି ଜିଲାରୁ ଆସିଥିବା ପ୍ରତିନିଧିମାନେ ସମ୍ମିଳନୀରେ ବକ୍ତବ୍ୟ ରଖି ଦାବିପୂରଣରେ




ସମ୍ମିଳନୀରେ ଯୋଗ ଦେଇଥିବା ଅତିଥିମାନେ ।

କେନ୍ଦ୍ର ସରକାରଙ୍କ ଅବହେଳାକୁ ଦୃଢ଼ ନିନ୍ଦା କରିବା ସହ ଦାବି ହାସଲ ପାଇଁ ଆନ୍ଦୋଳନ ଲାଗି ଆହ୍ୱାନ ଦେଇଥିଲେ।

ପୂର୍ବବର୍ଷ ଭଳି ଚଳିତ ବର୍ଷ ନଭେମ୍ବର ୧୬ ତାରିଖ ଦିନ ସମସ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ଦିବସ ପାଳନ କରି କେନ୍ଦ୍ର ଶ୍ରମମନ୍ତ୍ରୀଙ୍କୁ ଜିଲାପାଳଙ୍କ ଜରିଆରେ ଦାବିପତ୍ର ଦେବା ପାଇଁ ନିଷ୍ପତ୍ତି ନିଆଯାଇଛି। ପ୍ରତ୍ୟେକ ଜିଲାରେ ସଭ୍ୟ ସଂଗ୍ରହ ଅଭିଯାନକୁ ତ୍ୱରାନ୍ୱିତ କରିବା ପାଇଁ ନିଷ୍ପତ୍ତି ମଧ୍ୟ ନିଆଯାଇଛି। ୩ ବର୍ଷ ଲାଗି କର୍ମକର୍ତ୍ତା ନିର୍ବାଚନ ସର୍ବସମ୍ମତିକ୍ରମେ ହୋଇଥିଲା। ସଭାପତି ଭାବେ ଇଂ. ବିଜୟ କୁମାର ଜେନା, ସାଧାରଣ ସମ୍ପାଦକ ଭାବେ ଭାଗ୍ୟଧର ବ୍ରହ୍ମା, କାର୍ଯ୍ୟକାରୀ ସଭାପତି ଭାବେ ବିଷ୍ଣୁ ପ୍ରସାଦ ମହାନ୍ତି ଓ ପ୍ରଫୁଲ୍ଲ କୁମାର ଦାସ ନିର୍ବାଚିତ ହୋଇଛନ୍ତି। ଏମାନଙ୍କ ବ୍ୟତୀତ ଅନ୍ୟ ୫ ଜଣ ଉପଦେଷ୍ଟା ମଣ୍ଡଳୀଙ୍କୁ ମନୋନିତ କରାଯାଇଥିବା ବେଳେ ୭ ଜଣ ଉପସଭାପତି, ୧୧ ଜଣ ଯୁଗ୍ମ ସମ୍ପାଦକ, ୧୩ ଜଣ ସଂଗଠନ ସମ୍ପାଦକ, ଜଣେ କୋଷାଧ୍ୟକ୍ଷ, ଜଣେ ସହକାରୀ କୋଷାଧ୍ୟକ୍ଷ ଓ ୧୫ ଜଣ କାର୍ଯ୍ୟକାରୀ କମିଟିରେ ସଦସ୍ୟ ଭାବେ ରାଜ୍ୟ କମିଟିକୁ ମନୋନିତ ହୋଇଛନ୍ତି। ଦେବେନ୍ଦ୍ର କୁମାର ସାହୁ ଓ ରଘୁନାଥ ବରାଳ ସମୀକ୍ଷକ ଭାବେ ମନୋନିତ କରାଯାଇଛି। ଉପଦେଷ୍ଟା ନଟବର ଆଚାର୍ଯ୍ୟ ସମସ୍ତ କର୍ମକର୍ତ୍ତା ଓ କାର୍ଯ୍ୟକାରୀ ସଦସ୍ୟମାନଙ୍କୁ ଗୋପନୀୟତାର ଶପଥ ପାଠ କରାଇଥିଲେ।

**ଲିଙ୍କ୍ ନ ଥିବାରୁ ୪ ଉପଡାକଘର ଅଚଳ**

କଟକ ସଦର,(ସୁଶାନ୍ତ କୁମାର ଜେନା): ୨ ଦିନ ହେବ ଲିଙ୍କ୍ ନ ଥିବାରୁ କଟକ ସିଟି ଡାକ ଡିଭିଜନ ଅନ୍ତର୍ଗତ ବେଣ୍ଟକାର, ବିରିବାଟି, ସୋମପୁର ଓ କିଶୋରନଗର ଉପଡାକଘର ଅଚଳ ହୋଇପଡିଛି। ଫଳରେ ଏହି ଉପଡାକଘର ଅଧୀନରେ ଥିବା ୨୨ଟି ଶାଖା ଡାକଘରେ ମଧ ଅଚଳାବସ୍ଥା ଦେଖାଦେଇଛି। ଲିଙ୍କ୍ ନ ଥିବାରୁ ସଞ୍ଚୟ ଜମା ଓ ଉଠାଣ, ସ୍ପିଡ୍ ପୋଷ୍ଟ, ରେଜିଷ୍ଟ୍ରି ଚିଠି, ମନିଅର୍ଡର, ପାର୍ସଲ, ପେନ୍ସନ୍ ପଇଠ ଆଦି କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ରହିଛି। ତୁରନ୍ତ କଟକ ସିଟି ଡିଭିଜନର ବିଭାଗୀୟ ଅଧିକାରୀ ଏହି ସମସ୍ୟାକୁ ଗୁରୁତର ସହ ବିଚାରକୁ ନେଇ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରିବା ପାଇଁ ସାଧାରଣରେ ଦାବି ହେଉଛି।

## ସଂକ୍ଷେପରେ

### ପରଦାକୁ ଆସିବ ବାସ୍ତବ ଧର୍ମୀ ଚଳଚ୍ଚିତ୍ର 'ଅକ୍ସିଜେନ'



ଆଠଗଡ଼,୫।୧୧(ସତ୍ୟ ପ୍ରସାଦ ରଥ)

ଓଡ଼ିଆ ଚଳଚ୍ଚିତ୍ରରେ ଚାଲିଥିବା ବାସ୍ତବଧର୍ମୀ ସିନେମା ତାଲିକାରେ ଆଉ ଗୋଟିଏ ନାମ ଯୋଡ଼ି ହେବାକୁ ଯାଉଛି 'ଅକ୍ସିଜେନ'। ମହାମାରୀ କରୋନା ସମୟରେ ସମଗ୍ର ବିଶ୍ୱରେ ରୋଗୀମାନଙ୍କ ଅତ୍ୟନ୍ତ ଜରୁରୀ ଅମ୍ଳଜାନ ପାଇଁ ପରିବେଶ ସୁରକ୍ଷା କେତେ ଜରୁରୀ ତାହା ଏହି ସିନେମାରେ ଦର୍ଶାଯାଇଛି। ଏଥିରେ ଭରପୂର କମେଡି, ଆକ୍ସନ ଏବଂ ରୋମାନ୍ସ ଥିବା ବେଳେ ମନଛୁଆଁ ସଙ୍ଗୀତ ମଧ ରହିଛି ବୋଲି ସିନେମାର ପ୍ରଯୋଜକ କହିଛନ୍ତି। ସୁକେଶୀ ପଣ୍ଡା ଏବଂ ଶିବପ୍ରସାଦ ପଣ୍ଡାଙ୍କ ପ୍ରଯୋଜନାରେ ନିର୍ମିତ ଏହି ଚଳଚ୍ଚିତ୍ରର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ଡ଼ ରଶ୍ମି ପଣ୍ଡା ଲେଖିଛନ୍ତି। ପିନୁ ନାୟକଙ୍କ ନିର୍ଦ୍ଦେଶିତ ଚଳଚ୍ଚିତ୍ରର ସଙ୍ଗୀତ ନିର୍ଦ୍ଦେଶନା ଅଭିଜିତ ମଜୁମଦାର ଦେଇଛନ୍ତି । ମୁଖ୍ୟ ଭୂମିକାରେ ସମ୍ବିତ, ତମନ୍ନା,ବବି ମିଶ୍ର ରହିଛନ୍ତି। ଆଗାମୀ ବାଲିଯାତ୍ରା ମଧ୍ୟରେ ଏହାର ରିଲିଜ କରିବା ପାଇଁ ଆଠଗଡ଼ ମନୋରମା କ୍ଲବ ଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଗୀତିକାର ରାଧାନାଥ ଦାସ, ସାମାଜିକ କର୍ମୀ ପାର୍ଥସାରଥି ପଟ୍ଟନାୟକ ଏବଂ ଡ.ରଶ୍ମୀ ପଣ୍ଡି ଉପସ୍ଥିତ ରହିଥିଲେ।

# ଜିଲାରେ ୪୮୬ ଡାକ୍ତର ପଦବୀ ଖାଲି

**୬୩୩ ପାରାମେଡିକାଲ କର୍ମଚାରୀ ପଦବୀ ପୂରଣ ହେଉନି**

କଟକ,୫।୧୧(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଅନୁଯାୟୀ ଡାକ୍ତର ଓ ପାରାମେଡିକାଲ କର୍ମଚାରୀ ନାହାନ୍ତି। ଫଳରେ ସ୍ୱାସ୍ଥ୍ୟସେବା ବାଧାପ୍ରାପ୍ତ ହେଉଛି। ଏହାକୁ ନେଇ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ଏଥିପ୍ରତି ରାଜ୍ୟ ସରକାର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ, କଟକ ଜିଲାରେ ମୁଖ୍ୟ ଚିକିତ୍ସାଳୟ ସମେତ ଦୁଇଟି ଉପଖଣ୍ଡ ଚିକିତ୍ସାଳୟ, ୨ଟି ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୧୯ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୫୮ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ୧୪ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଅନ୍ୟ ଗୋଟିଏ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ଉକ୍ତ ଡାକ୍ତରଖାନାଗୁଡ଼ିକ ପାଇଁ ୭୫୩ ଡାକ୍ତର ପଦବୀ ମଞ୍ଜୁର ରହିଛି। ସେଥିମଧ୍ୟରୁ ଏବେ ୨୬୭ ଜଣ ଡାକ୍ତର କାର୍ଯ୍ୟ କରୁଥିବାବେଳେ ଅବଶିଷ୍ଟ ୪୮୬ ପଦବୀ ଫାଙ୍କା ରହିଛି। ସେହିପରି ଉପରୋକ୍ତ ଡାକ୍ତରଖାନା ନିମନ୍ତେ ୧୭୬୭ ପାରାମେଡିକାଲ କର୍ମଚାରୀ ପଦବୀ ରହିଛି। ହେଲେ ସେଥିମଧ୍ୟରୁ ୧୧୩୪ ଜଣ କାର୍ଯ୍ୟରତ ଥିବାବେଳେ ୬୩୩ ପଦବୀ ଫାଙ୍କା ରହିଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ବିଭିନ୍ନ ବିଭାଗ ରହିଛି। କିନ୍ତୁ ଆବଶ୍ୟକ ଡାକ୍ତର ଓ ପାରାମେଡିକାଲ କର୍ମଚାରୀ ନ ଥିବାରୁ ରୋଗୀସେବା ବାଧାପ୍ରାପ୍ତ ହେଉଛି। ଅନେକ ସମୟରେ ରୋଗୀମାନେ ଏଠାକୁ ଆସି ସ୍ୱାସ୍ଥ୍ୟସେବା ନ ପାଇ ବାଧ ହୋଇ ଅର୍ଥ ଖର୍ଚ୍ଚ କରି ଘରୋଇ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଏଭଳି ସମସ୍ୟା ଜିଲାର ବିଭିନ୍ନ ଡାକ୍ତରଖାନାରେ ଦେଖିବାକୁ ମିଳିଛି। ରାଜ୍ୟ ସରକାର ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦେଉଥିବାବେଳେ ଭିତ୍ତିଭୂମି ସୁଦୃଢ଼ କରୁଛନ୍ତି। ହେଲେ ଦୀର୍ଘଦିନ ଧରି ଡାକ୍ତର ଓ ପାରାମେଡିକାଲ କର୍ମଚାରୀ ପଦବୀ ପୂରଣ କରୁ ନ ଥିବାରୁ ରୋଗୀ ଓ ବୁଦ୍ଧିଜୀବୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଶାନ୍ତ କୁମାର ହୋତା କହିଛନ୍ତି, କିଛିଦିନ ହେବ କାର୍ଯ୍ୟରେ ଯୋଗଦେଇଛି। ତେବେ ଜିଲାର ବିଭିନ୍ନ ଡାକ୍ତରଖାନାରେ ଦୀର୍ଘଦିନ ହେବ ଖାଲି ରହିଥିବା ପଦବୀ ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଇ ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବ। ଖୁବ୍‌ଶୀଘ୍ର ନିଯୁକ୍ତି ଦିଗରେ ସରକାର ପଦକ୍ଷେପ ନେବେ ବୋଲି ଆଶା ରହିଛି।




କଟକ ସିଡିଏ ଡିଏଭି ପବ୍ଲିକ ସ୍କୁଲରେ ଅନୁଷ୍ଠିତ ଆନ୍ତଃ ଡିଏଭି ଏକକ ଅଭିନୟ ପ୍ରତିଯୋଗିତାରେ ପୁରସ୍କୃତ ହୋଇଥିବା କୃତୀ ପ୍ରତିଯୋଗୀ ଗହଣରେ ଅତିଥିବୃନ୍ଦ।

# ଦୁର୍ନୀତି ବିରୋଧରେ ସଚେତନତା ସୃଷ୍ଟି ଲକ୍ଷ୍ୟ



**ଇଣ୍ଡିଆନ୍ ବ୍ୟାଙ୍କ କଟକ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ସତର୍କତା ସଚେତନତା ସପ୍ତାହ**

ଭୁବନେଶ୍ୱର,୫।୧୧(ଅଭୟ ଦାଶ)

ପ୍ରତିବର୍ଷ ଭଳି ଚଳିତ ବର୍ଷ ଇଣ୍ଡିଆନ୍ ବ୍ୟାଙ୍କର କଟକ ଅଞ୍ଚଳ ବା ଆଞ୍ଚଳିକ କାର୍ଯ୍ୟାଳୟ ପରିସରରେ ସତର୍କତା ସଚେତନତା ସପ୍ତାହ ନିକଟରେ ପାଳିତ ହୋଇଯାଇଛି। ୨୦୨୪ ଅକ୍ଟୋବର୨୮ରୁ ନଭେମ୍ବର ୩ ପର୍ଯ୍ୟନ୍ତ ଆଞ୍ଚଳିକ କାର୍ଯ୍ୟାଳୟ ଅଧୀନ ସମସ୍ତ ଶାଖାରେ ସତର୍କତା ସଚେତନତା ସପ୍ତାହ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ କଟକ ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ପରିକ୍ଷିତ ଦାଶମହାପାତ୍ରଙ୍କ ମାର୍ଗଦର୍ଶନରେ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅଞ୍ଚଳ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅଞ୍ଚଳ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ଶପଥ ପାଠ କରିଥିଲେ। ଏଥିସହ ଓଲଟପୁର ଏବଂ କୃଷ୍ଣପ୍ରସାଦ ଗ୍ରାମ ପଞ୍ଚାୟତଠାରେ ଗ୍ରାମସଭା ଅନୁଷ୍ଠିତ ହୋଇଥିଲାବେଳେ ସାଧାରଣ ଲୋକଙ୍କ ମଧ୍ୟରେ ଦୁର୍ନୀତି ବିରୋଧରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବ୍ୟାଙ୍କ ପକ୍ଷରୁ ବିସ୍ତୃତ ଭାବେ ଆଲୋକପାତ କରାଯାଇଥିଲା।

# ସମୀର ଦେଙ୍କ ଆଶୁ ଆରୋଗ୍ୟ ପାଇଁ ଦୀପଦାନ

କଟକ,୫।୧୧(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ମହାନଗର ନଦୀୟା ସଙ୍କୀର୍ତ୍ତନ ମହାମଣ୍ଡଳର ମୁଖ୍ୟ ପୃଷ୍ଠପୋଷକ, ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ସମୀର ଦେ ଅସୁସ୍ଥ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ତାଙ୍କର ଆଶୁ ଆରୋଗ୍ୟ କାମନା କରି ମହାମଣ୍ଡଳ ପକ୍ଷରୁ କଟକ ଚଣ୍ଡୀମନ୍ଦିର ସମ୍ମୁଖରେ ସମୂହ ଦୀପଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମହାମଣ୍ଡଳର ସର୍ବମହନ୍ତ ଭିକାରୀ ଦାସ, ସର୍ବକଟୁଆଳ କୃଷ୍ଣଚନ୍ଦ୍ର ସାହୁ, ସନ୍ତୋଷ କୁମାର ସାହୁ, ବିଭୂତି ଭୂଷଣ ମହାପାତ୍ର, କରୁଣାକର ବେହେରା, ରଘୁନାଥ ପ୍ରସାଦ ଭଗତ, ସୁଦୀପ୍ତ କୁମାର ସ୍ୱାଇଁ, ଜିତେନ୍ଦ୍ର କୁମାର ଦଳେଇ, କେଦାର ବେହେରା, ପ୍ରଦ୍ୟୁମ୍ନ ରାଓ ପ୍ରମୁଖ ଉପସ୍ଥିତ ଥିଲେ।

# ବେଆଇନ ବିଦ୍ୟୁତ୍ ସଂଯୋଗରେ ଚାଲିଛି ନିର୍ମାଣ କାର୍ଯ୍ୟ

**ରାଜ୍ୟ ଉଦ୍ଭିଦ ଉଦ୍ୟାନ**

ତ୍ରିଶୂଳିଆ,୫।୧୧(ତୁଷାର କାନ୍ତ ବେହେରା)

ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଅଧୀନରାଜ୍ୟ ଉଦ୍ଭିଦ ଉଦ୍ୟାନ (ବଟାନିକାଲ ଗାର୍ଡେନ) ଔଷଧ ଉଦ୍ୟାନର ନବୀକରଣ ସହ ଆଧୁନିକୀକରଣ କାର୍ଯ୍ୟ ଚାଲିଛି। ଏହି ଉଦ୍ୟାନରେ ବିଭିନ୍ନ ଔଷଧୀୟ ଚାରା ରୋପଣ ସହ ରାସ୍ତା ନିର୍ମାଣ ଓ ଆଧୁନିକୀକରଣ କାର୍ଯ୍ୟ ପ୍ରାୟ ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ହେଉଥିବାବେଳେ ଏହା ବିନା ଟେଣ୍ଡରେ କରାଯାଉଥିବା ଅଭିଯୋଗ ହେଉଛି। ତେବେ ଏହି କାର୍ଯ୍ୟ ପାଇଁ ବେଆଇନଭାବେ ବିଦ୍ୟୁତ୍ ସଂଯୋଗ ନିଆଯାଇଛି। ରାସ୍ତା ପାର୍ଶ୍ୱରେ ଯାଇଥିବା ଭୂତଳ ବିଦ୍ୟୁତ୍ ସଂଯୋଗ କେବୁଲକୁ ଖୋଲି ସେହି ବିଦ୍ୟୁତ୍ ଲାଇନରୁ ସଂଯୋଗ କରାଯାଇ ନିର୍ମାଣସ୍ଥଳୀକୁ ନିଆଯାଇଛି। ଫଳରେ ବୁଲିବାକୁ ଆସୁଥିବା ପର୍ଯ୍ୟଟକମାନେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିବା ସମ୍ଭାବନା ଅଧିକ ରହିଛି। ପର୍ଯ୍ୟଟକମାନଙ୍କ ପାଇଁ ବିପଦ ରହିଛି। ଏଭଳି ବେଆଇନ ବିଦ୍ୟୁତ୍ ସଂଯୋଗ ନେଇ କାର୍ଯ୍ୟ ଚାଲିବା ବିଷୟରେ ଦାୟିତ୍ୱରେ ଥିବା ରାଜ୍ୟ ଉଦ୍ଭିଦଉଦ୍ୟାନର ବନାଞ୍ଚଳ(ରେଞ୍ଜର) ଜାଣି ମଧ ନୀରବ ରହିବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଥିପ୍ରତି ନନ୍ଦନକାନନ ନିର୍ଦ୍ଦେଶକ ମନୋଜ ଭି.ନାୟାର ଓ ଉପନିର୍ଦ୍ଦେଶକ ସନଥ କୁମାର ନାରାୟଣ ଦୃଷ୍ଟିଦେବାକୁ ନନ୍ଦନକାନନ ଜଙ୍ଗଲ ଓ ଜୀବଜନ୍ତୁ ସୁରକ୍ଷା ମଞ୍ଚ ଦାବି କରିଛି। ଏସଂକ୍ରାନ୍ତରେ ନନ୍ଦନକାନନ ନିର୍ଦ୍ଦେଶକ ମନୋଜ ଭି.ନାରାୟଣଙ୍କୁ ପଚାରିବାରୁ ସେ କହିଲେ, ନନ୍ଦନକାନନ ଉପନିର୍ଦ୍ଦେଶକ ସନଥ କୁମାର ନାରାୟଣଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# କଣ୍ଟାବାଞ୍ଜି ସିଏଚ୍‌ସିକୁ ସବ୍‌ଡିଭିଜନାଲ ହସ୍ପିଟାଲ କରାଯାଉ

**ହାଇକୋର୍ଟରେ ଆବେଦନ**

କଟକ,୫।୧୧(କାର୍ତ୍ତିକ ସାହୁ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି)କୁ ସବ୍‌ଡିଭିଜନାଲ ସ୍ତରୀୟ ହସ୍ପିଟାଲରେ ପରିଣତ କରିବା ପାଇଁ ୨୦୧୭ ମସିହାରୁ ଦାବି ହୋଇଆସୁଛି। ସବୁ ଲୋକଙ୍କ ନିକଟରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଓ ସେମାନଙ୍କ ଜରୁରୀ ଆବଶ୍ୟକତା ମେଣ୍ଟାଇବା ପାଇଁ ବିଭିନ୍ନ ସମୟରେ ସରକାରୀ ସ୍ତରରେ ଦାବି ଉପସ୍ଥାପନ କରାଯାଇଥିଲେ ବି ସୁଫଳ ମିଳିନି। ଫଳରେ ଏହାକୁ ନେଇ ଆଶିଷ ଅଗ୍ରୱାଲଙ୍କ ପକ୍ଷରୁ ହାଇକୋର୍ଟରେ ଆବେଦନ ଦାଖଲ ହୋଇଛି। ଏଥିରେ ରାଜ୍ୟ ସ୍ୱାସ୍ଥ୍ୟ ସଚିବ, ସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ବଲାଙ୍ଗୀର ଜିଲାପାଳ ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ପକ୍ଷଭୁକ୍ତ କରାଯାଇଛି। ସୂଚନା ଅନୁସାରେ, କେବିକେ ଅଞ୍ଚଳରେ ଥିବା କଣ୍ଟାବାଞ୍ଜିର ଲୋକସଂଖ୍ୟା ୩ ଲକ୍ଷରୁ ଊର୍ଦ୍ଧ୍ୱ। ଏଠାରେ ଥିବା କମ୍ୟୁନିଟି ହେଲ୍‌ଥ ସେଣ୍ଟର ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ପର୍ଯ୍ୟାପ୍ତ ନୁହେଁ। ଏଠାରେ ଶିଶୁ ମୃତ୍ୟୁହାର ଓଡ଼ିଶାର ଅନ୍ୟ ଅଞ୍ଚଳ ତୁଳନାରେ ସର୍ବାଧିକ। ଏହି ଡାକ୍ତରଖାନାର ବହିଃ ବିଭାଗକୁ ଦୈନିକ ହାରାହାରି ୨୭୬ ଓ ଅନ୍ତଃବିଭାଗକୁ ପ୍ରାୟ ୩୦ ରୋଗୀ ଚିକିତ୍ସିତ ହେବାକୁ ଆସିଥାନ୍ତି। ଏହି ହସ୍ପିଟାଲର ଭିତ୍ତିଭୂମିଠାରୁ ଢେର ଅଧିକ ରୋଗୀଙ୍କୁ ସେବା ଯୋଗାଣର ଚାପ ରହିଛି। ବର୍ଷକରେ ଏଠାରେ ପ୍ରାୟ ୪୦୦୦ ଶିଶୁ ଜନ୍ମ ହୋଇଥାଏ। ବର୍ତ୍ତମାନ ଏଠାରେ ମାତ୍ର ୩୦ଟି ଶଯ୍ୟା ରହିଛି। ଆଗକୁ ଏହାର ସଂଖ୍ୟା ୮୦କୁ ବୃଦ୍ଧି ପାଇବ। ତେବେ ଶଯ୍ୟା ସଂଖ୍ୟା ୮୦କୁ ବୃଦ୍ଧି ପାଇଲେ ଏହା ସବ୍‌ଡିଭିଜନ୍‌ସ୍ତରୀୟ ଡାକ୍ତରଖାନା ମାନ୍ୟତାର ଆବଶ୍ୟକତାର ମାପଦଣ୍ଡକୁ ପୂରଣ କରିବ। ଭୌଗୋଳିକ ଦୃଷ୍ଟିକୋଣରୁ ବଲାଙ୍ଗୀର ଜିଲା ସଦର ମହକୁମାଠାରୁ କଣ୍ଟାବାଞ୍ଜିର ଦୂରତା ପ୍ରାୟ ୮୦ କିଲୋମିଟର ହୋଇଥିବାବେଳେ ରାଜଧାନୀ ଭୁବନେଶ୍ୱରଠାରୁ ୪୪୦ କିଲୋମିଟର ଦୂର। ଏହି ହସ୍ପିଟାଲ ଦ୍ୱାରା ତୁରେକେଲା, ବଙ୍ଗମୁଣ୍ଡା, ଖପ୍ରାଖୋଲ, ବେଲପଡ଼ା ଆଦି ଅଞ୍ଚଳର ଲୋକମାନେ ମଧ ଉପକୃତ ହୋଇପାରିବେ। ଅପରପକ୍ଷରେ ପଟ୍ଟାମୁଣ୍ଡାଇ, ଉମରକୋଟ, ମାଥିଲି, ଚିତ୍ରକୋଣ୍ଡା, ଖରିଆର, ଆସ୍କା ସିଏଚ୍‌ସିଗୁଡ଼ିକର ରୋଗୀସଂଖ୍ୟା ତୁଳନାରେ କଣ୍ଟାବାଞ୍ଜି ସିଏଚ୍‌ସିର ରୋଗୀସଂଖ୍ୟା ଅଧିକ। ମାତ୍ର ଏହି ସିଏଚ୍‌ସିଗୁଡ଼ିକ ସବ୍‌ଡିଭିଜନାଲ ହସ୍ପିଟାଲର ମାନ୍ୟତା ପାଇସାରିଥିବାବେଳେ କଣ୍ଟାବାଞ୍ଜିକୁ ସେଥିରୁ ବଞ୍ଚିତ କରାଯାଇଛି। ଦିନକୁ ଦିନ ଏଠାରେ ରୋଗୀସଂଖ୍ୟା ବୃଦ୍ଧି ପାଉଛି। ତେଣୁ ଏହାକୁ ସବ୍‌ଡିଭିଜନ୍‌ସ୍ତରୀୟ ହସ୍ପିଟାଲରେ ପରିଣତ କରିବା ପାଇଁ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଦାବି କରିଛନ୍ତି। ହାଇକୋର୍ଟରେ ଏହି ମାମଲାକୁ ଆଇନଜୀବୀ ଆଶିଷ କୁମାର ମିଶ୍ର ପରିଚାଳନା କରୁଛନ୍ତି।

# ଲଳିତେନ୍ଦୁ ସଭାପତି, ନାରାୟଣ ସାଧାରଣ ସମ୍ପାଦକ




ନିର୍ବାଚନରେ ବିଜୟୀ ହୋଇଥିବା କର୍ମକର୍ତ୍ତା।

**ଟିଏସ୍ ମାଇନିଂ କର୍ମଚାରୀ ସଂଘ କର୍ମକର୍ତ୍ତା ନିର୍ବାଚନ**

ଖୁଣ୍ଟୁଣୀ,୫।୧୧(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ଅଧୀନ ଅନନ୍ତପୁରଠାରେ ଥିବା ଟିଏସ୍ ଆଲ୍‌ଏଜ କାରଖାନା ମାଇନିଂ କର୍ମଚାରୀ ସଂଘର ନିର୍ବାଚନ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ନୂଆଶାସନଠାରେ ଅନୁଷ୍ଠିତ ନିର୍ବାଚନରେ କାରଖାନାର ୧୦୦ ଜଣ କର୍ମଚାରୀଙ୍କ ମଧ୍ୟରୁ ୭୪ ଜଣ ମତଦାନ କରିଥିଲେ। ଏଥିରେ ସଭାପତି ଭାବେ ଲଳିତେନ୍ଦୁ ବିଶ୍ୱାଳ ଓ ସାଧାରଣ ସମ୍ପାଦକ ଭାବେ ନାରାୟଣ ସାହୁ ନିର୍ବାଚିତ ହୋଇଛନ୍ତି। ସେହିପରି ଉପସଭାପତି ଭାବେ ସତ୍ୟାନନ୍ଦ ସେଠୀ, ଯୁଗ୍ମ ସମ୍ପାଦକ ଗୋକୁଳାନନ୍ଦ ସାମନ୍ତରାୟ, କୋଷାଧ୍ୟକ୍ଷ ଭାବେ ରଞ୍ଜନ କୁମାର ମହାନ୍ତି ନିର୍ବାଚିତ ହୋଇଛନ୍ତି। ଏଥିସହ କାର୍ଯ୍ୟକାରୀ କମିଟିକୁ ସଂଗ୍ରାମ କେଶରୀ ବିଶ୍ୱାଳ, ସୂର୍ଯ୍ୟକାନ୍ତ ଜେନା, ବିକ୍ରମ କେଶରୀ ସାହୁ ଓ ଦିଲୀପ କୁମାର ସାହୁ ସର୍ବସମ୍ମତିକ୍ରମେ ମନୋନୀତ ହୋଇଥିବା ରିଟର୍ନିଂ ଅଫିସର ବଂଶୀଧର ଶତପଥୀ ଗଣମାଧ୍ୟମ ସମ୍ମୁଖରେ ଘୋଷଣା କରିଛନ୍ତି। ପୋଲିଂ ଅଫିସର ଉମାକାନ୍ତ ସାହୁ ନିର୍ବାଚନ ପରିଚାଳନା କରିଥିବାବେଳେ ପର୍ଯ୍ୟବେକ୍ଷକ ଭାବେ ଘଣ୍ଟିଖାଲ ଫାଣ୍ଡି ଅଧିକାରୀ ହରସ କୁମାର ସାହୁ ଉପସ୍ଥିତ ଥିଲେ। ଏହି କାରଖାନାର କର୍ମଚାରୀ ସଂଘ ଦୀର୍ଘ ୧୮ ବର୍ଷ ଧରି ଗୋଟିଏ ଗୋଷ୍ଠୀ କବ୍‌ଜାରେ ରହିଥିବାବେଳେ ଭାଜପା ନେତା ଅଭୟ ବାରିକଙ୍କ ହସ୍ତକ୍ଷେପ ପରେ ନିର୍ବାଚନ ହୋଇଛି। ନିର୍ବାଚନଫଳ ଘୋଷଣା ପରେ ସମସ୍ତ ନିର୍ବାଚିତ କର୍ମକର୍ତ୍ତା ଓ କର୍ମଚାରୀ ଶୋଭାଯାତ୍ରାରେ ଯାଇ ଉକ୍ତ କାରଖାନା ପରିକ୍ରମା କରିଥିଲେ।

## 'ଦୁର୍ଲଭ ପୋଥି ଉଦ୍ଧାର କରିଥିଲେ ଗୋବିନ୍ଦ ରଥ'

କଟକ,୫।୧୧(କାର୍ତ୍ତିକ ସାହୁ)

ସୂତାହାଟସ୍ଥିତ ପଣ୍ଡିତ ଗୋବିନ୍ଦ ରଥ ସ୍ମୃତି ସଂସଦ ପକ୍ଷରୁ ପଣ୍ଡିତ ଗୋବିନ୍ଦ ରଥଙ୍କ ଜୟନ୍ତୀ ଉତ୍ସବ ଖାନ୍‌ନଗରସ୍ଥିତ କାଳୀ ଭବନଠାରେ ମଙ୍ଗଳବାର ପାଳିତ ହୋଇଯାଇଛି। ଏଥିରେ ଡ. ବାବାଜୀ ଚରଣ ପଟ୍ଟନାୟକ ଅଧ୍ୟକ୍ଷତା କରି କହିଛନ୍ତି, ପଣ୍ଡିତ ଗୋବିନ୍ଦ ରଥ ବିଭିନ୍ନ ଦୁର୍ଲଭ ପୋଥି ଉଦ୍ଧାର କରି ପ୍ରକାଶ କରାଇଥିଲେ। ଆୟୁର୍ବେଦ ଗବେଷକ ଡା. ଦୀନବନ୍ଧୁ ମହାରଣା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ବାଙ୍କୀ ବିକାଶ ମଞ୍ଚ ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀ ଯୋଗଦେଇ କହିଛନ୍ତି, ଓଡ଼ିଆ ଭାଷା ସାହିତ୍ୟ ଛଡ଼ା ବାଙ୍କୀର ଜନସାଧାରଣଙ୍କ ଜମିକୁ ହଡ଼ପ ପାଇଁ ସେହି ସମୟର ତହସିଲଦାର ଇଂରେଜ ସରକାରଙ୍କ ସହାୟତାରେ କରିଥିବା ଚକ୍ରାନ୍ତକୁ ଗୋବିନ୍ଦ ପଣ୍ଡ କରିଦେଇଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ସାହିତ୍ୟିକ ସୌମେନ୍ଦ୍ର ଜେନା ଓ ସମ୍ମାନିତ ଅତିଥି ଗାଳ୍ପିକ ରଘୁନାଥ ମହାପାତ୍ର ଯୋଗଦେଇଥିଲେ। ସଂସଦର ସମ୍ପାଦକ ଅଜିତ୍ ମହାପାତ୍ର ପ୍ରାରମ୍ଭିକ ସୂଚନା ଓ ସଙ୍ଗଠନ ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ ଅତିଥି ପରିଚୟ ଦେଇଥିଲେ। ଇନ୍ଦ୍ରଜିତ୍ ଘୋଷ, ମନୋରଞ୍ଜନ ମହାପାତ୍ର, ସୁରଜିତ ନାଥ, ଅଶୋକ କୁମାର ଦାସ, ରଞ୍ଜନ କୁମାର ସାହୁ, ମୈତ୍ରୀଭୂଷଣ ଖୁଣ୍ଟିଆ, ଅଶ୍ୱିନୀ କୁମାର ସେଠୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଶ୍ୱମିତ୍ରା ମିଶ୍ର ଧନ୍ୟବାଦ ଦେଇଥିଲେ।

# ଜିଲାସ୍ତରୀୟ କଳା ଉତ୍ସବ

କଟକ,୫।୧୧ (କାର୍ତ୍ତିକ ସାହୁ)

କଟକ ଜିଲା ସମଗ୍ର ଶିକ୍ଷା ଆନୁକୂଲ୍ୟରେ ଜିଲାସ୍ତରୀୟ କଳା ଉତ୍ସବ ଖାନ୍‌ନଗରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ଡ. ସନ୍ତୋଷ କୁମାର ରାଉତଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ଜିଲାର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ନୃତ୍ୟ, ସଙ୍ଗୀତ, ବାଦ୍ୟ, ଚିତ୍ରାଙ୍କନ ଆଦି ୬ଟି ବିଭାଗରେ ପ୍ରତିଯୋଗୀମାନେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ଏହି ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ କୃତୀ ପ୍ରତିଯୋଗୀଙ୍କୁ ଜୋନ୍‌ସ୍ତରୀୟ କଳା ଉତ୍ସବ ପାଇଁ ମନୋନୀତ କରାଯାଇଛି। ଆସନ୍ତା ୮ ତାରିଖରେ କଟକରେ ହେବାକୁ ଥିବା ଜୋନ୍‌ସ୍ତରୀୟ ପ୍ରତିଯୋଗିତାରେ ୫ଟି ଜିଲାର କୃତୀ ଛାତ୍ରୀଛାତ୍ର ଯୋଗଦେବେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୋନାମିକା ରାୟ ଜିଲାସ୍ତରୀୟ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଜିଲା ଅନୁସୂଚିତ ଜାତି ଜନଜାତି ଶିକ୍ଷା ସଂଯୋଜିକା ଡ. ଶୁଚିସ୍ମିତା ମହାନ୍ତି, ପ୍ରଧାନ ଶିକ୍ଷକ ପ୍ରମଥ ନାଥ ଦେ, ପୂର୍ବତନ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ଷଡ଼ଙ୍ଗୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଖାନ୍‌ନଗର ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଓ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଜିଲାସ୍ତରୀୟ କଳା ଉତ୍ସବରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କ ଗହଣରେ ଉପସ୍ଥିତ ଅତିଥିବୃନ୍ଦ।

# ବଲିଉଡ୍, ଓଲିଉଡ୍ କଣ୍ଠଶିଳ୍ପୀଙ୍କ ଗୀତରେ ଝୁମିବେ ଦର୍ଶକ

**କଟକ ବାଲିଯାତ୍ରା**

- ଷ୍ଟଲ୍ ନିର୍ମାଣ, ମଞ୍ଚ ପ୍ରସ୍ତୁତି ଚାଲିଛି
- ପଡ଼ିଆରେ ପହଞ୍ଚିଲେଣି ଦୋଳି ବ୍ୟବସାୟୀ

କଟକ,୫।୧୧(ଶିଳ୍ପା ପ୍ରିୟଦର୍ଶିନୀ)

ଚଳିତବର୍ଷ କଟକ ବାଲିଯାତ୍ରାକୁ ଆକର୍ଷଣୀୟ କରିବା ପାଇଁ ପଦକ୍ଷେପ ନିଆଯାଇଛି। ପଡିଆରେ ଷ୍ଟଲ ନିର୍ମାଣ ଚାଲିଥିବାବେଳେ ବିଦ୍ୟୁତ୍ ଖୁଣ୍ଟରେ ମିଟର ବକ୍ସ ଲଗାଯାଉଛି। ଏପରି କି ପଡିଆରେ ବିଭିନ୍ନ ପ୍ରକାରର ଦୋଳି ପହଞ୍ଚିଥିବା ଜଣାପଡିଛି। ବାଲିଯାତ୍ରାରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପାଇଁ ମଞ୍ଚ ପ୍ରସ୍ତୁତି କାର୍ଯ୍ୟ ଜାରି ରହିଛି। ମଞ୍ଚରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସାଙ୍ଗକୁ ବଲିଉଡ୍ ଏବଂ ଓଲିଉଡ୍ କଣ୍ଠଶିଳ୍ପୀଙ୍କ ସଙ୍ଗୀତରେ ଝୁମିବେ ଦର୍ଶକ। ଏଥର ବଲିଉଡ୍‌ର ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ପଦ୍ମଶ୍ରୀ ସୋନୁ ନିଗମ, ପଦ୍ମଶ୍ରୀ ଅନୁପ ଜଲୋଟା, ପଦ୍ମଶ୍ରୀ ସୁରେଶ ୱାଡେକର ଲୋକପ୍ରିୟ ସଙ୍ଗୀତ ପରିବେଷଣ କରିବେ। ଏଥିସହ ହମ୍‌ସୁଫି ବ୍ୟାଣ୍ଡ, ରାପର ବିଗ୍‌ଡିଲ, ବିଗନନ ବ୍ୟାଣ୍ଡ, ଯୁଭା ବ୍ୟାଣ୍ଡ ନିଜ ଗ୍ରୁପ ସହ କାର୍ଯ୍ୟକ୍ରମ ପରିବେଷଣ କରିବେ। ଏଥିସହ ଓଲିଓଡ୍ କଣ୍ଠଶିଳ୍ପୀମାନେ ସଙ୍ଗୀତରେ ଦର୍ଶକଙ୍କୁ ମତୁଆଲା କରିବେ। ବାଲିଯାତ୍ରାର ପ୍ରଥମ ଦିନ ଭଜନ ପରିବେଷଣ କରାଯିବ। ଦ୍ୱିତୀୟ ଦିନରୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ପ୍ରଥମ ସନ୍ଧ୍ୟାରେ ବଲିଉଡ୍ କଣ୍ଠଶିଳ୍ପୀ ଅନୁପ ଜଲୋଟା ଭଜନ ପରିବେଷଣ କରିବେ। ଏଥିସହ ଓଲିଉଡ୍ କଣ୍ଠଶିଳ୍ପୀ ପଙ୍କଜ ଜାଲ୍ ସଙ୍ଗୀତ ପରିବେଷଣ କରିବେ। ସେହିପରି ଦ୍ୱିତୀୟ ସନ୍ଧ୍ୟାରେ ଓଲିଉଡ୍ କଣ୍ଠଶିଳ୍ପୀ ତାନ୍‌ସେନ୍ ସିଂ, ଅସୀମା ପଣ୍ଡା ସଙ୍ଗୀତ ପରିବେଷଣ କରିବେ। ତୃତୀୟ ସନ୍ଧ୍ୟାରେ ହମ୍‌ସୁଫି ବ୍ୟାଣ୍ଡ ଓ ରାପର ବିଗ୍‌ଡିଲ କଳା ପରିବେଷଣ କରିବେ। ଚତୁର୍ଥ ସନ୍ଧ୍ୟାରେ ଓଲିଉଡ୍ କଣ୍ଠଶିଳ୍ପୀ କୁଲ୍‌ଦୀପ ପଟ୍ଟନାୟକ, ସତ୍ୟଜିତ୍ ପ୍ରଧାନ ସଙ୍ଗୀତ ପରିବେଷଣ କରିବେ। ପଞ୍ଚମ ସନ୍ଧ୍ୟାରେ ବଲିଉଡ୍ କଣ୍ଠଶିଳ୍ପୀ ସୋନୁ ନିଗମ, ଓଲିଉଡ୍‌ର ଶଶାଙ୍କ ଶେଖର ସଙ୍ଗୀତ ପରିବେଷଣ କରିବେ। ଷଷ୍ଠ ସନ୍ଧ୍ୟାରେ ଓଲିଉଡ୍ କଣ୍ଠଶିଳ୍ପୀ ଟି. ସୌରୀ, କୁମାର ବାପି ଓ ଦୀପ୍ତିରେଖା ପାଢ଼ୀ ସଙ୍ଗୀତ ପରିବେଷଣ କରିବେ। ସପ୍ତମ ସନ୍ଧ୍ୟାରେ ବଲିଉଡ୍ କଣ୍ଠଶିଳ୍ପୀ ସୁରେଶ ୱାଡେକର ସଙ୍ଗୀତ ପରିବେଷଣ କରିବାକୁ ଥିବାବେଳେ ବିଗ୍‌ନନ ବ୍ୟାଣ୍ଡ ନିଜ କଳା ପ୍ରଦର୍ଶନ କରିବେ। ସେହିପରି ଅଷ୍ଟମ ସନ୍ଧ୍ୟାରେ ଓଲିଉଡ୍‌ର କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆ ସଙ୍ଗୀତ ପରିବେଷଣ ଏବଂ ଯୁଭା ବ୍ୟାଣ୍ଡ କଳା ପରିବେଷଣ କରିବ ବୋଲି ଜିଲା ସଂସ୍କୃତି ବିଭାଗ ପକ୍ଷରୁ ସୂଚନା ମିଳିଛି।



ବାଲିଯାତ୍ରା ତଳ ପଡିଆରେ ବୈଷ୍ଣବ ପାଣି ସାଂସ୍କୃତିକ ମଞ୍ଚ ପ୍ରସ୍ତୁତି ଚାଲିଛି।

# କ୍ରଶର ମାଲିକ ସଂଘରେ ଫାଟ

- ସଂଘ-ମେଗା ପ୍ଲାଣ୍ଟ ମାଲିକ ମୁହାଁମୁହିଁ
- ସଂଘର ସମ୍ବିଧାନ, ଅଡିଟ୍ ଉପରେ ଉଠିଲା ପ୍ରଶ୍ନ
- ଅଭିଯୋଗକୁ ସଭାପତି, ସମ୍ପାଦକଙ୍କ ଖଣ୍ଡନ

ଖୋର୍ଦ୍ଧା,୫।୧୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଆଞ୍ଚଳିକ କ୍ରଶର ମାଲିକ ସଂଘରେ ବିଭିନ୍ନ ପ୍ରସଙ୍ଗକୁ ନେଇ ଫାଟ ସୃଷ୍ଟି ହୋଇଛି। କେତେଜଣ ମେଗା କ୍ରଶର ମାଲିକ ଏବଂ ସଂଘ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ନୂତନ ମେଗା କ୍ରଶର ୟୁନିଟ୍ ସ୍ଥାପନକୁ ସଂଘର ବିରୋଧ ନିଷ୍ପତ୍ତିକୁ ନେଇ ଅନେକ ସଦସ୍ୟ ଏହାକୁ ନାପସନ୍ଦ କରିଥିବାବେଳେ କେତେଜଣ ସଦସ୍ୟ ସଂଘ କାର୍ଯ୍ୟକାରୀ ସଭାପତି, ସମ୍ପାଦକଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି। ଉଭୟ ଗୋଷ୍ଠୀ ପରସ୍ପରକୁ ଦୋଷାରୋପ କରୁଛନ୍ତି। ଅନ୍ୟପଟେ କେତେଜଣ ସଦସ୍ୟ ନୂତନ ସଂଘ ଗଠନ ଲାଗି ଯୋଜନା କରୁଥିବା ମଧ୍ୟ ଚର୍ଚ୍ଚା ହେଉଛି। ନୂତନ ମେଗା କ୍ରଶର ସ୍ଥାପନକୁ ବିରୋଧ ଆଳ ଦେଖାଇ ସଂଘର ଛାମୁଆ ସଦସ୍ୟ ବାହାର ଅଞ୍ଚଳର କିଛି ମେଗା କ୍ରଶର ଶିଳ୍ପ ସହ ହାତ ମିଳାଇ ଖୋର୍ଦ୍ଧାରେ କ୍ରଶର ବନ୍ଦ କରିବାକୁ ମସୁଧା ଚଳାଇଥିବା ଏବଂ ଏଥିଲାଗି ଅର୍ଥ ପାଇଥିବା ନେଇ ଅଭିଯୋଗ ହୋଇଛି। ସଂଘର ସମ୍ବିଧାନ(ବାଇ-ଲ') ଅନୁଯାୟୀ ନୂତନ କାର୍ଯ୍ୟକାରୀ କମିଟି ଗଠନ କରାଯାଉ ନାହିଁ। କ୍ରଶର ମାଲିକଙ୍କଠାରୁ ମନଇଚ୍ଛା ମାସିକ ଚାନ୍ଦା ଆଦାୟ କରାଯାଉଥିବାବେଳେ ଏହାର ନିୟମିତ ଅଡିଟ କରାଯାଉନାହିଁ। ଲକ୍ଷାଧିକ ଟଙ୍କା ଆତ୍ମସାତ କରାଯାଇଥିବା ନେଇ କେତେଜଣ ସଦସ୍ୟ ଅଭିଯୋଗ ଆଣିଛନ୍ତି। ଅନ୍ୟପକ୍ଷରେ ସଂଘ କାର୍ଯ୍ୟକାରୀ ସଭାପତି ପ୍ରକାଶ ସାମନ୍ତରାୟ ଏବଂ ସମ୍ପାଦକ କେଦାର ଚନ୍ଦ୍ର ନରେନ୍ଦ୍ର ଏହାକୁ ଖଣ୍ଡନ କରିବା ସହ ଅଭିଯୋଗ ଭିତ୍ତିହୀନ ବୋଲି କହିଛନ୍ତି। ସଂଘ ସର୍ବଦା କ୍ରଶର ମାଲିକଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇଆସିଛି ବୋଲି ଉଭୟେ କହିଛନ୍ତି।

ଆଞ୍ଚଳିକ କ୍ରଶର ମାଲିକ ସଂଘ କାର୍ଯ୍ୟକାରୀ ସଭାପତି ସାମନ୍ତରାୟଙ୍କ କହିବାନୁଯାୟୀ, ସଂଘ ଅଧୀନରେ ୧୭ଟି ମେଗାପ୍ଲାଣ୍ଟକୁ ମିଶାଇ ୪ଶହ କ୍ରଶର ମାଲିକ ସଦସ୍ୟ ରହିଛନ୍ତି। ମେଗାପ୍ଲାଣ୍ଟ ଗୁଡ଼ିକ ଅତ୍ୟାଧୁନିକ ଯନ୍ତ୍ରପାତି ଦ୍ୱାରା ପଥର କଟିଂ କରୁଥିବାବେଳେ ବଳକା ଛୋଟବଡ଼ କ୍ରଶରରେ ପ୍ରାୟ ୩୦ହଜାରରୁ ଉର୍ଦ୍ଧ୍ୱ ଦିନ ମଜୁରିଆ କାମ କରୁଛନ୍ତି। ଦୈନିକ କ୍ରଶର ଚାଲିଲେ, ସେମାନଙ୍କ ଘରର ଚୁଲି ଜଳିଥାଏ। ମେଗା ପ୍ଲାଣ୍ଟଗୁଡ଼ିକ ନିଜ ଅଧୀନରେ ରହିଥିବା କ୍ରଶରଗୁଡ଼ିକ ପଥର ଚାଲାଣ କରୁଥିବା ବେଳେ ଛୋଟ କ୍ରଶର ୟୁନିଟକୁ ଅଣଦେଖା କରୁଛନ୍ତି। ବହୁ କ୍ରଶର ୟୁନିଟ କଞ୍ଚାମାଲ(ପଥର) ଅଭାବରୁ ବନ୍ଦ ହେବାକୁ ବସିଲାଣି। ଏନେଇ କେତେଜଣ କ୍ରଶର ମାଲିକ ସଂଘ ସଦସ୍ୟଙ୍କ ଅଭିଯୋଗ ଅନୁଯାୟୀ ଯେଉଁ ମେଗା ପ୍ଲାଣ୍ଟଗୁଡ଼ିକ କ୍ରଶର ୟୁନିଟକୁ ପଥର ଯୋଗାଇବାରେ ଅବହେଳା କରୁଛନ୍ତି, ସେମାନଙ୍କ ଠାରୁ କେହି ପଥର ନ ଆଣିବା ପାଇଁ ସଂଘ ଯେଉଁ ନିଷ୍ପତ୍ତି ନେଇଥିଲା, ତାକୁ ୫ଟି ମେଗା ପ୍ଲାଣ୍ଟ ଏହାକୁ ସହମତି ଦେଇଛନ୍ତି। ଅନ୍ୟ କିଛି ମେଗା ପ୍ଲାଣ୍ଟ ଏହି ନିଷ୍ପତ୍ତିକୁ ଏକପାଖିଆ ବୋଲି ଅଭିଯୋଗ ଆଣି ସଂଘକୁ ବଦନାମ କରିବାକୁ ଅପପ୍ରଚାର କରାଯାଉଛି ବୋଲି ସଂଘର କାର୍ଯ୍ୟକାରୀ ସଭାପତି ସାମନ୍ତରାୟ କହିଛନ୍ତି। ସେହିପରି ସମ୍ପାଦକ ନରେନ୍ଦ୍ର ମଧ୍ୟ ସଂଘର ସଦସ୍ୟଙ୍କ ଅଭିଯୋଗକୁ ଖଣ୍ଡନ କରିଛନ୍ତି।

ଅନ୍ୟପଟେ ସଂଘ କାର୍ଯ୍ୟକାରୀ ସଭାପତି ଏବଂ ସମ୍ପାଦକଙ୍କ ମତାମତ କପୋଳକଳ୍ପିତ ଏବଂ ସଂଘ ସମୂହ ସ୍ୱାର୍ଥକୁ ଗୁରୁତ୍ୱ ଦେବା ପରିବର୍ତ୍ତେ ମନମୁଖି କାର୍ଯ୍ୟ ଚଳାଇଛନ୍ତି ବୋଲି ଅନ୍ୟ କେତେଜଣ ସଦସ୍ୟ ଗଣମାଧ୍ୟମରେ କହିଛନ୍ତି। ଜଣେ ଷ୍ଟୋନ କ୍ରଶର ମାଲିକ ସିଧାସଳଖ ଭାବେ ଉଭୟଙ୍କ ଉପରକୁ ଆଙ୍ଗୁଳି ଉଠାଇଛନ୍ତି। ସଂଘରେ କ୍ରଶର ମାଲିକଙ୍କ ପଞ୍ଜୀକରଣ ଠାରୁ ପ୍ରତିମାସରେ ଆଦାୟ ହେଉଥିବା ଅର୍ଥ କୁଆଡେ ଯାଉଛି, କାହା ସ୍ୱାର୍ଥରେ ଖର୍ଚ୍ଚ ହେଉଛି ବୋଲି ପ୍ରଶ୍ନ କରିଛନ୍ତି। ଅନ୍ୟ ଜଣେ ସଦସ୍ୟ ନିଜ ନାମ ଗୋପନ ରଖି ଆଣିଥିବା ଅଭିଯୋଗ ଅନୁଯାୟୀ ବଡ କ୍ରଶରଠାରୁ ମାସିକ ୫ହଜାର, ମିଡିୟମଠାରୁ ୩ହଜାର ଏବଂ ଛୋଟ କ୍ରଶର ଠାରୁ ୧ ହଜାର ଟଙ୍କା ଆଦାୟ କରାଯାଉଥିବା ବେଳେ ଏହାର କାହିଁକି ନିୟମିତ ଅଡିଟ କରାଯାଉନାହିଁ ବୋଲି ପ୍ରଶ୍ନ କରିଛନ୍ତି।

ବାରମ୍ବାର କ୍ରଶର ୟୁନିଟ ବନ୍ଦ ନିଷ୍ପତ୍ତିକୁ ନେଇ ସଂଘରେ ଫାଟ ସୃଷ୍ଟି ହୋଇଛି। ଛୋଟ କ୍ରଶର ଏବଂ ମେଗା କ୍ରଶର ୟୁନିଟକୁ ନେଇ ଚାଲିଥିବା ବିବାଦ ଏବେ ବଢ଼ିବାରେ ଲାଗିଛି। ଗତ ଶୁକ୍ରବାର ସଂଘ ବୈଠକରେ ହୋହଲ୍ଲା ହୋଇଥିଲା। ପଥର ଯୋଗାଣ ସ୍ଥାୟୀ ସମାଧାନ ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କ୍ରଶର ବନ୍ଦ ରଖିବାକୁ କୁହାଯାଇଥିଲା। ଏହାକୁ ସଂଘର କେତେଜଣ ମାଲିକ ବିରୋଧ କରିଥିଲେ। ବାରମ୍ବାର କ୍ରଶର ବନ୍ଦ ହେଲେ ଏହା ଉପରେ ନିର୍ଭର କରୁଥିବା ଶ୍ରମିକମାନଙ୍କ ସମସ୍ୟା ସୃଷ୍ଟି ହେବା ସହ ଧାର କରି କ୍ରଶର ଚଲାଇଥିବା ମାଲିକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା କହିଥିଲେ। ଗୋଟିଏପଟେ ମନ୍ଦିର ପ୍ରଶାସନ, ଜିଲା ପ୍ରଶାସନ ପକ୍ଷରୁ ଚଢ଼ାଉ ଏବଂ ଜରିମାନା କରାଯାଉଥିବା ବେଳେ ସଂଘର ମନମାନିକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ସଂଘ ଆଳରେ ରାଜନୀତି ଚାଲିଥିବା ନେଇ କେତେଜଣ ମେଗା କ୍ରଶର ମାଲିକ ଏକାଠି ହୋଇ ଅନ୍ୟ ଏକ ନୂତନ ସଂଘ ଗଠନ କରିବାକୁ ଚେତାବନୀ ଦେଇଥିବା କୁହାଯାଉଛି। ଏନେଇ ସାଧାରଣରେ ଆଲୋଚନା ହେବା ପରେ ଶନିବାର ପୁଣି ସଂଘର ବୈଠକରେ ଏ ସମ୍ପର୍କରେ ଆଲୋଚନା ହୋଇଥିଲା। ପାହାଡ଼ ଲିଜ୍‌ଧାରୀମାନେ କ୍ରଶର ମାଲିକଙ୍କୁ ସହଯୋଗ ପ୍ରତିଶ୍ରୁତି ଦେବା ପରେ ସଂଘ କ୍ରଶର ବନ୍ଦ ନିଷ୍ପତ୍ତିରୁ ଓହରିଥିଲା।

## ନାଗଦେବତାଙ୍କୁ ପୂଜିଲେ ମହିଳା ବ୍ରତଧାରୀ



ଜଟଣୀ/ନିରାକାରପୁର,୫।୧୧ (ରବୀନ୍ଦ୍ରନାଥ ମହାକୁଡ଼/ ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲାର ବିଭିନ୍ନ ସ୍ଥାନରେ ମଙ୍ଗଳବାର ନାଗଚତୁର୍ଥୀ ପର୍ବ ପାଳିତ ହୋଇଯାଇଛି। ନାଗଦେବତାଙ୍କ ଉଦ୍ଦେଶ୍ୟରେ ପରିବାର ଓ ପିଲାଙ୍କର ମଙ୍ଗଳ କାମନା ସହ ଶୁଭ ମନାସୀ ଏହି ପର୍ବ ପାଳନ କରନ୍ତି। ବିଶେଷକରି ତେଲୁଗୁ ସମ୍ପ୍ରଦାୟର ଲୋକେ ନାଗ ଚତୁର୍ଥୀକୁ ଏକ ବିଶେଷ ପର୍ବଭାବେ ପାଳନ କରିଥାନ୍ତି। ଏହି ପରିପ୍ରେକ୍ଷୀରେ ଜଟଣୀ ସହର ଏବଂ ଆଖପାଖ ଅଞ୍ଚଳରେ ବସବାସ କରୁଥିବା ଦକ୍ଷିଣ ଭାରତୀୟ ତେଲୁଗୁ ସମ୍ପ୍ରଦାୟ ଲୋକେ ମଙ୍ଗଳବାର ନାଗଚତୁର୍ଥୀ ପାଳନ କରିଛନ୍ତି। ମହିଳାମାନେ ଉପବାସ ରହି ଉଇହୁଙ୍କା ନିକଟକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ନାଗଦେବତାଙ୍କ ଉଦ୍ଦେଶ୍ୟରେ କ୍ଷୀର ଅର୍ପଣ କରିବା ସହ ସିନ୍ଦୂର, କଜଳ, ଚନ୍ଦନ, ଫୁଲ, ଧୂପ, ଦୀପ ଦେଇ ପୂଜାର୍ଚ୍ଚନା କରିଥିଲେ। ତେଲୁଗୁ ସମ୍ପ୍ରଦାୟ ମହିଳାମାନଙ୍କ ସହ ଅନ୍ୟ ସମ୍ପ୍ରଦାୟର ମହିଳାମାନେ ନାଗ ଦେବତାଙ୍କୁ ପୂଜା କରି ଆଶୀର୍ବାଦ ଭିକ୍ଷା କରିଥିବା ମଧ୍ୟ ଦେଖିବାକୁ ମିଳିଥିଲା।

ସେହିପରି ନିରାକାରପୁର ଅଞ୍ଚଳରେ ଏହି ପର୍ବ ପାଳିତ ହୋଇଯାଇଛି। ମହିଳା ବ୍ରତଧାରୀମାନେ ସକାଳେ ସ୍ନାନ ପରେ ନୂତନ ବସ୍ତ୍ର ପରିଧାନ କରି ଚଉରାମୂଳେ ଖୋଟ, ଚିତା ପକାଇଥିଲେ। ପରେ ପୁଷ୍ପମାଳରେ ଚଉରାକୁ ସଜ୍ଜିତ କରିବା ସହ ପୂଜାର୍ଚ୍ଚନା କରିଥିଲେ। ପଞ୍ଚଘୃତରେ ମିଶ୍ରିତ ପଞ୍ଚାମୃତ ସଂସାରର ମଙ୍ଗଳ ମନାସୀ ନାଗ ଦେବତାଙ୍କ ଉଦ୍ଦେଶ୍ୟରେ ଚଉରାମୂଳରେ ଅର୍ଘ୍ୟ ପ୍ରଦାନ କରିଥିଲେ। ଦୁବ, ବରକୋଳି ପତ୍ର, ଅରୁଆ ଚାଉଳରେ ନାଗ ଦେବତାଙ୍କୁ ବନ୍ଦନା କରିଥିଲେ। ହରିବୋଲ, ହୁଳହୁଳି ସହିତ ନାଗ ଚତୁର୍ଥୀ ବନ୍ଦନାରେ ଗ୍ରାମରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲ।

## ମାଙ୍କଡ଼ା ପଥର ବୋଝେଇ ୩ ଟ୍ରାକ୍ଟର ଜବତ

ଟାଙ୍ଗୀ,୫।୧୧(ରଘୁନାଥ ସାହୁ)

ଟାଙ୍ଗୀ ଥାନା ଅଞ୍ଚଳରେ ମାଙ୍କଡ଼ା ପଥର ଏବଂ ମୋରମ ଚୋରାଚାଲାଣ ବଢ଼ିଚାଲିଛି। ଏହି ଥାନା ଅଧୀନ ବରିକୋ ଗ୍ରାମ ନିକଟରେ ଥିବା ବେଆଇନ ଖଣିରେ ସୋମବାର ରାତିରେ ପୋଲିସ ଚଢ଼ାଉ କରି ମାଙ୍କଡ଼ା ପଥର ବୋଝେଇ ୩ଟି ଟ୍ରାକ୍ଟର ଜବତ କରିଛି। ତେବେ ଅନ୍ଧାରର ସୁଯୋଗ ନେଇ ଡ୍ରାଇଭରମାନେ ଘଟଣାସ୍ଥଳରୁ ଖସି ପଳାଇଥିଲେ। ପ୍ରକାଶ ଯେ, ଦୀର୍ଘଦିନ ହେବ ଏହି ଖଣିରୁ ବେଆଇନଭାବେ ମାଙ୍କଡ଼ା ପଥର ଖନନ କରାଯାଇ ବିକ୍ରି କରାଯାଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଆଇଆଇସି ସୁଶାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରିଥିଲା। ଜବତ ଟ୍ରାକ୍ଟରକୁ ନେଇ ତଦନ୍ତ ଜାରି ରହିଛି। ତଦନ୍ତ ପରେ ମାଲିକମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି ସୂଚନା ଦେଇଛନ୍ତି।

## ବହୁ ପ୍ରତିଭାର ଅଧିକାରୀ ଥିଲେ ଅନନ୍ତ



ଅତିଥିମାନେ ସ୍ମରଣିକା 'ଅନନ୍ୟ ଅନନ୍ତ' ଉନ୍ମୋଚନ କରୁଛନ୍ତି।

ବେଗୁନିଆ,୫।୧୧(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ସଦର ଅନ୍ତର୍ଗତ ତଳସାହି ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ୍ ଅନନ୍ତ ଚରଣ ପ୍ରହରାଜଙ୍କ ଏକାଦଶାହ ଅବସରରେ ମଙ୍ଗଳବାର ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ରାଜ କିଶୋର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବେଗୁନିଆ ବିଧାୟକ ପ୍ରଦୀପ ସାହୁ, ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁ, ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ବେଗୁନିଆ ସରପଞ୍ଚ ସତ୍ୟନାରାୟଣ ପ୍ରଧାନ, ପୂର୍ବତନ ସରପଞ୍ଚ ନବକିଶୋର ସ୍ୱାଇଁ, ଭାଜପା ନେତା ପ୍ରକାଶ ଚନ୍ଦ୍ର ରଣବିଜୁଳି, ଡ.ହରିପ୍ରସାଦ ଦାସ, ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ, ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ସୁବୁଦ୍ଧି, ଶିକ୍ଷାବିତ୍ ବିଷ୍ଣୁ ଚରଣ ମିଶ୍ର, ଶିବ ନାରାୟଣ ମିଶ୍ର, ମାୟାଧର ମାର୍ଥା, ବନ୍ଦିତା ଦାସ, ନ୍ୟାୟବିତ୍ ଭିକାରୀ ଚରଣ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷକ ଅଖିଳେଶ ମହାପାତ୍ରଙ୍କ ସଂଯୋଜନାରେ ମଞ୍ଚ ପରିଚାଳନା ହୋଇଥିଲା। ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନ ଶ୍ରଦ୍ଧାଞ୍ଜଳି ସଙ୍ଗୀତ ଗାନ କରିଥିଲେ। ଅନନ୍ତ ଅନେକ ପ୍ରତିଭାର ଅଧିକାରୀ ଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିବା ସହ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସ୍ମରଣିକା 'ଅନନ୍ୟ ଅନନ୍ତ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା। ଏହି ସଭାରେ ପୁରାତନ ଛାତ୍ର, ସ୍ଥାନୀୟ ଅଞ୍ଚଳବାସୀ, ପରିବାରବର୍ଗ ଏବଂ ସମ୍ପର୍କୀୟମାନେ ଉପସ୍ଥିତ ଥିଲେ। ଶେଷରେ ବଡ଼ପୁଅ ବିଜୟ ଧନ୍ୟବାଦ ଦେଇଥିଲେ।

## ବାର୍ଷିକ ଅଷ୍ଟପ୍ରହର ନାମସଂକୀର୍ତ୍ତନ ଉଦ୍‌ଯାପିତ

ଜଟଣୀ,୫।୧୧(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବ୍ଲକ ଅଧୀନ ମୁଣ୍ଡଳ ଗ୍ରାମସ୍ଥିତ ମଣିକର୍ଣ୍ଣକେଶ୍ୱର ଦେବଙ୍କ ପୀଠରେ ଅନୁଷ୍ଠିତ ୧୪ତମ ବାର୍ଷିକ ଅଷ୍ଟପ୍ରହର ନାମସଂକୀର୍ତ୍ତନ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିବସରେ ଅଙ୍କୁରାରୋପଣ, ଦ୍ୱିତୀୟ ଦିବସରେ ଅଖଣ୍ଡ ନାମଯଜ୍ଞ ସହିତ ମଙ୍ଗଳବାର ଉଦ୍‌ଯାପନୀ ଦିବସରେ ସମସ୍ତ ରୀତିନୀତିରେ ପୂଜାର୍ଚ୍ଚନା ପରେ ନଗର ପରିକ୍ରମା ସହିତ ନାମସଂକୀର୍ତ୍ତନ ଉତ୍ସବ ଉଦ୍‌ଯାପିତ ହୋଇଥିଲା। ମନ୍ଦିର କମିଟି ସଦସ୍ୟ ଏବଂ ଗ୍ରାମବାସୀଙ୍କ ସହଯୋଗରେ ଏହି ଉତ୍ସବ ପରିଚାଳିତ ହୋଇଥିଲା।

## ଗାଁରେ କବରସ୍ଥାନ ନିର୍ମାଣକୁ ବିରୋଧ

ଖୋର୍ଦ୍ଧା,୫।୧୧(ପ୍ରଭାତ ପାଣିଗ୍ରାହୀ)

ବାଣପୁର ତହସିଲ ଅନ୍ତର୍ଗତ ଜୀବନଦେଇପୁର ଶାସନ ଗ୍ରାମରେ ସଂଖ୍ୟାଲଘୁ ସମ୍ପ୍ରଦାୟର କବରସ୍ଥାନ ନିର୍ମାଣକୁ କେତେଜଣ ଗ୍ରାମବାସୀ ବିରୋଧ କରିଛନ୍ତି। ଏନେଇ ମଙ୍ଗଳବାର ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କୁ ଏକ ଅଭିଯୋଗପତ୍ର ପ୍ରଦାନ କରାଯାଇଛି। ଅଭିଯୋଗ ଅନୁସାରେ, ଏହି ତହସିଲ ଅନ୍ତର୍ଗତ ଜୀବନଦେଇପୁର ଶାସନ ମୌଜାରେ ବିଭିନ୍ନ ଜାତିର ଲୋକେ ବସବାସ କରୁଛନ୍ତି। ଏହି ମୌଜା ପ୍ଲଟ ନଂ.୩୨୭ରେ ଅନ୍ୟ ସମ୍ପ୍ରଦାୟର ଲୋକଙ୍କ କବରସ୍ଥାନ ପାଇଁ ଅନୁମତି ଦିଆଯାଇଛି। ଏ ସଂକ୍ରାନ୍ତରେ ୨୨.୩.୨୪ ତାରିଖରେ ବାଣପୁର ତହସିଲଦାରଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ତେବେ ଏହି ଅଭିଯୋଗକୁ ତହସିଲ ପକ୍ଷରୁ ଗୁରୁତ୍ୱ ଦିଆଯିବା ପରିବର୍ତ୍ତେ ସେଠାରେ କବରସ୍ଥାନ ନିର୍ମାଣକୁ ଅନୁମତି ଦିଆଯାଇଛି। ସମ୍ପୃକ୍ତ ସମ୍ପ୍ରଦାୟର ଲୋକେ ଦୀର୍ଘଦିନ ଧରି ସୁନାଖଳା ମୌଜାରେ ବସବାସ କରି ରହିଆସୁଛନ୍ତି। ଏହି ଅଭିଯୋଗକୁ ବିଚାରକୁ ନେଇ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ଜିଲା ପ୍ରଶାସନ ନିକଟରେ ଅନୁରୋଧ କରିଛନ୍ତି। ଜୀବନଦେଇପୁର ଶାସନ ଗ୍ରାମର ଭାସ୍କର ସାହୁ, ପ୍ରଦୀପ ଧୋବଡି, ହୃଦାନନ୍ଦ, ମଙ୍ଗଳ ବେହେରା, ନିରଞ୍ଜନ ପଲେଇ, ରଞ୍ଜନ କୁମାର ପାଇକରାୟ, ରମେଶ ଚନ୍ଦ୍ର ବେହେରା, ବ୍ରଜବନ୍ଧୁ ବେହେରା, ରବି ନାରାୟ ଦାଶଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଦସ୍ତଖତ ସମ୍ବଳିତ ଏକ ଅଭିଯୋଗପତ୍ର ପ୍ରଦାନ କରାଯାଇଛି।

## ବାଦୀପାଲା ମହୋତ୍ସବ ଉଦ୍‌ଯାପିତ

ବେଗୁନିଆ,୫।୧୧(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ସିକୋ ମହାବୀର ପୀଠ ବଉଳ ଛକଠାରେ ଗିରି ଗୋବର୍ଦ୍ଧନ ପୂଜା ଉପଲକ୍ଷେ ୪ଦିନ ଧରି ଚାଲିଥିବା ବାଦୀପାଲା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଗାୟକ ବଡ଼ମ୍ବା ନରସିଂହପୁରର ପୀୟୂଷ ସତ୍ୟ ନାରାୟଣ ଜେନା ଏବଂ ଶିଉଳା ପିପିଲିର ଗାୟକ ଯୁବଜ୍ୟୋତି ଦୁର୍ଯ୍ୟୋଧନ ନାୟକଙ୍କ ଦ୍ୱାରା ବାଦୀପାଲା ପରିବେଷଣ କରାଯାଇଥିଲା। ଦୀର୍ଘ ୨୭ବର୍ଷ ଧରି ଉକ୍ତ କାର୍ଯ୍ୟକ୍ରମ ସିକୋ, ବଉଳଛକ, ବାଦୀପାଲା ପୂଜା କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ହେଉଛି। କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ସମ୍ପାଦକ ଲକ୍ଷ୍ମୀ ନାରାୟଣ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଉପଦେଷ୍ଟା ଗୋବିନ୍ଦ ଚନ୍ଦ୍ର ମଙ୍ଗରାଜ, ପଣ୍ଡିତ ଜଗନ୍ନାଥ ମିଶ୍ର, କାଳୁ ଚରଣ ପଟ୍ଟନାୟକ, ଭାଗୀରଥି ପ୍ରଧାନ ପ୍ରମୁଖ ପରିଚାଳନା କରିଥିବା ବେଳେ କମିଟିସଭ୍ୟମାନେ ସହଯୋଗ କରିଥିଲେ।

## ୬ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବ୍ରାଉନ୍‌ସୁଗାର ଜବତ, ୨ ଗିରଫ

ଖୋର୍ଦ୍ଧା,୫।୧୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାରେ ନିଶା କାରବାର ବଢ଼ିଚାଲିଛି। ଜିଲାକୁ ନିଶାମୁକ୍ତ ଲାଗି ପୋଲିସ ପକ୍ଷରୁ ନିଶାମୁକ୍ତ ଜିଲା ଅଭିଯାନ ଆରମ୍ଭ ହୋଇଛି। ଏଥିଲାଗି ଖୋର୍ଦ୍ଧା ଜିଲା ପୋଲିସ ପକ୍ଷରୁ ନାର୍କୋଟିକ୍ସ ସ୍କ୍ୱାଡ୍ ଟିମ୍ ଗଠନ କରାଯାଇଛି। ଏନେଇ ପୋଲିସ ପକ୍ଷରୁ ଏକ ହେଲ୍ପଲାଇନ ନମ୍ବର ମଧ୍ୟ ଜାରି କରାଯାଇଛି। ହେଲ୍ପଲାଇନ ଅଭିଯୋଗକୁ ଆଧାର କରି ପୋଲିସକୁ ୨ୟ ସଫଳତା ମିଳିଥିବା ସଦର ଏସ୍‌ଡିପିଓ ଅନିଲ ମହାନ୍ତି କହିଛନ୍ତି। ମଙ୍ଗଳବାର ଖୋର୍ଦ୍ଧା ଆଦର୍ଶ(ଟାଉନ) ଥାନା ପୋଲିସ ସାମନ୍ତରାପୁର ଛକରେ ଚଢ଼ାଉ କରି ୨୦ ଗ୍ରାମ ବ୍ରାଉନ୍‌ସୁଗାର ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ସାମନ୍ତରାପୁରର ପ୍ରଭାତ ରଞ୍ଜନ ସାହୁ(୪୨)। ତେବେ ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୨ଲକ୍ଷ ଟଙ୍କା ହେବ। ଏନେଇ ଥାନାରେ ଏକ ମାମଲା(ନଂ.୪୧୩/୨୪) ରୁଜୁ ହୋଇଛି ବୋଲି ଟାଉନ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ମହାନ୍ତି ସୂଚନା ଦେଇଛନ୍ତି। ଥାନା ଅଧିକାରୀ ସଞ୍ଜୟ ନାୟକ, ଏସ୍‌ଆଇ ପି.କେ. ପରିଡା, ସ୍ୱାଗତିକା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଆଦର୍ଶ ଥାନା ଅନ୍ତର୍ଗତ ଗଡ଼ଖୋର୍ଦ୍ଧା ବାଇପାସ ତାରିଣୀ ମନ୍ଦିର ନିକଟରେ ଅବକାରୀ ମୋବାଇଲ ସ୍କ୍ୱାଡ୍ ଟିମ୍ ଚଢ଼ାଉ କରି ଜଣେ ବ୍ରାଉନ୍‌ସୁଗାର ବେପାରୀକୁ ଗିରଫ କରଛି। ସେ ହେଲେ ଗଡ଼ଦ୍ୱାରସାହିର ପାପୁନା ସାହାଣୀ(୩୬)। ତାଙ୍କଠାରୁ ୪୨ଗ୍ରାମ ବ୍ରାଉନସୁଗର ଜବତ ହୋଇଥିବା ବେଳେ ଏହାର ମୂଲ୍ୟ ୪ଲକ୍ଷ ୨୦ହଜାର ହେବ ବୋଲି ବିଭାଗ ଆକଳନ କରଛି। ସୂଚନା ମୁତାବକ, ଗ୍ରାହକଙ୍କୁ ବ୍ରାଉନସୁଗାର ଦେବାକୁ ପାପୁନା ଅପେକ୍ଷା କରିଥିଲା। ଖବରପାଇ ଅବକାରୀ ମୋବାଇଲ ସ୍କ୍ୱାଡ୍ ଟିମ୍ ସେଠାରେ ଚଢ଼ାଉ କରିଥିଲା। ପାପୁନା ଖସିଯିବାକୁ ଉଦ୍ୟମ କରିଥିଲେ ମଧ୍ୟ ମୋବାଇଲ ସ୍କ୍ୱାଡ୍ ଟିମ୍ ତାଙ୍କୁ କାବୁ କରିଥିଲେ।

## ଠଣାପଲ୍ଲୀରେ ମାଙ୍କଡ଼ଙ୍କ ଉପଦ୍ରବ

କଳାପଥର,୫।୧୧(ଗଙ୍ଗାଧର ସାହ)

ଧଳାପଥର ପଞ୍ଚାୟତ ଅଧୀନ ଠଣାପଲ୍ଲୀ ଗ୍ରାମରେ ମାଙ୍କଡ଼ଙ୍କ ଉପଦ୍ରବରେ ବ୍ୟାପକ ଫସଲ ନଷ୍ଟ ହେବା ସହ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ମାଙ୍କଡ଼ମାନେ ଗ୍ରାମରେ ରହି ଲୋକଙ୍କ ବାରିରୁ ବାଇଗଣ, ଭେଣ୍ଡି, କାକୁଡି, ଫୁଲକୋବି, ଝୁଡୁଙ୍ଗ, ଜହ୍ନି ଖାଇବା ସହ ନଷ୍ଟ କରୁଛନ୍ତି। ମାଙ୍କଡ଼ଙ୍କୁ ଲୋକେ ଘଉଡ଼ାଇବାକୁ ଗଲେ ଗୋଡ଼ାଇବା ସହ କାମୁଡୁଛନ୍ତି। ଫଳରେ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ବନ ବିଭାଗ ଏଥିପ୍ରତି ଦୃଷ୍ଟିଦେବା ସହ ମାଙ୍କଡ଼ଙ୍କୁ ଗ୍ରାମରୁ ଘଉଡ଼ାଇବା ପାଇଁ ପଦକ୍ଷେପ ନେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ଉନ୍ନୟନ କାର୍ଯ୍ୟର ସ୍ଥିତି ପରଖିଲେ



ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟ ରଞ୍ଜନ ପୃଷ୍ଟି ଉନ୍ନୟନ କାର୍ଯ୍ୟର ତଦାରଖ କରୁଛନ୍ତି।

କୃଷ୍ଣପ୍ରସାଦ,୫।୧୧(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରିୟ ରଞ୍ଜନ ପୃଷ୍ଟି ମଙ୍ଗଳବାର କୃଷ୍ଣପ୍ରସାଦ ବ୍ଲକର ବିଭିନ୍ନ ପଞ୍ଚାୟତ ପରିଦର୍ଶନ କରି ଉନ୍ନୟନ କାର୍ଯ୍ୟର ତଦାରଖ କରିଛନ୍ତି। ବିଡିଓ ଅମିୟ କୁମାର ପଣ୍ଡାଙ୍କ ନେତୃତ୍ୱରେ ଜିଲା ପରିମଳ ଅଧିକାରୀ ଦୀପ୍ତି ରଞ୍ଜନ ପ୍ରଧାନ, ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ମୁଖ୍ୟ ଉନ୍ନୟନ ଅଧିକାରୀ ବଡ଼ଝାଡ଼ ପଞ୍ଚାୟତର ସ୍ୱଚ୍ଛ ଭାରତ ଅଧୀନରେ ନିର୍ମାଣ ହୋଇଥିବା ସମସ୍ତ ଉନ୍ନୟନ କାର୍ଯ୍ୟ ଏବଂ ପଞ୍ଚାୟତ କାର୍ଯ୍ୟାଳୟ ଭିତ୍ତିଭୂମି ବିକାଶ ଦିଗରେ ଦୃଷ୍ଟିଦେବାକୁ ସରପଞ୍ଚ ସୁମିତ୍ରା ବେହେରା, ପଞ୍ଚାୟତ ନିର୍ବାହୀ ଅଧିକାରୀ ରାଜେଶ କୁମାର ନାୟକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ବଡ଼ଝାଡ଼ ଗ୍ରାମରେ ଅର୍ଦ୍ଧନିର୍ମିତ ଅଙ୍ଗନୱାଡି ଗୃହକୁ ସମ୍ପୂର୍ଣ୍ଣ କରିବା ପାଇଁ କନିଷ୍ଠ ଯନ୍ତ୍ରୀ ପଙ୍କଜରାଜ ମିଞ୍ଜଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରେ ଗୋମୁଣ୍ଡିଆ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ସରପଞ୍ଚ ଦୁଷ୍ମନ୍ତ କୁମାର ସେଠୀ ଏବଂ ପିଇଓ ବିକାଶ ମାଝୀଙ୍କ ସହ ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଦିଗରେ ଆଲୋଚନା କରିବା ସହ ପଞ୍ଚାୟତର ସମସ୍ତ କ୍ୟାସବୁକ, ପାସବୁକ ଏବଂ ଉନ୍ନୟନ ତାଲିକାର ତଦାରଖ କରିଥିଲେ। ନୂଆପଡ଼ା ପଞ୍ଚାୟତର ନିର୍ମାଣାଧୀନ ପଞ୍ଚାୟତ ଭବନ ଏବଂ ପଞ୍ଚାୟତ ସୁବିଧାକେନ୍ଦ୍ରର ତଦାରଖ କରିଥିଲେ। ଅର୍ଦ୍ଧନିର୍ମିତ ଥିବା କଲ୍ୟାଣମଣ୍ଡପ ପୂର୍ଣ୍ଣାଙ୍ଗ ରୂପରେଖ ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସରପଞ୍ଚ କବିତା ଜେନା, ପଞ୍ଚାୟତ ନିର୍ବାହୀ ଅଧିକାରୀ ଭାସ୍କର ଚନ୍ଦ୍ର ସାହୁ, ଆକାଉଣ୍ଟାଣ୍ଟ ଶୁକଦେବ ପ୍ରଧାନଙ୍କ ସହିତ ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ।

## ସୁନ୍ଦରାକାଣ୍ଡ, ପ୍ରବଚନ ଜ୍ଞାନଯଜ୍ଞ ଉଦ୍‌ଯାପିତ

ବେଗୁନିଆ,୫।୧୧(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ନିକଟ ପଣ୍ଡାଳମ ଗ୍ରାମର ଶ୍ରୀରାଧା ମୋହନ ଦେବଙ୍କ ମନ୍ଦିର ପରିସରରେ ଗ୍ରାମବାସୀଙ୍କ ସହଯୋଗରେ ଚାଲିଥିବା ନବମ ବାର୍ଷିକ ସୁନ୍ଦରାକାଣ୍ଡ ଏବଂ ପ୍ରବଚନ ଜ୍ଞାନଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଶିକ୍ଷାବିତ୍ ଲୋକନାଥ ପଣ୍ଡାଙ୍କ ତତ୍ତ୍ୱାବଧାନରେ କର୍ମାଚାର୍ଯ୍ୟଭାବେ ପଣ୍ଡିତ ଅଶୋକ କୁମାର ପଣ୍ଡା ଯୋଗଦେଇ ତିନିଦିନ ଧରି ବୈଦିକ ରୀତିନୀତି ଅନୁଯାୟୀ କାର୍ଯ୍ୟ ସମ୍ପାଦନ କରିଥିଲେ। ମଙ୍ଗଳବାର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ ଯୋଗଦେଇ ଶ୍ରଦ୍ଧାଳୁଙ୍କୁ ଉତ୍ସାହିତ କରିବା ସହ ଯଜ୍ଞ ନାରାୟଣଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ।

ଖୋର୍ଦ୍ଧା ଜିଲା ଇଣ୍ଟ୍ରା କ୍ଲବ କ୍ରିକେଟ୍

## କେଟି ଗ୍ଲୋବାଲ କ୍ଲବ ବିଜୟୀ

ଖୋର୍ଦ୍ଧା,୫।୧୧(ପ୍ରଭାତ ପାଣିଗ୍ରାହୀ)

କ୍ରିକେଟ ଆସୋସିଏଶନ ଅଫ୍ ଖୋର୍ଦ୍ଧା ଆନୁକୂଲ୍ୟରେ ସିନିୟର ଇଣ୍ଟ୍ରା କ୍ଲବ କ୍ରିକେଟ୍ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସରେ କେଟି ଗ୍ଲୋବାଲ କ୍ଲବ ବିଜୟୀ ହୋଇଛି। ମଙ୍ଗଳବାର ବିଜେବି ହାଇସ୍କୁଲ ପଡ଼ିଆରେ କେଟି ଗ୍ଲୋବାଲ କ୍ଲବ ଏବଂ ଖୋର୍ଦ୍ଧା ଇଗଲ କ୍ରିକେଟ କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଟସ୍ ଜିତି କେଟି ଗ୍ଲୋବାଲ କ୍ଲବ ପ୍ରଥମେ ବ୍ୟାଟିଂ କରି ୪୪.୨ ଓଭରରେ ୧୦ ଉଇକେଟ ବିନିମୟରେ ୨୨୩ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଇଭାନ କଳାପାହାଡ଼ ୫୩, ତୁହିନାଂଶୁ ରାଉତ ୪୫ ଏବଂ ହେମନ୍ତ ରାଥ୍ ୩୭ରନ କରିଥିଲେ। ଇଗଲ କ୍ଲବ ପକ୍ଷରୁ ସତ୍ୟ ପାଢ଼ୀ ୩, ଜ୍ୟୋତି ରଞ୍ଜନ ବେହେରା ଏବଂ ଆଦିତ୍ୟ ରାୟ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଇଗଲ କ୍ରିକେଟ କ୍ଲବ ୩୮.୩ ଓଭରରେ ୧୦ ଉଇକେଟ ବିନିମୟରେ ୧୮୭ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ଧରଣୀଧର ସ୍ୱାଇଁ ୬୨ ଏବଂ ଜ୍ୟୋତି ରଞ୍ଜନ ବେହେରା ୬୦ରନ କରିଥିଲେ। କେଟି ଗ୍ଲୋବାଲ କ୍ଲବ ପକ୍ଷରୁ ଇଭାନ କଳାପାହାଡ଼, ହେମନ୍ତ ରାଥ୍ ଏବଂ ସେକ୍ ବରକତୁଲ୍ଲା ୩ଟି ଲେଖାଏ ଉଇକେଟ ନେଇଥିଲେ। ପ୍ରୀତିରଞ୍ଜନ ବିଜୟସିଂ ଏବଂ ରିୟାଜ ଖାନ ମ୍ୟାଚ୍ ପରିଚାଳନା କରିଥିବା ବେଳେ ସୁଶିଲ ପରିଜା ସ୍କୋରର ଦାୟିତ୍ୱ ତୁଲାଇଥିଲେ। ମ୍ୟାଚ ରେଫରିଭାବେ ସମୀର ବଳିୟାରସିଂହ ଏବଂ ସଂଯୋଜକ ଭାବେ ବ୍ରିଜେଶ ପ୍ରଧାନ ଦାୟିତ୍ୱ ତୁଲାଇଥିଲେ। ବୁଧବାର ଖୋର୍ଦ୍ଧା କ୍ରିକେଟ କ୍ଲବ ଏବଂ ଜଟଣୀ କ୍ରିକେଟ ଏକାଡେମୀ ମଧ୍ୟରେ ମ୍ୟାଚ୍ ହେବ ବୋଲି ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ ସୂଚନା ଦେଇଛନ୍ତି।



## ଦେଶୀମଦ ଜବତ, ୪ ଗିରଫ

ଟାଙ୍ଗୀ/ ବେଗୁନିଆ,୫।୧୧ (ରଘୁନାଥ ସାହୁ/ ସନ୍ଧ୍ୟାରାଣୀ ମିଶ୍ର)

ଟାଙ୍ଗୀ ଥାନା କୁହୁଡ଼ି ଫାଣ୍ଡି ଅନ୍ତର୍ଗତ ମାନସିଂହପୁର ଗ୍ରାମରେ ପୋଲିସ ଚଢ଼ାଉ କରି ୮ଲିଟର ଦେଶୀମଦ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଚନ୍ଦ୍ରକାନ୍ତ ବେହେରା। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ସେହିପରି ଖୋର୍ଦ୍ଧା ଜିଲା ଅବକାରୀ ବିଭାଗ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ବେଗୁନିଆ ଅବକାରୀ ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଗୋଟିଏ ବାଇକ୍, ୪୪ ଲିଟର ଦେଶୀମଦ ଜବତ କରାଯିବା ସହ ୩ଜଣଙ୍କୁ ଗିରଫ କରାଯାଇଛି। ପିତୁକୁଳି ଛକରୁ ଇସମାଇଲ ଖାନ, ଗଡ଼ମାଣିତୀର ଗ୍ରାମର ଡଲି ସେଠୀ ଏବଂ ପରିଛଳ ଗ୍ରାମର ରତନା ଜେନାଙ୍କଠାରୁ ଚୋରା ମଦ ଜବତ କରାଯାଇ ସେମାନଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି ବୋଲି ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ କହିଛନ୍ତି।

## ମୃତବ୍ୟକ୍ତିଙ୍କ ଆଧାରକାର୍ଡ କରି ଘର ବିକିଦେଲେ

ଖୋର୍ଦ୍ଧା,୫।୧୧(ପ୍ରଭାତ ପାଣିଗ୍ରାହୀ)

**ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ପଟ୍ଟା ଖାରଜ ଦାବି**

ଜଣେ ମୃତ ବ୍ୟକ୍ତିଙ୍କ ନାମରେ ନକଲି ଆଧାରକାର୍ଡ କରି ଘର ବିକ୍ରି କରିବା ପରେ ବ୍ୟାଙ୍କରେ ପଟ୍ଟା ବନ୍ଧକ ରଖାଯାଇ ଲକ୍ଷାଧିକ ଟଙ୍କା ହଡ଼ପ କରାଯାଇଛି। ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ମଲ୍ଲୀପୁର ଗଡ଼ନିଆଳ ଗ୍ରାମର କୃଷ୍ଣଚନ୍ଦ୍ର ମୁଦୁଲି ସୋମବାର ମିଳିତ ଜନଶୁଣାଣି ଶିବିରରେ ଲିଖିତ ଅଭିଯୋଗ କରିବା ପରେ ଘଟଣା ପଦାକୁ ଆସିଛି। ଏଥିରେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ହାତ ରହିଥିବା ଅଭିଯୋଗକାରୀ କହିଛନ୍ତି। କ୍ରେତା, ବିକ୍ରେତା, ସାକ୍ଷୀ, ନକଲି ଆଧାରକାର୍ଡ ସହ ସମସ୍ତ ଦସ୍ତାବିଜ ଜିଲାପାଳଙ୍କ ନିକଟରେ ଦାଖଲ କରିଛନ୍ତି କୃଷ୍ଣଚନ୍ଦ୍ର। ପଟ୍ଟା ଖାରଜ ସହ ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଦାବି କରିଛନ୍ତି।

ଅଭିଯୋଗ ଅନୁସାରେ, କୃଷ୍ଣଚନ୍ଦ୍ରଙ୍କ ବାପା ଡମ୍ବରୁ ମୁଦୁଲିଙ୍କ ନାମରେ ମଲ୍ଲୀପୁର ମୌଜାରେ ଖାତା ନଂ.୯୬, ପ୍ଲଟ ନଂ.୪୩୫, ଏରିଆ ଏ ୦.୫୮ ଡେସିମିଲ କିସମ ଘରବାରି ରହିଛି। ୨୦୨୧ ଜୁଲାଇ ୨୯ରେ ଉକ୍ତ ପ୍ଲଟ ବିକ୍ରି ପରେ ବ୍ୟାଙ୍କରେ ପଟ୍ଟା ବନ୍ଧକ ରଖାଯାଇ ଲକ୍ଷାଧିକ ଟଙ୍କା ଋଣ ନିଆଯାଇଛି ଏହାର ଦଲିଲ ନଂ. ୧୧୧୪୨୧୦୨୪୧୩ ରହିଛି ବୋଲି ଅନୁଗୋଳ ସ୍ଥିତ ଏକ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ଶାଖା କର୍ମଚାରୀ କହିଥିଲେ। ଏହି ପ୍ଲଟ ଗୁରୁଜଙ୍ଗ ହାଉସିଂବୋର୍ଡରେ ରହୁଥିବା ଜଣେ ମହିଳାଙ୍କୁ ବିକ୍ରି କରାଯାଇଛି। ତେବେ ଗୁରୁତର ବିଷୟ ହେଉଛି ଡମ୍ବରୁଙ୍କ ୨୦୦୨ ଅକ୍ଟୋବର ୯ ତାରିଖରେ ମୃତ୍ୟୁ ଘଟିଛି। ତେବେ ଦଲିଲରେ ଲାଗିଥିବା ଫଟୋ କପି ଦେଖିବା ବେଳେ କୌଣସି ବ୍ୟକ୍ତି ନକଲି ଆଧାରକାର୍ଡ କରି ଘର ବିକ୍ରି କରିଦେଇଥିବା କୃଷ୍ଣଚନ୍ଦ୍ରଙ୍କ ପରିବାର ଜାଣିବାକୁ ପାଇଥିଲେ। ଏନେଇ କୃଷ୍ଣଚନ୍ଦ୍ରଙ୍କ ପରିବାର ଖୋର୍ଦ୍ଧା ଉପ ନିବନ୍ଧକ କାର୍ଯ୍ୟାଳୟରେ ଉପରୋକ୍ତ ଦଲିଲ ନମ୍ବର ଏବଂ ତାରିଖ ଅନୁଯାୟୀ ନକଲ କପି ବାହାର କରିବା ପରେ ଜାଣିବାକୁ ପାଇଥିଲେ କେହି ବ୍ୟକ୍ତି ନକଲି ଆଧାରକାର୍ଡ କରି ଘର ବିକ୍ରି ପରେ ଉକ୍ତ ବ୍ୟାଙ୍କରେ ବନ୍ଧକ ରଖାଯାଇଛି। ଜିଲା ପ୍ରଶାସନ ଏହାର ଖୋଳତାଡ଼ କଲେ ସତ୍ୟତା ପଦାକୁ ଆସିବ ବୋଲି କୁହାଯାଇଛି।

# ଓଡ଼ିଶା ଜଙ୍ଗଲରେ ୪ଶହ ଅଧିକ ହାତୀ

ଭୁବନେଶ୍ୱର, ୫।୧୦(ବନ୍ଦନା ସେଠୀ)

**ଶିମିଳିପାଳକୁ ସ୍ଥାନାନ୍ତର ପାଇଁ ଯୋଜନା**
- ଚଳିତ ମାସ ୧୪ ଓ ୧୫ରେ ହେବ ଗଣନା
- ଦୁର୍ଘଟଣାରେ ୨୬ ହାତୀଙ୍କ ଜୀବନ ଯାଇଛି

ଓଡ଼ିଶାରେ ହାତୀଙ୍କ ପାଇଁ ଜାଗାର ଅଭାବ ରହିଛି। ଏଠାରେ ଯେତିକି ହାତୀ ରହିବା କଥା ତା'ଠାରୁ ୪ଶହ ଅଧିକ ଅଛନ୍ତି। ବେଙ୍ଗାଲୁରୁସ୍ଥିତ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସେସ୍‌ର ଏଲିଫ୍ୟାଣ୍ଟ ସେଣ୍ଟର ଷ୍ଟଡିର ତଥ୍ୟକୁ ଆଧାରକରି ବନ୍ୟପ୍ରାଣୀ ପିସିସିଏଫ୍ ସୁଶାନ୍ତ ନନ୍ଦ ଏହି ସୂଚନା ଦେଇଛନ୍ତି। ତଥ୍ୟ ଅନୁଯାୟୀ, ଓଡ଼ିଶାର ଜଙ୍ଗଲରେ ସର୍ବାଧିକ ୧୭ଶହ ହାତୀ ରହିପାରିବେ। ମାତ୍ର ଏଠାରେ ଏବେ ୪ଶହ ଅଧିକ ଅର୍ଥାତ୍ ମୋଟ୍ ୨୧ଶହ ହାତୀ ଅଛନ୍ତି। ଆବଶ୍ୟକ ଜାଗା ଓ ଖାଦ୍ୟର ଅଭାବ ହେଉଥିବାରୁ ଖାଦ୍ୟ ଅନ୍ୱେଷଣରେ ସେମାନେ ଜନବସତି ମୁହାଁ ହେଉଛନ୍ତି। ଫଳରେ ଅନେକ ସମୟରେ ହାତୀ ଓ ମଣିଷଙ୍କ ମଧ୍ୟରେ ଲଢେଇ ହେଉଛି। ସେହିପରି ଖାଦ୍ୟ ଅଭାବରୁ ହାତୀଙ୍କ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ କମିବାରେ ଲାଗିଛି। ଛୁଆ ହାତୀ, ରୋଗିଣା ହାତୀ ଅଧିକ ମୃତ୍ୟୁ ମୁଖରେ ପଡୁଛନ୍ତି। ଏହା ବ୍ୟତୀତ ବିଦ୍ୟୁତ୍ ଆଘାତ ଓ ଟ୍ରେନ୍ ଦୁର୍ଘଟଣାରେ ମଧ୍ୟ ହାତୀଙ୍କ ଜୀବନ ଯାଉଛି ବୋଲି ପିସିସିଏଫ୍ କହିଛନ୍ତି। ସେହିପରି ଓଡ଼ିଶା ଜଙ୍ଗଲରେ ଅଧିକ ହାତୀ ଥିବାରୁ ବିଶେଷଜ୍ଞଙ୍କ ପରାମର୍ଶରେ କିଛି ହାତୀଙ୍କୁ ଶିମିଳିପାଳ ସ୍ଥାନାନ୍ତର ପାଇଁ ଯୋଜନା ଚାଲିଛି। ତେବେ ସ୍ଥାନାନ୍ତର ପୂର୍ବରୁ ସ୍ଥାନୀୟ ବାସିନ୍ଦା ଓ ଜନପ୍ରତିନିଧିଙ୍କ ସହ ଆଲୋଚନା କରାଯିବ। ଏବେ ଝାଡ଼ଖଣ୍ଡୀ ଓ ଛତିଶଗଡ଼ୀ



ହାତୀ ରାଜ୍ୟ ଭିତରକୁ ଆସୁଛନ୍ତି। ତେଣୁ ରାଜ୍ୟରେ ହାତୀଙ୍କ ବାସ୍ତବ ସଂଖ୍ୟା ଜାଣିବାକୁ ନଭେମ୍ବର ୧୪ ଓ ୧୫ରେ ହାତୀ ଗଣନା କରାଯିବ। ଏବେ ହାତୀଙ୍କ ଗତିବିଧି ଉପରେ ନଜର ରଖାଯାଇଛି। ପୂର୍ଣ୍ଣମୀ ରାତିରେ ସେମାନଙ୍କର ଫଟୋ ଏବଂ ଭିଡିଓ ଉତ୍ତୋଳନକରି ସେମାନଙ୍କ ଗଣନା କରାଯିବ। ଅପରପକ୍ଷେ ନରସିଂହପୁରରେ ତୀର ମାଡ଼ରେ ଆହତ ହାତୀ ଏବେ ସୁସ୍ଥ ଅଛି ବୋଲି ପିସିସିଏଫ୍ ସୂଚନା ଦେଇଛନ୍ତି। ହାତୀ ଶରୀରରେ ୪ଟି ତୀର ଲାଗିଥିଲା। ଫସଲ ବଞ୍ଚାଇବା ଉଦ୍ଦେଶ୍ୟରେ ସ୍ଥାନୀୟ ଲୋକେ ହାତୀକୁ ତୀର ମାରି ଘଉଡ଼ାଇଥିଲେ। ହାତୀ ଶିକାର ପାଇଁ ସେମାନଙ୍କର କୌଣସି ଉଦ୍ଦେଶ୍ୟ ନ ଥିବା ସେ କହିଛନ୍ତି।

ଅପରପକ୍ଷେ ରାଜ୍ୟରେ ହାତୀ ମୃତ୍ୟୁ ତଦନ୍ତ ପାଇଁ ଜଙ୍ଗଲ ମନ୍ତ୍ରୀ ନିର୍ଦ୍ଦେଶ ଦେବା ପରେ ଏନେଇ ବିଭାଗ ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆଯାଉଛି। ଯେ କୌଣସି ହାତୀ ମୃତ୍ୟୁ ହେଲେ ତାହାକୁ ଅସ୍ୱାଭାବିକ ମୃତ୍ୟୁ ବୋଲି ଭାବି ଜଏଣ୍ଟ ଟାସ୍କଫୋର୍ସ, ଆର୍‌ସିସିଏଫ୍ ଏବଂ ଡିଭିଜନ୍ ଷ୍ଟାଫ୍ ପକ୍ଷରୁ ମିଳିତ ଭାବେ ତୁରନ୍ତ ତଦନ୍ତ କରାଯାଇଥାଏ। ଏଥିସହ ୩ଜଣ ଡାକ୍ତରଙ୍କ ଉପସ୍ଥିତିରେ ପୋଷ୍ଟମର୍ଟମ କରାଯାଇଥାଏ। ରିପୋର୍ଟରୁ କିଛି ବାହାରିଲେ ହିଁ ତଦନ୍ତ କରାଯାଇଥାଏ। ତେବେ ଚଳିତବର୍ଷ ୬୦ଟି ହାତୀ ମୃତ୍ୟୁରୁ ୨୬ଟି ହାତୀଙ୍କର ମୃତ୍ୟୁ ବିଦ୍ୟୁତ୍ ଆଘାତ, ରାସ୍ତା ଏବଂ ଟ୍ରେନ୍ ଦୁର୍ଘଟଣାରେ ହୋଇଛି। ଏଥିସହ କୌଣସି ହାତୀଙ୍କର ସନ୍ଦେହଜନକ ମୃତ୍ୟୁ ହେଲେ ତାହାର ତଦନ୍ତ କରାଯାଇ ଅବହେଳା କରିଥିବା କର୍ମଚାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଆର୍‌ସିସିଏଫ୍‌ଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ପୂର୍ବରୁ କାର୍ଯ୍ୟରେ ଅବହେଳା ପାଇଁ କ'ଣ ପଦକ୍ଷେପ ନିଆଯାଇଛି ତାହାର ରିପୋର୍ଟ ଦେବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିବା ପିସିସିଏଫ୍ ସୂଚନା ଦେଇଛନ୍ତି।



ନାଗ ଚତୁର୍ଥୀ ଅବସରରେ ମଙ୍ଗଳବାର କଟକ ଗଡ଼ଗଡେଶ୍ୱର ମନ୍ଦିର ନିକଟ ତ୍ରିନାଥ ମନ୍ଦିର ପରିସରରେ ଥିବା ମାଟି ହୁଙ୍କା ମୂଳରେ ତେଲୁଗୁ ମହିଳାମାନେ ପୂଜାର୍ଚ୍ଚନା କରୁଛନ୍ତି। (ଫଟୋ–ରାଜକିଶୋର ମହାନ୍ତି)

# ଡାକ୍ତରଙ୍କ ହସ୍ପିଟାଲ ଡେପୁଟେଶନ ରଦ୍ଦ

ଭୁବନେଶ୍ୱର, ୫।୧୧(ବନ୍ଦନା ସେଠୀ)

**ଏସ୍‌ସିବି ନ୍ୟୁରୋଲୋଜି ବିଭାଗ**

ରାଜ୍ୟର ବିଭିନ୍ନ ସ୍ଥାନରୁ ପ୍ରତିଦିନ ଶତାଧିକ ରୋଗୀ ଶ୍ରୀରାମଚନ୍ଦ୍ର ଭଞ୍ଜ (ଏସ୍‌ସିବି) ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ନ୍ୟୁରୋଲୋଜି ବିଭାଗକୁ ଉତ୍ତମ ଚିକିତ୍ସାସେବା ପାଇବା ପାଇଁ ଆସିଥାନ୍ତି। ତେବେ ବିଭାଗ ଆଉଟ୍‌ଡୋରରେ ରୋଗୀଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ମିଳୁ ନ ଥିଲା। ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏହାକୁ ଗୁରୁତ୍ୱର ସହ ନେଇଛି। ଘଟଣାର ଅନୁସନ୍ଧାନ କରି ସ୍ୱାସ୍ଥ୍ୟ ବିଭାଗ ପ୍ରାଥମିକ ପର୍ଯ୍ୟାୟରେ ସମ୍ପୃକ୍ତ ବିଭାଗରେ କାର୍ଯ୍ୟରତ ସହକାରୀ ପ୍ରଫେସର ଡା. ପୀତାମ୍ବର ବେହୁରିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଡା. ବେହୁରିଆଙ୍କ ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ଡେପୁଟେଶନକୁ ରଦ୍ଦ କରାଯାଇଛି। ରାଜ୍ୟବାସୀଙ୍କୁ ଗୁଣାତ୍ମକ ଚିକିତ୍ସାସେବା ଯୋଗାଇଦେବାକୁ ସରକାର ସଂକଳ୍ପବଦ୍ଧ। ତେଣୁ ରୋଗୀଙ୍କୁ କୌଣସି ଚିକିତ୍ସକ ବା କର୍ମଚାରୀ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇବାରେ ଅବହେଳା କଲେ, ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି।

# 'ଓ ମାଇଁ ବିଉଟିଫୁଲ୍ ଓଡ଼ିଶା' ଫଟୋଗ୍ରାଫି ପ୍ରତିଯୋଗିତା

ଭୁବନେଶ୍ୱର,୫।୧୧(ଅନୁରାଧା ମହାରଣା)

**୧୩ ପର୍ଯ୍ୟନ୍ତ ଆବେଦନ ଗ୍ରହଣ**

ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ଓଡ଼ିଶା ଡିସ୍କମ୍‌ଗୁଡ଼ିକ ପକ୍ଷରୁ ଫଟୋଗ୍ରାଫି ପ୍ରତିଯୋଗିତା 'ଓ ମାଇଁ ବିଉଟିଫୁଲ୍ ଓଡ଼ିଶା'ର ଦ୍ୱିତୀୟ ସଂସ୍କରଣ ଘୋଷଣା କରାଯାଇଛି। ଚଳିତ ବର୍ଷର ବିଷୟବସ୍ତୁ 'ଓଡ଼ିଶାର ସାଂସ୍କୃତିକ ଐତିହ୍ୟ' ରଖାଯାଇଥିବାବେଳେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ, ପ୍ରାକୃତିକ ଓ ସ୍ଥାପତ୍ୟ ଐତିହ୍ୟ ଉପରେ ଗୁରୁତ୍ୱ ଦେଇ ଓଡ଼ିଶାର ଅବିଶ୍ୱସନୀୟ ସୌନ୍ଦର୍ଯ୍ୟ ଓ ପରମ୍ପରାକୁ ଚିତ୍ରଣ କରିବା ପାଇଁ ସବୁ ବର୍ଗର ଫଟୋଗ୍ରାଫରଙ୍କୁ ନିମନ୍ତ୍ରଣ କରାଯାଇଛି। ଅଂଶଗ୍ରହଣ କରିବା ପାଇଁ https://www.surveymonkey.com/r/oh_my_beautifulodishaରେ ଆବେଦନପତ୍ର ଅପ୍‌ଲୋଡ୍ କରିପାରିବେ। ଚଳିତ ନଭେମ୍ବର ୧୩ ତାରିଖ ପର୍ଯ୍ୟନ୍ତ ଆବେଦନ ଗ୍ରହଣ କରାଯିବ। ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞମାନଙ୍କୁ ନେଇ ଗଠିତ ଏକ ବିଶିଷ୍ଟ ବିଚାରକ ମଣ୍ଡଳୀ ଆବେଦନଗୁଡ଼ିକର ମୂଲ୍ୟାଙ୍କନ କରିବେ। ଶ୍ରେଷ୍ଠ ୧୨ଜଣ ପ୍ରତିଯୋଗୀଙ୍କୁ ଆକର୍ଷଣୀୟ ପୁରସ୍କାର ରାଶି ଦିଆଯିବା ସହ ଟିପି ଓଡ଼ିଶା କ୍ୟାଲେଣ୍ଡର ୨୦୨୫ରେ ସେମାନଙ୍କୁ ସ୍ଥାନ ମିଳିବ। ଆବେଦନକାରୀଙ୍କୁ ସେମାନଙ୍କ କଳାତ୍ମକ ଅବଦାନ ପାଇଁ ସମ୍ମାନିତ କରାଯିବ।

# ପୋଲିସ–ଆନ୍ଦୋଳନକାରୀ ମୁହାଁମୁହିଁ



**ଆର୍‌ଆଇ ପରୀକ୍ଷା ବାତିଲ ଦାବିରେ ଆଶାୟୀଙ୍କ ବିକ୍ଷୋଭ**

ଭୁବନେଶ୍ୱର,୫।୧୧(ଅନୁରାଧା ମହାରଣା)

ଓଡ଼ିଶା ସବ୍ ଅର୍ଡିନେଟ୍ ଷ୍ଟାଫ୍ ସିଲେକ୍ସନ କମିଶନ (ଓଏସ୍‌ଏସ୍‌ଏସ୍‌ସି) ଦ୍ୱାରା ପରିଚାଳିତ ଆର୍‌ଆଇ, ଅମିନ ପରୀକ୍ଷାରେ ବ୍ୟାପକ ଅନିୟମିତତା ଅଭିଯୋଗରେ ଷ୍ଟୁଡେଣ୍ଟ୍ସ ଏଗେନେଷ୍ଟ କରପ୍‌ଶନ ପକ୍ଷରୁ ମଙ୍ଗଳବାର ଲୋୟର ପିଏମ୍‌ଜିରେ ଧାରଣା ଦିଆଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପରୀକ୍ଷା ବାତିଲ ଓ ନିଯୁକ୍ତି ଦୁର୍ନୀତିର ତଦନ୍ତ ଦାବିକରି ଆଶାୟୀମାନେ ପୂର୍ବାହ୍ନରେ ଧାରଣାରେ ବସିଥିଲେ। ହଠାତ୍ ଅପରାହ୍ନ ପ୍ରାୟ ୨ଟାବେଳେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ୍ କରିବା ଉଦ୍ଦେଶ୍ୟରେ ତାଙ୍କ ବାସଭବନ ଆଡ଼କୁ ସେମାନେ ଅଗ୍ରସର ହୋଇଥିଲେ। ତତ୍‌କ୍ଷଣାତ ଲୋୟର ପିଏମ୍‌ଜି ପୋଲିସ ଛାଉଣି ହୋଇଯିବା ସହ ଆନ୍ଦୋଳନକାରୀଙ୍କୁ ଅଟକାଇଥିଲେ। ପୋଲିସ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ପରିସ୍ଥିତି ବିଗିଡ଼ିବା ଆଗରୁ ମୁଖ୍ୟ ଶାସନ ସଚିବ ଆଲୋଚନା ପାଇଁ ଡାକିଥିଲେ। ପୂର୍ବରୁ ସାରା ରାଜ୍ୟରେ ଷ୍ଟୁଡେଣ୍ଟ୍ସ ଏଗେନେଷ୍ଟ କରପ୍‌ଶନ ନେତୃତ୍ୱରେ ଆର୍‌ଆଇ ପରୀକ୍ଷା ବାତିଲ ଦାବିରେ ଆନ୍ଦୋଳନ ହୋଇଆସୁଥିବାବେଳେ ନିଯୁକ୍ତି ଦୁର୍ନୀତି ବିରୋଧରେ ନୀରବ ରହି ସରକାର କାହିଁକି ପ୍ରୋତ୍ସାହନ ଦେଉଛନ୍ତି ବୋଲି ସଙ୍ଗଠନର ଆବାହକ ବିଭୂତି ଭୂଷଣ ମହାପାତ୍ର ପ୍ରଶ୍ନ କରିଛନ୍ତି। ନିଯୁକ୍ତି ଦୁର୍ନୀତି ଓ ଚାକିରି ବିକ୍ରିରେ ପୂର୍ଣ୍ଣଚ୍ଛେଦ ପଡ଼ିବା ପର୍ଯ୍ୟନ୍ତ ରାଜ୍ୟରେ ଆନ୍ଦୋଳନ ଜାରି ରହିବ ବୋଲି ମହାପାତ୍ର କହିଛନ୍ତି। ଶେଷରେ ସଂଗଠନର ୬ଜଣିଆ ପ୍ରତିନିଧି ମଣ୍ଡଳୀ ଭୁବନେଶ୍ୱର ଡିସିପିଙ୍କ ଉପସ୍ଥିତିରେ ମୁଖ୍ୟ ଶାସନ ସଚିବଙ୍କୁ ଭେଟି ଦାବିପତ୍ର ଉପସ୍ଥାପନ କରିଥିଲେ। ୭ଦିନ ଭିତରେ ତଦନ୍ତ ହୋଇ ନିଷ୍ପତ୍ତି ନିଆଯିବ ବୋଲି ମୁଖ୍ୟ ଶାସନ ସଚିବ ପ୍ରତିଶ୍ରୁତି ଦେଇଥିବା ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି। ପରମେଶ୍ୱର ବଳ, ତୋଫାନ ପରିଡ଼ା, ଶୁଭ୍ରଜିତ୍ ସାହୁ, ଗଗନ ରଥ, ମହମ୍ମଦ ସାଦିକ୍ ପ୍ରମୁଖ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

# ଆଜି କେତେକ ଜିଲାରେ ବର୍ଷା ସମ୍ଭାବନା

ଭୁବନେଶ୍ୱର,୫।୧୧(ଅନୁରାଧା ମହାରଣା)

ରାଜ୍ୟର ଉତ୍ତର ଦିଗରୁ ଉତ୍ତର-ପୂର୍ବ ଦିଗରେ ପ୍ରବାହିତ ପବନ ସମ୍ପୃକ୍ତ ଅଞ୍ଚଳର ନିମ୍ନସ୍ତରରେ ଚଳାଚଳ କରୁଛି। ରାଜ୍ୟରେ ଧୀରେ ଧୀରେ ପାରଦ ଖସୁଛି। ସର୍ବାଧିକ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହୋଇ ନ ଥିଲେ ମଧ୍ୟ ସର୍ବନିମ୍ନ ତାପମାତ୍ରା ୧ ଓ ୨ ଡିଗ୍ରୀ ସେଲସିୟସ୍ କମୁଛି। ମଙ୍ଗଳବାର ସର୍ବାଧିକ ତାପମାତ୍ରା ପାରଳାଖେମୁଣ୍ଡିରେ ୩୫.୫ ଡିଗ୍ରୀ ଏବଂ ସର୍ବନିମ୍ନ ତାପମାତ୍ରା ଫୁଲବାଣୀରେ ୧୪.୫ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ଆଗାମୀ ଦିନରେ ରାତି ତାପମାତ୍ରା ଆହୁରି କମିପାରେ। ତେବେ ବୁଧବାର ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ପୁରୀ ଓ ଗଞ୍ଜାମ ଆଦି ଜିଲାର କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।

# ୯.୭% ସବୁଜ ଗୃହ ବାଷ୍ପ ନିର୍ଗମନ କରୁଛି ଓଡ଼ିଶା

ଭୁବନେଶ୍ୱର,୫।୧୧(ଅନୁରାଧା ମହାରଣା)

ଭାରତର ମୋଟ ସବୁଜ ଗୃହ ବାଷ୍ପ ନିର୍ଗମନରେ ଓଡ଼ିଶାର ୯.୭% ଯୋଗଦାନ ରହିଛି। କୋଇଲାଭିତ୍ତିକ ଶକ୍ତି ଏବଂ ଇସ୍ପାତ କ୍ଷେତ୍ରରେ ରାଜ୍ୟର ମୋଟ୍ ନିର୍ଗମନରେ ୮୪ % ଯୋଗଦାନ ରହିଛି। ଏହା ମୁଣ୍ଡ ପିଛା ନିର୍ଗମନ ୬.୯ ଟନ୍, ଯାହା ଦେଶର ହାରାହାରି ଦେଶର ୨.୮ଟନ୍ ଠାରୁ ୨ଗୁଣ ଅଧିକ। ୨୦୭୦ ସୁଦ୍ଧା ଭାରତ ଶୂନ୍ୟ ନିର୍ଗମନ ହାସଲ କରିବାକୁ ଲକ୍ଷ୍ୟ ରଖାଯାଇଥିବାବେଳେ ଓଡ଼ିଶା ପରି ଏକ ଶିଳ୍ପ ରାଜ୍ୟ ଏଥିରେ ପ୍ରମୁଖ ଭୂମିକା ଗ୍ରହଣ କରିପାରେ। ପରିବେଶ ଗବେଷଣା ଓ ନବସୃଜନ ସଙ୍ଗଠନ ଆଇଫରେଷ୍ଟ ଏବଂ ରାଜ୍ୟ ସରକାରଙ୍କ ଶକ୍ତି ବିଭାଗ ମିଳିତ ସହଯୋଗରେ ଅନୁଷ୍ଠିତ 'ଓଡ଼ିଶାରେ ସବୁଜ ଅଭିବୃଦ୍ଧି ଓ ସବୁଜ ନିଯୁକ୍ତି ପାଇଁ ଶକ୍ତି ପର୍ଯ୍ୟାବରଣ' ଶୀର୍ଷକ ଆଲୋଚନାଚକ୍ରରେ ଏପରି ସୂଚନା ଦିଆଯାଇଛି। ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ





ଆଲୋଚନାଚକ୍ରରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏବଂ ଅନ୍ୟତମ ଅତିଥି।

ଏହି କର୍ମଶାଳାରେ ନୀତି ନିର୍ଦ୍ଧାରକ, ସରକାର, ନାଗରିକ ସମାଜ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇ ସବୁଜ ଶିଳ୍ପ, ଅକ୍ଷୟ ଶକ୍ତି, ନିଯୁକ୍ତି, ଦକ୍ଷତା ବିକାଶ କ୍ଷେତ୍ରରେ ନିବେଶ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ଜଷ୍ଟ ଟ୍ରାଞ୍ଜିଶନ୍ ଇନ୍ ଓଡ଼ିଶା ଫର୍ ଗ୍ରୀନ୍ ଗ୍ରୋଥ୍ ଆଣ୍ଡ ଗ୍ରୀନ୍ ଜବ୍ସ ଶୀର୍ଷକ ଏକ ରିପୋର୍ଟ ପ୍ରକାଶ କରାଯାଇଥିଲା। ଏହି ରିପୋର୍ଟରେ ଆଗାମୀ ୧୦ ବର୍ଷ ମଧ୍ୟରେ ରାଜ୍ୟ ସରକାରଙ୍କ ସମ୍ଭାବ୍ୟ ପ୍ରମୁଖ କାର୍ଯ୍ୟପନ୍ଥା ଉପରେ ମଧ୍ୟ ଆଲୋକପାତ କରାଯାଇଛି। କାର୍ଯ୍ୟକ୍ରମରେ ୫ଟି ଅଧିବେଶନ ଆୟୋଜିତ ହୋଇଥିଲା। ଉଦ୍‌ଘାଟନୀ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଯୋଗଦେଇ ଜଳବାୟୁ ପରିବର୍ତ୍ତନ ଦ୍ୱାରା ଓଡ଼ିଶା ଅତ୍ୟନ୍ତ ପ୍ରଭାବିତ ବୋଲି କହିଥିଲେ। ଭାରତର ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନରେ ଓଡ଼ିଶାର ୯ ପ୍ରତିଶତରୁ ଅଧିକ ଯୋଗଦାନ ରହିଥିବା ସିଂହଦେଓ ସୂଚନା ଦେଇଥିଲେ। ଏଭଳି ସ୍ଥିତିରେ ସବୁଜ ଶକ୍ତି ଏବଂ ସ୍ଥାୟୀ ଶିଳ୍ପର ସମ୍ପ୍ରସାରଣ ସହିତ ଜଳବାୟୁ ପ୍ରଶମନର ନେତୃତ୍ୱ ନେବା ପାଇଁ ଆମର ଗୁରୁ ଦାୟିତ୍ୱ ବୋଲି ସେ କହିଥିଲେ। ଏକ ସବୁଜ ଓ ସ୍ଥାୟୀ ଓଡ଼ିଶା ଆଡ଼କୁ ଅଗ୍ରସର ହେବା ପାଇଁ ଆମକୁ ସାମୂହିକ ପ୍ରୟାସ କରିବାକୁ ପଡ଼ିବ ବୋଲି ସେ ମତ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା ଯୋଗଦେଇ କହିଲେ, ଓଡ଼ିଶାରେ ଅଙ୍ଗାରକାମ୍ଳ ନିର୍ଗମନ ପରିମାଣ ହ୍ରାସ କରିବା ପାଇଁ ଅକ୍ଷୟ ଶକ୍ତି, ଶକ୍ତି ଦକ୍ଷତା ଏବଂ ସ୍ଥାୟୀ ଶିଳ୍ପ ପଦ୍ଧତିକୁ ଆପଣାଇବାକୁ ପଡ଼ିବ। ୨୦୩୦ ସୁଦ୍ଧା ୧୧ ଜିଡବ୍ଲ୍ୟୁ ଅକ୍ଷୟଶକ୍ତି ହାସଲ ପାଇଁ ଓଡ଼ିଶା ପ୍ରତିଶ୍ରୁତିବଦ୍ଧ। ଶକ୍ତି ପରିବର୍ତ୍ତନ ସନ୍ନିକଟ ହୋଇଥିବାବେଳେ ଏହାଦ୍ୱାରା ନିଯୁକ୍ତି ପ୍ରଭାବିତ ହେବ ବୋଲି ଆଶଙ୍କା କରାଯାଉଛି। ମାତ୍ର ଓଡ଼ିଶା ସରକାର ଏକ ନ୍ୟାୟସଂଗତ ପରିବର୍ତ୍ତନ ପାଇଁ ପ୍ରତିଶ୍ରୁତିବଦ୍ଧ। ଏହାର ଅଧ୍ୟୟନ ପାଇଁ ଆଇଫରେଷ୍ଟକୁ ଦାୟିତ୍ୱ ଦିଆଯାଇଥିବା ସେ କହିଥିଲେ। ଆଇଫରେଷ୍ଟ ସଭାପତି ତଥା ସିଇଓ ଡ. ଚନ୍ଦ୍ରଭୂଷଣ କହିଲେ, ଦେଶରେ ସବୁଜ ଖଣିଜ ଓ ଧାତୁଶିଳ୍ପର ହବ୍ ହେବାକୁ ଓଡ଼ିଶାରେ ବିଶାଳ ସୁଯୋଗ ରହିଛି। ତେବେ ରାଜ୍ୟ ଏକ ଜଷ୍ଟ ଟ୍ରାଞ୍ଜିଶନ ନୀତି ବିକଶିତ କରିବା ଆବଶ୍ୟକ। ପରିବର୍ତ୍ତନର ହଟ୍‌ସ୍ପଟ୍ କୁହାଯାଉଥିବା ୭ ଜିଲା ଅନୁଗୋଳ, ଢେଙ୍କାନାଳ, ଯାଜପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର ଓ କେନ୍ଦୁଝର ଜିଲା ମିଳିତ ଭାବେ ୧୦୦% କୋଇଲା ଉତ୍ପାଦନ ଏବଂ ଅଧିକାଂଶ କୋଇଲାଭିତ୍ତିକ ଶକ୍ତି କ୍ଷମତା ଏବଂ ଇସ୍ପାତ ଉତ୍ପାଦନ କରିଥା'ନ୍ତି। କାର୍ଯ୍ୟକ୍ରମରେ ଦକ୍ଷତାବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପ୍ରମୁଖ ସଚିବ ଏନ୍.ବି.ଏସ୍. ରାଜପୁତ ସୁଚିନ୍ତିତ ମତାମତ ରଖିଥିଲେ। ଆଇଫରେଷ୍ଟ ଜଷ୍ଟ ଟ୍ରାଞ୍ଜିଶନର ନିର୍ଦ୍ଦେଶିକା ଶ୍ରେଷ୍ଠା ବାନାର୍ଜୀ କହିଥିଲେ, ଏକ ଜଷ୍ଟ ଟ୍ରାଞ୍ଜିଶନ୍ ଦ୍ୱାରା କୋଇଲା ଇନ୍ଧନ ଉପରେ ନିର୍ଭରଶୀଳ ରାଜ୍ୟଗୁଡ଼ିକ ଶ୍ରମିକ ସମ୍ପ୍ରଦାୟ କଲ୍ୟାଣ ସହ ସାଲିସ୍ ନ କରି ସବୁଜ ଅର୍ଥବ୍ୟବସ୍ଥା ଗଢ଼ିବାରେ ସକ୍ଷମ ହେବେ। ଏଥିପାଇଁ ଉପଯୁକ୍ତ ଯୋଜନା ଓ ନିବେଶ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

ସେଲ୍‌ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ରାକେଶ



@ ମୋଜାଫର୍



@ ଗୋବର୍ଦ୍ଧନ



@ ନୃସିଂହ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଭାରତ ଅଟା, ଚାଉଳର ଦ୍ୱିତୀୟ ପର୍ଯ୍ୟାୟ ଖୁଚୁରା ବିକ୍ରି ଆରମ୍ଭ



ଭୁବନେଶ୍ୱର,୫।୧୧(ଅନୁରାଧା ମହାରଣା)

**୩.୬୯ ଲକ୍ଷ ମେଟ୍ରିକ୍ ଟନ୍ ଗହମ ଓ ୨.୯୧ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଉପଲବ୍ଧ**

ଭାରତ ଅଟା ଏବଂ ଭାରତ ଚାଉଳର ଦ୍ୱିତୀୟ ପର୍ଯ୍ୟାୟ ଖୁଚୁରା ବିକ୍ରି ମଙ୍ଗଳବାର ଆରମ୍ଭ ହୋଇଛି। କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ଏବଂ ନୂତନ ଓ ଅକ୍ଷୟ ଶକ୍ତି ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ, ରାଷ୍ଟ୍ରମନ୍ତ୍ରୀ ବି.ଏଲ୍.ବର୍ମାଙ୍କ ଉପସ୍ଥିତିରେ ଏନ୍‌ସିସିଏଫ୍, ନାଫେଡ୍ ଏବଂ କେନ୍ଦ୍ରୀୟ ଭଣ୍ଡାରର ମୋବାଇଲ ଭ୍ୟାନ୍‌କୁ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟରେ ଗ୍ରାହକଙ୍କୁ ଅଟା କିଲୋଗ୍ରାମ ପିଛା ସର୍ବାଧିକ ୩୦ ଟଙ୍କା ଏବଂ ଭାରତ ଚାଉଳ କିଲୋଗ୍ରାମ ପିଛା ସର୍ବାଧିକ ୩୪ ଟଙ୍କାରେ ମିଳିବ। ଭାରତ ବ୍ରାଣ୍ଡ ଅଧୀନରେ ଚାଉଳ, ଅଟା ଓ ଡାଲି ଭଳି ମୌଳିକ ଖାଦ୍ୟ ସାମଗ୍ରୀର ଖୁଚୁରା ବିକ୍ରି ମାଧ୍ୟମରେ ସିଧାସଳଖ ସ୍ଥିର ମୂଲ୍ୟ ବ୍ୟବସ୍ଥା ବଜାୟ ରଖିବାରେ ସହାୟକ ହେବ ବୋଲି କୁହାଯାଇଛି। ଦ୍ୱିତୀୟ ପର୍ଯ୍ୟାୟର ପ୍ରାଥମିକ ଭାବେ ଖୁଚୁରା ବିକ୍ରି ପାଇଁ ୩.୬୯ ଲକ୍ଷ ମେଟ୍ରିକ ଟନ୍ ଗହମ ଓ ୨.୯୧ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଉପଲବ୍ଧ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୧୫.୨୦ ଲକ୍ଷ ମେଟ୍ରିକ ଟନ୍ ଭାରତ ଅଟା ଓ ୧୪.୫୮ ଲକ୍ଷ ମେଟ୍ରିକ ଟନ୍ ଭାରତ ଚାଉଳ ସାଧାରଣ ଉପଭୋକ୍ତାଙ୍କୁ ରିହାତି ଦରରେ ଉପଲବ୍ଧ କରାଯାଇଥିଲା। କେନ୍ଦ୍ରୀୟ ଭଣ୍ଡାର, ନାଫେଡ୍, ଏନ୍‌ସିସିଏଫ୍ ଏବଂ ଇ-କମର୍ସ/ବିଗ୍‌ଚେନ ରିଟେଲରଙ୍କ ଷ୍ଟୋର ଏବଂ ମୋବାଇଲ ଭ୍ୟାନ୍‌ରେ ଭାରତ ଅଟା ଓ ଭାରତ ଚାଉଳ ଉପଲବ୍ଧ ହେବ। ଦ୍ୱିତୀୟ ପର୍ଯ୍ୟାୟରେ 'ଭାରତ' ବ୍ରାଣ୍ଡ ଅଟା ଏବଂ ଚାଉଳ ୫ କିଲୋଗ୍ରାମ ଓ ୧୦ କିଲୋଗ୍ରାମ ବ୍ୟାଗ୍‌ରେ ବିକ୍ରିହେବ।

ଧାନ କ୍ରୟ ସମ୍ପର୍କରେ ସୂଚନା ଦେଇ କେନ୍ଦ୍ରମନ୍ତ୍ରୀ ପଞ୍ଜାବରେ ୧୮୪ ଲକ୍ଷ ମେଟ୍ରିକ ଟନ୍ ଧାର୍ଯ୍ୟ କ୍ରୟ ଆକଳନ ହାସଲ କରିବା ଏବଂ କୃଷକଙ୍କ ଦ୍ୱାରା ମଣ୍ଡିକୁ ଅଣାଯାଇଥିବା ପ୍ରତ୍ୟେକ ଶସ୍ୟ କିଣିବା ପାଇଁ କେନ୍ଦ୍ର ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇଥିଲେ। ୨୦୨୪ ନଭେମ୍ବର ୪ରେ ପଞ୍ଜାବ ମଣ୍ଡିରେ ସମୁଦାୟ ୧୦୪.୬୩ ଲକ୍ଷ ମେଟ୍ରିକ ଟନ୍ ଧାନ ପହଞ୍ଚିଥିବାବେଳେ ସେଥିରୁ ୯୮.୪୨ ଲକ୍ଷ ମେଟ୍ରିକ ଟନ ରାଜ୍ୟ ଏଜେନ୍ସି ଏବଂ ଏଫ୍‌ସିଆଇ କ୍ରୟ କରିଛନ୍ତି। ଗ୍ରେଡ୍ 'ଏ' ଧାନ ପାଇଁ ଭାରତ ସରକାର ସ୍ଥିର କରିଥିବା ଏମ୍‌ଏସ୍‌ପି ୨୩୨୦ ଟଙ୍କାରେ ଧାନ କିଣାଯାଉଛି। ଚଳିତ କେଏମ୍‌ଏସ୍ ୨୦୨୪-୨୫ରେ ବର୍ତ୍ତମାନ ସୁଦ୍ଧା କେନ୍ଦ୍ର ସରକାର କିଣିଥିବା ମୋଟ ଧାନର ମୂଲ୍ୟ ୨୦,୫୫୭ କୋଟି ଟଙ୍କା ରହିଛି। ଏହାଦ୍ୱାରା ୫.୩୮ ଲକ୍ଷ କୃଷକ ଉପକୃତ ହୋଇଥିବାବେଳେ ଏବଂ ଏମ୍‌ଏସ୍‌ପି ରାଶି ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା ହୋଇଥିବା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ଆପଣଙ୍କ ବିଧାୟକଙ୍କୁ ଜାଣନ୍ତୁ

**ହିମାଂଶୁ ଶେଖର ସାହୁ-ଧର୍ମଶାଳା (ଯାଜପୁର)**



ଯାଜପୁର ଜିଲା ଧର୍ମଶାଳା ନିର୍ବାଚନମଣ୍ଡଳୀରୁ ପ୍ରଥମ ଥର ଲାଗି ହିମାଂଶୁ ଶେଖର ସାହୁ ବିଧାୟକ ହୋଇଛନ୍ତି। ସ୍ୱାଧୀନ ଭାବେ ଲଢ଼ି ସେ ୪,୧୫୦ ଖଣ୍ଡ ଭୋଟରେ ବିଜୟୀ ହେବା ଓ ଦୀର୍ଘବର୍ଷର ବିଜେଡି ଗଡ଼କୁ ଭାଙ୍ଗିବା ଘଟଣା ୨୦୨୪ ନିର୍ବାଚନରେ ଚର୍ଚ୍ଚାକୁ ଆସିଥିଲା। ସ୍ୱାଧୀନ ପ୍ରାର୍ଥୀ ଭାବେ ହିମାଂଶୁ ୭୯,୭୫୯ ଭୋଟ ପାଇଥିବା ବେଳେ ବିଜେଡି ନେତା ପ୍ରଣବ ବଳବନ୍ତରାୟ ୭୫, ୬୦୯ ଭୋଟରୁ ଆଗକୁ ବଢ଼ି ପାରି ନ ଥିଲେ। ହିମାଂଶୁ ପୂର୍ବରୁ ଭାଜପା ଟିକେଟ ପାଇଁ ଆଶାୟୀ ଥିଲେ। ଟିକେଟ ନ ମିଳିବାରୁ ସେ ସ୍ୱାଧୀନ ଭାବେ ଲଢ଼ିଥିଲେ। ତେବେ ବିଧାୟକ ହେବା ପରେ ସେ ଭାଜପାକୁ ସମର୍ଥନ କରିଥିଲେ ।

ଯାଜପୁରର ପୂର୍ବତନ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ସ୍ୱର୍ଗତ ରମେଶ ଚନ୍ଦ୍ର ସାହୁ ଓ ସାମାଜିକ କର୍ମୀ ମିନତି ସାହୁଙ୍କ ପୁଅ ହିମାଂଶୁ ୧୯୮୫ ଏପ୍ରିଲ ୧୭ରେ ଧର୍ମଶାଳାଠାରେ ଜନ୍ମ ଗ୍ରହଣ କରିଥିଲେ। ସେ ବାଲିଚନ୍ଦ୍ରପୁରସ୍ଥିତ ଶିଶୁ ବିଦ୍ୟାମନ୍ଦିରରେ ପ୍ରାରମ୍ଭିକ ଶିକ୍ଷା ଆରମ୍ଭ କରି ଜାରକା ହାଇସ୍କୁଲରୁ ମାଟ୍ରିକ୍ ପାସ୍ କରିଥିଲେ । ଧର୍ମଶାଳା ମହାବିଦ୍ୟାଳୟରୁ ଯୁକ୍ତ ୨ ପଢ଼ି ସାରିବା ପରେ ଭୁବନେଶ୍ୱରସ୍ଥିତ ମହର୍ଷି କଲେଜରେ ଯୁକ୍ତ ୩ ଶ୍ରେଣୀରେ ଅଧ୍ୟୟନ କରିଥିଲେ। ହିମାଂଶୁ ପିଲାଟି ଦିନରୁ ସ୍ୱତନ୍ତ୍ର ସ୍ୱଭାବର ଥିଲେ ବୋଲି ତାଙ୍କ ମା' ମିନତି କହିଛନ୍ତି। କାହାର ଦୁଃଖ ଦେଖିଲେ ସେ ସାହାଯ୍ୟ କରିବାକୁ ଆଗେଇ ଆସିଥାଆନ୍ତି। ସାନ ଭାଇ ଅଂଶୁମାନଙ୍କ ଦେହାନ୍ତ ପରେ ସେ ତାଙ୍କ ନାମରେ 'ଅଂଶୁମାନ ମେମୋରିଆଲ ଟ୍ରଷ୍ଟ' ଗଢ଼ି ଏହାର ସମ୍ପାଦକ ହୋଇଥିଲେ। କରୋନା ସମୟରେ ଲୋକମାନେ ଦୁଃଖକଷ୍ଟରେ ଜୀବନ କାଟୁଥିଲେ । ଏହି ସମୟରେ ସେ ଅସହାୟ ଲୋକଙ୍କ ପାଖରେ ପହଞ୍ଚି ସହାୟତାର ହାତ ବଢ଼ାଇ ସ୍ଥାନୀୟ ଅଞ୍ଚଳରେ ପରିଚିତ ହୋଇ ପାରିଥିଲେ। ଲୋକଙ୍କ ସମସ୍ୟା ଶୁଣିବା ପରେ ସେମାନଙ୍କୁ ସେ ପ୍ରଶାସନ ପାଖକୁ ନେଉଥିଲେ। ଯେତେବେଳେ କାର୍ଯ୍ୟରେ ସଫଳ ହେଉ ନ ଥିଲେ ପ୍ରତିବାଦ ଓ ଆନ୍ଦୋଳନ କରିଥାଆନ୍ତି। ସେଥିପାଇଁ ତାଙ୍କ ନାମରେ ହୋଇଥିଲା ଅନେକ ମିଛ ମକଦ୍ଦମା। ପ୍ରଚଳିତ ଶାସନ ବ୍ୟବସ୍ଥାରୁ ନ୍ୟାୟ ପାଇପାରୁ ନ ଥିବା ଅନୁଭବ କରିବା ପରେ ସେ ମନସ୍ଥ କରିଥିଲେ ରାଜନୀତିରେ ପାଦ ଦେବେ ଓ ଲୋକଙ୍କ ସେବା କରିବେ।

**ବିଧାୟକ କହନ୍ତି:**

ସମାଜସେବାରୁ ରାଜନୀତି ଯାଏ ରାସ୍ତା ବହୁତ କଷ୍ଟ ଥିବା ସତ୍ତ୍ୱେ କଠିନ ପରିଶ୍ରମ ଓ ସେବା ମନୋଭାବ ରଖି କାର୍ଯ୍ୟ କରୁଛି। ମୋ ନିର୍ବାଚନମଣ୍ଡଳୀର ଜନସାଧାରଣ ନୂଆ ସ୍ୱପ୍ନ ଓ ନୂଆ ସଂକଳ୍ପର ସୂତ୍ରଧର । ସେଥିପାଇଁ ସେମାନଙ୍କ ସୁଖଦୁଃଖରେ ମୁଁ ସର୍ବଦା ସାମିଲ ହୋଇ ରହିଛି ଓ ରହିଥିବି।

**ରିପୋର୍ଟ: ଶିବ ପ୍ରସାଦ ମହାନ୍ତି**

# ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଲା କଂଗ୍ରେସ



ରାଜ୍ୟପାଳ ରଘୁବର ଦାସଙ୍କୁ ଦାବିପତ୍ର ଦେଇ ରାଜଭବନରୁ ଫେରୁଛି କଂଗ୍ରେସ ପ୍ରତିନିଧି ଦଳ। (ଫଟୋ-ମନୋରଞ୍ଜନ ମିଶ୍ର)

**ଆମ୍ବଟାକୁଆଜନିତ ମୃତ୍ୟୁ ଘଟଣା**

ଭୁବନେଶ୍ୱର,୫।୧୧(ସୁନିତ୍ ମିଶ୍ର)

କନ୍ଧମାଳରେ ଆମ୍ବଟାକୁଆ ଖାଇ ୨ ଜଣଙ୍କ ମୃତ୍ୟୁ ଘଟଣାରେ ରାଜନୀତି ଜୋର୍ ଧରିଛି। ଏଥିପାଇଁ ରାଜ୍ୟ ସରକାରଙ୍କ ଅପାରଗତାକୁ ଦାୟୀ କରି କଂଗ୍ରେସ ପ୍ରତିନିଧି ଦଳ ମଙ୍ଗଳବାର ରାଜ୍ୟପାଳ ରଘୁବର ଦାସଙ୍କୁ ଭେଟିଛି। ଶ୍ରୀକାନ୍ତ ଜେନା, ମହମ୍ମଦ ମୋକିମ୍, ସନ୍ତୋଷ ସିଂ ସାଲୁଜା, ଜୟଦେବ ଯେନାଙ୍କ ସହ ଅନେକ ବରିଷ୍ଠ ନେତା ଏହି ଘଟଣାରେ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ସରକାର ଖାଦ୍ୟ ନିରାପତ୍ତା ଯୋଜନାରେ କାହାରିକୁ ଭୋକରେ ରଖିବାକୁ ଦେବେନାହିଁ ବୋଲି କହୁଥିବାବେଳେ କନ୍ଧମାଳ ଘଟଣା ସାରା ଦେଶରେ ରାଜ୍ୟକୁ ନନ୍ଦିତ କରିଛି ବୋଲି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ କହିଛନ୍ତି। ଏହି ଘଟଣାରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି, ତାହା ଜାଣିବାକୁ ମୁଖ୍ୟ ଶାସନ ସଚିବଙ୍କୁ ଡାକି ଆଲୋଚନା କରିବେ ବୋଲି ରାଜ୍ୟପାଳ ପ୍ରତିଶ୍ରୁତି ଦେଇଥିବା କାଡ଼ାମ କହିଛନ୍ତି। ଅନ୍ୟପଟେ କଂଗ୍ରେସ ରାଜ୍ୟପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛି। ମୃତକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କାର ଅନୁକମ୍ପା ରାଶି, ପରିବାରର ପ୍ରତ୍ୟେକ ସଦସ୍ୟଙ୍କ ଲାଗି ୧୫ କେଜି ଚାଉଳ, ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ ୩୫ କେ.ଜି. ଚାଉଳ ପ୍ରଦାନକୁ ଗୁରୁତ୍ୱର ସହ ବିଚାର କରିବା, ଟେଲି କମ୍ୟୁନିକେଶନ ବ୍ୟବସ୍ଥାର ପୁନରୁଦ୍ଧାର, ବ୍ରାହ୍ମଣୀଗାଁରେ ଏକ ନୂତନ ପ୍ରଶାସନିକ ବ୍ଲକ୍ ପ୍ରତିଷ୍ଠା, କନ୍ଧମାଳ ଜିଲାପାଳଙ୍କୁ ଦାୟିତ୍ୱରେ ଅବହେଳା କରିଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଆଦି ଦାବି କଂଗ୍ରେସ ପକ୍ଷରୁ ରଖାଯାଇଛି।

ଅନ୍ୟପଟେ ସୋମବାର ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପ୍ରତିକ୍ରିୟା ରଖି କହିଥିଲେ, ଆମ୍ବଟାକୁଆ ସେମାନଙ୍କ ପାରମ୍ପରିକ ଖାଦ୍ୟ। ଯେତେ ମନାକଲେ ମଧ୍ୟ ସେମାନେ ଆମ୍ବଟାକୁଆ ଖାଇବା ଛାଡ଼ି ନ ଥାଆନ୍ତି। ସେମାନଙ୍କୁ ପର୍ଯ୍ୟାପ୍ତ ଚାଉଳ ଦିଆଯାଉଥିଲା। ଖାଦ୍ୟ ଅଭାବରୁ ସେମାନେ ଆମ୍ବଟାକୁଆ ଖାଉଥିବା ଅଭିଯୋଗକୁ ଯୋଗାଣ ମନ୍ତ୍ରୀ ଖଣ୍ଡନ କରିଥିଲେ।

# ହିଞ୍ଜିଳିରେ ବିଜେଡି ପତାକା ଚିରା

**ଦଳ ପକ୍ଷରୁ ଥାନାରେ ଏତାଲା**

ହିଞ୍ଜିଳିକାଟୁ, ୫।୧୧(ଦ୍ୱିତୀକୃଷ୍ଣ ପଣ୍ଡା)



ଗଞ୍ଜାମ ଜିଲା ହିଞ୍ଜିଳିରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ପୂର୍ବରୁ ଦଳୀୟ ପତାକା ଚିରାଯିବା ନେଇ ଅସନ୍ତୋଷ ଓ ଉତ୍ତେଜନା ପ୍ରକାଶ ପାଇଛି। ଏନେଇ ଦଳର କର୍ମକର୍ତ୍ତାମାନେ ଥାନାରେ ଏତଲା ଦେଇଛନ୍ତି। ଖବରରୁ ଜଣାପଡିଛି, ବିଜେଡି ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ପୌରାଞ୍ଚଳରେ ଜନସମ୍ପର୍କ ପଦଯାତ୍ରା ହେବାକୁ ସ୍ଥିର କରାଯାଇଥିଲା। ଏଥିସକାଶେ ଦଳ ପକ୍ଷରୁ ସୋମବାର ରାତିରେ ଦଳୀୟ କର୍ମୀମାନେ ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ଏବଂ ୫୯ ନଂ. ଜାତୀୟ ରାଜପଥ ମେଡିୟାନରେ ଦଳୀୟ ପତାକା ଲଗାଇଥିଲେ। ଗତ ରାତିରେ ଉକ୍ତ ପତାକାଗୁଡ଼ିକୁ କେହି ନଷ୍ଟ କରିବା ସହ ମେଡିଆନରୁ ବାହାର କରି ଦେଇଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ବିଜେଡି ନେତାଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ପତାକାଚିରା ଘଟଣାକୁ ନେଇ ହିଞ୍ଜିଳିକାଟୁ ନଗର ବିଜେଡି ସଭାପତି ହୃଦୟାନନ୍ଦ ମହାପାତ୍ର ହିଞ୍ଜିଳି ଥାନାରେ ଅପରାହ୍ନରେ ଅଭିଯୋଗ କରିଛନ୍ତି। ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜ ଆଧାରରେ ତଦନ୍ତ କରି ଦୋଷୀଙ୍କୁ ଦଣ୍ଡ ପ୍ରଦାନ ପାଇଁ ଦାବି ହୋଇଛି। ଅନ୍ୟଥା ଦଳ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ସଭାପତି ମହାପାତ୍ର କହିଛନ୍ତି। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ହିଞ୍ଜିଳି ପ୍ରତିନିଧି ଦେବାନନ୍ଦ ମହାପାତ୍ରଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ମେଘନାଦ ପାଚେରିରେ ଫାଟ ଲାଗି ବିଜେଡି ଦାୟୀ: ଭାଜପା

ଭୁବନେଶ୍ୱର, ୫।୧୧(ସୁନିତ୍ ମିଶ୍ର)

ମହାପ୍ରଭୁ ଜଗନ୍ନାଥଙ୍କ ମନ୍ଦିର ହେଉଛି ଆମର ଗର୍ବ ଓ ଅସ୍ମିତାର ପରିଚୟ। ଏବେ ମେଘନାଦ ପାଚେରିରେ ଯେଉଁ ଫାଟ ବାହାରି ମେଲିବା ଆରମ୍ଭ କରୁଛି, ସେଥିପାଇଁ ପୂର୍ବ ବିଜେଡି ସରକାର ଦାୟୀ ବୋଲି ଭାଜପା ମୁଖପାତ୍ର ଅନିଲ ବିଶ୍ୱାଳ ଅଭିଯୋଗ କରିଛନ୍ତି। ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସେ କହିଛନ୍ତି, କିଛି ଭୁଲ୍ ଅଛି ଯାହାର କ୍ଷମା ନାହିଁ। ଗତ ବିଜେଡି ସରକାର ସମୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ତାଙ୍କ ସହଯୋଗୀ ଭି.କେ. ପାଣ୍ଡିଆନ ଏଭଳି କିଛି ଭୁଲ୍‌କରି ଯାଇଛନ୍ତି ଯାହାର ମୂଲ୍ୟ ଏବେ ରାଜ୍ୟବାସୀଙ୍କୁ ଦେବାକୁ ପଡୁଛି। ନିଜର ରାଜନୈତିକ ଫାଇଦା ପାଇଁ ସେମାନେ କିଭଳି ଏକ ପୁରାତନ ଐତିହ୍ୟକୁ ବିପଦକୁ ଠେଲିଦେଇଥିଲେ ତାହା ଅତ୍ୟନ୍ତ ଦୁଃଖଦାୟକ ବୋଲି ଅନିଲ କହିଛନ୍ତି।

ମେଘନାଦ ପାଚେରୀରେ ଫାଟ ହୋଇଥିବା ବିଷୟ ସାମ୍ନାକୁ ଆସିବା ପରେ ପ୍ରତ୍ନତତ୍ତ୍ୱ ବିଭାଗ ଓ ରାଜ୍ୟ ସରକାର ଏହାର ମରାମତି କାମ ଆରମ୍ଭ କରିଦେଇଛନ୍ତି। କିନ୍ତୁ ପ୍ରଶ୍ନ ଉଠୁଛି ଏହା କାହିଁକି ଘଟିଲା। ପରିକ୍ରମା ପ୍ରକଳ୍ପ ନିର୍ମାଣ ସମୟରେ ଯେଭଳି ବଡ଼ ମେଶିନ ଲଗାଇ ଶ୍ରୀମନ୍ଦିର ଚାରିପଟେ ଓ ଅତି ନିକଟରେ ବଡ଼ ଗାତ କରାଗଲା, ତାହା ମେଘନାଦ ପାଚେରି ଉପରେ ପ୍ରଭାବ ପକାଇଲା। ନବୀନ ବାବୁ ଏବଂ ପାଣ୍ଡିଆନ୍ ଏନେଇ ମୁହଁ ଖୋଲି ସ୍ପଷ୍ଟୀକରଣ ଦିଅନ୍ତୁ। ପ୍ରତ୍ନତତ୍ତ୍ୱ ବିଭାଗ ଏବଂ ନ୍ୟାଶନାଲ ମନୁମେଣ୍ଟ ଅଥରିଟିର ବିନା ଅନୁମତିରେ ପ୍ରଥମେ ମେଶିନ ଲଗାଇ ଶ୍ରୀମନ୍ଦିର ଚାରିପାଖ ଖୋଳା ଯାଇଥିଲା। ଆମ୍‌ସାର ଆକ୍ଟ ୧୯୫୮କୁ ନ ମାନି ଏଭଳି ବେଆଇନ କାମ କରାଯାଇଥିଲା, ଯେଉଁଥିପାଇଁ ମାମଲା ଅଦାଲତକୁ ଗଲା। ବିନା କୌଣସି ହେରିଟେଜ୍ ଇମ୍ପାକ୍ଟ ଷ୍ଟଡି ଓ ଗ୍ରାଉଣ୍ଡ ପେନିଟ୍ରେଟିଂ ରାଡର ସର୍ଭେ କରା ନ ଯାଇ ଏହି ଖୋଳାଖୋଳି କାମ କେଉଁ ପରିସ୍ଥିତିରେ କରାଯାଇଥିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ନ୍ୟାଶନାଲ ମନୁମେଣ୍ଟ ଅଥରିଟିର ନିୟମ ଅନୁସାରେ କୌଣସି ଐତିହ୍ୟ ପ୍ରକଳ୍ପର ୧୦୦ ମିଟର ପରିସରରେ କୌଣସି ନିର୍ମାଣ କାମ, ଖୋଳାଖୋଳି କରାଯାଇପାରିବ ନାହିଁ। ଏହାକୁ ନ ମାନିବା ଏବେ ମହଙ୍ଗା ପଡ଼ିଲାଣି। ପ୍ରତ୍ନତତ୍ତ୍ୱ ବିଭାଗ ସେତେବେଳେ ହାଇକୋର୍ଟରେ ଯେଉଁ ସତ୍ୟପାଠ ଦେଇଥିଲେ, ସେଥିରେ ସ୍ପଷ୍ଟ ଭାବେ ଉଲ୍ଲେଖ ଥିଲା ଶ୍ରୀମନ୍ଦିର ଚାରିପଟେ ୨୦ ଫୁଟରୁ ଅଧିକ ଗଭୀରର ଗାତ ଖୋଳାଯାଇଛି। ସେହିଭଳି ଯେଉଁ ଡିପିଆର୍ ପ୍ରଥମେ ଦିଆଯାଇଥିଲା ତାକୁ ଚଞ୍ଚକତାକରି ପରେ ବଦଳାଇ ଦିଆଗଲା। ଏକ ପ୍ରାଚୀନ ମନ୍ଦିର ଚାରିପଟେ ଯେଉଁଭଳି ବିଶାଳ ମେଶିନ ଲଗାଇ ବୃହତ୍ ଗର୍ତ୍ତ କରାଯାଇ ଏହାର ସ୍ଥାୟିତ୍ୱକୁ ବିଗାଡ଼ିଦିଆଗଲା, ତାହାର ପ୍ରଭାବ ବର୍ତ୍ତମାନ ମେଘନାଦ ପାଚେରି ଉପରେ ପଡ଼ିଲାଣି ବୋଲି ଅନିଲ କହିଛନ୍ତି।

## ଅଭିଯୋଗ ଭିତ୍ତିହୀନ: ବିଜେଡି

ଭୁବନେଶ୍ୱର,୫।୧୧(ଅନିଲ ଦାସ)

ମେଘନାଦ ପାଚେରିରେ ଫାଟ ସୃଷ୍ଟି ପାଇଁ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଦାୟୀ ବୋଲି କହି ବିଜେଡିକୁ ଭାଜପା ଟର୍ଗେଟ କରିଥିବାରୁ ତାହାକୁ ଖଣ୍ଡନ କରି ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି ଏଭଳି ଅଭିଯୋଗ ଭିତ୍ତିହୀନ। ମଙ୍ଗଳବାର ଶଙ୍ଖଭବନରେ ଖବରଦାତା ସମ୍ମିଳନୀରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ମଧ୍ୟ କହିଛନ୍ତି, ମେଘନାଦ ପାଚେରିର ରକ୍ଷଣାବେକ୍ଷଣ ଦାୟିତ୍ୱ କେନ୍ଦ୍ର ସରକାରଙ୍କ ସଂସ୍ଥା ପ୍ରତ୍ନତତ୍ତ୍ୱ ବିଭାଗର । ପାଚେରିରେ ଫାଟ ସୃଷ୍ଟି ହେଲେ, ଅଙ୍ଗୁଳି ନିର୍ଦ୍ଦେଶ କାହା ଉପରେ ହେବା ଦରକାର। ପରିକ୍ରମା ପ୍ରକଳ୍ପ ନିର୍ମାଣ ବେଳେ ଖୋଳାଖୋଳି କାରଣରୁ ମେଘନାଦ ପାଚେରିରେ ଫାଟ ସୃଷ୍ଟି ହୋଇଛି ବୋଲି ଭାଜପା ମୁଖପାତ୍ର ଜାଣିଲେ କେମିତି। ସେ କ'ଣ ଏହି ବିଷୟରେ ଜଣେ ବିଶେଷଜ୍ଞ କି ବୋଲି ଗଣେଶ୍ୱର ପ୍ରଶ୍ନ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କହି ନ ଜାଣିଲେ କଥା ଅଡୁଆ,**
**ଧରି ନ ଜାଣିଲେ ସୂତା ଅଡୁଆ।।**

ପ୍ରକାଶଭଙ୍ଗିର ଯଥାର୍ଥତା ଉପରେ କାର୍ଯ୍ୟର ସୂକ୍ଷ୍ମତା ନିର୍ଭର କରେ। କଥାକୁ ବନେଇ ଚୁନେଇ, ରସେଇ ମଜେଇ କହି ଜାଣିଲେ ଅକ୍ଲେଶରେ ଅନ୍ୟର ଦୃଷ୍ଟି ଆକର୍ଷଣ କରି କାର୍ଯ୍ୟ ହାସଲ କରିବା ସହଜ ହୋଇଯାଏ। ସେହିପରି ଧରିବାର ବାଟ ବା କାଇଦା ଜାଣିଲେ ସୂତା ଧରିହୁଏ ଏବଂ ବସ୍ତ୍ର ବୁଣାରେ ସାହାଯ୍ୟ କରେ। ଅନ୍ୟଥା ସବୁ ନିଷ୍ଫଳ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କାଳର ଅଟେ ବିପରୀତ ରୀତି,**
**ଦଣ୍ଡକେ କୋରଡ଼ା ଦଣ୍ଡକେ ଛତି।**

ମଣିଷ କେତେବେଳେ ଦୁଃଖ ଦୁର୍ଦ୍ଦଶାରେ ପଡ଼ି ଘାଣ୍ଟିଚକଟି ହେଉଥାଏ ତ କେତେବେଳେ ସମୟ ବଦଳିଗଲେ ଅୟସରେ ଦିନ ବିତାଉଥାଏ। କେତେବେଳେ ହାତକଡି ପିନ୍ଧିଥିବା ଅବସ୍ଥାରେ ପ୍ରହାର ମିଳିଥାଏ ତ ପରକ୍ଷଣରେ ମୁଣ୍ଡ ଉପରେ ପାଟଛତା ରହିଥାଏ। ମଣିଷ ଅବସ୍ଥା ଚିର ପରିବର୍ତ୍ତନଶୀଳ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ସକ୍ରିୟ ରାଜନୀତିରୁ ଅବସର ନେବେ ଶରଦ ପାୱାର

ପୁଣେ,୫।୧୧

ବର୍ଷୀୟାନ ରାଜନେତା ତଥା ଏନ୍‌ସିପି(ଏସ୍‌ସିପି)ର ଅଧ୍ୟକ୍ଷ ଶରଦ ପାୱାର ସକ୍ରିୟ ରାଜନୀତିରୁ ଅବସର ନେବେ ବୋଲି ମଙ୍ଗଳବାର ସୂଚନା ଦେଇଛନ୍ତି। ନିଜ ସହର ବାରାମତୀରେ ଏକ ରାଲିକୁ ସମ୍ବୋଧନ କରି ୮୩ ବର୍ଷୀୟ ପାୱାର କହିଥିଲେ, ଦେଢ଼ ବର୍ଷ ପରେ ତାଙ୍କର ରାଜ୍ୟ ସଭା ସଦସ୍ୟତା ପୂରଣ ହେବାକୁ ଥିବାବେଳେ ସେ ପୁନର୍ବାର ଉକ୍ତ ସଦନକୁ ଯିବା ଉଚିତ ହେବ କି ନାହିଁ, ପୁନର୍ବାର ଚିନ୍ତା କରିବେ। ତେବେ ସେ କୌଣସି ନିର୍ବାଚନ ଲଢ଼ିବେ ନାହିଁ ବୋଲି ସ୍ପଷ୍ଟ କରିଦେଇଛନ୍ତି। ପାୱାର ଶେଷ ଥର ପାଇଁ ୨୦୦୯ ଲୋକ ସଭା ନିର୍ବାଚନ ଲଢ଼ି ବିଜୟୀ ହୋଇଥିଲେ। ସେଥର ସେ ତାଙ୍କର ନିଜସ୍ୱ ନିର୍ବାଚନମଣ୍ଡଳୀ ବାରାମତୀକୁ ଝିଅ ସୁପ୍ରିୟା ସୁଲେଙ୍କ ପାଇଁ ଛାଡ଼ି ମାଧ ଆସନରୁ ଲଢ଼ିଥିଲେ। ସେ ୧୪ ଥର ନିର୍ବାଚନ ଲଢ଼ିଲେଣି ଏବଂ ପ୍ରତିଥର ଜନସାଧାରଣ ତାଙ୍କ ଉପରେ ଆସ୍ଥା ପ୍ରକଟ କରି ବିଜୟୀ କରାଇଛନ୍ତି। ତେବେ ମୋତେ ଅଟକିଯାଇ ଯୁବପିଢ଼ିଙ୍କୁ ବାଟ ଛାଡ଼ିଦେବାକୁ ହେବ ବୋଲି ପାୱାର କହିଛନ୍ତି। ତେବେ ସେ ସମାଜସେବା କାର୍ଯ୍ୟରୁ ଓହରିଯିବେ ନାହିଁ। ସାଧାରଣ ଲୋକଙ୍କ ପାଇଁ ସେ ସାମାଜିକ ଜୀବନରେ କାର୍ଯ୍ୟ ଜାରି ରଖିବେ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ୨୦୨୩ ମେ' ୨ରେ ଶରଦ ପାୱାର ଏନ୍‌ସିପି ଅଧ୍ୟକ୍ଷ ପଦରୁ ଓହରିଯିବେ ବୋଲି ଘୋଷଣା କରିଥିଲେ। ସେତେବେଳେ ଅଜିତ ପାୱାର ତାଙ୍କ ସହ ଥିଲେ। ଏହାର ଦୁଇମାସ ପରେ ଅଜିତ ତାଙ୍କ ଦାଦାଙ୍କ ବିରୋଧରେ ବିଦ୍ରୋହ କରି ଭାଜପା-ଶିବସେନା ମେଣ୍ଟ ସରକାରରେ ସାମିଲ ହୋଇଥିଲେ।

# ଅଜ୍ଞାତବାସରେ ୫୦ରୁ ଊର୍ଦ୍ଧ୍ୱ ସରପଞ୍ଚ, ସମିତି ସଭ୍ୟ

ଢେଙ୍କାନାଳ,୫।୧୧(ରତନ ନାୟାର)

ଢେଙ୍କାନାଳରେ ଭାଜପା ଟାର୍ଗେଟରେ ୭ଟି ବ୍ଲକର ଅଧ୍ୟକ୍ଷା ଅଧ୍ୟକ୍ଷ ପଦବୀ । ନିର୍ବାଚନ ପରେ ରାଜ୍ୟରେ ଭାଜପା ସରକାର ଆସିବା ପରେ ବର୍ତ୍ତମାନ ଜିଲାରେ ବ୍ଲକ ତଥା ପଞ୍ଚାୟତ ସମିତି ଅଧ୍ୟକ୍ଷା ଅଧ୍ୟକ୍ଷ ପଦବୀରେ ରହିଥିବା ବିଜେଡି ସମର୍ଥିତ ଅଧ୍ୟକ୍ଷା ଅଧ୍ୟକ୍ଷଙ୍କୁ ହଟାଇବା ନିମନ୍ତେ ରଣନୀତି ଆରମ୍ଭ ହୋଇଛି । ଗତ କିଛିଦିନ ତଳେ ଗଁଦିଆ ବ୍ଲକର ବିଜେଡି ସମର୍ଥିତ ବ୍ଲକ ଅଧ୍ୟକ୍ଷା ରୀନାରାଣୀ ଖଟୁଆ ନିଜର ସମର୍ଥକ ସମିତି ସଭ୍ୟାସଭ୍ୟ ଓ ସରପଞ୍ଚମାନଙ୍କ ସହ ଭାଜପାରେ ମିଶିଥିଲେ । ଏହାପରେ ବର୍ତ୍ତମାନ ସଦର ବ୍ଲକ ଅଧ୍ୟକ୍ଷ ପଦବୀ ଉପରେ ଭାଜପାର ରଣନୀତି ଆରମ୍ଭ ହୋଇଛି । ଏହାକୁ ନେଇ ଭାଜପା-ବିଜେଡି ମଧ୍ୟରେ ଏକ ପ୍ରକାର ଛକାପଞ୍ଝା ଆରମ୍ଭ ହୋଇଛି । ମଙ୍ଗଳବାର ସଦର ବ୍ଲକର ୩୦ଟି ପଞ୍ଚାୟତ ମଧ୍ୟରୁ ୫୦ରୁ ଊର୍ଦ୍ଧ୍ୱ ସରପଞ୍ଚ, ସମିତି ସଭ୍ୟାସଭ୍ୟ ଅଜ୍ଞାତବାସରେ ଯାଇଥିବା ଜଣାପଡିଛି । ଏହାକୁ ନେଇ ରାଜନୈତିକ ବାତାବରଣ ବେଶ୍ ସରଗରମ ହୋଇଛି । ଢେଙ୍କାନାଳ ଜିଲାରେ ପରଜଙ୍ଗ ବ୍ଲକକୁ ଛାଡ଼ିଦେଲେ ଅନ୍ୟ ୭ଟି ବ୍ଲକରେ ବିଜେଡି ସମର୍ଥିତ ପଞ୍ଚାୟତ ସମିତି ଅଧ୍ୟକ୍ଷା ଅଧ୍ୟକ୍ଷ ରହିଥିଲେ ।

# ଧାନମଣ୍ଡି ତଦାରଖ କରିବେ ଭାଜପା କୃଷକ ମୋର୍ଚ୍ଚା କାର୍ଯ୍ୟକର୍ତ୍ତା

ଭୁବନେଶ୍ୱର,୫।୧୧(ସୁନିତ୍ ମିଶ୍ର)



ଭୁବନେଶ୍ୱରଠାରେ ଏକ ସଭାରେ ଭାଜପା କୃଷକ ମୋର୍ଚ୍ଚା କାର୍ଯ୍ୟକର୍ତ୍ତାମାନେ।

ଖରିଫ ଧାନ କିଣା ଆସନ୍ତା ନଭେମ୍ବର ୨୧ରୁ ଆରମ୍ଭ ହେବ। ଏହି କାରବାରରେ ସ୍ୱଚ୍ଛତା ଆଣିବା ସହ କଟ୍‌ନି ଛଟ୍‌ନି ବନ୍ଦ କରିବା ପାଇଁ ଭାଜପା କୃଷକ ମୋର୍ଚ୍ଚାର କାର୍ଯ୍ୟକର୍ତ୍ତାମାନେ ସାରା ରାଜ୍ୟର ସମସ୍ତ ଧାନମଣ୍ଡି ଜଗିବେ ଓ ତଦାରଖ କରିବେ ବୋଲି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ କହିଛନ୍ତି। ଧାନ ସଂଗ୍ରହ ଅଭିଯାନର ସଫଳ ରୂପାୟନ ପାଇଁ ମଙ୍ଗଳବାର ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ସାହୁ କହିଛନ୍ତି, ଓଡ଼ିଶାର ଚାଷୀଙ୍କୁ ସମୃଦ୍ଧ କରିବା ସହ ସେମାନଙ୍କ ଆୟକୁ ୨ଗୁଣା କରିବା ସକାଶେ ମୋହନ ଚରଣ ମାଝୀଙ୍କ ସରକାର ଅନେକ କୃଷକ କଲ୍ୟାଣକାରୀ ଯୋଜନା ଆରମ୍ଭ କରିଛନ୍ତି। ଏହାର ସଫଳ ରୂପାୟନ କରିବାରେ କୃଷକ ମୋର୍ଚ୍ଚା ଅଗ୍ରଣୀ ଭୂମିକା ଗ୍ରହଣ କରିବ। ଧାନକିଣା ସମୟରେ ରାଜ୍ୟର ୪,୧୯୩ ମଣ୍ଡିରେ କାର୍ଯ୍ୟକର୍ତ୍ତାମାନେ ଚାଷୀଙ୍କୁ ସହଯୋଗ କରିବେ। ଏଥିପାଇଁ ରାଜ୍ୟର ବିଭିନ୍ନ ନେତୃବୃନ୍ଦଙ୍କୁ ଜିଲା ଓ ମଣ୍ଡି ଦାୟିତ୍ୱ ବଣ୍ଟନ କରାଯାଇଛି। ଏହି ସଭାରେ କ୍ଷୁଦ୍ରଶିଳ୍ପ, ମତ୍ସ୍ୟଚାଷ ଓ ପଶୁପାଳନ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଯାଜପୁର ଲୋକ ସଭା ସଦସ୍ୟ ରବିନାରାୟଣ ବେହେରା ଓ ବରିଷ୍ଠ ଭାଜପା ନେତା ସଜନ ଶର୍ମା ଉପସ୍ଥିତ ଥିଲେ।

# ବିଜେଡି ଛାଡ଼ିଲେ ସାଙ୍କୁଲେଇ ସମିତି ସଭ୍ୟା

ଢେଙ୍କାନାଳ, ୫।୧୧ (ରତନ ନାୟାର)

ଢେଙ୍କାନାଳ ଜିଲା ସଦରବ୍ଲକ କାମାକ୍ଷାନଗର ବିଧାନସଭା ନିର୍ବାଚନମଣ୍ଡଳୀ ସାଙ୍କୁଲେଇ ପଞ୍ଚାୟତର ସମିତି ସଭ୍ୟା ଅପର୍ଣ୍ଣା ରଥ ମଙ୍ଗଳବାର ବିଜେଡି ଛାଡ଼ିଛନ୍ତି ବୋଲି ଜଣାଇଛନ୍ତି। ଏଥିସହିତ ସେ ଜିଲା ମହିଳା ବିଜେଡି ସାଧାରଣ ସମ୍ପାଦିକା ପଦବୀରୁ ମଧ୍ୟ ଇସ୍ତଫା ଦେଇଛନ୍ତି । ସେ ତାଙ୍କ ଇସ୍ତଫା ପତ୍ର ଜିଲା ମହିଳା ବିଜେଡି ସଭାପତି ସାଗରିକା ମିଶ୍ରଙ୍କ ନିକଟକୁ ପଠାଇଛନ୍ତି। ସେ ଗତ ପଞ୍ଚାୟତ ନିର୍ବାଚନରେ ବିଜେଡି ସମର୍ଥିତ ପ୍ରାର୍ଥୀ ଭାବେ ସାଙ୍କୁଲେଇ ପଞ୍ଚାୟତରୁ ସମିତି ସଭ୍ୟା ଭାବେ ନିର୍ବାଚିତ ହୋଇଥିଲେ। ସେ କାମାକ୍ଷାନଗରର ପୂର୍ବତନ ବିଜେଡି ବିଧାୟକ ତଥା ପୂର୍ବତନ ମନ୍ତ୍ରୀଙ୍କ କାର୍ଯ୍ୟରେ ଅତିଷ୍ଠ ହୋଇ ବିଜେଡି ଛାଡ଼ିଛନ୍ତି ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି। ତାଙ୍କ ସହିତ ତାଙ୍କର ସ୍ୱାମୀ ତଥା ଜିଲା ଯୁବ ବିଜେଡି ସାଧାରଣ ସମ୍ପାଦକ ଏବଂ ଢେଙ୍କାନାଳ ଷ୍ଟେଶନ ବଜାର ଲକ୍ଷ୍ମୀପୂଜା କମିଟିର ସାଧାରଣ ସମ୍ପାଦକ ରୋଟାରିଆନ ଜ୍ୟୋତିରଞ୍ଜନ ରଥ ମଧ୍ୟ ବିଜେଡି ଛାଡିଛନ୍ତି ବୋଲି ଜ୍ୟୋତିରଞ୍ଜନ ସୂଚନା ଦେଇଛନ୍ତି। ଉଭୟେ ଭୁବନେଶ୍ୱରଠାରେ ବୁଧବାର ଭାଜପାରେ ଯୋଗଦେବେ ବୋଲି ସୂଚନା ଦେଇଛନ୍ତି।



ମୟୂରଭଞ୍ଜ ଜିଲା ବାରିପଦା ମ୍ୟୁନିସିପାଲିଟିର ପୂର୍ବତନ ଉପନଗରପାଳ ତଥା ବିଜେଡି ନେତ୍ରୀ ଦୁର୍ଗାମଣି ଆଚାର୍ଯ୍ୟ ନିଜ ସମର୍ଥକଙ୍କ ସହ ମଙ୍ଗଳବାର ତକତପୁରସ୍ଥିତ ଭାଜପା ଜିଲା କାର୍ଯ୍ୟାଳୟରେ ଯୋଗ ଦେଇଛନ୍ତି। ଦଳର ରାଜ୍ୟ ପ୍ରବକ୍ତା କବି ବିଷ୍ଣୁ ଶତପଥୀ ଏହି ସୂଚନା ଦେଇଛନ୍ତି। ବାଲେଶ୍ୱର ଏମ୍‌ପି ପ୍ରତାପ ଷଡ଼ଙ୍ଗୀଙ୍କ ସମେତ ଅନ୍ୟ ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଜିଓ ସିନେମାରେ ସ୍କୋଡାର ପ୍ରିମିୟର ଶୋ

**ମୁମ୍ବାଇ,୫।୧୧**

ସ୍କୋଡା ଅଟୋ ଇଣ୍ଡିଆ (ସ୍କୋଡା)ର ବହୁ ପ୍ରତୀକ୍ଷିତ ଯାନ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଅଲ୍ ନ୍ୟୁ ସ୍କୋଡା କ୍ୟାଲାକ୍‌ର ଟିଜର ରିଲିଜ ନିକଟରେ ହୋଇଯାଇଛି। ଏପରିକି ଇନୋଭେଶନ ଆଣ୍ଡ ଷ୍ଟାଇଲିଶ ପ୍ରିମିୟମ ଡିଜାଇନ ସାଙ୍ଗକୁ ଆଜି ୱାର୍ଲ୍ଡ ପ୍ରିମିୟର ଶୋ ଅଗ୍ରଣୀ ଓଟିଟି ପ୍ଲାଟ୍‌ଫର୍ମ ଜିଓ ସିନେମା ଜରିଆରେ ସିଧା ପ୍ରସାରଣ ଓ ପରିବେଷିତ ହେବ ବୋଲି ବ୍ରାଣ୍ଡ ପକ୍ଷରୁ ବିସ୍ତୃତ ଭାବେ ଆଲୋକପାତ କରାଯାଇଛି। ସେହିଭଳି ବଲିଉଡ୍ ଚଳଚ୍ଚିତ୍ର ନିର୍ଦ୍ଦେଶକ ରୋହିତ ସେଟ୍ଟୀଙ୍କ ଦ୍ୱାରା ଏହି ଟିଜରର ରଚନା କରାଯାଇଥିଲାବେଳେ ମୋସନ ପିକ୍ଚର୍ସ ଦ୍ୱାରା ଏହାର ପ୍ରସ୍ତୁତି ଓ ପରିବେଷଣ କରାଯାଉଛି।

ଏ ସମ୍ପର୍କରେ ସ୍କୋଡା ଅଟୋ ଇଣ୍ଡିଆର ବ୍ରାଣ୍ଡ ଡାଇରେକ୍ଟର ପିଟର ଜାନେବା କହିଥିଲେ, ଆମେ ଆମର ନୂତନ ତଥା ଅତ୍ୟାଧୁନିକ ମଡେଲ ସ୍କୋଡା କ୍ୟାଲାକ୍‌ର ଟିଜର ରିଲିଜ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ୨୦୨୪ ନଭେମ୍ବର ୬ରେ ଏହାର ସର୍ବଭାରତୀୟ ଅନାବରଣ ଉତ୍ସବ ମୁମ୍ବାଇରେ ଆୟୋଜିତ ହେଉଥିଲାବେଳେ ବଲିଉଡ୍ ଚଳଚ୍ଚିତ୍ର ନିର୍ଦ୍ଦେଶକ ରୋହିତ ସେଟ୍ଟୀଙ୍କ ଦ୍ୱାରା ଏକ ସୁନ୍ଦର ରଚନାତ୍ମକ କାହାଣୀ ପରିବେଷଣ ହେବ। ସେହିଭଳି ଏକ ସୁନ୍ଦର ରଚନାତ୍ମକ କାହାଣୀ ଗ୍ରାହକଙ୍କ ନିକଟତର ହେବା ସହିତ ଗାଡ଼ିର ସମସ୍ତ ସୂଚନାକୁ ସୁନ୍ଦର

## ସ୍କୋଡା କ୍ୟାଲାକ୍‌ର ଟିଜର ରିଲିଜ




ଭାବେ ଉପସ୍ଥାପିତ କରାଯାଇଛି। ଏପରିକି କଳା, ସଂସ୍କୃତି ଓ ସ୍ୱାଧୀନତାର ସମସ୍ତ ଦିଗ ଉପରେ ଏହା ଏକ ସୁନ୍ଦର ବାର୍ତ୍ତା ପରିବେଷଣ କରିବ ବୋଲି ଆଶା କରାଯାଉଛି।

ସେହିପରି ଏହି ଅତ୍ୟାଧୁନିକ ଏସ୍‌ୟୁଭିରେ ୟୁରୋପିଆନ ଟେକ୍ନୋଲୋଜି ସହିତ ଭାରତୀୟ ରୋଡ୍‌ର ପରିବେଶକୁ ଆଖି ଆଗରେ ରଖି ଏହାର ପରିକଳ୍ପନା କରାଯାଇଛି। ଏଥିରେ ଅନେକ ପ୍ରକାର ବୈଶିଷ୍ଟ୍ୟ ସାମିଲ ରହିଛି। ଏହି ନବପିଢ଼ିର ଯାନ ସବୁ ବର୍ଗର ଗ୍ରାହକଙ୍କ ମନକୁ ଛୁଇଁବ ଏବଂ ଯୁବବର୍ଗ ଓ ଆଧୁନିକ ପରିବାର ଲୋକଙ୍କ ପାଇଁ ଏହା ବେଶ୍ ଆରାମଦାୟକ ଓ ବିଳାସପୂର୍ଣ୍ଣ ହେବ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ଆର୍‌ଇଆଇଟିର ସିଇଓ ପଦରୁ ଇସ୍ତଫାଦେଲେ ଅରବିନ୍ଦ

**ଭୁବନେଶ୍ୱର,୫।୧୧
(ଅନୁରାଧା ମହାରଣା)**

ଭାରତ ଏମ୍ବାସିର ସର୍ବବୃହତ୍ ରିଏଲ ଇଷ୍ଟେଟ ନିବେଶ ଟ୍ରଷ୍ଟ (ଆର୍‌ଇଆଇଟି)ର ସିଇଓ ପଦରୁ ଅରବିନ୍ଦ ମୈୟା ଇସ୍ତଫା ଦେଇଛନ୍ତି। ଆର୍‌ଇଆଇଟି ଏମ୍ବାସି କାର୍ଯ୍ୟାଳୟ ପାର୍କ ମଙ୍ଗଳବାର ନିର୍ଦ୍ଦେଶ ଦେବା ପରେ ମୈୟା ଇସ୍ତଫା ଦେଇଥିବା ଜଣାପଡ଼ିଛି। ଅରବିନ୍ଦ ଏହି ପଦ ପାଇଁ ଅଯୋଗ୍ୟ ବୋଲି ବଜାର ନିୟାମକ ନିଷ୍ପତ୍ତି ନେଇଛନ୍ତି। ଏହି ନିର୍ଦ୍ଦେଶ ପରେ ଏମ୍ବାସି ଆର୍‌ଇଆଇଟିର ଶେୟାର ପ୍ରାୟ ୩% ହ୍ରାସ ପାଇଛି। ସିକ୍ୟୁରିଟି ଆଣ୍ଡ ଏକ୍ସଚେଞ୍ଜ ବୋର୍ଡ ଅଫ୍ ଇଣ୍ଡିଆ (ସେବି) ୱେବ୍‌ସାଇଟ୍‌ରେ ଉପଲବ୍ଧ ଏକ ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶରେ ନିୟାମକ ସୋମବାର ଏମ୍ବାସି କାର୍ଯ୍ୟାଳୟ ପାର୍କ ମ୍ୟାନେଜମେଣ୍ଟ ସର୍ଭିସେସ୍, ଏମ୍ବାସି ଆର୍‌ଇଆଇଟିର ସିଇଓ ଅରବିନ୍ଦ ଏହି ପଦବୀ ପାଇଁ 'ଫିଟ୍ ଏବଂ ଉପଯୁକ୍ତ' ମାନଦଣ୍ଡ ପୂରଣ କରୁ ନ ଥିବାରୁ ନିଲମ୍ବନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତୁରନ୍ତ ପ୍ରଭାବ ସହିତ ସୋମବାର ମଧ୍ୟବର୍ତ୍ତୀକାଳୀନ ସିଇଓ ନିଯୁକ୍ତ କରିବାକୁ ନିୟାମକ ଏମ୍ବାସିକୁ କହିଛନ୍ତି। ସଂସ୍ଥାଗୁଡ଼ିକରେ ବ୍ୟବହୃତ 'ଫିଟ୍ ଏବଂ ଉପଯୁକ୍ତ' ମାନଦଣ୍ଡ ନିବେଶକଙ୍କ ପାଇଁ ଏକ ବିଶ୍ୱସ୍ତ ଦାୟିତ୍ୱ। ଏଥିରେ ଜଣେ ବ୍ୟକ୍ତିଙ୍କ ଟ୍ରାକ୍ ରେକର୍ଡ, ବୃତ୍ତିଗତ ଇତିହାସ ଆଦି ଯାଞ୍ଚ କରିବା ବିଧାନ ରହିଛି। ସେବି ଅଗଷ୍ଟ ମାସରେ ଜାତୀୟ ଆର୍ଥିକ ରିପୋର୍ଟିଂ ଅଥରିଟି (ଏନ୍‌ଏଫ୍‌ଆର୍‌ଏ) ର ଏକ ନିର୍ଦ୍ଦେଶ ଅନୁସରଣ କରିଛି, ଯାହାକି ୨୦୧୮-୧୯ରେ କମ୍ପାନୀରେ ଆର୍ଥିକ ଅନିୟମିତତା ହେବାର ଭୂମିକା ଉପରେ କଫି ଡେ ଏଣ୍ଟରପ୍ରାଇଜେସ୍‌ର ବିଧିଗତ ଅଡିଟରଙ୍କୁ ଯାଞ୍ଚ କରିଥିଲା। ରିପୋର୍ଟ ହୋଇଥିବା ସମୟ ମଧ୍ୟରେ କଫି ଡେ ଏଣ୍ଟରପ୍ରାଇଜେସ୍ ପାଇଁ ବିଧିଗତ ଅଡିଟର ସହିତ ଅରବିନ୍ଦ ଅଂଶୀଦାର ଥିଲେ।

# ସର୍ବୋଚ୍ଚ ଖୁଚୁରା ବିକ୍ରୟର ନୂଆ ମାଇଲଖୁଣ୍ଟ

## ହିରୋ ମୋଟୋକର୍ପର ନୂତନ ରେକର୍ଡ

**ନୂଆଦିଲ୍ଲୀ,୫।୧୧(ଅଭୟ ଦାଶ)**

ପ୍ରତି ବର୍ଷ ଭଳି ଚଳିତ ବର୍ଷ ପାର୍ବଣ ଋତୁରେ ମଧ୍ୟ ହିରୋ ମୋଟୋକର୍ପ ସର୍ବୋଚ୍ଚ ଖୁଚୁରା ବିକ୍ରୟର ନୂଆ ମାଇଲଖୁଣ୍ଟ ହାସଲ କରିଛି। ଏପରିକି ଚଳିତ ବର୍ଷ ନବରାତ୍ରିରୁ ଆରମ୍ଭ ହୋଇଥିବା ଏହି ପାର୍ବଣ ସ୍ୱତନ୍ତ୍ର ବିକ୍ରୟରେ ହିରୋ ମୋଟକର୍ପ ନୂତନ ରେକର୍ଡ ସହ ସଦ୍ୟତମ ଅଦ୍ୟାବଧି ରହିଥିବା ସର୍ବୋଚ୍ଚ ଖୁଚୁରା ବିକ୍ରୟର ନୂଆ ସଫଳତା ଲାଭ କରିଛି।

ଉଲ୍ଲେଖଯୋଗ୍ୟ, ପାର୍ବଣ ବିକ୍ରୟରେ କମ୍ପାନୀ ୧୫.୯୮ ଲକ୍ଷ (୧.୬ ମିଲିୟନ) ରୁ ଅଧିକ ୟୁନିଟ୍ ଗାଡ଼ି ବିକ୍ରୟ ହାସଲ କରିଛି। ଏପରିକି ଗତ ବର୍ଷର ଉତ୍ସବ ଋତୁକାଳୀନ ବିକ୍ରୟ ତୁଳନାରେ ଚଳିତ ବର୍ଷର ବିକ୍ରୟ ପରିମାଣ ପ୍ରାୟ ୧୩% ଅଧିକ ବୋଲି କୁହାଯାଉଛି। ୨୦୨୩-୨୪ ପାର୍ବଣ ବିକ୍ରୟ ଏବଂ ୨୦୨୪-୨୫ ପାର୍ବଣ ବିକ୍ରି ଅଭିବୃଦ୍ଧିର ଏକ ଦୃଷ୍ଟି ଆକର୍ଷଣକାରୀ ପଞ୍ଜିକୃତର ରେକର୍ଡ କମ୍ପାନୀ ହାସଲ କରିଛି।

ସେହିଭଳି ହିରୋ ମୋଟୋକର୍ପ




ଉତ୍ପାଦନର ଏହି ବିଶାଳ ଚାହିଦା ଉଭୟ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ବଜାରରେ ପରିଲକ୍ଷିତ ହୋଇଛି। ଏପରିକି ବ୍ରାଣ୍ଡର ୧୨୫ସିସି ମୋଟରସାଇକେଲ ବିଭାଗରେ ୧୨୫ଆର ଏକ୍ସଟ୍ରିମ ସହିତ ଏହା ଏକ ପ୍ରମୁଖ ବୃଦ୍ଧିର ବାହକ ହୋଇଥିଲାବେଳେ ୧୦୦ସିସି ବିଭାଗ ମଧ୍ୟ କମ୍ପାନୀର ବିକ୍ରୟ କାର୍ଯ୍ୟକଳାପକୁ ଅତି ଦୃଢ଼ ସକାରାତ୍ମକ ଭାବେ ଉପସ୍ଥାପିତ କରିପାରିଛି।

ଏହି ସମୟ ମଧ୍ୟରେ ହିରୋ ମୋଟୋକର୍ପର ଇଲେକ୍ଟ୍ରିକ୍ ଯାନ ଭିଡ଼ା ପ୍ରାୟ ୧୧,୬୦୦ ୟୁନିଟ୍ ଖୁଚୁରା ବିକ୍ରୟର ସଫଳତା ସହ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସ୍ଥାପିତ କରିଛି। ଏପରିକି ଭିଡ଼ା ଯାନର ନେଟ୍‌ୱର୍କ ବର୍ତ୍ତମାନ ପ୍ରସାରିତ ହେବା ସହିତ ହିରୋ ପ୍ରିମିଆ ତଥା ହିରୋ ୨.୦ସମସ୍ତ ଆଉଟଲେଟକୁ ଶକ୍ତିଶାଳୀ କରୁଛି ତଥା ପ୍ରମୁଖ ସହରକୁ ସଂଯୋଗ କରିବା ସହ ଏହି ବୃଦ୍ଧିର ସକାରାତ୍ମକ ଫଳାଫଳକୁ ଆହୁରି ତୀବ୍ର କରିବାର ଯୋଜନା ରଖିଛି। ଆସନ୍ତା ପୋର୍ଟଫୋଲିଓ ପ୍ରସାରଣ ଏହି ବ୍ରାଣ୍ଡର ମିଶ୍ରଣକୁ ନେଇ ଅଧିକ ପ୍ରେରଣାଦାୟକ ପରିସ୍ଥିତି ଆଣିବାକୁ ଯାଉଛି।

ବ୍ରାଣ୍ଡର ଲୋକପ୍ରିୟତାକୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ ହାର୍ଲେ ଡାଭିଡସନ ଏକ୍ସ ୪୪୦ ୨୮୦୦ ରୁ ଅଧିକ ୟୁନିଟ୍ ବିକ୍ରୟର ଏକ ରେକର୍ଡ ସୃଷ୍ଟି କରିଛି। ଚଳିତ ଆର୍ଥିକ ବର୍ଷର ଶେଷ ଭାଗରେ କମ୍ପାନୀ ୧୦୦ରୁ ଅଧିକ ସ୍ଥାନରେ ପ୍ରିମିଆ ନେଟ୍‌ୱର୍କକୁ ଆହୁରି ଅଧିକ ସମ୍ପ୍ରସାରଣ କରିବାର ଲକ୍ଷ୍ୟ ରଖିଥିବାବେଳେ ଏହା ସେହି ଉଚ୍ଚକାଂକ୍ଷୀ ବ୍ରାଣ୍ଡର ଗ୍ରହଣୀୟତାରେ ପହଞ୍ଚାଇବା ପାଇଁ ନିଜ ପ୍ରଚେଷ୍ଟା ବୃଦ୍ଧି କରିବାକୁ ଯାଉଛି।

ଏ ସମ୍ପର୍କରେ ହିରୋ ମୋଟୋକର୍ପର ସିଇଓ ନିରଞ୍ଜନ ଗୁପ୍ତା କହିଛନ୍ତି, କ୍ରମାଗତ ଭାବେ ଦ୍ୱିତୀୟ ବର୍ଷ ପାଇଁ ଆମେ ଆମର ସବୁଠାରୁ ଅଧିକ ପାର୍ବଣ ଖୁଚୁରା ବିକ୍ରୟର ନୂତନ ରେକର୍ଡ ସ୍ଥାପନ କରିଛୁ, ଯାହାକି ଭାରତରେ ହିରୋ ମୋଟୋକର୍ପର ସ୍ଥାନ ସବୁଠାରୁ ଅଧିକ ଲୋକପ୍ରିୟ ବ୍ରାଣ୍ଡ ଭାବେ ଏକ ନୂଆ କୀର୍ତ୍ତିମାନ ହାସଲ କରିଛି। ଏପରିକି ଆମେ ଆମର ଲକ୍ଷାଧିକ ପ୍ରିୟ ଗ୍ରାହକଙ୍କର ବିଶ୍ୱାସଭାଜନର ଦୃଢ଼ତା ପାଇଁ ସେମାନଙ୍କ ପାଖରେ ଚିରଋଣୀ ହୋଇ ରହିବୁ। ଏଠାରେ ଏକ ଉତ୍ତମ ମୁହୂର୍ତ୍ତ ତଥା ବୃଦ୍ଧି ଦେଶର ଅନେକ ଭାଗରେ ଦୃଷ୍ଟିଗୋଚର ହେବା ସହ ଗ୍ରାମାଞ୍ଚଳର ବିକ୍ରୟ ସହରାଞ୍ଚଳ ବିକ୍ରୟର ସମକକ୍ଷ ହୋଇଛି, ଯାହା ଏହି ପାର୍ବଣଋତୁର ଅଧାରୁ ଅଧିକ ସମୟରେ ପରିଲକ୍ଷିତ ହୋଇଛି। ଆମେ ଏଭଳି ଏକ ମୁହୂର୍ତ୍ତକୁ ଆଶା କରିବା ସହିତ ବର୍ଷର ବଳକା ସମୟଗୁଡ଼ିକ ପାଇଁ ଯଥେଷ୍ଟ ଆଶାବାଦୀ ରହିଛୁ।

# ବିଏମ୍‌ଏଫ୍‌ର ନୂତନ ଅଭିଯାନ

**ନୂଆଦିଲ୍ଲୀ,୫।୧୧**

ବନ୍ଧନ ମ୍ୟୁଚୁଆଲ ଫଣ୍ଡ (ବିଏମ୍‌ଏଫ୍)ର ନୂତନ ଅଭିଯାନ 'ବଢ଼ତେ ରହୋ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ନୂଆ ଭିଡିଓ କ୍ୟାମ୍ପେନ ସହ ପାର୍ବଣ ଋତୁରେ ଅଯଥା ଖର୍ଚ୍ଚ ଉପରେ ଏକ ନୂଆ ଆଭିମୁଖ୍ୟକୁ ମଧ୍ୟ ଏହା ଉନ୍ମୋଚନ କରିଛି। ଏହା ଉପଭୋକ୍ତାଙ୍କୁ ଆବେଗପୂର୍ଣ୍ଣ କ୍ରୟ ପରିବର୍ତ୍ତେ ଦାୟିତ୍ୱପୂର୍ଣ୍ଣ ଆର୍ଥିକ ଯୋଜନାକୁ ଚୟନ କରିବା ପାଇଁ ପ୍ରୋତ୍ସାହିତ କରୁଛି। ଏପରିକି ଅନେକ ବ୍ରାଣ୍ଡ ପାର୍ବଣ ଋତୁରେ ଅଧିକ ଲାଭ ହାସଲ କରିବା ଉପରେ ଗୁରୁତ୍ୱ ଦେଉଥିବାବେଳେ ବନ୍ଧନ ମ୍ୟୁଚୁଆଲ ଫଣ୍ଡ୍ ଏକ ଭିନ୍ନ ମାର୍ଗ ଆପଣାଇଛି। ପାର୍ବଣ ପରବର୍ତ୍ତୀ ପ୍ରତିଫଳନଗୁଡ଼ିକୁ ଧ୍ୟାନରେ ରଖିଥିବାବେଳେ ଉପଭୋକ୍ତାମାନେ ପାର୍ବଣ ସେଲ୍ ସମୟରେ କରିଥିବା କ୍ରୟଗୁଡ଼ିକର ପୁନଃ ମୂଲ୍ୟାୟନ କରିଥାନ୍ତି। ବନ୍ଧନ ଏଏମ୍‌ସିର ସିଇଓ ବିଶାଳ କପୁର କହିଛନ୍ତି, ପାର୍ବଣ ଋତୁ ଉପଭୋକ୍ତାକରଣର ଏକ ତରଙ୍ଗ ସହ ଆସିଥାଏ। ଯେଉଁଠାରେ ସେଲ୍ ଓ ରିହାତିଗୁଡ଼ିକ ଅନେକ ସାମଗ୍ରୀକୁ 'ଜରୁରୀ ଓ ନିହାତି ଆବଶ୍ୟକ' ଭଳି ଅନୁଭବ କରାଇଥାନ୍ତି। ଏହା ମାଧ୍ୟମରେ ଆମେ ଉପଭୋକ୍ତାମାନଙ୍କୁ ତତ୍କାଳ ସନ୍ତୁଷ୍ଟୀକରଣ ବାହାରେ ଚିନ୍ତା କରିବା ଏବଂ ନିଜର ଆର୍ଥିକ ବିକଳ୍ପଗୁଡ଼ିକର ପ୍ରଭାବକୁ ବିଚାରକରିବା ପାଇଁ ଅନୁପ୍ରାଣିତ କରିବାକୁ ଲକ୍ଷ୍ୟ ରଖିଛୁ।

# ଅଲ୍ ନ୍ୟୁ ଥାର୍ଡ ଜେନେରେଶନ ହୋଣ୍ଡା ଆମେଜ୍‌ର ଟିଜର ରିଲିଜ

**ନୂଆଦିଲ୍ଲୀ,୫।୧୧**

ହୋଣ୍ଡା କାର୍ସ ଇଣ୍ଡିଆ ଲିମିଟେଡ୍ (ଏଚ୍‌ସିଆଇଏଲ୍)ର ବହୁ ପ୍ରତୀକ୍ଷିତ ଯାନ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଅଲ୍ ନ୍ୟୁ ଥାର୍ଡ ଜେନେରେଶନ ହୋଣ୍ଡା ଆମେଜ୍‌ର ଟିଜର ରିଲିଜ ନିକଟରେ ହୋଇଯାଇଛି। ଏପରିକି ଇନୋଭେଶନ ଆଣ୍ଡ ଷ୍ଟାଇଲିଶ ପ୍ରିମିୟମ କମ୍ପାକ୍ଟ ସେଡାନ ଡିଜାଇନ ସାଙ୍ଗକୁ ଯୁବ ଗ୍ରାହକ ଓ ଆଧୁନିକ ପରିବାର (ମଡର୍ନ ଫ୍ୟାମେଲିଜସ୍)କୁ ଆଖି ଆଗରେ ରଖି ଏହାର ଅୟ ଆରମ୍ଭ ହୋଇଛି। ସେହିଭଳି ଅଲ୍ ନ୍ୟୁ ଥାର୍ଡ ଜେନେରେଶନ ହୋଣ୍ଡା ଆମେଜ୍‌ରେ ଅନେକ ପ୍ରକାର ସୁବିଧା ସାଙ୍ଗକୁ ଆଧୁନିକ ବୈଶିଷ୍ଟ୍ୟଗୁଡ଼ିକ ମଧ୍ୟ ସାମିଲ ରହିଛି।

ଏ ସମ୍ପର୍କରେ ଏଚ୍‌ସିଆଇଏଲ୍‌ର ପ୍ରେସିଡେଣ୍ଟ ତଥା ସିଇଓ ଟାକୁୟା ସୁମୁରା କହିଥିଲେ, ଆମେ ଆମର ଥାର୍ଡ




ଜେନେରେଶନ ହୋଣ୍ଡା ଆମେଜର ଟିଜର ରିଲିଜ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମେ ସବୁବେଳେ ଆମର ଭାରତୀୟ ଗ୍ରାହକଙ୍କ ପାଇଁ ଅତ୍ୟାଧୁନିକ ଓ ବିଳାସମୟ ଗାଡ଼ିବା ମଡେଲ ଆଣିବାକୁ ପସନ୍ଦ କରିଥାଉ। ଏହି ୩ୟ ପିଢ଼ିର ଯାନ ସବୁ ବର୍ଗର ଗ୍ରାହକଙ୍କ ମନକୁ ଛୁଇଁବ ଏବଂ ଯୁବ ବର୍ଗ ଓ ଆଧୁନିକ ପରିବାର ଲୋକଙ୍କ ପାଇଁ ଏହା ବେଶ୍ ଆରାମଦାୟକ ଓ ବିଳାସପୂର୍ଣ୍ଣ ହେବ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ଶେୟାର ବଜାର କାରବାରରେ ଉତ୍ସାହ

**ମୁମ୍ବାଇ,୫।୧୧**

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇପାରିଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୬୯୪ (୬୯୪.୩୯) ପଏଣ୍ଟ ବଢ଼ି ୭୯,୪୭୭ (୭୯,୪୭୬.୬୩) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ପ୍ରାୟ ୨୧୮ (୨୧୭.୯୫) ପଏଣ୍ଟ ବୃଦ୍ଧି ଘଟି ୨୪,୨୧୩ (୨୪,୨୧୩.୩୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।

# ରିଲାଏନ୍ସ ଜିଓ ବିଶ୍ୱର ସର୍ବବୃହତ୍ ନେଟ୍‌ୱର୍କ

**ମୁମ୍ବାଇ,୫।୧୧**

ଦେଶର ପ୍ରମୁଖ ଟେଲିକମ କମ୍ପାନୀ ରିଲାଏନ୍ସ ଜିଓ ବିଶ୍ୱର ସର୍ବବୃହତ ନେଟୱର୍କ ଭାବେ ପରିଗଣିତ ହୋଇଛି। ଏପରିକି ଡାଟା ଟ୍ରାଫିକ୍ ଦୃଷ୍ଟିରୁ ରିଲାଏନ୍ସ ଜିଓ ବିଶ୍ୱର ସର୍ବବୃହତ ନେଟୱର୍କ ହୋଇ ରହିଛି। ୨୦୨୪ ଜାନୁଆରୀରୁ ସେପ୍ଟେମ୍ବର ମଧ୍ୟରେ ବ୍ୟବହୃତ ହୋଇଥିବା ଡାଟା ଅନୁଯାୟୀ ଏହି ସଫଳତା ହାସଲ କରିଛି, ଏପରିକି ୨୦୨୪ ବର୍ଷର ପ୍ରଥମ ତିନୋଟି ତ୍ରୈମାସର ତଥ୍ୟ ଅନୁଯାୟୀ ରିଲାଏନ୍ସ ଜିଓ ଚାଇନା କମ୍ପାନୀ ମୋବାଇଲ୍‌ଠାରୁ କ୍ରମାଗତ ଭାବେ ଆଗରେ ରହିଛି। ଅପରପକ୍ଷରେ ବିଶ୍ୱ ଦୂରସଞ୍ଚାର କ୍ଷେତ୍ରର ଅନୁଶୀଳନକାରୀ କମ୍ପାନୀ ଟେଫିସିଏଣ୍ଟର ସୂଚନା ଅନୁଯାୟୀ ଜିଓ ଏବଂ ଚାଇନା ମୋବାଇଲ୍ ପରେ ଅନ୍ୟ ଏକ ଚାଇନା କମ୍ପାନୀ ଚାଇନା ଟେଲିକମ୍ ଡାଟା ଟ୍ରାଫିକରେ ତୃତୀୟ ସ୍ଥାନରେ ଥିବାବେଳେ ଭାରତୀୟ ଟେଲିକମ କମ୍ପାନୀ ଏୟାରଟେଲ ଚତୁର୍ଥ ସ୍ଥାନରେ ରହିଛି। ଏପରିକି ଭାରତୀୟ ମୋବାଇଲ କମ୍ପାନୀ ଭୋଡା-ଆଇଡିଆ ମଧ୍ୟ ଏହି ସୂଚୀର ଷଷ୍ଠ ସ୍ଥାନରେ ସାମିଲ ହୋଇଛନ୍ତି।

ସେହିଭଳି ଟେଫିସିଏଣ୍ଟ ତା'ର ସୋସିଆଲ ମିଡିଆ ପ୍ଲାଟଫର୍ମ (ଟୁଇଟ)ରେ ଉଲ୍ଲେଖ କରିଛି, ଚାଇନା କମ୍ପାନୀ ଚାଇନା ମୋବାଇଲ୍ ସମ୍ଭବତଃ ନିଜର ପ୍ରଭାବ ହରାଇଛି। ଏପରିକି ଚାଇନା ମୋବାଇଲରେ ବାର୍ଷିକ ଅଭିବୃଦ୍ଧି ମାତ୍ର ୨% ହୋଇଥିବାବେଳେ




ଜିଓ ଏବଂ ଚାଇନା ଟେଲିକମରେ ପ୍ରାୟ ୨୪% ଏବଂ ଏୟାରଟେଲରେ ୨୩% ଅଭିବୃଦ୍ଧି ଘଟିଛି। ସେହିପରି ୫ଜି ନେଟୱର୍କର ଦୃଢ଼ ଉପସ୍ଥିତି ପାଇଁ ଭାରତୀୟ କମ୍ପାନୀଗୁଡ଼ିକର ଡାଟା ଟ୍ରାଫିକ୍ ବୃଦ୍ଧି ପାଇଥିବା ଟେଫିସିଏଣ୍ଟ ବିସ୍ତୃତ ଭାବେ ତା'ର ସୋସିଆଲ ମିଡିଆ ପ୍ଲାଟଫର୍ମରେ ଦର୍ଶାଇଛି। ଏଥିସହିତ ୫ଜି ଚାଇନାର ଡାଟା ଟ୍ରାଫିକ ଉପରେ ଭାରତ ଭଳି ପ୍ରଭାବ ପକାଇ ପାରିନାହିଁ।

ସେହିପରି ୫ଜି ଏବଂ ଘରୋଇ ବ୍ରଡବ୍ୟାଣ୍ଡ ପାଇଁ ରହିଥିବା ପ୍ରବଳ ଚାହିଦା ଯୋଗୁ ଜିଓ ବିଶ୍ୱରେ ଡାଟା ଟ୍ରାଫିକ୍ ଦୃଷ୍ଟିରୁ ଏକ ନମ୍ବର ହେବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏପରିକି ଗତ ତିନି ବର୍ଷ ମଧ୍ୟରେ ଜିଓ ଅନେକ ସଫଳତା ହାସଲ କରିଛି। ଜିଓ ନେଟୱର୍କରେ ଡାଟା ଟ୍ରାଫିକ୍ ପ୍ରାୟ ଦ୍ୱିଗୁଣିତ ହୋଇଛି, ବର୍ତ୍ତମାନ ଜିଓ ୫ଜି ନେଟୱର୍କରେ ପ୍ରାୟ ୧୪ କୋଟି ୮୦ ଲକ୍ଷ ଗ୍ରାହକ ଯୋଡ଼ି ହୋଇଛନ୍ତି। ଜିଓ ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁଯାୟୀ ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୟମାସରେ ଜିଓର ମୋଟ ଡାଟା ଟ୍ରାଫିକ୍ ୪୫ ଏକ୍ସାବାଇଟ୍ ଅତିକ୍ରମ କରିଛି।

# Classified Everyday 0674-2580101, 2549949



MATRIMONIAL

**BRIDE WANTED**

ଚାକିରୀ କରି ଏକାକୀ ରହୁଥିବା 49 ବୟସ ଖଣ୍ଡାୟତ (Divorcee) ପୁଅ ପାଇଁ ଯେକୌଣସି ଜାତିର 30-45Yrs ଝିଅ ଆବଶ୍ୟକ। Candidate- 9861141891. D-1826

ଭୁବନେଶ୍ୱରରେ ରହୁଥିବା ବରପାତ୍ର ପାଇଁ ଅସହାୟ, ଶିକ୍ଷିତ, ସୁନ୍ଦର (Divorcee/Widow) Caste no bar, age above 40 ବରପାତ୍ରୀ ଆବଶ୍ୟକ। Mob- 9114932201. D-1834

Handsome Karan Boy 1995, 5'10", B.Tech, Serving Manager SBI Bhubaneswar. "SUNASANSAR". 9937512659, 8249969649. D-1856

**GROOM WANTED**

ବାଙ୍ଗାଲୋରରେ ସଫଟ୍‌ୱେୟାର୍ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିବା ୩୯ ବର୍ଷ କୈବର୍ତ୍ତ୍ୟ ତରୁଣୀଙ୍କ ପାଇଁ ଭୁବନେଶ୍ୱରରେ ସରକାରୀ କିମ୍ବା ବେସରକାରୀ ସଂସ୍ଥାରେ କାର୍ଯ୍ୟ କରୁଥିବା ଯୋଗ୍ୟ କରଣ ପ୍ରାର୍ଥୀ ଆବଶ୍ୟକ। ଯୋଗାଯୋଗ- 9439308544. D-1847

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



**REAL ESTATE SALE**

ଭୁବନେଶ୍ୱର, ଜଟଣୀଗେଟ୍ ପାଖରେ sqft.-350/- ପ୍ଲଟ୍ ବିକ୍ରିହେବ। (1200sqft.-4,20,000/-). 9776974912. D-76209

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 8328857872, 8895816302.** D-1849

ନଖରା ଗ୍ରାଣ୍ଡବଜାର ବିଶ୍ୱାଳପଡ଼ାରେ ଘରବାଡ଼ି ଜମି ପାଚେରି ସହିତ ମିଳୁଛି। ଯୋଗାଯୋଗ- 8847830306, 8984999772. D-71077

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9778832554, 9437226965.** D-1850




Furnished shop for rent, 220sqft. @ 9-10,000/- at BDA Market Complex, Brahmeswarpatna, Tankapani Rd. BBSR. 9937211090. D-76028




Newly open health benefits spa by expert therapist. Contact- 6371861658. D-76165

Newly open health benefits spa special offer @799 Bapujinagar. 8018429809 D-76167

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-1852

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By virtue of an affidavit sworn before A. K. Das, Executive Magistrate, Khordha vide affidavit No.- 1966, dtd.18.10.2024, I, Fagu Samantray, S/o- Late Buddhi Samantray of Vill- Somanathpur, P.O.- Dadhimachagadia, P.S.- Khordha Sadar, Dist.- Khordha, PIN-752056, decly that after my marriage as elector son I have been known as Ashok Kumar Gajendra, S/o- Benudhara Gajendra of Vill- Somanathpur, P.O.- Dadhimachagadia, P.S.- Khordha Sadar, Dist.- Khordha, PIN- 752056 hence worth Fagu Samantray, S/o- Buddhi Samantray of Vill./ P.O.- Goda and Ashok Kumar Gajendra, S/o- Benudhar Gajendra is one and same person for all purpose. D-73561

**ମନେ ପଡ଼ନ୍ତି**

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ କୁମାରେଶ ସାମଲ**

୧୩୨- ବାପୁଜୀ ନଗର, ଭୁବନେଶ୍ୱର
ଆବିର୍ଭାବ :୧୪।୦୭।୧୯୪୭
ତିରୋଧାନ: ୦୩।୧୧।୨୦୦୮
ତୁମର ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ସ୍ନେହ, ଶ୍ରଦ୍ଧା ଓ ଦୟାଭାବ ଆମର ଚିର ପାଥେୟ ହେଉ । ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କଠାରେ ପ୍ରାର୍ଥନା କରୁଛୁ ।
**ଶୋକସନ୍ତପ୍ତ ପରିବାରବର୍ଗ**
ଧ-୧୮୪୬

# ଆଳୁ ବିହନ ଚୟନ



**କୁ**ଫ୍ରି ଜ୍ୟୋତି, କୁଫ୍ରି ସୂର୍ଯ୍ୟ, କୁଫ୍ରି ଖ୍ୟାତି, ଚିପ୍‌ସୋନା-୩, କୁଫ୍ରି ବାଦଶାହା, କୁଫ୍ରି ଅଶୋକା, କୁଫ୍ରି ଲାଲିମା, କୁଫ୍ରି ସିନ୍ଦୂରୀ କିସମ ୨-୩ ଆଖି ବିଶିଷ୍ଟ ୨୦-୨୫ ଗ୍ରାମ୍ ଓଜନ କଟା କିମ୍ବା ୨.୫ ସେ.ମି. ବ୍ୟାସ ବିଶିଷ୍ଟ ଗୋଟା ଆଳୁ ହେକ୍ଟର ପ୍ରତି ୨୦ କୁଇଣ୍ଟାଲ ଆଳୁ ବିହନ ବ୍ୟବହାର କରନ୍ତୁ । ୦.୩% ମାନ୍‌କୋଜେବ୍‌ରେ ବିହନ ଆଳୁକୁ ବିଶୋଧନକରି ମୂଳସାର ହେକ୍ଟର ପ୍ରତି ୯୦:୮୦:୧୦୦ କି.ଗ୍ରା. ଯବକ୍ଷାଜାନ, ଫସ୍‌ଫରସ୍ ଓ ପଟାସ୍ ସାର ପ୍ରୟୋଗକରି ୪୫-୬୦ ସେ.ମି. x ୧୫-୨୦ ସେ.ମି. ବ୍ୟବଧାନରେ ଲଗାନ୍ତୁ ।

# ଅଧିକ ଅମଳକ୍ଷମ ଆଖୁ



**ଉ**ନ୍ନତ କିସମର ଆଖୁ ବିହନ ଯଥା- ସବିତା, ନୀଳମାଧବ, ନୟନା, ବିଶ୍ୱାମିତ୍ର, ଉତ୍ତରା ଭବାନୀ, ରଘୁନାଥ, ନୀଳଚକ୍ର, ଚର୍ଚ୍ଚିକା ଆଦି ସଂଗ୍ରହ କରନ୍ତୁ । ଜମିରେ ପାଣି ରହୁଥିଲେ ଏହାର ନିଷ୍କାସନ ବ୍ୟବସ୍ଥା ଗ୍ରହଣ କରନ୍ତୁ। ପତ୍ରଡିଆଁ/ଧଳାମାଛି ଆକ୍ରମଣ ଦେଖାଗଲେ ୩ ଲିଟର ପାଣିରେ ୧ ଗ୍ରାମ୍ ଥାୟାମେଥୋକ୍ସାମ୍ ଗୋଳାଇ ସିଞ୍ଚନ କରନ୍ତୁ । ନାଲି ଶଢ଼ାରୋଗ ଆକ୍ରମଣକଲେ କାର୍ବେଣ୍ଡାଜିମ୍ (୧୨%) ସହିତ ମାଙ୍କୋଜେବ୍ (୬୩%) ଡବ୍ଲ୍ୟୁପି ମିଶ୍ରିତ ଫିମ୍ପିନାଶକ ଔଷଧ ୨ ଗ୍ରାମ୍‌କୁ ୧ ଲିଟର ପାଣିରେ ଗୋଳାଇ ଆକ୍ରାନ୍ତ ଗଛର ମୂଳ ମାଟିକୁ ଭିଜାନ୍ତୁ ।

# ଉପକାରୀ ପ୍ରାଣୀଜଗତ



ଡା. ବୀରକିଶୋର ପରିଡ଼ା

**ମ**ଣିଷମାନଙ୍କ ପରି ପ୍ରାଣୀମାନଙ୍କର ବଞ୍ଚିବା ପାଇଁ ମଧ୍ୟ ମୌଳିକ ଅଧିକାର ରହିଛି । ପୃଥିବୀର ସନ୍ତୁଳନ ରକ୍ଷା କରିବାରେ ପ୍ରାଣୀମାନଙ୍କର ଯେପରି ଭୂମିକା ରହିଛି, ମନୁଷ୍ୟମାନଙ୍କ ବଞ୍ଚିବା ପାଇଁ ମଧ୍ୟ ପ୍ରାଣୀମାନଙ୍କର ଅବଦାନ ସେହିପରି ରହିଆସିଛି । ଆମେ ସମସ୍ତେ ଏହି ପ୍ରାଣୀମାନଙ୍କ ପ୍ରତି ସଦୟ ହୋଇ ସେମାନଙ୍କ ଖାଦ୍ୟପେୟ, ଚିକିତ୍ସା ଓ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ୍ ହେବା ଦରକାର । କେଉଁ ଆବହନ କାଳରୁ ମନୁଷ୍ୟ ଓ ପଶୁପକ୍ଷୀ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ଓ ପରସ୍ପର ନିର୍ଭରଶୀଳ । କୃଷି ପ୍ରଧାନ ଆମ ରାଜ୍ୟ ବା ଦେଶରେ ପଶୁପକ୍ଷୀମାନଙ୍କର ସମାଜ ପ୍ରତି ଦାନ ଅତୁଳନୀୟ । ଏହି ପଶୁପକ୍ଷୀ ବା ପ୍ରାଣୀମାନେ ବିଭିନ୍ନ କୃଷିଜାତ ବର୍ଜ୍ୟବସ୍ତୁ ବା ଅଦରକାରୀ ପଦାର୍ଥକୁ ଖାଦ୍ୟ ରୂପେ ବ୍ୟବହାରକରି ଆମକୁ ପରୋକ୍ଷରେ ବିଭିନ୍ନ ପ୍ରାଣିଜ ପୁଷ୍ଟିସାର ଯଥା: ଦୁଗ୍ଧ, ମାଂସ, ଅଣ୍ଡା ଆଦି ପ୍ରଦାନ କରିବା ସହ ପୁଷ୍ଟିହୀନତା ଦୂରକରିଥାନ୍ତି। ସେମାନଙ୍କଠାରୁ ନିର୍ଗତ ବର୍ଜ୍ୟବସ୍ତୁ ଯଥା- ମଳ, ମୂତ୍ର ଆଦି ଜୈବିକ ଖାଦ୍ୟ ରୂପେ ଭୂମିର ଉର୍ବରତା ବୃଦ୍ଧି କରିବା ସଙ୍ଗେ ସଙ୍ଗେ ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧିରେ ସହାୟକ ହୋଇଥାଏ। ଏତଦ୍ ବ୍ୟତୀତ ବିଭିନ୍ନ ପଶୁପକ୍ଷୀ ଯଥା: ବିଲୁଆ, କୁକୁର, ଶାଗୁଣା, କାଉ ଆଦି ପ୍ରାଣୀ ପରିତ୍ୟକ୍ତ ମୃତ ଶରୀର ବା ବର୍ଜ୍ୟବସ୍ତୁକୁ ଖାଦ୍ୟ ରୂପେ ଗ୍ରହଣ କରିବା ସାଙ୍ଗକୁ ପରିବେଶ ସନ୍ତୁଳନ ରକ୍ଷା କରିଥାନ୍ତି। ଜଙ୍ଗଲରେ ଥିବା ବିଭିନ୍ନ ବନ୍ୟପ୍ରାଣୀ ଜଙ୍ଗଲଜାତ ଫଳମୂଳ ବା ମଞ୍ଜି ଖାଇବା ଦ୍ୱାରା ସେମାନଙ୍କ ପାକସ୍ଥଳୀରେ ହରିଡ଼ା, ବାହାଡ଼ା, ଅଁଳା, ଶାଳ ଗଛ ଆଦିର ମଞ୍ଜି ସବୁ ଜୈବ ରାସାୟନିକ ପ୍ରକ୍ରିୟାରେ ପରିବର୍ତ୍ତିତ ହୋଇ ମଳ ଦ୍ୱାରା ବାହାରେ ପଡ଼େ ଏବଂ ମଞ୍ଜିର ଏଭଳି ରାସାୟନିକ ଚିକିତ୍ସା ଫଳରେ ମାଟିରେ ସେଗୁଡ଼ିକ ସହଜରେ ଅଙ୍କୁରୋଦ୍‌ଗମ ହୋଇ ନୂତନ ଗଛ ବା ଜଙ୍ଗଲ ସୃଷ୍ଟି କରିବାରେ ସହାୟକ ହୁଏ । ଏହାଛଡ଼ା ଏହି ପଶୁପକ୍ଷୀମାନେ ଆମର ପରିବହନ କାର୍ଯ୍ୟରେ ନିୟୋଜିତ ହେବା ସହ ଆମକୁ ଆମୋଦ ପ୍ରମୋଦ ପ୍ରଦାନ କରିଥାଆନ୍ତି। ଖାଲି ସେତିକି ନୁହେଁ, ଆମେ ଘରେ ପାଳିଥିବା ବିଭିନ୍ନ ପୋଷା କୁକୁର, ବିରାଡ଼ି ବା ପକ୍ଷୀ ଆଦି ଆମର ମାନସିକ ଶାନ୍ତି ପ୍ରଦାନରେ ସହାୟକ ହେବା ସହ ସ୍ନେହ, ଶ୍ରଦ୍ଧା, ଶୃଙ୍ଖଳା ଭାବ ମନରେ ଉଦ୍ରେକ କରନ୍ତି । ଗାଈମାନେ ବଞ୍ଚିଥିବା ଅବସ୍ଥାରେ ଦ୍ୱିତୀୟ ମା' ଭାବରେ ଆମକୁ ଦୁଗ୍ଧ ଦେଇ ପ୍ରତିପୋଷଣ କରୁଥିବା ବେଳେ ଆମେ ଏହି ଦୁଗ୍ଧରୁ ବିଭିନ୍ନ ଦୁଗ୍ଧଜାତ ଦ୍ରବ୍ୟ ଯଥା- ଦହି, ଛେନା, ଘିଅ, ପନିର ସହ ପଞ୍ଚାମୃତ, ପଞ୍ଚଗବ୍ୟ ଭଳି ଅମୂଲ୍ୟ ପଦାର୍ଥ ପାଇଥାଉ। ଗୋରୁ ମରିଗଲା ପରେ ମଧ୍ୟ ମାନବ ସମାଜକୁ ସମାଧି ଖତ, ଶିଙ୍ଗଖତ, ହାଡ଼ରୁ ପ୍ରସ୍ତୁତ ସାର ଓ ତା'ର ଚମଡ଼ାକୁ ଜୋତା ବା ବାଦ୍ୟଯନ୍ତ୍ରରେ ବ୍ୟବହାର କରାଯାଏ। ତେଣୁ ଗୋମାତା କେବେ କାହାର ଋଣ ରଖେ ନାହିଁ।

ମନୁଷ୍ୟ ସମାଜରେ ଗୋମାତାର ଦାନ ଅତୁଳନୀୟ । ମନୁଷ୍ୟ ଜୀବନ ଓ ଜୀବିକା ସହ ଗୋମାତା ଓତପ୍ରୋତ ଭାବେ ଜଡ଼ିତ । ସମଗ୍ର ରାଜ୍ୟବାସୀ ଗୋସମ୍ପଦକୁ ଗୋମାତା ରୂପେ ପୂଜା କରିଥାଆନ୍ତି। ଗୋମାତା ହେଉଛି ଆମ ସ୍ୱାସ୍ଥ୍ୟର ଆଧାର, ମୋକ୍ଷର ଆଧାର ଓ ଆର୍ଥିକ ସମୃଦ୍ଧିର ମୁଖ୍ୟସ୍ରୋତ ଏବଂ ସର୍ବୋପରି ସୁଖ ସମୃଦ୍ଧିର ପ୍ରତୀକ। ଗୋମାତା ହେଉଛି ଐଶ୍ୱରିକ ଚେତନାର ଶ୍ରେଷ୍ଠ ନିଦର୍ଶନ । ଏହା ପ୍ରକୃତିର ୫ଟି ମୌଳିକ ଉପାଦାନକୁ ରୂପାନ୍ତରିତ କରିଥାଏ । ତାହା ହେଲା :

**ପରିବର୍ତ୍ତନ କଳାର ପ୍ରତୀକ:** କୃଷିଜାତ ବର୍ଜ୍ୟ ପଦାର୍ଥ ଯଥା - ତନ୍ତୁଜାତୀୟ ଶସ୍ୟ ବା ଘାସକୁ କ୍ଷୀରରେ ରୂପାନ୍ତରିତ ବା ପରିବର୍ତ୍ତନ କରିବାର କଳାକୌଶଳ ଗୋମାତା ଠାରେ ନିହିତ ।

**ଧୈର୍ଯ୍ୟ କଳାର ପ୍ରତୀକ :** ଗୋମାତାଠାରୁ ତା'ର କଅଁଳା ବାଛୁରୀକୁ ଛଡ଼ାଇ ନେଲା ପରେ ମଧ୍ୟ ଗୋମାତା ଆମକୁ ଅନବରତ କ୍ଷୀର ଦେଇ ପ୍ରତିପୋଷଣ କରେ ।

> "ଜୀବେ ନିଷ୍ଠୁରତା କହିଲେ କେତେକ କାର୍ଯ୍ୟକଳାପକୁ ହିଁ ବୁଝାଇଥାଏ ଯଥା: ବାଡ଼େଇବା, ଗୋଇଠା ମାରିବା, ଅଧିକ ଜିନିଷ କଲଦିଦେବା, ରୋଗଗ୍ରସ୍ତ ସମୟରେ କାମ କରାଇବା, ରୋଗ ନ ଥାଇ ଉଦ୍ଦେଶ୍ୟମୂଳକ ଭାବେ କୌଣସି କ୍ଷତିକାରକ ଔଷଧ ଦେବା, ପଶୁଙ୍କୁ ମୋଟା ଲୁହାକଡ଼ିରେ ବାନ୍ଧି କଷ୍ଟଦେବା, ପଶୁଙ୍କୁ ଘରେ ରଖି ଠିକ୍ ଭାବେ ଖାଦ୍ୟ ପାନୀୟ ନ ଦେବା, ପଶୁପକ୍ଷୀଙ୍କୁ ଉପଯୁକ୍ତ ଆୟତନରେ ନ ରଖିବା, ପଶୁଙ୍କ ବୃଦ୍ଧାବସ୍ଥାରେ ବା ଅତ୍ୟଧିକ ରୋଗଗ୍ରସ୍ତ ବେଳେ ଘରୁ ବାହାର କରିଦେବା, କୁକୁଡ଼ା ଲଢ଼େଇ କରିବା, ପଶୁଙ୍କ ଲାଞ୍ଜ କିମ୍ବା କାନକୁ ଟାଣିବା । ତେଣୁ ପଶୁପକ୍ଷୀଙ୍କ ପ୍ରତି ଏସବୁ ନିଷ୍ଠୁରତା ପ୍ରଦର୍ଶନ ନ କରିବାକୁ ଜୀବେ ନିଷ୍ଠୁରତା ନିରୋଧ ଆଇନ-୧୯୬୦ ଆକ୍ଟ-୫୯ରେ ଆମ ସମ୍ବିଧାନରେ ଦଣ୍ଡବିଧାନ ରହିଛି । "



**ସହିଷ୍ଣୁତା, ବିଶ୍ୱସ୍ତତା, ଆନ୍ତରିକତା, ଅକପଟତା, ଆଜ୍ଞାନୁବର୍ତ୍ତିତାର ପ୍ରତୀକ :** ବଳଦ ତା'ର କାନ୍ଧରେ ସକଳ କୃଷିକାର୍ଯ୍ୟ କରିବା ସହ ପରିବହନ କାର୍ଯ୍ୟରେ ସାହାଯ୍ୟ କରେ ।

**ଆବେଗର ପ୍ରତୀକ :** ଗୋମାତା ତା'ର ବାଛୁରୀ ଓ ମାଲିକକୁ ଅସାଧାରଣ ଭାବେ ଭଲ ପାଏ ।

**ବିଷରୁ ଅମୃତକୁ ରୂପାୟନ କରିବାର ପ୍ରତୀକ :** ମାନବ ପାଇଁ କ୍ଷତିକାରକ ବିଷ ପଦାର୍ଥକୁ ଅମୃତ ରସ ବା ଗୋରସକୁ ରୂପାନ୍ତରିତ କରିବାର ପ୍ରୟାସ ।ଜୀବେ ନିଷ୍ଠୁରତା କହିଲେ କେତେକ କାର୍ଯ୍ୟକଳାପକୁ ହିଁ ବୁଝାଇଥାଏ। ଯଥା: ବାଡ଼େଇବା, ଗୋଇଠା ମାରିବା, ଅଧିକ ଜିନିଷ ଲଦିଦେବା, ରୋଗଗ୍ରସ୍ତ ସମୟରେ କାମ କରାଇବା, ରୋଗ ନ ଥାଇ ଉଦ୍ଦେଶ୍ୟମୂଳକ ଭାବେ କୌଣସି କ୍ଷତିକାରକ ଔଷଧ ଦେବା, ପଶୁଙ୍କୁ ମୋଟା ଲୁହାକଡ଼ିରେ ବାନ୍ଧି କଷ୍ଟଦେବା, ପଶୁଙ୍କୁ ଘରେ ରଖି ଠିକ୍ ଭାବେ ଖାଦ୍ୟ ପାନୀୟ ନ ଦେବା, ପଶୁପକ୍ଷୀଙ୍କୁ ଉପଯୁକ୍ତ ଆୟତନରେ ନ ରଖିବା, ପଶୁଙ୍କ ବୃଦ୍ଧାବସ୍ଥାରେ ବା ଅତ୍ୟଧିକ ରୋଗଗ୍ରସ୍ତ ବେଳେ ଘରୁ ବାହାର କରିଦେବା, କୁକୁଡ଼ା ଲଢ଼େଇ କରିବା, ପଶୁଙ୍କ ଲାଞ୍ଜ କିମ୍ବା କାନକୁ ଟାଣିବା । ତେଣୁ ପଶୁପକ୍ଷୀଙ୍କ ପ୍ରତି ଏସବୁ ନିଷ୍ଠୁରତା ପ୍ରଦର୍ଶନ ନ କରିବାକୁ ଜୀବେ ନିଷ୍ଠୁରତା ନିରୋଧ ଆଇନ-୧୯୬୦ ଆକ୍ଟ-୫୯ରେ ଆମ ସମ୍ବିଧାନରେ ଦଣ୍ଡବିଧାନ ରହିଛି । ଆମ ରାଜ୍ୟରେ ବ୍ୟାପକ ଗୋଚାଲାଣ ଯୋଗୁ ବିକାଶଧାରାରେ ବାଧକ ସୃଷ୍ଟି ହେଉଛି। ଗୋଚାଲାଣ ବେଳେ ସେମାନଙ୍କ ପ୍ରତି ନିଷ୍ଠୁର ଆଚରଣ ଏବଂ ଗାଡ଼ିରେ ଆବଶ୍ୟକତାଠାରୁ ଅଧିକ ଗୋରୁ ପରିବହନ ଆଜି ରାଜ୍ୟର ମୁଖ୍ୟ ସମସ୍ୟା ଭାବେ ଦେଖା ଦେଇଛି । ଗୋଚାଲାଣ ବନ୍ଦ କରିବା ପାଇଁ ସବୁ ସ୍ତରରେ ନିରନ୍ତର ପ୍ରୟାସ ଜାରି ରଖିବା ଉଚିତ । ଆମ ଦେଶରେ ପଶୁପକ୍ଷୀଙ୍କ ସୁରକ୍ଷା ଓ ସେମାନଙ୍କ ପ୍ରତି ନିଷ୍ଠୁରତା ପରିହାର ପାଇଁ ଅନେକ ଆଇନର ବ୍ୟବସ୍ଥା ଅଛି। ଏସବୁ ନିୟମ ବା ଆଇନ ଆଦି ମାନିବା ଉଚିତ।

ବିଶ୍ୱର ସନ୍ତୁଳନ ରକ୍ଷାକରିବା ସହ ମାନବ ସମାଜରେ ପ୍ରାଣୀମାନଙ୍କର ଅବଦାନ ବିଶେଷ ରହିଥିବାରୁ ସମସ୍ତ ପ୍ରାଣୀଙ୍କର ସୁରକ୍ଷା ପ୍ରଦାନ ସହ ସେମାନଙ୍କର ଯତ୍ନନେବା ଆବଶ୍ୟକ । କାରଣ ପ୍ରାଣୀ ବଞ୍ଚିଲେ ସୁସ୍ଥ ପରିବେଶ ସୃଷ୍ଟିହେବା ସହ ସୁସ୍ଥ ମାନବ ସମାଜ ଗଠନ ହୋଇପାରିବ । ତେଣୁ ଭଗବାନଙ୍କ ସୃଷ୍ଟିରେ ମନୁଷ୍ୟ ବଞ୍ଚିବା ପାଇଁ ଯେଭଳି ମୌଳିକ ଅଧିକାର ରହିଛି, ସେହିଭଳି ପଶୁପକ୍ଷୀମାନଙ୍କ ବଞ୍ଚିବା ପାଇଁ ମଧ୍ୟ ସେଭଳି ଅଧିକାର ରହିଛି । ପ୍ରାଣୀମାନଙ୍କ ବାସସ୍ଥାନ, ସୁଷମ ଖାଦ୍ୟ, ଉତ୍ତମ ପ୍ରଜନନ ବ୍ୟବସ୍ଥା, ଲାଳନପାଳନରେ ଯତ୍ନ ଏବଂ ରୋଗ ନିୟନ୍ତ୍ରଣ ପାଇଁ ପ୍ରତିଷେଧକ ବ୍ୟବସ୍ଥା ଆଦି ଗ୍ରହଣ କରାଗଲେ ସେମାନଙ୍କର ଜୀବନଶୈଳୀରେ ଉନ୍ନତି ଘଟିପାରିବ ।

-ପ୍ରାକ୍ତନ ଅତିରିକ୍ତ ନିର୍ଦ୍ଦେଶକ
(ପ୍ରାଣୀ ସମ୍ପଦ ବିକାଶ) ତଥା ସହକାରୀ
ଅଧ୍ୟାପକ, ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ
ପାଳନ ପ୍ରତିଷ୍ଠାନ,
ସୋଆ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ : ୯୪୩୭୬୦୭୩୧୨

# ଗହମ ବୁଣିବା ପୂର୍ବରୁ...

**ସା**ଧାରଣ ଭାବେ ନଡ଼ିଆତେଲ ବସିବା ଆରମ୍ଭକଲେ ଗହମ ବୁଣା ଆରମ୍ଭ କରାଯାଏ। ନଭେମ୍ବର ଦ୍ୱିତୀୟ ପକ୍ଷ ଗହମ ବୁଣିବା ପାଇଁ ଉପଯୁକ୍ତ। କିନ୍ତୁ ଆଭ୍ୟନ୍ତରୀଣ ଜିଲା ଗୁଡ଼ିକରେ ବିଳମ୍ବରେ ଗହମ ବୁଣାଯାଇପାରିବ। ଗହମ ଚାଷ ପାଇଁ ଜମି ପ୍ରସ୍ତୁତି କରନ୍ତୁ ଓ ଆବଶ୍ୟକ ଅନୁମୋଦିତ ବିହନ ଯଥା - ସୋନାଲିକା, ପିବିଡବ୍ଲ୍ୟୁ-୩୪୩, ପିବିଡବ୍ଲ୍ୟୁ-୪୪୩, ୟୁପି-୨୬୨, ଏଚ୍‌ଡି-୨୨୮୫ ଆଦି ବିହନ ସଂଗ୍ରହ କରନ୍ତୁ । ହେକ୍ଟର ପ୍ରତି ୧୨୫ କି.ଗ୍ରା. ବିହନକୁ କାର୍ବେଣ୍ଡାଜିମ୍ (କେ.ଜି. ପ୍ରତି ୨ ଗ୍ରାମ୍) ଦ୍ୱାରା ବିଶୋଧିତକରି ଧାଡ଼ିକୁ ଧାଡ଼ି ୨୦ ସେ.ମି. ବ୍ୟବଧାନରେ ୮୦:୫୦:୪୦ କି.ଗ୍ରା. ଅନୁମୋଦିତ ସାରର ଅଧା ଯବକ୍ଷାରଜାନ ଏବଂ ସମସ୍ତ ଫସ୍‌ଫରସ୍ ଓ ପଟାସ୍ ପ୍ରୟୋଗକରି ବୁଣନ୍ତୁ। ଘାସ ନିୟନ୍ତ୍ରଣ ପାଇଁ ପେଣ୍ଡିମେଥାଲିନ୍ ହେକ୍ଟର ପିଛା ୧ କି.ଗ୍ରା. (୧ହେକ୍ଟର ପାଇଁ ୩୩୩୦ ମି.ଲି. ଷ୍ଟମ୍ପ୍ ୩୦ ଇ.ସି.) ହିସାବରେ ୧-୨ ଦିନ ମଧ୍ୟରେ ପ୍ରୟୋଗ କରନ୍ତୁ ।



# କୁକୁଡ଼ା ପାଳନ

**ଗାଁ**ଗହଳିର ବାଡ଼ିବଗିଚାରେ ମାଂସ ଓ ଅଣ୍ଡା ପାଇଁ ବନରାଜା, ଗ୍ରାମପ୍ରିୟ ଓ ପଲ୍ଲୀରାଜା ପ୍ରଜାତିର କୁକୁଡ଼ା ପାଳନ କରନ୍ତୁ । ବନରାଜା ବର୍ଷକୁ ୧୫୦ଟି ଅଣ୍ଡା ଦେବା ସହିତ ୨୦ ସପ୍ତାହରେ ଏହାର ଓଜନ ୨ ରୁ ୨.୫ କେ.ଜି. ହୋଇଥାଏ । ଗ୍ରାମପ୍ରିୟ ବର୍ଷକୁ ୧୫୦-୧୬୦ଟି ଅଣ୍ଡା ଦେବା ସହ ୨୦ ସପ୍ତାହରେ ଏହାର ଓଜନ ୩ ରୁ ୩.୫ କେ.ଜି. ହୋଇଥାଏ। ପଲ୍ଲୀରାଜା ଏକ ରଙ୍ଗିନ ପ୍ରଜାତିର କୁକୁଡ଼ା । ଏହା ବର୍ଷକୁ ୨୦୦ଟି ଅଣ୍ଡା ଦେବା ସହ ୨୦ ସପ୍ତାହରେ ଏହାର ଓଜନ ୩ ରୁ ୩.୫ କେ.ଜି. ହୋଇଥାଏ। ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶକ୍ରମେ କୁକୁଡ଼ାଙ୍କୁ ନିୟମିତ କୁକୁଡ଼ା ମରୁଡ଼ି ରୋଗ ଓ ବସନ୍ତ ରୋଗର ଟିକା ଦିଅନ୍ତୁ।



# ଫୁଲଚାଷରେ ସାର

**ତ**ରଳ ଖତ ହାଣ୍ଡିରେ ବା ଡ୍ରମ୍‌ରେ ୧୦ ଲିଟର ପାଣିରେ ପ୍ରାୟ ୧ କି.ଗ୍ରା. କଞ୍ଚାଗୋବର, ୫୦୦ ଗ୍ରାମ୍ ଲିମ୍ବ ବା ସୋରିଷ ପିଡ଼ିଆ ଏବଂ ୫୦୦ ଗ୍ରାମ୍ ସିଙ୍ଗିଲ ସୁପର ଫସ୍‌ଫେଟ୍ ମିଶାଇ ମଝିରେ ମଝିରେ ଘାଣ୍ଟନ୍ତୁ । ଏହାର ୧୦ ଦିନ ପରେ ଏହି ତରଳ ଖତରୁ ୧ ମଗ ନେଇ ୯ ମଗ ପାଣି ମିଶାଇ ଗଛ ପ୍ରତି ୫୦୦ ମି.ଲି.ରୁ ୧ ଲିଟର ମାଟି ଓଦା ଥିବାବେଳେ ପ୍ରୟୋଗ କରନ୍ତୁ । ଗେଣ୍ଡୁଫୁଲ ଓ ଅନ୍ୟାନ୍ୟ ଶୀତଦିନିଆ ଫୁଲମଞ୍ଜିର ଚାରା ଅକ୍ଟୋବର ପ୍ରଥମ ସପ୍ତାହ ମଧ୍ୟରେ ପକାନ୍ତୁ । ଉନ୍ନତ ଗେଣ୍ଡୁଫୁଲ କିସମଗୁଡ଼ିକ ହେଲା - ଜ୍ୟାଣ୍ଟ ଡବଲ ଆଫ୍ରିକାନ୍ ଏଲୋ, ଜ୍ୟାଣ୍ଟବଲ୍ ଆଫ୍ରିକାନ୍ ଅରେଞ୍ଜ୍, ଅର୍ଲି ଏଲୋ, ଅର୍ଲି ଅରେଞ୍ଜ୍, ସେରାକୋଲା ଇତ୍ୟାଦି । ସେବତୀ ସେପ୍ଟେମ୍ବରରେ ଲଗାଇଥିଲେ ୪ ସପ୍ତାହରେ ଓ ୭ ସପ୍ତାହରେ ଅଗ୍ରମୁକୁଳ ଛିଣ୍ଡାଇ ଦିଅନ୍ତୁ (ବିଶେଷ କରି ଛୋଟ କିସମରେ) । ବଡ଼ କିସମରେ ଗୋଟିଏ ଗଛରେ ୨-୩ ଟି ଡାଳ ରଖି ଅନ୍ୟ ପାର୍ଶ୍ୱ ଡାଳଗୁଡ଼ିକ ଛୋଟ ଅବସ୍ଥାରେ ଭାଙ୍ଗିଦିଅନ୍ତୁ। ଏ ମାସର ତୃତୀୟ ସପ୍ତାହରୁ ନଭେମ୍ବର ପ୍ରଥମ ସପ୍ତାହ ମଧ୍ୟରେ ଗୋଲାପ ଗଛ କାଟଛାଣ୍ଟ କରନ୍ତୁ ଓ ବୋର୍ଡୋପେଷ୍ଟ ପ୍ରୟୋଗ କରନ୍ତୁ।



# ମାଛଙ୍କୁ ଖାଦ୍ୟ ଦେଉଥିଲେ...

**ବ**ର୍ଷାରେ ମାଛ ପୋଖରୀ ହୁଡ଼ା ଭାଙ୍ଗିଯାଇଥିଲେ ତୁରନ୍ତ ମରାମତି କରନ୍ତୁ । ଏକ ହେକ୍ଟର ବିଶିଷ୍ଟ ମାଛପୋଖରୀର ୧୨,୫୦୦ ଯାଆଁଳ ପାଇଁ ପ୍ରତିଦିନ ୩ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆକୁଣ୍ଡା ଓ ୩ କି.ଗ୍ରା. ୭୫୦ ଗ୍ରାମ୍ ବାଦାମ ପିଡ଼ିଆ ମିଶାଇ ସମୁଦାୟ ଦୈନିକ ୭ କି.ଗ୍ରା. ୫୦୦ ଗ୍ରାମ୍ ଦାନା ଖାଇବାକୁ ଦିଅନ୍ତୁ। ପୋଖରୀର ନିମ୍ନ ସ୍ତରରେ ଥିବା ମିରିକାଳି ଓ ବିଲାତି ରୋହି ଉପରସ୍ତରକୁ ଉଠିଲେ ଓ ପୋଖରୀ ତଳମାଟିରୁ ଦୁର୍ଗନ୍ଧ ବାହାରୁଥିଲେ ପ୍ରତି ହେକ୍ଟର ମିଟର ପାଣିରେ ୫୦ କି.ଗ୍ରା. ଜିଓଲାଇଟ୍ ବ୍ୟବହାର କରନ୍ତୁ । ଶୀତଦିନ ପ୍ରାରମ୍ଭରୁ ପୋଖରୀରେ ୪୦ କି.ଗ୍ରା. ଚୂନ ସହ ୪ କି.ଗ୍ରା. ହଳଦୀଗୁଣ୍ଡ ମିଶାଇ ଦୁଇଟି କିସ୍ତିରେ ୧ ମାସ ଅନ୍ତରରେ ପକାଇଲେ ମାଛମାନଙ୍କୁ ରୋଗ ହୋଇ ନ ଥାଏ। ପକ୍ଷ ଓ ଲାଞ୍ଜ ପଚା ରୋଗ ହେଲେ ଲିଟର ପିଛା ୧.୫ ମି.ଗ୍ରା. ତୁତିଆକୁ ଜଳରେ ମିଶାଇ ମାଛକୁ ୨ ମିନିଟ୍ ପାଇଁ ରଖନ୍ତୁ । ଆଖିପଚା ରୋଗ ହେଲେ ଲିଟର ପିଛା ୮ ରୁ ୧୦ ମି.ଗ୍ରା. କ୍ଲୋରୋମାଇସେଟିନ୍ ଜଳରେ ଦ୍ରବୀଭୂତ କରି ମାଛକୁ ଦିନକୁ ୨ ଘଣ୍ଟା ଯାଏଁ ରଖନ୍ତୁ। ଏପରି ୨ରୁ ୩ଦିନ କରିବେ। ପଚା ଘା ରୋଗ ହେଲେ ୨ ଲିଟର ପାଣିରେ ୧ ଗ୍ରାମ୍ ତୁତିଆ ମିଶାଇ ମାଛକୁ ପ୍ରତିଦିନ ୧ ମିନିଟ୍ ପାଇଁ ୩ ରୁ ୪ ଦିନ ରଖନ୍ତୁ । ଏଥିସହ ମାଛକୁ ଲିଟର ପ୍ରତି ୩୦ ଗ୍ରାମ୍ ଲୁଣ ମିଶାଇ ସେଥିରେ ୫ ରୁ ୧୦ ମିନିଟ୍ ପର୍ଯ୍ୟନ୍ତ ରଖିଲେ ମଧ୍ୟ ଭଲ ହୁଏ ।





# ଚିନାବାଦାମର ଉନ୍ନତ କିସମ

**ଚି**ନାବାଦାମର ଉନ୍ନତ କିସମ ମଧ୍ୟରେ ରହିଛି ଦେବୀ, ଜେଏଲ୍-୨୪, ଟିଏଜି-୨୪, ଟିଜି-୩୮ ବି, ଟିଜି-୩୭ ଏ, କାଦିରି-୩, କାଦିରି-୬, ଧରଣୀ । ହେକ୍ଟର ପ୍ରତି ୧୨୫ କି.ଗ୍ରା. (ମଞ୍ଜି) ବିହନକୁ ବିଶୋଧନକରି ରାଇଜୋବିୟମ୍ କଲ୍‌ଚର ୨୫୦ ରୁ ୫୦୦ ଗ୍ରାମ୍ ୧୦ କି.ଗ୍ରା. ବିହନ ପ୍ରତି ଉପଚାର କରନ୍ତୁ । ହେକ୍ଟର ପ୍ରତି ୨୦:୪୦:୪୦ କି.ଗ୍ରା. ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ ପ୍ରୟୋଗକରି ଧାଡ଼ିକୁ ଧାଡ଼ି ୨୫ ସେ.ମି. ଓ ଗଛକୁ ଗଛ ୧୦ ସେ.ମି. ବ୍ୟବଧାନରେ ବୁଣନ୍ତୁ । ଫସ୍‌ଫରସ୍ ପାଇଁ ସିଙ୍ଗଲ ସୁପର ଫସ୍‌ଫେଟ୍ ବଦଳରେ ଡିଏପି (୧୮-୪୬-୦) ବ୍ୟବହାର କରୁଥିଲେ ବୁଣିବା ସମୟରେ ଏକର ପ୍ରତି ୧୦୦ କି.ଗ୍ରା. ଜିପ୍‌ସମ୍ ପ୍ରୟୋଗ କରନ୍ତୁ ।

ଧରିତ୍ରୀ DHARITRI 50 Years

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ନଭେମ୍ବର ୬/୨୦୨୪ Bhubaneswar, Wednesday, November 6/ 2024

# ଗୋନାସିକା-ଦିଲ୍ଲୀ ଉଦ୍‌ଘାଟନୀ ମୁକାବିଲା

**ନୂଆଦିଲ୍ଲୀ, ୫।୧୧**

ଦୀର୍ଘ ୭ ବର୍ଷ ପରେ ପ୍ରତ୍ୟାବର୍ତ୍ତନ କରିଥିବା ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର କାର୍ଯ୍ୟସୂଚୀ ମଙ୍ଗଳବାର ପ୍ରକାଶ ପାଇଛି। ପ୍ରତିଯୋଗିତାର ଅଫିସିଆଲ୍ ୱେବ୍‌ସାଇଟ୍ ମଧ୍ୟ ଉନ୍ମୋଚିତ ହୋଇଛି। ପୁରୁଷ ଲିଗ୍‌ର ଉଦ୍‌ଘାଟନୀ ମ୍ୟାଚ ଗୋନାସିକା ଓ ଦିଲ୍ଲୀ ଏସ୍‌ଜି ପାଇପର୍ସ ମଧ୍ୟରେ ଅନୁଷ୍ଠିତ ହେବ। ଡିସେମ୍ବର ୨୮ରେ ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମରେ ଏହି ମ୍ୟାଚ ଖେଳାଯିବ। ସେହିପରି ମହିଳା ହକି ଲିଗ୍‌ର ଉଦ୍‌ଘାଟନୀ ମ୍ୟାଚ ଦିଲ୍ଲୀ ଏସ୍‌ଜି ପାଇପର୍ସ ଓ ଓଡ଼ିଶା ୱାରିୟର୍ସ ମଧ୍ୟରେ ଅନୁଷ୍ଠିତ ହେବ। ୨୦୨୫ ଜାନୁଆରୀ ୧୨ରେ ଏହି ମ୍ୟାଚ ରାଞ୍ଚିରେ ଖେଳାଯିବ। ଏଚ୍‌ଆଇଏଲ୍ ୱେବ୍‌ସାଇଟ୍‌ରେ ସମସ୍ତ ଅପ୍‌ଡେଟ୍ ଖବର, କାର୍ଯ୍ୟସୂଚୀ, ସମସ୍ତ ଦଳର ଖେଳାଳି ତାଲିକା ଆଦି ସ୍ଥାନ ପାଇବ। ଏଚ୍‌ଆଇଏଲ୍‌ର ପୁରୁଷ ବର୍ଗରେ ୮ ଓ ମହିଳା ବିଭାଗରେ ୪ ଦଳ ଅଂଶଗ୍ରହଣ କରିବେ। ପୁରୁଷ ଲିଗ୍ ୨ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବା ପରେ ଫାଇନାଲ ୨୦୨୫ ଫେବୃଆରୀ ୧ରେ ଅନୁଷ୍ଠିତ ହେବ। ମହିଳା ବିଭାଗର ଫାଇନାଲ ଜାନୁଆରୀ ୨୬ରେ ଖେଳାଯିବ। ଏଚ୍‌ଆଇଏଲ୍‌କୁ ଅଧିକ ଆକର୍ଷଣୀୟ କରିବା ପାଇଁ ଉଭୟ ପୁରୁଷ ଓ ମହିଳା ବିଭାଗରେ ଭାଗ ନେଉଥିବା ଦଳଗୁଡ଼ିକ ଗୋଟିଏ ଲେଖାଏ ମ୍ୟାଚ ଅଲ୍‌ଟରନେଟ୍ ଭେନ୍ୟୁରେ ଖେଳିବେ। ଅର୍ଥାତ୍ ପୁରୁଷ ଲିଗ୍‌ର ଜାନୁଆରୀ ୧୮ରେ ୨ଟି, ୨୨ ଏବଂ ୨୪ ତାରିଖର ମ୍ୟାଚ ରାଞ୍ଚିରେ ଅନୁଷ୍ଠିତ ହେବ। ସେହିପରି ମହିଳା ଲିଗ୍‌ର ଜାନୁଆରୀ ୧୭ ଓ ୧୯ ତାରିଖର ମ୍ୟାଚ ରାଉରକେଲାରେ ଖେଳାଯିବ।



ହକି ଇଣ୍ଡିଆ ଲିଗ୍ କାର୍ଯ୍ୟସୂଚୀ ଘୋଷଣା ଏବଂ ୱେବସାଇଟ ଉନ୍ମୋଚନ ଅବସରରେ ଅତିଥି ଓ ହକି ଇଣ୍ଡିଆ କର୍ମକର୍ତ୍ତା।

- ହକି ଇଣ୍ଡିଆ ଲିଗ୍ କାର୍ଯ୍ୟସୂଚୀ ଘୋଷିତ
- ମହିଳାରେ ଦିଲ୍ଲୀ-ଓଡ଼ିଶା ୱାରିୟର୍ସ ପ୍ରଥମ ମ୍ୟାଚ

## ପୁରୁଷ ଲିଗ୍ ଫର୍ମାଟ

ଏଚ୍‌ଆଇଏଲ୍ ପୁରୁଷ ହକି ଲିଗ୍‌ର ପ୍ରଥମ ପର୍ଯ୍ୟାୟ ଡିସେମ୍ବର ୨୮ରୁ ଜାନୁଆରୀ ୧୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଅଂଶଗ୍ରହଣକାରୀ ୮ ଦଳ ପରସ୍ପର ସହିତ ଖେଳିବେ। ଦ୍ୱିତୀୟ ପର୍ଯ୍ୟାୟ ଜାନୁଆରୀ ୧୯ରୁ ୨୯ ପର୍ଯ୍ୟନ୍ତ ଖେଳାଯିବ। ଏଥିପାଇଁ ୮ ଦଳକୁ ୨ଟି ପୁଲ୍‌ରେ ବିଭକ୍ତ କରାଯାଇଛି। ପୁଲ୍ 'ଏ'ରେ ଦିଲ୍ଲୀ ଏସ୍‌ଜି ପାଇପର୍ସ, ଶ୍ରାଚି ରର୍ ବେଙ୍ଗଲ ଟାଇଗର୍ସ, ସୁର୍‌ମା ହକି କ୍ଲବ ଓ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ସ୍ଥାନ ପାଇଛି। ସେହିପରି ପୁଲ୍ 'ବି'ରେ ଗୋନାସିକା, ହାଇଦ୍ରାବାଦ ତୁଫାନ୍ସ, ତାମିଲନାଡୁ ଡ୍ରାଗନ୍ସ ଓ ୟୁପି ରୁଦ୍ରସ ରହିଛି। ଲିଗ୍‌ର ଶ୍ରେଷ୍ଠ ୪ ଦଳ ସେମିଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବେ। ଜାନୁଆରୀ ୩୧ରେ ୨ଟି ଯାକ ସେମିଫାଇନାଲ ଅନୁଷ୍ଠିତ ହେବ।

## ମହିଳା ଲିଗ୍ ଫର୍ମାଟ

ମହିଳା ହକି ଲିଗ୍‌ର ପ୍ରଥମ ମ୍ୟାଚ ଜାନୁଆରୀ ୧୨ ତାରିଖରେ ରାଞ୍ଚିର ମରାଙ୍ଗ ଗୋମ୍‌କେ ଜୟପାଲ ସିଂ ମୁଣ୍ଡା ଆଷ୍ଟ୍ରୋ ଟର୍ଫ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଲିଗ୍ ପର୍ଯ୍ୟାୟରେ ଅଂଶଗ୍ରହଣକାରୀ ୪ ଦଳ ପରସ୍ପର ସହିତ ୨ ଥର ଲେଖାଏ ଖେଳିବେ। ଶ୍ରେଷ୍ଠ ଦୁଇ ଦଳ ମଧ୍ୟରେ ଫାଇନାଲ ୨୬ ତାରିଖରେ ଅନୁଷ୍ଠିତ ହେବ।

"୭ ବର୍ଷର ବ୍ୟବଧାନରେ ଏଚ୍‌ଆଇଏଲ୍‌ର ପ୍ରତ୍ୟାବର୍ତ୍ତନରେ ଆମେ ଖୁବ୍ ଉଲ୍ଲସିତ। ଭାରତ ଏବଂ ଅନ୍ତର୍ଜାତୀୟ ସ୍ତରର ଶ୍ରେଷ୍ଠ ଖେଳାଳିମାନେ ଭାଗ ନେଉଥିବାରୁ ପ୍ରତିଯୋଗିତା ଖୁବ୍ ରୋମାଞ୍ଚକ ଏବଂ ଉଚ୍ଚ ମାନର ହେବା ଆଶା ରହିଛି। ନୂଆ ୱେବସାଇଟ୍ ଉନ୍ମୋଚନ ହେବାଦ୍ୱାରା ପ୍ରଶଂସକମାନେ ଏହି ପ୍ରତିଯୋଗିତା ପ୍ରତି ଅଧିକ ଜଡ଼ିତ ହୋଇପାରିବେ" ବୋଲି ହକି ଇଣ୍ଡିଆ ସଭାପତି ତଥା ଲିଗ୍‌ର ଗଭର୍ନିଂ ବଡି ଚେୟାରପର୍ସନ ଦିଲୀପ ତିର୍କୀ ପ୍ରକାଶ କରିଛନ୍ତି। ହକି ଇଣ୍ଡିଆ ସମ୍ପାଦକ ତଥା ଏଚ୍‌ଆଇଏଲ୍ କମିଟି ସଦସ୍ୟ ଭୋଳାନାଥ ସିଂ ମଧ୍ୟ ଭାରତୀୟ ହକି ପାଇଁ ଏକ ଐତିହାସିକ ମୁହୂର୍ତ୍ତ ବୋଲି ବର୍ଣ୍ଣନା କରିଛନ୍ତି।

## HIL HOCKEY INDIA LEAGUE କାର୍ଯ୍ୟସୂଚୀ

**ଲିଗ୍ ପର୍ଯ୍ୟାୟ**

| ତାରିଖ | ମ୍ୟାଚ | ଭେନ୍ୟୁ |
|---|---|---|
| ଡିସେମ୍ବର ୨୮ | ଗୋନାସିକା ବନାମ ଦିଲ୍ଲୀ ଏସ୍‌ଜି ପାଇପର୍ସ | ରାଉରକେଲା |
| ଡିସେମ୍ବର ୨୯ | ହାଇଦ୍ରାବାଦ ତୁଫାନ୍ସ ବନାମ ଶ୍ରଚି ରାର୍ ବେଙ୍ଗଲ ଟାଇଗର୍ସ | ରାଉରକେଲା |
| ଡିସେମ୍ବର ୨୯ | ସୁର୍‌ମା ହକି କ୍ଲବ ବନାମ ତାମିଲନାଡୁ ଡ୍ରାଗନ୍ସ | ରାଉରକେଲା |
| ଡିସେମ୍ବର ୩୦ | ୟୁପି ରୁଦ୍ରର୍ସ ବନାମ ବେଦାନ୍ତ କଳିଙ୍ଗ ଲାନ୍ସର୍ସ | ରାଉରକେଲା |
| ଡିସେମ୍ବର ୩୧ | ଦିଲ୍ଲୀ ଏସ୍‌ଜି ପାଇପର୍ସ ବନାମ ହାଇଦ୍ରାବାଦ ତୁଫାନ୍ସ | ରାଉରକେଲା |
| ଜାନୁଆରୀ ୧ | ଶ୍ରାଚି ରର୍ ବେଙ୍ଗଲ ଟାଇଗର୍ସ ବନାମଗୋନାସିକା | ରାଉରକେଲା |
| ଜାନୁଆରୀ ୨ | ସୁର୍‌ମା ହକି କ୍ଲବ ବନାମ ୟୁପି ରୁଦ୍ରସ | ରାଉରକେଲା |
| ଜାନୁଆରୀ ୩ | ତାମିଲନାଡୁ ଡ୍ରାଗନ୍ସ ବନାମ ବେଦାନ୍ତ କଳିଙ୍ଗ ଲାନ୍ସର୍ସ | ରାଉକେଲା |
| ଜାନୁଆରୀ ୪ | ଦିଲ୍ଲୀ ଏସ୍‌ଜି ପାଇପର୍ସ ବନାମ ଶୟାଚି ରର୍ ବେଙ୍ଗଲ ଟାଇଗର୍ସ | ରାଉରକେଲା |
| ଜାନୁଆରୀ ୪ | ହାଇଦ୍ରାବାଦ ତୁଫାନ୍ସ ବନାମ ଗୋନାସିକା | ରାଉରକେଲା |
| ଜାନୁଆରୀ ୫ | ବେଦାନ୍ତ କଳିଙ୍ଗ ଲାନ୍ସର୍ସ ବନାମ ସୁରମା ହକି କ୍ଲବ | ରାଉରକେଲା |
| ଜାନୁଆରୀ ୫ | ତାମିଲନାଡୁ ଡ୍ରାଗନ୍ସ ବନାମ ୟୁପି ରୁଦ୍ରସ | ରାଉରକେଲା |
| ଜାନୁଆରୀ ୬ | ସୁରମା ହକି କ୍ଲବ ବନାମ ଦିଲ୍ଲୀ ଏସ୍‌ଜି ପାଇପର୍ସ | ରାଉରକେଲା |
| ଜାନୁଆରୀ ୭ | ବେଦାନ୍ତ କଳିଙ୍ଗ ଲାନ୍ସର୍ସ ବନାମ ଶ୍ରାଚି ରର୍ ବେଙ୍ଗଲ ଟାଇଗର୍ସ | ରାଉରକେଲା |
| ଜାନୁଆରୀ ୮ | ଗୋନାସିକା ବନାମ ତାମିଲନାଡୁ ଡ୍ରାଗନ୍ସ | ରାଉରକେଲା |
| ଜାନୁଆରୀ ୮ | ୟୁପି ରୁଦ୍ରସ ବନାମ ହାଇଦ୍ରାବାଦ ତୁଫାନ୍ସ | ରାଉକେଲା |
| ଜାନୁଆରୀ ୯ | ବେଦାନ୍ତ କଳିଙ୍ଗ ଲାନ୍ସର୍ସ ବନାମ ଗୋନାସିକା | ରାଉରକେଲା |
| ଜାନୁଆରୀ ୧୦ | ଶ୍ରାଚି ରର୍ ବେଙ୍ଗଲ ଟାଇଗର୍ସ ବନାମ ତାମିଲନାଡୁ ଡ୍ରାଗନ୍ସ | ରାଉରକେଲା |
| ଜାନୁଆରୀ ୧୧ | ଦିଲ୍ଲୀ ଏସ୍‌ଜି ପାଇପର୍ସ ବନାମ ୟୁପି ରୁଦ୍ରସ | ରାଉରକେଲା |
| ଜାନୁଆରୀ ୧୧ | ହାଇଦ୍ରାବାଦ ତୁଫାନ୍ସ ବନାମ ସୁରମା ହକି କ୍ଲବ | ରାଉରକେଲା |
| ଜାନୁଆରୀ ୧୨ | ବେଦାନ୍ତ କଳିଙ୍ଗ ଲାନ୍ସର୍ସ ବନାମ ହାଇଦ୍ରାବାଦ ତୁଫାନ୍ସ | ରାଉରକେଲା |
| ଜାନୁଆରୀ ୧୩ | ତାମିଲନାଡୁ ଡ୍ରାଗନ୍ସ ବନାମ ଦିଲ୍ଲୀ ଏସ୍‌ଜି ପାଇପର୍ସ | |
| ଜାନୁଆରୀ ୧୪ | ଗୋନାସିକା ବନାମ ସୁରମା ହକି କ୍ଲବ | ରାଉରକେଲା |
| ଜାନୁଆରୀ ୧୫ | ୟୁପି ରୁଦ୍ରସ ବନାମ ଶ୍ରାଚି ରର୍ ବେଙ୍ଗଲ ଟାଇଗର୍ସ | ରାଉରକେଲା |
| ଜାନୁଆରୀ ୧୬ | ଦିଲ୍ଲୀ ଏସ୍‌ଜି ପାଇପର୍ସ ବନାମ ବେଦାନ୍ତ କଳିଙ୍ଗ ଲାନ୍ସର୍ସ | ରାଉରକେଲା |
| ଜାନୁଆରୀ ୧୭ | ସୁରମା ହକି କ୍ଲବ ବନାମ ଶ୍ରାଚି ରର୍ ବେଙ୍ଗଲ ଟାଇଗର୍ସ | ରାଉରକେଲା |
| ଜାନୁଆରୀ ୧୮ | ହାଇଦ୍ରାବାଦ ତୁଫାନ୍ସ ବନାମ ତାମିଲନାଡୁ ଡ୍ରାଗନ୍ସ | ରାଞ୍ଚି |
| ଜାନୁଆରୀ ୧୮ | ଗୋନାସିକା ବନାମ ୟୁପି ରୁଦ୍ରସ | ରାଞ୍ଚି |
| **ଦ୍ୱିତୀୟ ପର୍ଯ୍ୟାୟ** | | |
| ଜାନୁଆରୀ ୧୯: ପୁଲ୍ 'ଏ' | ବେଦାନ୍ତ କଳିଙ୍ଗ ଲାନ୍ସର୍ସ ବନାମ ଦିଲ୍ଲୀ ଏସ୍‌ଜି ପାଇପର୍ସ | ରାଉରକେଲା |
| ଜାନୁଆରୀ ୨୦: ପୁଲ୍ 'ଏ' | ଶ୍ରାଚି ରର୍ ବେଙ୍ଗଲ ଟାଇଗର୍ସ ବନାମ ସୁରମା ହକି କ୍ଲବ | ରାଉରକେଲା |
| ଜାନୁଆରୀ ୨୧: ପୁଲ୍ 'ବି' | ୟୁପି ରୁଦ୍ରସ ବନାମ ଗୋନାସିକା | ରାଉରକେଲା |
| ଜାନୁଆରୀ ୨୨: ପୁଲ୍ 'ବି' | ଦିଲ୍ଲୀ ଏସ୍‌ଜି ପାଇପର୍ସ ବନାମ ସୁର୍‌ମା ହକି କ୍ଲବ | ରାଞ୍ଚି |
| ଜାନୁଆରୀ ୨୩: ପୁଲ୍ 'ଏ' | ତାମିଲନାଡୁ ଡ୍ରାଗନ୍ସ ବନାମ ହାଇଦ୍ରାବାଦ ତୁଫାନ୍ସ | ରାଉରକେଲା |
| ଜାନୁଆରୀ ୨୪: ପୁଲ୍ 'ଏ' | ଶ୍ରାଚି ରର୍ ବେଙ୍ଗଲ ଟାଇଗର୍ସ ବନାମ ବେଦାନ୍ତ କଳିଙ୍ଗ ଲାନ୍ସର୍ସ | ରାଞ୍ଚି |
| ଜାନୁଆରୀ ୨୫: ପୁଲ୍ 'ବି' | ତାମିଲନାଡୁ ଡ୍ରାଗନ୍ସ ବନାମ ଗୋନାସିକା | ରାଉରକେଲା |
| ଜାନୁଆରୀ ୨୫: ପୁଲ୍ 'ବି' | ହାଇଦ୍ରାବାଦ ତୁଫାନ୍ସ ବନାମ ୟୁପି ରୁଦ୍ରସ | ରାଉରକେଲା |
| ଜାନୁଆରୀ ୨୬ | **ବିଶ୍ରାମ ଦିବସ (କେବଳ ପୁରୁଷ କାଟେଗୋରି ପାଇଁ)** | |
| ଜାନୁଆରୀ ୨୭: ପୁଲ୍ 'ଏ' | ଶ୍ରାଚି ରର୍ ବେଙ୍ଗଲ ଟାଇଗର୍ସ ବନାମ ଦିଲ୍ଲୀ ଏସ୍‌ଜି ପାଇପର୍ସ | ରାଉରକେଲା |
| ଜାନୁଆରୀ ୨୭: ପୁଲ୍ 'ଏ' | ସୁରମା ହକି କ୍ଲବ ବନାମ ବେଦାନ୍ତ କଳିଙ୍ଗ ଲାନ୍ସର୍ସ | ରାଉରକେଲା |
| ଜାନୁଆରୀ ୨୮: ପୁଲ୍ 'ବି' | ଗୋନାସିକା ବନାମ ହାଇଦ୍ରାବାଦ ତୁଫାନ୍ସ | ରାଉରକେଲା |
| ଜାନୁଆରୀ ୨୯: ପୁଲ୍ 'ବି' | ୟୁପି ରୁଦ୍ରସ ବନାମ ତାମିଲନାଡୁ ଡ୍ରାଗନ୍ସ | ରାଉରକେଲା |
| ଜାନୁଆରୀ ୩୦ | **ବିଶ୍ରାମ ଦିବସ** | |
| ଜାନୁଆରୀ ୩୧: ସେମିଫାଇନାଲ | ଓଭରଅଲ ଲିଗ୍ ମ୍ୟାଚର ପ୍ରଥମ ବନାମ ୪ର୍ଥ ଦଳ | ରାଉରକେଲା |
| ଜାନୁଆରୀ ୩୧: ସେମିଫାଇନାଲ | ଓଭରଅଲ ଲିଗ୍ ମ୍ୟାଚର ଦ୍ୱିତୀୟ ବନାମ ୩ୟ ଦଳ | ରାଉରକେଲା |
| ଫେବୃଆରୀ ୧: ୩ୟ/୪ର୍ଥ ସ୍ଥାନ | ପ୍ରଥମ ସେମିଫାଇନାଲର ପରାଜିତ ଦଳ ବନାମ ୨ୟସେମିଫାଇନାଲର ପରାଜିତ ଦଳ | ରାଉରକେଲା |
| **ଫେବୃଆରୀ ୧: ଫାଇନାଲ** | **ଦୁଇ ସେମିଫାଇନାଲର ବିଜେତା** | **ରାଉରକେଲା** |

## ଏଚ୍‌ଆଇଏଲ୍ କାର୍ଯ୍ୟସୂଚୀ (ମହିଳା)

| ତାରିଖ | ମ୍ୟାଚ | ଭେନ୍ୟୁ |
|---|---|---|
| ଜାନୁଆରୀ ୧୨ | ଦିଲ୍ଲୀ ଏସ୍‌ଜି ପାଇପର୍ସ ବନାମ ଓଡ଼ିଶା ୱାରିୟର୍ସ | ରାଞ୍ଚି |
| ଜାନୁଆରୀ ୧୩ | ଶ୍ରାଚି ରର୍ ବେଙ୍ଗଲ ଟାଇଗର୍ସ ବନାମ ସୁର୍‌ମା ହକି କ୍ଲବ | ରାଞ୍ଚି |
| ଜାନୁଆରୀ ୧୪ | ଦିଲ୍ଲୀ ଏସ୍‌ଜି ପାଇପର୍ସ ବନାମ ଶ୍ରାଚି ରର୍ ବେଙ୍ଗଲ ଟାଇଗର୍ସ | ରାଞ୍ଚି |
| ଜାନୁଆରୀ ୧୫ | ଓଡ଼ିଶା ୱାରିୟର୍ସ ବନାମ ସୁର୍‌ମା ହକି କ୍ଲବ | ରାଞ୍ଚି |
| ଜାନୁଆରୀ ୧୬ | ଶ୍ରାଚି ରର୍ ବେଙ୍ଗଲ ଟାଇଗର୍ସ ବନାମ ଓଡ଼ିଶା ୱାରିୟର୍ସ | ରାଞ୍ଚି |
| ଜାନୁଆରୀ ୧୭ | ଦିଲ୍ଲୀ ଏସ୍‌ଜି ପାଇପର୍ସ ବନାମ ସୁର୍‌ମା ହକି କ୍ଲବ | ରାଉରକେଲା |
| ଜାନୁଆରୀ ୧୮ | **ବିଶ୍ରାମ ଦିବସ** | |
| ଜାନୁଆରୀ ୧୯ | ଓଡ଼ିଶା ୱାରିୟର୍ସ ବନାମ ଶ୍ରାଚି ରର୍ ବେଙ୍ଗଲ ଟାଇଗର୍ସ | ରାଉରକେଲା |
| ଜାନୁଆରୀ ୨୦ | ସୁର୍‌ମା ହକି କ୍ଲବ ବନାମ ଦିଲ୍ଲୀ ଏସ୍‌ଜି ପାଇପର୍ସ | ରାଞ୍ଚି |
| ଜାନୁଆରୀ ୨୧ | ସୁର୍‌ମା ହକି କ୍ଲବ ବନାମ ଓଡ଼ିଶା ୱାରିୟର୍ସ | ରାଞ୍ଚି |
| ଜାନୁଆରୀ ୨୨ | ଶ୍ରାଚି ରର୍ ବେଙ୍ଗଲ ଟାଇଗର୍ସ ବନାମ ଏସ୍‌ଜି ପାଇପର୍ସ | ରାଞ୍ଚି |
| ଜାନୁଆରୀ ୨୩ | ଓଡ଼ିଶା ୱାରିୟର୍ସ ବନାମ ଦିଲ୍ଲୀ ଏସ୍‌ଜି ପାଇପର୍ସ | ରାଞ୍ଚି |
| ଜାନୁଆରୀ ୨୪ | ସୁର୍‌ମା ହକି କ୍ଲବ ବନାମ ଶ୍ରାଚି ରର୍ ବେଙ୍ଗଲ ଟାଇଗର୍ସ | ରାଞ୍ଚି |
| ଜାନୁଆରୀ ୨୫ | **ବିଶ୍ରାମ ଦିବସ** | |
| ଜାନୁଆରୀ ୨୬ | ଫାଇନାଲ (ଶ୍ରେଷ୍ଠ ୧ ବନାମ ୨) ଦଳ | ରାଞ୍ଚି |

**ମିଶନ ୨୦୩୬ ଅଲିମ୍ପିକ୍ସ**

## ଆୟୋଜନ ପାଇଁ ଆଗ୍ରହ ପ୍ରକାଶ କଲା ଭାରତ

**ନୂଆଦିଲ୍ଲୀ,୫।୧୧(ପି.ଟି.):** ୨୦୩୬ରେ ଅଲିମ୍ପିକ୍ସ ଓ ପାରାଲିମ୍ପିକ୍ସ ଆୟୋଜନ କରିବା ପାଇଁ ଭାରତ ଆଗ୍ରହ ପ୍ରକାଶ କରିଛି। ମଙ୍ଗଳବାର ଭାରତ ଆନୁଷ୍ଠାନିକ ଭାବରେ ଆୟୋଜନ ପାଇଁ ଆବେଦନ କରିଛି। ଅନ୍ତର୍ଜାତୀୟ ଅଲିମ୍ପିକ୍ସ କାଉନ୍‌ସିଲ୍(ଆଇଓସି) ସହ ଦୀର୍ଘ ଦିନ ଧରି ଆଲୋଚନା ପରେ ଭାରତୀୟ ଅଲିମ୍ପିକ୍ସ ଆସୋସିଏଶନ(ଆଇଓଏ) ଦାବି କରିଥିବା ଜଣା ପଡ଼ିଛି। କ୍ରୀଡା ମନ୍ତ୍ରାଳୟରୁ ମିଳିଥିବା ସୂଚନା ଅନୁସାରେ ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟିର ଫ୍ୟୁଚର ହୋଷ୍ଟ କମିଶନ ନିକଟକୁ ଅକ୍ଟୋବର ୧ ତାରିଖରେ ଏହି ଚିଠି ପଠା ଯାଇଥିଲା। ଭାରତରେ ଅଲିମ୍ପିକ୍ସ ଆୟୋଜନ କାରଣରୁ ଏହା ଦେଶକୁ ଅର୍ଥନୈତିକ ଓ ସାମାଜିକ ବିକାଶ କ୍ଷେତ୍ରରେ ସାହାଯ୍ୟ କରିବ। ସେହିପରି ଦେଶର ଯୁବଶକ୍ତିଙ୍କୁ ପ୍ରେରିତ ହେବାରେ ଏହା ସାହାଯ୍ୟ କରିବ ବୋଲି ମଧ୍ୟ କ୍ରୀଡା ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି।

୨୦୨୩ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଥମ ଥର ଅଲିମ୍ପିକ୍ସ ଆୟୋଜନ ନେଇ ଆଗ୍ରହ ପ୍ରକାଶ କରିଥିଲେ। ଆସନ୍ତା ବର୍ଷ ଆଇଓସିର ନିର୍ବାଚନ ପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡ଼ିଛି। ତେବେ ଭାରତ ପାଇଁ ଏହି ପ୍ରକ୍ରିୟା ବେଶ୍ କଷ୍ଟସାଧ୍ୟ ରହିବ। ସାଉଦି ଆରବ, ତୁର୍କୀ ଓ କାତାର ଭଳି ଦେଶ ମଧ୍ୟ ୨୦୩୬ରେ ଆବେଦନ କରିବାକୁ ଯାଉଛନ୍ତି। ଭାରତକୁ ପ୍ରଥମ ଥର ଏହାକୁ ଆବେଦନ କରିବାର ସୁଯୋଗ ମିଳିଛି। ଅନ୍ୟ ପକ୍ଷରେ ଆଇଓସି ମୁଖ୍ୟ ଥୋମାସ୍ ବାକ୍ ମଧ୍ୟ ଭାରତକୁ ଆୟୋଜନ ଅଧିକାର ମିଳିବା ସପକ୍ଷରେ ମତ ଦେଇଛନ୍ତି। ଶେଷ ଥର ପାଇଁ ଭାରତ ୨୦୧୦ରେ ରାଜ୍ୟଗୋଷ୍ଠୀ କ୍ରୀଡା ଆୟୋଜନ କରିଥିଲା। ୨୦୩୬ ଅଲିମ୍ପିକ୍ସ ପାଇଁ ଆୟୋଜକ ସହର ଦୌଡରେ ଅହମଦାବାଦ ଆଗୁଆ ରହିଛି।

## ମନଦୀପ ଜିତିଲେ ଡବ୍ଲ୍ୟୁବିଏଫ୍ ବିଶ୍ୱ ଟାଇଟଲ

**ନୂଆଦିଲ୍ଲୀ, ୫।୧୧ (ପି.ଟି.):** ଭାରତୀୟ ପ୍ରଫେସନାଲ ବକ୍ସର ମନଦୀପ ଜାଙ୍ଗ୍ରା ୱାର୍ଲ୍ଡ ବକ୍ସିଂ ଫେଡେରେଶନ (ଡବ୍ଲ୍ୟୁବିଏଫ୍)ର ସୁପର ଫେଦରୱେଟ୍ ବିଶ୍ୱ ଟାଇଟଲ ହାସଲ ଇତିହାସ ସୃଷ୍ଟି କରିଛନ୍ତି। କେମ୍ୟାନ ଆଇଲାଣ୍ଡରେ ସେ ବ୍ରିଟେନର କୋନର ମ୍ୟାକ୍‌ଇଣ୍ଟୋସଙ୍କୁ ହରାଇ ଦେଇଛନ୍ତି। ଏହି ୩୧ ବର୍ଷୀୟ ବକ୍ସର ପୂର୍ବତନ ଅଲିମ୍ପିକ ରୌପ୍ୟ ବିଜେତା ରୟ ଜୋନ୍ସ ଜୁନିୟରଙ୍କ ଅଧୀନରେ ତାଲିମ ନେଉଥିଲେ। ସେ ତାଙ୍କ ପ୍ରଫେସନାଲ କ୍ୟାରିୟରରେ ଥରେ ମାତ୍ର ପରାଜିତ ହୋଇଛନ୍ତି। କୋନରଙ୍କ ବିପକ୍ଷ ମୁକାବିଲାରେ ସେ ଅଧିକାଂଶ ରାଉଣ୍ଡରେ ଆଧିପତ୍ୟ ବିସ୍ତାର କରିଥିଲେ। ସମଗ୍ର ୧୦ ରାଉଣ୍ଡ ମୁକାବିଲାରେ ସେ ତାଙ୍କ ଷ୍ଟାମିନା ବଜାୟ ରଖି ଶକ୍ତିଶାଳୀ ପଞ୍ଚମାନ ମାରିଥିଲେ। ଅନ୍ୟପକ୍ଷରେ ବ୍ରିଟିଶ ବକ୍ସରଙ୍କୁ ସଂଘର୍ଷ କରିବାକୁ ପଡ଼ିଥିଲା। ସେ ଚେଷ୍ଟା କରି ମଧ୍ୟ ପ୍ରତ୍ୟାବର୍ତ୍ତନ କରିପାରି ନ ଥିଲେ। ଏହା ତାଙ୍କ କ୍ୟାରିୟରର ଅନ୍ୟତମ ବୃହତ୍ ବିଜୟ ବୋଲି ଜାଙ୍ଗ୍ରା କହିଛନ୍ତି। ଏଥିସହିତ ସହଯୋଗ ପାଇଁ ସେ ତାଙ୍କ ପ୍ରାୟୋଜକ ନାଶ୍ ବିଲ୍ଡ କନଷ୍ଟ୍ରକ୍ସନ, ମୁଖ୍ୟ କୋଚ୍ ରୟ ଜୋନ୍ସ, ସହକାରୀ କୋଚ୍ ଆସା ବିଅର୍ଡ ଓ ଆଞ୍ଜେଲଙ୍କୁ ଧନ୍ୟବାଦ ଦେଇଛନ୍ତି। ଏହି ସଫଳତା ହାସଲ କରି ବା ପାଇଁ ସେ ବର୍ଷବର୍ଷ ଧରି ପରିଶ୍ରମ କରିଛନ୍ତି। ଦେଶ ପାଇଁ ସୁନାମ ଆଣିପାରିଥିବାରୁ ଗୌରବାନ୍ୱିତ ମନେ କରୁଛନ୍ତି। ହରିୟାଣାର ଏହି ବକ୍ସର ୨୦୨୧ରେ ପ୍ରଫେସନାଲ ବକ୍ସିଂରେ ତାଙ୍କ ପ୍ରଥମ ପଦାର୍ପଣ କରିଥିଲେ।

# ପଦକ ଫେରାଇବାକୁ ଦାବି ଜୋର୍ ଧରିଲା

**ମେଡିକାଲ ରିପୋର୍ଟରେ ମହିଳା ନୁହନ୍ତି ଇମେନ୍ ଖେଲିଫ୍**

**ପ୍ୟାରିସ୍,୫।୧୧**

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ରେ ମହିଳା ୬୬ କିଗ୍ରା ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ବିଜୟିନୀ ଆଲଜେରିଆର ଇମେନ୍ ଖେଲିଫ୍ ମହିଳା ନୁହନ୍ତି ବରଂ ପୁରୁଷ ବୋଲି ପ୍ରମାଣିତ ହେବା ପରେ ତାଙ୍କର ପଦକ ପ୍ରତ୍ୟାହାର ଦାବି ଜୋର ଧରିଛି। ଅଲିମ୍ପିକ୍ସ ସମୟରେ ଖେଲିଫ୍‌ଙ୍କ ଅଂଶଗ୍ରହଣକୁ ଏଲନ୍ ମସ୍କ, ଜେ.କେ. ରାଓଲିଂ ଓ ଡୋନାଲ୍ଡ ଟ୍ରମ୍ପଙ୍କ ଭଳି ବ୍ୟକ୍ତି ବିରୋଧ କରିଥିଲେ। ବର୍ତ୍ତମାନ ଖେଲିଫ୍ ପୁରୁଷ ବୋଲି ପ୍ରମାଣିତ ହେବା ପରେ ଏକାଧିକ ପୂର୍ବତନ ଖେଳାଳି ସ୍ୱର୍ଣ୍ଣ ପଦକ ପ୍ରତ୍ୟାହାର ପାଇଁ ଦାବି କରିଛନ୍ତି। ପୂର୍ବତନ ଭାରତୀୟ କ୍ରିକେଟର ହରଭଜନ ସିଂ ସୋସିଆଲ ମିଡିଆ ଏକ୍ସରେ ପୋଷ୍ଟ କରି ସ୍ୱର୍ଣ୍ଣ ପଦକ ପ୍ରତ୍ୟାହାର ପାଇଁ ଦାବି କରିଛନ୍ତି। ଓଲି ଲଣ୍ଡନଙ୍କ ପୋଷ୍ଟକୁ ଶେୟାର କରିବା ସହ ହରଭଜନ ଅଲିମ୍ପିକ୍ସ କମିଟି ସ୍ୱର୍ଣ୍ଣ ପଦକ ପ୍ରତ୍ୟାହାର ପାଇଁ ଦାବି କରିଛନ୍ତି। ସମାନ ଭାବରେ ବ୍ରିଟିଶ ଜର୍ନାଲିଷ୍ଟ ପିଅର୍ସ ମୋର୍ଗାନ ମଧ୍ୟ ସମାନ ଦାବି କରିଛନ୍ତି। 'ଅଲିମ୍ପିକ୍ସ ସମୟରେ ଇମେନ୍ ଖେଲିଫ୍ ପୁରୁଷ ବୋଲି ଆମେ କେତେ ଜଣ ହିଁ ଦାବି କରୁଥିଲୁ। ଖେଲିଫ୍ ଜନ୍ମରୁ ହିଁ ପୁରୁଷ, ଯାହା ପ୍ରମାଣିତ ହୋଇଛି। ତେଣୁ ୬୬ କିଗ୍ରା ଓଜନ ବର୍ଗରେ ସେ ଜିତିଥିବା ସ୍ୱର୍ଣ୍ଣ ପଦକ ପ୍ରତ୍ୟାହାର କରାଯାଇ ଶ୍ରେଷ୍ଠ ମହିଳାଙ୍କୁ ଦିଆଯାଉ' ବୋଲି ପୋଷ୍ଟ କରିଛନ୍ତି ମୋର୍ଗାନ।

୨୪ ବର୍ଷୀୟା ଆମେରିକୀୟ ସନ୍ତରଣକାରୀ ରାଇଲି ଗେନ୍ସ ମଧ୍ୟ ସମାନ ପୋଷ୍ଟ କରିଛନ୍ତି। ଗେନ୍ସ ଲେଖିଛନ୍ତି ଆପଣଙ୍କର ମନେ ଅଛି ଜଣେ ପୁରୁଷ ମହିଳା ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରି ସ୍ୱର୍ଣ୍ଣ ପଦକ ଜିତିଥିଲେ। ମେଡିକାଲ ରିପୋର୍ଟ ଅନୁଯାୟୀ ତାଙ୍କ ନିକଟରେ ଉଭୟ ଏକ୍ସ ଓ ୱାଇ କ୍ରୋମୋଜୋମ ଦେଖିବାକୁ ମିଳିଛି। ଶରୀରରେ ଟେଷ୍ଟୋଷ୍ଟେରନ ସ୍ତର ପୁରୁଷଙ୍କ ଭଳି ରହିଛି। ଏପରିକି ଅଣ୍ଡକୋଷ ଓ ପୁରୁଷ ଯୌନାଙ୍ଗର ଉପସ୍ଥିତି ନେଇ ମଧ୍ୟ ପ୍ରମାଣ ମିଳିଛି। ତେବେ ଅଲିମ୍ପିକ୍ସରେ ଏସବୁ ଜିନିଷର କୌଣସି ମୂଲ୍ୟ ନାହିଁ। ଜଣଙ୍କର ଶବ୍ଦ ଓ ଭାବାବେଗ ହିଁ ତାଙ୍କୁ ମହିଳା ବୋଲି ପ୍ରମାଣିତ କରିଥାଏ, ବାୟୋଲୋଜି ନୁହେଁ ବୋଲି ସେ ଲେଖିଛନ୍ତି। ଇଣ୍ଟରନେଟ୍ ସେଲିବ୍ରିଟି ତଥା ବାର୍‌ଷ୍ଟାର ସିଇଓ ମାରିଓ ନାଫୱାଲ ମଧ୍ୟ ଇମେନ୍ ଖେଲିଫ୍‌ଙ୍କ ସ୍ୱର୍ଣ୍ଣ ପଦକ ପ୍ରତ୍ୟାହାର ପାଇଁ ଦାବି କରିଛନ୍ତି।



ଅଲିମ୍ପିକ୍ସରରେ ଇମେନ୍ ଖେଲିଫ୍‌ଙ୍କଠାରୁ ହାରିବା ପରେ କାନ୍ଦୁଛନ୍ତି ଆଞ୍ଜେଲା କାରିନି।



କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ମ୍ୟାଚ ଖେଳିବା ଅବସରରେ କବିର ହଂସ।

## କବିର, ଅମୃତଜୟ, ଦେବାଶିଷ ପରାସ୍ତ

**ଆଇଟିଏଫ୍ ୱାର୍ଲ୍ଡ ଟେନିସ**

**ଭୁବନେଶ୍ୱର, ୫।୧୧ (ତପନ ସ୍ୱାଇଁ)**

ଓଡ଼ିଶା ଟେବୁଲ ଟେନିସ ଆସୋସିଏଶନ (ଓଟିଏ) ଆନୁକୂଲ୍ୟରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ଟେନିସ କମ୍ପ୍ଲେକ୍ସରେ ଏମ୨୫ ଭୁବନେଶ୍ୱର ଆଇଟିଏଫ୍ ୱାର୍ଲ୍ଡ ଟେନିସ ଟୁର୍-୨୦୨୪ର ମୁଖ୍ୟ ଡ୍ର'ରେ ରାଉଣ୍ଡ ଅଫ୍-୩୨ ସିଙ୍ଗଲ୍ସ ମ୍ୟାଚ ମଙ୍ଗଳବାର ଆରମ୍ଭ ହୋଇଛି। ୱାଇଲ୍ଡ କାର୍ଡ ମାଧ୍ୟମରେ ସିଙ୍ଗଲ୍ସରେ ଏଣ୍ଟ୍ରି ପାଇଥିବା ଓଡ଼ିଶାର କବିର ହଂସ ଓ ଅମୃତଜୟ ମହାନ୍ତି ସେମାନଙ୍କର ପ୍ରଥମ ମ୍ୟାଚରେ ହାରି ଯାଇଛନ୍ତି। କବିର ଇଣ୍ଡୋନେସିଆର ଏମ. ରିଫକି ଫିତ୍ରିଆଦିଙ୍କଠାରୁ ୪-୬, ୨-୬ ଏବଂ ଅମୃତଜୟ ୦-୬, ୦-୬ରେ ସିଦ୍ଧାର୍ଥ ରାୱତଙ୍କଠାରୁ ହାରିଛନ୍ତି। ପରାସ୍ତ ହୋଇଥିଲେ ହେଁ ଉଭୟ ଖେଳାଳି ମୂଲ୍ୟବାନ ଅଭିଜ୍ଞତା ଆହରଣ କରିଛନ୍ତି। ମୁଖ୍ୟ ଡ୍ର'ର ରାଉଣ୍ଡ ଅଫ୍-୧୬ ଡବଲ୍ସରେ ଓଡ଼ିଶାର ଦେବାଶିଷ ସାହୁ ଓ କାହିର ୱାରିକ ଯୋଡ଼ି ୩-୬, ୨-୬ରେ ଇଶାକ୍ ଇକବାଲ ଓ ଫୈଜଲ କମରଙ୍କଠାରୁ ପରାସ୍ତ ହୋଇଛନ୍ତି। ତେବେ ପ୍ରତିଯୋଗିତାରେ ଓଡ଼ିଶା ଖେଳାଳିଙ୍କ ଚ୍ୟାଲେଞ୍ଜ ଶେଷ ହୋଇନାହିଁ। ୱାଇଲ୍ଡ କାର୍ଡ ଏଣ୍ଟ୍ରି ମାଧ୍ୟମରେ ମୁଖ୍ୟ ଡ୍ର'ରେ ସ୍ଥାନ ପାଇଥିବା ଅନ୍ୟତମ ଓଡ଼ିଆ ଖେଳାଳି ପ୍ରତ୍ୟୁଷ ମହାନ୍ତି ନିଜର ପ୍ରଥମ ମ୍ୟାଚ ବୁଧବାର ଖେଳିବେ। ସେହିପରି ସିଦ୍ଧାର୍ଥ ବିଶ୍ୱକର୍ମାଙ୍କୁ ପାର୍ଟନର କରି ଅମୃତଜୟ ଏବଂ ଋଷଭ ଅଗ୍ରୱାଲଙ୍କୁ ସାଥିକରି କବିର ହଂସ ଡବଲ୍ସରେ ଭାଗ୍ୟ ପରୀକ୍ଷା କରିବେ। ମୁଖ୍ୟ ଡ୍ର' ସିଙ୍ଗଲ୍ସ ରାଉଣ୍ଡ ଅଫ୍-୩୨ (ପ୍ରଥମ ରାଉଣ୍ଡ)ରେ ବିଜୟୀ ହୋଇଥିବା ଅନ୍ୟ ୨ ଖେଳାଳି ହେଲେ ସିଦ୍ଧାର୍ଥ ବିଶ୍ୱକର୍ମା ଓ ଆର୍ଯ୍ୟନ ଶାହା। ସିଦ୍ଧାର୍ଥ ୨-୬, ୬-୩, ୬-୨ରେ ଯୁଭନ ନନ୍ଦଲଙ୍କୁ ଏବଂ ଆର୍ଯ୍ୟନ ୬-୨, ୬-୦ରେ ଋଷଭ ଅଗ୍ରୱାଲଙ୍କୁ ପରାସ୍ତ କରିଛନ୍ତି।

## ଜେଦାହ୍‌ରେ ଆଇପିଏଲ ମେଗା ଅକ୍ସନ

**ସାମିଲ ହେବେ ୧୫୭୪ ଖେଳାଳି**

**ନୂଆଦିଲ୍ଲୀ, ୪।୧୧ (ପି.ଟି.):** ଆଇପିଏଲ ମେଗା ଅକ୍ସନ୍ ୨୪ ଓ ୨୫ ତାରିଖରେ ସାଉଦି ଆରବର ଜେଦାହ୍‌ରେ ଅନୁଷ୍ଠିତ ହେବ। ୧୧୬୫ ଭାରତୀୟ ଖେଳାଳିଙ୍କ ସହ ମୋଟ ୧୫୭୪ ଖେଳାଳି ନିଲାମୀର ଅଂଶ ରହିବେ ବୋଲି ମଙ୍ଗଳବାର ବିସିସିଆଇ ସ୍ପଷ୍ଟ କରିଛି। ଏହି ତାଲିକାରେ ୩୨୦ କ୍ୟାପ୍‌ଡ, ୧୨୨୪ ଅନ୍‌କ୍ୟାପ୍‌ଡ ଓ ୩୦ ଜଣ ସହଯୋଗୀ ରାଷ୍ଟ୍ରର ଖେଳାଳି ରହିଛନ୍ତି। ଭାରତୀୟ ଖେଳାଳିଙ୍କ ମଧ୍ୟରେ ୪୮ କ୍ୟାପ୍‌ଡ ଓ ୯୬୫ ଅନ୍‌କ୍ୟାପଡ ଖେଳାଳି ସାମିଲ ଅଛନ୍ତି। ସୋମବାର ଖେଳାଳିଙ୍କ ପଞ୍ଜୀକରଣ ବନ୍ଦ ହୋଇଥିବା ବେଳେ ସମୁଦାୟ ୪୦୯ ଜଣ ବିଦେଶୀ ଖେଳାଳି ନାମ ପଞ୍ଜୀକରଣ କରିଛନ୍ତି।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ